ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୩/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, July 13/2023 Page 16 ₹ 7.00 SAMBALPUR
www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul
୪୯ଶ ଭାଗ ୨୨୮ ସଂଖ୍ୟା VOLUME 49 ISSUE 228 ମୂଲ୍ୟ ₹୭/-

# କଳାହାଣ୍ଡିରେ ଅନରକିଲିଂ

## ପ୍ରେମୀଯୁଗଳଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦିଆଯାଇଥିଲା

### ପ୍ରେମିକାଙ୍କ ବାପା, କକା, ଭିଣୋଇ କୋର୍ଟଚାଲାଣ

**ଭବାନୀପାଟଣା, ୧୨।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ବାଞ୍ଜିପଦର ଗାଁରେ ଘଟିଛି ଅନରକିଲିଂ। ଗାଁ ନିକଟରୁ ପ୍ରେମୀଯୁଗଳଙ୍କ ଗଳିତ ମୃତଦେହ ମିଳିବା ଘଟଣାରେ ତଦନ୍ତ କରୁଥିବା ପୋଲିସ ଏହା ସ୍ପଷ୍ଟ କରିଛି। ଏହି ଘଟଣାରେ ପ୍ରେମିକାଙ୍କ ବାପା କନେଶ୍ୱର ପଟେଲ, ଭିଣୋଇ ଠଣସୁନ୍ଦର ନାଏକ ଓ କକା ଦେବାନନ୍ଦ ପଟେଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହିଁ ହତ୍ୟାକାରୀ ଏବଂ ଆତ୍ମସମ୍ମାନ ପାଇଁ ଏହି ହତ୍ୟାକାଣ୍ଡ ଘଟାଇଥିବା ଭବାନୀପାଟଣାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି. କହିଛନ୍ତି।


ସୁନୀଲ ପଟେଲ


ଜେମାମଣି ପଟେଲ

ଗତ ୩୦ ତାରିଖରେ ପ୍ରେମୀଯୁଗଳ ଘରୁ ଫେରାର ହୋଇଥିଲେ। ସେହିଦିନ ଏକ ଆଖୁ କିଆରିରେ ଲୁଚିଥିବା ବେଳେ ପ୍ରେମିକାଙ୍କ ବାପା, କକା ଓ ଭିଣୋଇ ସେମାନଙ୍କୁ ତଣ୍ଟିଚିପି ହତ୍ୟାକରି ଗଛରେ ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଇଥିଲେ ବୋଲି ଏସ୍‌ପି କହିଛନ୍ତି।

ସୂଚନାନୁଯାୟୀ, ବାଞ୍ଜିପଦର ଗାଁର ଯୁବ ସୁନୀଲ ପଟେଲ (୨୨) ଓ ଯୁବତୀ ଜେମାମଣି ପଟେଲ (୨୦)ଙ୍କ ମଧ୍ୟରେ ପ୍ରାୟ ୨ ବର୍ଷ ହେଲା ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟେ ସମ୍ପର୍କୀୟ ହୋଇଥିବାରୁ ଏହି ସମ୍ପର୍କକୁ ପ୍ରେମିକଙ୍କ ପରିବାର ସମର୍ଥନ ଦେଇ ଆସୁଥିଲେ। ହେଲେ ପ୍ରେମିକାଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଗତ ୩୦ ତାରିଖରେ ଉଭୟେ ଘରୁ ☞ପୃଷ୍ଠା-୪

# ପ୍ରାର୍ଥନା ସଭାରେ ଛାତିକୁ ମୁଥ

### ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଗୁରୁତର

**ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ। ପ୍ରାର୍ଥନା ସଭାରେ କୌଣସି କାରଣରୁ ଉତ୍ତେଜିତ ଶିକ୍ଷୟିତ୍ରୀଙ୍କ ମୁଥରେ ଗୁରୁତର ହୋଇଛନ୍ତି ଛାତ୍ର। ଛାତିରେ ଯନ୍ତ୍ରଣା ବଢ଼ିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଛି। ଯଦିଓ ଚିକିତ୍ସା ପରେ ଛାତ୍ରଜଣକ ହସ୍ପିଟାଲରୁ ଛାଡ଼ ପାଇଛନ୍ତି, ତଥାପି ଏଭଳି ଘଟଣା ଶିକ୍ଷାୟତନରେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଧାରା ଉପରେ ଛିଡ଼ା କରାଇଛି ଅନେକ ପ୍ରଶ୍ନ।**

**କାମାକ୍ଷାନଗର, ୧୨।୭(ସୁଧୀର ପରିଡ଼ା)**

ପ୍ରାର୍ଥନା ସଭାରେ ଶିକ୍ଷୟିତ୍ରୀଙ୍କ ମୁଥ ମାଡ଼ରେ ଗୁରୁତର ହୋଇଛନ୍ତି ଛାତ୍ର। ଏଭଳି ଅମାନବୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଅସୁସ୍ଥ ହୋଇପଡ଼ିଥିବା ଷଷ୍ଠ ଶ୍ରେଣୀ ଛାତ୍ର ଗଣପତି ମହାନ୍ତ (୧୨)ଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗଣପତିଙ୍କ ଘର କଙ୍କଡ଼ାହାଡ଼ ନିକଟବର୍ତ୍ତୀ କେରଜୋଳି ପଞ୍ଚାୟତ ଗୋପପୁର ଗ୍ରାମରେ। ବୁଧବାର ପୂର୍ବାହ୍ନରେ ମା’ ଭାରତୀ ମହାନ୍ତ ତାଙ୍କୁ ନେଇ ବିଦ୍ୟାଳୟରେ ଛାଡ଼ିଦେଇ ଆସିଥିଲେ। ଏହାର କିଛି ସମୟ ପରେ ପୁଅ ଅସୁସ୍ଥ ହୋଇପଡ଼ିଥିବା ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ଆସିଥିଲା। ମା’ ଭାରତୀ ଏବଂ ଅଜା ବୈରାଗୀ ମହାନ୍ତ ତୁରନ୍ତ ସ୍କୁଲରେ ପହଞ୍ଚିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପରୀକ୍ଷାଗାରରେ ପ୍ରାଣିଜ ଉତ୍ପାଦ







ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ , ୨୦୨୩

## ଫ୍ରାନ୍ସରୁ ଫେରିବାବେଳେ ଅବୁଧାବି ଯିବେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ ତାରିଖରେ ଅବୁଧାବି ଯିବେ। ୨ ଦିନିଆ ଫ୍ରାନ୍ସ ଗସ୍ତରୁ ଫେରିବା ସମୟରେ ସେ ଅବୁଧାବି ଶାସକ ତଥା ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ମୁଖ୍ୟ ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହିୟାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଶକ୍ତି, ଖାଦ୍ୟ ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦୁହିଁଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକରଁଙ୍କ ନିମନ୍ତ୍ରଣ କ୍ରମେ ମୋଦି ଫ୍ରାନ୍ସ ଗସ୍ତରେ ବାହାରିଛନ୍ତି। ୧୪ ତାରିଖରେ ପ୍ୟାରିସ୍‌ରେ ହେବାକୁ ଥିବା ବାଷ୍ଟାଇଲ ଡେ' ପରେଡ୍‌ରେ ମୋଦି ସମ୍ମାନିତ ଅତିଥି ରହିବେ।



## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାରେ ଗୁଳି: ୬ ମୃତ

**ଜୋହାନ୍ସବର୍ଗ,୧୨।୭: (ଏ.ପି.):** ଦକ୍ଷିଣ ଆଫ୍ରିକାର କ୍ୱାନୋବୁହଲେରେ ମଙ୍ଗଳବାର ରାତି ଗୁଳିକାଣ୍ଡରେ ଜଣେ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଦିଗ୍ଧ ମୃତକଙ୍କ ଘର ବଗିଚାରେ ପଶି ଆଖିବୁଜା ଗୁଳି ଚଳାଇଥିଲେ। ଘଟଣାରେ ୪ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବୁଧବାର ପୋଲିସ ସୂଚନା ଦେଇଛି। ଗୁଳିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ସରକାରୀ ତଥ୍ୟ ଅନୁସାରେ, ଦକ୍ଷିଣ ଆଫ୍ରିକାରେ ସର୍ବାଧିକ ହତ୍ୟାକାଣ୍ଡ ଘଟୁଥିବାବେଳେ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ପାଖାପାଖି ୨,୬୨୯ ଜଣଙ୍କ ମୃତ୍ୟୁ ଗୁଳିକାଣ୍ଡରେ ଘଟିଥିବା ଜଣାପଡ଼ିଛି।

### ଜଳିଗଲେ ପରିବାରର ୧୦

**ଇସ୍‌ଲାମାବାଦ୍,୧୨।୭:** ପାକିସ୍ତାନ ଲାହୋରରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରରେ ୭ ପିଲାଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ପରିବାରର ଜଣେ ସଦସ୍ୟ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛନ୍ତି। ଏକାଧିକ ମହଲା ବିଶିଷ୍ଟ ଘରର ଦ୍ୱିତୀୟ ମହଲାରେ ନିଆଁ ଲାଗିଥିବାବେଳେ ଏହାର କାରଣ ସ୍ପଷ୍ଟ ହୋଇନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଘଟଣା ନେଇ ଶୋକବ୍ୟକ୍ତ କରିଛନ୍ତି। ପଞ୍ଜାବ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହସିନ୍ ନାକ୍‌ଭି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରଚଣ୍ଡଙ୍କ ସ୍ତ୍ରୀ ସୀତାଙ୍କ ପରଲୋକ




**କାଠମାଣ୍ଡୁ,୧୨।୭:** ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ 'ପ୍ରଚଣ୍ଡ'ଙ୍କ ସ୍ତ୍ରୀ ସୀତା ଦହଲଙ୍କ ବୁଧବାର ପରଲୋକ ଘଟିଛି। ହୃଦ୍‌ଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ସକାଳେ ସୀତାଙ୍କ ଦେହ ଅଧିକ ବିଗିଡ଼ିଯିବା ପରେ ତାଙ୍କୁ କାଠମାଣ୍ଡୁସ୍ଥିତ ନୋରଭିକ୍ ଇଣ୍ଟରନ୍ୟାଶନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସକାଳ ୮ଟା ୩୩ ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀର୍ଘଦିନ ଧରି ସେ ସ୍ନାୟବିକ ରୋଗରେ ଆକ୍ରାନ୍ତ ଥିଲେ। ନେପାଳ କମ୍ୟୁନିଷ୍ଟ ପାର୍ଟିର ପରାମର୍ଶଦାତା ସେ ଥିଲେ। ସୀତାଙ୍କ ମର ଶରୀରକୁ ପାରିସ ଦାଣ୍ଡାସ୍ଥିତ ପାର୍ଟି ସେଣ୍ଟ୍ରାଲ ଅଫିସରେ ବିଳମ୍ବିତ ରାତି ୧ଟା ପର୍ଯ୍ୟନ୍ତ ରଖାଯିବ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଶୁପତିନାଥ ଆର୍ଯ୍ୟଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ।



ଯମୁନା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ପରେ ବୁଧବାର ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଟ୍ରଲିରେ ଜିନିଷ ନେଇ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

# ଉଛୁଳୁଛି ଯମୁନା, ଦିଲ୍ଲୀରେ ବନ୍ୟା

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ କେଜରିୱାଲଙ୍କ ଚିଠି
- ତୁରନ୍ତ ଘର ଖାଲି କରିବାକୁ ନିର୍ଦ୍ଦେଶ
- ହିମାଚଳ ପ୍ରଦେଶରେ ମୃତ୍ୟୁସଂଖ୍ୟା ୮୦

**ନୂଆଦିଲ୍ଲୀ/କୁଲୁ/ଚଣ୍ଡିଗଡ଼,୧୨।୭**

ଉତ୍ତର ଭାରତରେ ଲଗାଣ ବର୍ଷା ପରେ ଯମୁନା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ବୁଧବାର ନଦୀ ଜଳସ୍ତର ବୃଦ୍ଧି ଘଟି ୨୦୭.୫୫ ମିଟର ଛୁଇଁଥିବାବେଳେ ରାଜଧାନୀରେ ବନ୍ୟା ପରିସ୍ଥିତି ଉପୁଜିଛି। ଜଳସ୍ତର ବୃଦ୍ଧି ନେଇ ଯମୁନା ନଦୀ ୪୫ ବର୍ଷର ରେକର୍ଡ ଭାଙ୍ଗିଛି। ବିପଦ ଆଶଙ୍କା କରି ସ୍ଥାନୀୟ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଛାତରେ ରହୁଥିବା ଦେଖିବାକୁ ମିଳିଛି। ସ୍ଥିତିର ମୁକାବିଲା ପାଇଁ ଏଏପି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମନ୍ତ୍ରିମଣ୍ଡଳ ସ୍ତରୀୟ ଜରୁରିକାଳୀନ ବୈଠକ ଡାକିଥିଲେ। ତଳିଆ ଅଞ୍ଚଳରେ ଥିବା ଘରଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିବା ପରେ, ବିଳମ୍ବ ନ କରି ଘର ଖାଲି କରିବାକୁ କେଜରିୱାଲ କହିଛନ୍ତି। ଏ ସମ୍ପର୍କରେ କେଜରିୱାଲ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ହରିୟାଣା ହାଟନିକୁଣ୍ଡ ବ୍ୟାରେଜ୍ ଗେଟ୍ ନ ଖୋଲିବାକୁ କେଜରିୱାଲ ଅନୁରୋଧ କରିଛନ୍ତି। ସେହିପରି ଉତ୍ତର ଦିଲ୍ଲୀସ୍ଥିତ ରଂଗ ରୋଡରେ ପାଣି ଜମିବାଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷେ ଆଗାମୀ ଦିନରେ ରାଜଧାନୀ ଦିଲ୍ଲୀରେ ଜି୨୦ ବୈଠକ ହେବାକୁ ଥିବାବେଳେ ସହରର ବନ୍ୟା ସ୍ଥିତି ଯୋଗୁ ବିଶ୍ୱକୁ ଭଲ ସନ୍ଦେଶ ମିଳିବ ନାହିଁ ବୋଲି ସେ କହିଛନ୍ତି।

ସୁରକ୍ଷାକୁ ଦୃଷ୍ଟିରେ ରଖି ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଲୋକ ଜମା ହେବା ଲାଗି ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ବୁଧବାର ପୂର୍ବାହ୍ନ ୧୧ଟାବେଳେ ଓଲ୍ଡ ରେଲ୍‌ୱେ ବ୍ରିଜ୍‌ରେ ନଦୀ ଜଳସ୍ତର ୨୦୭.୩୮ ମିଟର ମାପ କରାଯାଇଥିଲା। ୨୦୧୩ରେ ନଦୀ ଜଳସ୍ତର ୨୦୭.୩୨ ମିଟର ରେକର୍ଡ କରାଯାଇଥିବାବେଳେ ରାଜଧାନୀରେ ବନ୍ୟା ଦେଖିବାକୁ ମିଳିଥିଲା। ସେହିପରି ୧୯୭୮ରେ ଯମୁନା ଜଳସ୍ତର ସର୍ବାଧିକ ୨୦୭.୪୯ ମିଟର ଥିବାବେଳେ ବୁଧବାର ଏହା ୨୦୭.୫୫ ମିଟରରେ ପହଞ୍ଚିଛି। କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଅନୁସାରେ ଯମୁନା ଜଳସ୍ତର ୨୦୭.୫୭ ମଟରରେ ପହଞ୍ଚିବା ଆଶଙ୍କା ରହିଛି। ସ୍ଥିତିକୁ ଦୃଷ୍ଟିରେ ରଖି ପୁରୁଣା ଦିଲ୍ଲୀରେ ବନ୍ୟା ଆଲର୍ଟ ଜାରି କରାଯାଇଛି।

ମୌସୁମୀ ବର୍ଷା ପ୍ରଭାବରେ ହିମାଚଳ ପ୍ରଦେଶରେ ଭୂସ୍ଖଳନ, ବିଦ୍ୟୁତ୍ କାଟ୍, ସଡ଼କ ଅବରୋଧ ଏବଂ ବ୍ରିଜ୍ ଭୁଶୁଡ଼ିବା ଯୋଗୁ ସ୍ଥିତି ଜଟିଳ ହୋଇପଡ଼ିଛି। ପାଖାପାଖି ୮୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ପର୍ଯ୍ୟଟକ ଏବେ ବି ପାହାଡ଼ ଅଞ୍ଚଳରେ ଫସିରହିଥିବା ଜଣାପଡ଼ିଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂଚନା ଅନୁସାରେ ବର୍ଷା ଯୋଗୁ ୩୦୦୦ କୋଟିରୁ ୪୦୦୦ କୋଟି ଟଙ୍କାର କ୍ଷତି ହୋଇଛି। ଭୂସ୍ଖଳନ ଯୋଗୁ ୧୩୦୦ରୁ ଊର୍ଦ୍ଧ୍ୱ ସଡ଼କ ବନ୍ଦ ହୋଇ ପଡ଼ିଥିବାବେଳେ ୪୦ ବ୍ରିଜ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ୨୦୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

ବର୍ଷା ଯୋଗୁ ପଞ୍ଜାବ, ହରିୟାଣାରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିଛି। ଗତ ୩ଦିନର ଲଗାଣ ବର୍ଷାରେ ଲୋକେ ଏବେବି ପାଣିଘେରରେ ଅଛନ୍ତି। ପାଖାପାଖି ୧୦,୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ପ୍ରତ୍ୟେକଙ୍କ ପାଖରେ ରିଲିଫ୍ ସାମଗ୍ରୀ ପହଞ୍ଚିବା ନେଇ ସରକାର ଗୁରୁତ୍ୱ ଦେଉଥିବା କହିଛନ୍ତି। ଉଭୟ ପଞ୍ଜାବ ଓ ହରିୟାଣାରେ ବର୍ଷାଜନିତ ମୃତ୍ୟୁ ସଂଖ୍ୟା ୧୮ରେ ପହଞ୍ଚିଛି। ସ୍ଥିତି ନିୟନ୍ତ୍ରଣରେ ଥିବାନେଇ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ କହିଛନ୍ତି। ବନ୍ୟା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଆତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ବୃଦ୍ଧି ଘଟିଛି।



ଲୋକଙ୍କ ଘରେ ବନ୍ୟାଜଳ ପଶିଯିବା ପରେ ଜେସିବି ସାହାଯ୍ୟରେ ଜିନିଷ ବୋହି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। (ଫଟୋ- ଚମନ ଗୌତମ)

## ବେଙ୍ଗାଲୁରୁ ଡବଲ ମର୍ଡର: ୩ ଗିରଫ

**ବେଙ୍ଗାଲୁରୁ,୧୨।୭**

ବେଙ୍ଗାଲୁରୁର ଇଣ୍ଟରନେଟ୍ ବ୍ରଡ୍‌ବ୍ୟାଣ୍ଡ ସର୍ଭିସ୍ ପ୍ରୋଭାଇଡର ଏରୋନିକ୍ସ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ଏବଂ ଏମ୍‌ଡିଙ୍କୁ ହତ୍ୟାଘଟଣାରେ ଅମୃତହାଲି ପୋଲିସ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶାବାରିଶ ଓରଫ ଫେଲିକ୍ସ, ବିନୟ ରେଡ୍ଡୀ ଏବଂ ସନ୍ତୋଷ। ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ଅମୃତହାଲିସ୍ଥିତ ପାମ୍ପା ଏକ୍ସଟେନ୍‌ଶନ୍ ଅଞ୍ଚଳରେ ଥିବା ଏରୋନିକ୍ସ କାର୍ଯ୍ୟାଳୟରେ ପ୍ରବେଶ କରି ଆତର୍କିତ ଭାବେ ସେମାନଙ୍କ ଉପରକୁ ଆକ୍ରମଣ କରିଥିଲେ। ହତ୍ୟାକାଣ୍ଡ ଭିଆଇ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଅନ୍ୟ କର୍ମଚାରୀମାନେ ଆହତ ଅବସ୍ଥାରେ ସିଇଓ ଓ ଏମ୍.ଡିଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫେଲିକ୍ସ ପୂର୍ବରୁ ଏରୋନିକ୍ସରେ ଚାକିରି କରିଥିଲେ। କିନ୍ତୁ କିଛିଦିନ ପୂର୍ବେ ସେ ଚାକିରି ଛାଡ଼ି ନିଜର ଏକ କମ୍ପାନୀ ତିଆରି କରିଥିଲେ। କାରବାରକୁ କେନ୍ଦ୍ରକରି ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରୁଛି।

## ସୁପ୍ରିମକୋର୍ଟରେ ୨ ନୂଆ ବିଚାରପତି



ଜଷ୍ଟିସ୍ ଏସ୍.ଭି. ଭଟ୍ଟି ଜଷ୍ଟିସ୍ ଉଜ୍ଜଳ ଭୂୟାଁ

**ନୂଆଦିଲ୍ଲୀ,୧୨।୭**

ଦୁଇଜଣ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବୁଧବାର ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ମିଳିଛି। ଏନେଇ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଟୁଇଟ୍ କରି ସୂଚନା ଦେଇଛନ୍ତି। ନବନିଯୁକ୍ତ ବିଚାରପତି ଦ୍ୱୟ ହେଲେ ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଏବଂ ଏସ୍. ଭେଙ୍କଟନାରାୟଣ ଭଟ୍ଟି। ଜଷ୍ଟିସ୍ ଭୂୟାଁ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଥିବାବେଳେ ଜଷ୍ଟିସ୍ ଭଟ୍ଟି କେରଳ ହାଇକୋର୍ଟ ମୁଖ୍ୟ ବିଚାରପତି ଅଛନ୍ତି। ସୁପ୍ରିମକୋର୍ଟରେ ଉଭୟଙ୍କ ନିଯୁକ୍ତି ସକାଶେ ଗତ ୫ରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ସୁପାରିସ କରାଯାଇଥିଲା। ସର୍ବୋଚ୍ଚ ଅଦାଲତରେ ମୋଟ ୩୪ ବିଚାରପତି ରହିବା କଥା। କିନ୍ତୁ ବର୍ତ୍ତମାନ ୩୦ ଜଣ ଅଛନ୍ତି। ଏହି ୨ ବିଚାରପତି ଶପଥ ନେବା ପରେ ଆଉ ୨ ଜଷ୍ଟିସ୍ ପଦ ଖାଲିପଡ଼ିବ।

# ଜୁନ୍ ମୁଦ୍ରାସ୍ଫୀତି ୪.୮୧%

**୩ ମାସରେ ସର୍ବୋଚ୍ଚ ସ୍ତର**

**ନୂଆଦିଲ୍ଲୀ,୧୨।୭(ପି.ଟି.)**

ପନିପରିବା ଓ ଖାଦ୍ୟ ମୂଲ୍ୟରେ ବୃଦ୍ଧି ଯୋଗୁ ଗତ ଜୁନ୍‌ରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୪.୮୧%ରେ ପହଞ୍ଚିଥିଲା, ଯାହାକି ୩ ମାସରେ ସର୍ବାଧିକ ବୋଲି ସରକାରୀ ଭାବେ କୁହାଯାଇଛି। ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ନିର୍ଭର କରୁଥିବା ମୁଦ୍ରାସ୍ଫୀତି ଗତ ମେ'ରେ ୪.୩୧% ରହିଥିଲା। ୨୦୨୨ ଜୁନ୍‌ରେ ସିପିଆଇ ୭% ସ୍ତରକୁ ଉଠିଥିଲା। ସଦ୍ୟ ପ୍ରକାଶିତ ହାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସୁବିଧାଜନକ ସ୍ଥିତି ୬%ର ତଳେ ରହିଛି। ଏହା ପୂର୍ବରୁ ଗତ ମାର୍ଚ୍ଚରେ ସିପିଆଇର ସର୍ବୋଚ୍ଚ ହାର ୫.୬୬% ରହିଥିଲା। ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆଣି ୪% ଭିତରେ ରଖିବା ପାଇଁ କେନ୍ଦ୍ର ସରକାର ଆର୍‌ବିଆଇକୁ ଦାୟିତ୍ୱ ଦେଇଛନ୍ତି।

ଗତ ଜୁନ୍‌ରେ ଖାଦ୍ୟ ସାମଗ୍ରୀଗୁଡ଼ିକର ଦାମ୍ ୪.୪୯% ବଢ଼ିଥିଲା, ଯାହାକି ମେ'ର ୨.୯୬%ଠାରୁ ଅଧିକ। ସିପିଆଇର ପ୍ରାୟ ଅଧା ଖାଦ୍ୟ ମୂଲ୍ୟ ଉପରେ ନିର୍ଭର କରିଥାଏ।

# ନାଟୋ: ୟୁକ୍ରେନ୍‌କୁ ସମର୍ଥନ, ସଦସ୍ୟତା ଅସ୍ପଷ୍ଟ

**ଭିଲ୍‌ନିଅସ୍,୧୨।୭**

ୟୁରୋପୀୟ ଦେଶ ଲିଥୁଆନିଆ ରାଜଧାନୀ ଭିଲ୍‌ନିଅସ୍‌ରେ ବୁଧବାର ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ତାଙ୍କ ନାଟୋ ପ୍ରତିପକ୍ଷମାନେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ସମର୍ଥନ ଘୋଷଣା କରିଛନ୍ତି। କିନ୍ତୁ ରୁଷୀୟ ସୈନ୍ୟଙ୍କ ମୁକାବିଲା ପାଇଁ ୟୁକ୍ରେନ୍‌କୁ ନାଟୋ ସଦସ୍ୟତା ମିଳିବା ନେଇ ସ୍ଥିତି ସ୍ପଷ୍ଟ କରିନାହାନ୍ତି। ମୋଟାମୋଟି ଭାବେ ଏହି ବୈଠକର ଫଳାଫଳ ମିଶ୍ରିତ ରହିଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ବିପୁଳ ଅସ୍ତ୍ରଶସ୍ତ୍ର ମିଳୁଥିବାରୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ବିଶ୍ୱର ଏହି ସର୍ବବୃହତ୍ ସାମରିକ ମେଣ୍ଟରେ ୟୁକ୍ରେନ୍‌କୁ ସାମିଲ କରିବା ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରାଯାଇ ନ ଥିବାରୁ ଜେଲେନ୍‌ସ୍କି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ନାଟୋର ୩୨ତମ ସଦସ୍ୟ ହେବା ଦିଗରେ ସୁଇଡେନ୍ ଏକ ବଡ଼ ପଦକ୍ଷେପ ନେଇଛି। ଅକ୍ଟୋବର ପରେ ସୁଇଡେନ୍‌ର ସଦସ୍ୟତାକୁ ଅନୁମୋଦନ କରିବା ନେଇ ତୁର୍କୀ ସଙ୍କେତ ଦେଇଛି। ସେହିପରି ରୁଷିଆ ପକ୍ଷରୁ କିମ୍ବା ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ ହେଲେ ଏହାର ମୁକାବିଲା କରିବା ଲାଗି ସହଯୋଗୀ ରାଷ୍ଟ୍ରଗୁଡ଼ିକ ପ୍ରତିରକ୍ଷା ଯୋଜନା କରିଛନ୍ତି। ଏଥିସହ ପ୍ରତିରକ୍ଷା ବ୍ୟୟ ବୃଦ୍ଧି ନେଇ ମଧ୍ୟ ସହମତି ପ୍ରକାଶ ପାଇଛି। ତେବେ କେବେ ସୁଦ୍ଧା ଏନେଇ ପଦକ୍ଷେପ ନିଆଯିବ ତାହା ସ୍ଥିର କରାଯାଇନାହିଁ।



ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ନାଟୋ ସେକ୍ରେଟାରି ଜେନେରାଲ ଜେନ୍ସ ଷ୍ଟୋଲ୍‌ଟେନ୍‌ବର୍ଗ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ।

# ପରିବା ଦରରେ କେନ୍ଦ୍ରର ଲଗାମ ନାହିଁ

**ଆନ୍ଧ୍ର, କର୍ନାଟକ, ମହାରାଷ୍ଟ୍ରରୁ ଟମାଟୋ ଆଣିବ ନାଫେଡ୍, ଏନ୍‌ସିସିଏଫ୍**

**ନୂଆଦିଲ୍ଲୀ,୧୨।୭**

ଦେଶରେ ଲଗାଣ ବର୍ଷା ଯୋଗୁ ଟମାଟୋର ଯୋଗାଣ ବାଧାପ୍ରାପ୍ତ ହେବାରୁ ଅନେକ ଭାଗରେ ଏହାର ମୂଲ୍ୟ ୨୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ରୋଷେଇ ଘରର ମୁଖ୍ୟ ପରିବା ଦର ଆକାଶଛୁଆଁ ହେବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, କର୍ନାଟକ ଓ ମହାରାଷ୍ଟ୍ରରୁ ଟମାଟର ଅଧିଗ୍ରହଣ କରି ଆଣିବା ପାଇଁ ନ୍ୟାଶନାଲ ଏଗ୍ରିକଲ୍‌ଚରାଲ କୋ-ଅପରେଟିଭ୍ ମାର୍କେଟିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ଲିଃ (ନାଫେଡ୍) ଏବଂ ନ୍ୟାଶନାଲ କୋ-ଅପେରେଟିଭ୍ କଞ୍ଜ୍ୟୁମର୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ ଲିଃ (ଏନ୍‌ସିସିଏଫ୍)କୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ୩ ରାଜ୍ୟରୁ ଟମାଟୋର ଆଣି ଦେଶର ବିଭିନ୍ନ ବଜାରକୁ ପଠାଯିବ, ଯେଉଁଠି ଏହାର ଦାମ୍ ମାସେ ଧରି ଆକାଶଛୁଆଁ ରହିଛି। ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଆସନ୍ତା ୧୪ ତାରିଖରୁ ରିଟେଲ୍ ଆଉଟ୍‌ଲେଟ ଜରିଆରେ ଟମାଟୋର ବିକ୍ରି କରାଯିବ। ଅନ୍ୟପକ୍ଷେ ପରିବା ଦର ବୃଦ୍ଧିକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଟୁଇଟ୍ କରିଛନ୍ତି, ମୋଦିଜୀ, ଲୋକେ ମୁଦ୍ରାସ୍ଫୀତିରେ ସନ୍ତୁଳି ହୋଇଗଲେଣି। ସେମାନେ ଆପଣଙ୍କଠାରୁ ଏହା ଉପରେ ମନ୍ତବ୍ୟ ଚାହୁଁନାହାନ୍ତି। କିନ୍ତୁ ଆପଣ ନିଜ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ ବୋଲି ଚାହୁଁଛନ୍ତି।

# ଇଣ୍ଟରନେଟ୍ ପାଇଁ ବିନାଶ ଆଣିବ ସୌରଝଡ଼

**ୱାଶିଂଟନ୍,୧୨।୭(ପି.ଟି.)**

ଆସନ୍ତା ୨ ବର୍ଷ ମଧ୍ୟରେ ସୂର୍ଯ୍ୟ ଚରମ ସ୍ଥିତିରେ ପହଞ୍ଚିବ। ଫଳରେ ଅନେକ ମାସ ଧରି ସୌରଝଡ଼ ଲାଗିରହିବ। ଇଣ୍ଟରନେଟ୍ ପାଇଁ ଏହା ବିନାଶକାରୀ ସାଜିବା ସହ ବିଶ୍ୱ ଅର୍ଥନୀତିକୁ ମଧ୍ୟ ବହୁଳ ଭାବେ ପ୍ରଭାବିତ କରିବ ବୋଲି ଆମେରିକୀୟ ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସୂର୍ଯ୍ୟର ସୌରଚକ୍ରରୁ ସୌରଝଡ଼ ସୃଷ୍ଟି ହେଉଥିବାରୁ ଏହା ଉପରେ ଅଧିକ ତଥ୍ୟ ଜାଣିବା ପାଇଁ ବୈଜ୍ଞାନିକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିବାରେ ଲାଗିଛି। ବେଳେବେଳେ ସୌରଝଡ଼ ଏତେ ବିନାଶକାରୀ ହୋଇଥାଏ ଯେ ପୃଥିବୀରେ ଯୋଗାଯୋଗ ବ୍ୟବସ୍ଥାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇପାରେ। ୱାଶିଂଟନ୍ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ,



ସୂର୍ଯ୍ୟ ୨୦୨୫ ସୁଦ୍ଧା 'ସୋଲାର ମାକ୍ସିମମ୍'(ସର୍ବାଧିକ ସକ୍ରିୟ ବା ଚରମ ସ୍ଥିତି)ରେ ପହଞ୍ଚିବ। ଏହି ବିନାଶକାରୀ ସ୍ଥିତି ପାଇଁ ସାମ୍ପ୍ରତିକ ଡିଜିଟାଲ ୱାର୍ଲ୍ଡ ପ୍ରସ୍ତୁତ ହୋଇ ନ ଥିବାବେଳେ 'ଇଣ୍ଟରନେଟ ଆପୋକାଲିପ୍ସ' ଭଳି ଶବ୍ଦ ସାମାଜିକ ଗଣମାଧ୍ୟମର ୟୁଜର୍ସଙ୍କ ଧ୍ୟାନ ଆକର୍ଷଣ କରିଛି। ଏଥିଯୋଗୁ ଅନେକ ଭ୍ରାନ୍ତ ଧାରଣା ସୃଷ୍ଟି ହେବାରେ ଲାଗିଛି। ଏହାକୁ ନେଇ ଆମେରିକୀୟ ମହାକାଶ ଗବେଷଣାକାରୀ ସଂସ୍ଥା ନାସା ଚେତାବନୀ ଜାରି କରିଛି। ତେବେ ୨୦୨୫ ସୁଦ୍ଧା ସୌରଝଡ଼ ଯୋଗୁ ଇଣ୍ଟରନେଟ ସବୁଦିନ ପାଇଁ ବନ୍ଦ ହୋଇଯିବା ଆଶଙ୍କା ଉପରେ ଏହି ସ୍ପେସ୍ ଏଜେନ୍ସି ପକ୍ଷରୁ କୌଣସି ମନ୍ତବ୍ୟ ଆସିନାହିଁ। କିନ୍ତୁ ଏଭଳି ସ୍ଥିତି ଉପୁଜିଲେ ସବୁବେଳେ ଇଣ୍ଟରନେଟ ଦୁନିଆରେ ମଜ୍ଜି ରହୁଥିବା 'ଅଲ୍‌ୱେଜ୍ ଅନ୍‌ଲାଇନ୍' ବର୍ଗର ଲୋକେ କ'ଣ କରିବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। କେହି କେହି ଏହାକୁ ଅତିରଞ୍ଜିତ ପ୍ରଚାର ବୋଲି ବର୍ଣ୍ଣନା କରୁଥିବାବେଳେ ପ୍ରକାଶିତ ରିପୋର୍ଟ କହୁଛି, ସୌରଝଡ଼ ପ୍ରଭାବରେ ଇଣ୍ଟରନେଟ ଠପ୍ ହୋଇଯିବା ବିଷୟ ସମ୍ପୂର୍ଣ୍ଣ କାଳ୍ପନିକ ନୁହେଁ। ଏକ ସୌରଝଡ଼ ପୃଥିବୀରେ ପ୍ରଳୟ ସୃଷ୍ଟି କରିପାରେ। ପରସ୍ପର ସହ ଯୋଡ଼ିହୋଇଥିବା ବିଶ୍ୱରେ ଏଭଳି ବିରଳ ଘଟଣା ପୂର୍ବରୁ କେବେ ଦେଖିବାକୁ ମିଳିନାହିଁ। ୧୮୫୯ରେ କ୍ୟାରିଙ୍ଗ୍‌ଟନ୍ ଇଭେଣ୍ଟ ଯୋଗୁ ଟେଲିଗ୍ରାଫ୍ ଲାଇନ୍‌ଗୁଡ଼ିକରୁ ବିଦ୍ୟୁତ୍ ବିଚ୍ଛୁରଣ (ସ୍ପାର୍କ) ହେବାରୁ ଅପରେଟରମାନେ ବିଦ୍ୟୁତ୍ ଆଘାତ ପାଇଥିଲେ। ସେହିପରି ୧୯୮୯ରେ ସୌରଝଡ଼ କାନାଡାର କ୍ୟୁବେକ୍ ପାୱାର ଗ୍ରୀଡ୍‌କୁ ଅଚଳ କରିଦେଇଥିଲା। କାଲିଫର୍ନିଆ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ସଙ୍ଗୀତା ଅବ୍‌ଦୁ ଜ୍ୟୋତି କହିଛନ୍ତି, ଏପରି ଚରମ ସ୍ଥିତିକୁ ପୂର୍ବରୁ ଆମେ ସାମ୍ନା କରିନାହୁଁ। ତେଣୁ ସମ୍ଭାବ୍ୟ ସୌରଝଡ଼ ଆମ ଭିତ୍ତିଭୂମିର କେତେ କ୍ଷତି କରିପାରେ ତାହା କାହାକୁ ଜଣାନାହିଁ। ଅନେକ ମାସ ଧରି ଏହାର ପ୍ରଭାବ ରହିଲେ କେବଳ ଆମେରିକାରେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଦୈନିକ କ୍ଷତି ୧୧ ବିଲିୟନ୍ ଡଲାରରେ ପହଞ୍ଚିପାରେ ବୋଲି ଅନୁମାନ କରାଯାଉଛି।




# ଜୁଇରୁ ଦରପୋଡ଼ା ମାଂସ ଖାଇଗଲେ

## ଗାଁରେ ଉତ୍ତେଜନା, ୨ କୋର୍ଟଚାଲାଣ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବଡ଼ସାହି(ସମ୍ବିତ କୁମାର ରାଉତ/ ଦୀପକ ବୁଗୁଡ଼େଇ), ୧୨।୭

ଯୁବତୀଙ୍କ ଶବ ଦାହ ପାଇଁ ଯାଇଥିବା ଦୁଇ ବ୍ୟକ୍ତି ଜୁଇରୁ ଦରପୋଡ଼ା ମାଂସ ଆଣି ଖାଇଛନ୍ତି। ସେମାନଙ୍କ ରାକ୍ଷସ ପ୍ରବୃତ୍ତିକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଏଭଳି ଅମାନବୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତର ବନ୍ଧସାହି ଗ୍ରାମରେ। ମୃତା ଯୁବତୀଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨୯୦/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଦ୍ୱୟ ହେଲେ ବଡ଼ସାହି ଥାନା ଦାନ୍ତୁଣୀ ଗ୍ରାମର ସୁନ୍ଦର ମୋହନ ସିଂ(୫୮) ଓ ନରେନ୍ଦ୍ର ସିଂ(୨୫)।


ଗିରଫ ଦୁଇ ଅଭିଯୁକ୍ତ।

ସୂଚନା ଅନୁଯାୟୀ, ମଙ୍ଗଳବାର ବନ୍ଧସାହି ଗ୍ରାମର ସମାଏ ସିଂଙ୍କ ଝିଅ ମଧୁସ୍ମିତା(୨୫)ଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୦/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ଶବଦାହ ପାଇଁ ଘର ପାଖ ମଶାଣିକୁ ନେଇଥିଲେ। ଶବଦାହ ଚାଲିଥିବା ସମୟରେ ଦାନ୍ତୁଣୀ ଗ୍ରାମର ସୁନ୍ଦର ମୋହନ ଓ ନରେନ୍ଦ୍ର ଜୁଇରୁ ଦରପୋଡ଼ା ମାଂସ ଆଣି ଖାଇବାକୁ ଲାଗିଥିଲେ। ଏହା ଦେଖି ପରିବାର ଲୋକେ ଉଭୟଙ୍କୁ ଗାଁ ମୁଣ୍ଡରେ ଅଟକ ରଖିଥିଲେ। ସେମାନେ ଗାମୁଛାରେ ପୋଡ଼ା ମାଂସ ମଧ ବାନ୍ଧି ଆଣିଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇ ଯାଇଥିଲା। ସୁନ୍ଦର ମୋହନ ପୂର୍ବରୁ ଗୁଣିଆ ଭାବେ ଝଡ଼ାଫୁଙ୍କା କରୁଥିବାରୁ ଗୁଣିଗାରେଡ଼ି ପାଇଁ ସେ ମଣିଷ ମାଂସ ଖାଇଥିବା ସନ୍ଦେହ କରି ଉତ୍ୟକ୍ତ ଲୋକେ ତାଙ୍କୁ ଗାଳିଗୁଲଜ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ନିଶାସକ୍ତ ଅବସ୍ଥାରେ ଅଭିଯୁକ୍ତଦ୍ୱୟ ଦରପୋଡ଼ା ମଣିଷ ମାଂସ ଖାଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ସଞ୍ଜୟ କୁମାର ପରିଡ଼ା କହିଛନ୍ତି।

# ବାହାନଗା ଟ୍ରେନ୍ ଦୁର୍ଘଟଣା: ୭ ରେଳ କର୍ମଚାରୀ ନିଲମ୍ବିତ

## ସମନ ସତ୍ତ୍ୱେ ହାଜର ହେଲେନି ଷ୍ଟେଶନ ମାଷ୍ଟର

ବାଲେଶ୍ୱର(ମାନସ ବିଶ୍ୱାଳ)/ବାହାନଗା (ଅରୂପ କୁମାର ଦାସ), ୧୨।୭

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ଘଟଣାରେ ୭ଜଣ ରେଳ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏନେଇ ବାଲେଶ୍ୱର ଗସ୍ତରେ ଆସିଥିବା ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ (ଜିଏମ୍) ଅନିଲ କୁମାର ମିଶ୍ରା ବୁଧବାର ରେଳଷ୍ଟେଶନ ପରିସରରେ ସୂଚନା ଦେଇଛନ୍ତି। ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ସିବିଆଇ ଗିରଫ କରିଥିବା ୩ଜଣ କର୍ମଚାରୀ ଅଛନ୍ତି। ଏଥିସହ ଷ୍ଟେଶନମାଷ୍ଟର, ଟ୍ରାଫିକ ଇନ୍ସପେକ୍ଟର ଓ ୨ ଜଣ ଟେକ୍ନିକାଲ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏହି କର୍ମଚାରୀମାନେ ସତର୍କ ହୋଇଥିଲେ ଏତେବଡ଼ ଦୁର୍ଘଟଣାକୁ ଏଡ଼ାଇ ହୋଇପାରିଥାନ୍ତା। କାର୍ଯ୍ୟରେ ଅବହେଳା କରିଥିବା ନେଇ ସେମାନଙ୍କୁ ନିଲମ୍ବନ କରାଯାଇଛି। ସିବିଆଇ ଘଟଣାର ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।


ବାଲେଶ୍ୱର ରେଳ ଷ୍ଟେଶନରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ (ଜିଏମ୍) ଅନିଲ କୁମାର ମିଶ୍ରା।

ବୁଧବାର ଭଦ୍ରକରୁ ଖଡ଼ଗପୁର ଇନ୍ସପେକ୍ସନ ପାଇଁ ଆସିଥିଲେ ଦକ୍ଷିଣ ପୂର୍ବ ରେଳପଥର ଜିଏମ୍ ମିଶ୍ରା। ସେ ପ୍ରଥମେ ବାହାନଗା ଷ୍ଟେଶନ ପରିଦର୍ଶନ କରିବା ସହ ସେଠାରେ ଦୁର୍ଘଟଣା ପରେ ସୁଧୁରିଥିବା ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଷ୍ଟେଶନ ପରିସରରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାହାନଗା ଷ୍ଟେଶନ ନିକଟ ଲେଭଲକ୍ରସିଂ ନିକଟରେ ଘଟିଥିବା ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ପରେ ଉଦ୍‌ଘାଟନ ଅପେକ୍ଷାରେ ଥିବା ନୀଳଗିରିର ଗୋପୀନାଥପୁର ଷ୍ଟେଶନ ପରିଦର୍ଶନ କରି ସେଠାକାର ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଦୁର୍ଘଟଣାରେ ସିଆର୍‌ଏସ୍ ତଦନ୍ତ କରି ଫେରିଥିବା ବେଳେ ବର୍ତ୍ତମାନ ସିବିଆଇ ତଦନ୍ତ ଜାରି ରହିଛି। ଏହି ଦୁର୍ଘଟଣା ପରେ ସିବିଆଇ ଦାୟିତ୍ୱରେ ଗୁରୁତର ଅବହେଳା ଲାଗି ଏବେ ୩ ଜଣ ଅଧିକାରୀଙ୍କୁ ଗିରଫ କରିଛି। ଏଥିସହ ଦୁଇ ଜଣଙ୍କୁ ପୁଣି ସମନ କରିଛି। ବର୍ତ୍ତମାନ ସୁଦ୍ଧା ୭ଜଣଙ୍କୁ ରେଲୱେ ପକ୍ଷରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷରେ ବାହାନଗା ରେଳ ଦୁର୍ଘଟଣାରେ ସିବିଆଇ ଷ୍ଟେଶନମାଷ୍ଟରଙ୍କୁ ହାଜର ପାଇଁ ସମନ ଜାରି କରିଥିବା ବେଳେ ସେ ହାଜର ହୋଇନାହାନ୍ତି। ପୂର୍ବରୁ ଗିରଫ କରାଯାଇଥିବା ୩ ଅଭିଯୁକ୍ତ ସିଗ୍‌ନାଲ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାଁ ଓ ଟେକ୍ନିସିଆନ ପପୁ କୁମାରଙ୍କୁ ପୁଣିଥରେ ରିମାଣ୍ଡରେ ଆଣିଛି ସିବିଆଇ।

# ଆଜିଠୁ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

## ୩୨ କେନ୍ଦ୍ରରେ ପରୀକ୍ଷା ହେବ

ଭୁବନେଶ୍ୱର, ୧୨।୭ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ସକାଳ ୧୦ ଟାରୁ ୧ଟା ମଧ୍ୟରେ ରାଜ୍ୟର ୩୨ ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକର ଥିଓରି ପରୀକ୍ଷା ଅନୁଷ୍ଠିତ ହେବ। ଧନ୍ଦାମୂଳକ ଟ୍ରେଡ୍ ପେପର ଓ ବାୟୋଲୋଜିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଷୟରେ ରେଗୁଲାର ତଥା ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ୧୪ ତାରିଖରେ ସମସ୍ତ ବିଷୟର ପ୍ରାକ୍ଟିକାଲ ପରୀକ୍ଷା କରାଯିବ।

# ଝିଅ ଘରେ ଗୁଳିମାଡ଼: ବାପା ମୃତ

## ଗୁରୁତର ଝିଅ ଡାକ୍ତରଖାନାରେ ଭର୍ତ୍ତି

ପୋଲସରା, ୧୨।୭ (ସୁବ୍ରତ ବେହେରା)

ଝିଅର ଶାଶୁଘରକୁ ଆସିଥିବା ବାପା ଗୁଳିମାଡ଼ରେ ପ୍ରାଣ ହରାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ପୋଲସରାରେ। ମୃତକ ହେଉଛନ୍ତି ପୋଲସରା ଥାନା ଅନ୍ତର୍ଗତ କୋମଣ୍ଡ ଗ୍ରାମର ବିଜୟ ବେହେରା (୫୫)। ଗୁଳିମାଡ଼ରେ ଝିଅ ମଧ୍ୟ ଗୁରୁତର ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, କୋମଣ୍ଡ ଗ୍ରାମର ବିଜୟ ବେହେରାଙ୍କ ଝିଅ ଗାୟତ୍ରୀ ସୋଡ଼କ ଗ୍ରାମର ସନ୍ତୋଷ ବେହେରାଙ୍କୁ ବିବାହ କରିଥିଲେ। ସନ୍ତୋଷ ପୋଲସରାରେ ଏକ ଟେଲରିଂ ଦୋକାନ କରିଥିବାରୁ ସେଠାରେ ଭଡ଼ାଘରେ ରହିଆସୁଛନ୍ତି। ଗାୟତ୍ରୀଙ୍କ ବାପା ବିଜୟ କୌଣସି କାମରେ ବୁଧବାର ଝିଅ ଘରକୁ ଆସିଥିଲେ। ସେଠାରେ କୌଣସି ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଝିଅର ନଣନ୍ଦେଇ ପ୍ରଶାନ୍ତ କୁମାର ବେହେରା ଖବର ପାଇ ସେଠାରେ ପହଞ୍ଚି ହଠାତ ବିଜୟଙ୍କୁ ଗୁଳିମାଡ଼ କରିଥିଲେ। ତେବେ ବାପାଙ୍କୁ ବଞ୍ଚାଇବାକୁ ଯାଇ ଝିଅ ଗାୟତ୍ରୀ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଗୁଳିମାଡ଼ କରି ଫେରାର ଥିବା ପ୍ରଶାନ୍ତଙ୍କୁ ହିଞ୍ଜିଳି ଥାନା ଅଞ୍ଚଳରୁ ପୋଲିସ ଗିରଫ କରିଛି।




**ଆଜିର ମନ୍ତବ୍ୟ**

ସାଇବର ଅପରାଧ ସାରା ବିଶ୍ୱରେ ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ଭାବେ ଉଭା ହୋଇଛି। ଏହି ଆତଙ୍କ ବିରୋଧରେ ପ୍ରଭାବଶାଳୀ ଢଙ୍ଗରେ ଲଢ଼େଇ କରିବା ପାଇଁ ଭରସାଯୋଗ୍ୟ ବୈଶ୍ୱିକ ସହଭାଗିତା ଜରୁରୀ। **-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଇଁ ଖଡ଼ା ଭାତକୁ ଅଡୁଆ**
**ବୁଢ଼ାବୁଢ଼ୀ ବାଟକୁ ଅଡୁଆ।**

ସାଧାରଣତଃ ଛୁଇଁ ଓ ଖଡ଼ା ତେଢ଼ାମେଢ଼ା ଖାଦ୍ୟ ହୋଇଥିବା ହେତୁ ଭାତ ସଙ୍ଗେ ଖାଇବାକୁ ଅଡୁଆ ତଡୁଆ ଲାଗିଥାଏ। ଠିକ୍ ସେମିତି ବୟସ୍କ ବ୍ୟକ୍ତି ତରୁଣ ପଥଚାରୀଙ୍କ ସଙ୍ଗେ ବାଟରେ ସାମିଲ ହୋଇ ଚାଲିବା ପାଇଁ ସେମାନଙ୍କୁ ଅଡୁଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଛାଇକି ଛତା,**
**ପାଣିକି ଜୋତା।**

ଛତା ଖରାରୁ ରକ୍ଷାକରି ଛାଇ ପ୍ରଦାନ କରିବା ସହ ବର୍ଷାରୁ ମଧ୍ୟ ସୁରକ୍ଷା ଦେଇଥାଏ। ସେହିପରି ଜୋତା ପାଦକୁ ବରଷା ପାଣିରୁ ରକ୍ଷା କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୁଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ :

# ଓଡ଼ିଶାକୁ ମିଳିଲା ୭୦୭ କୋଟି ଏସ୍‌ଡିଆର୍‌ଏଫ୍ ପାଣ୍ଠି

ଭୁବନେଶ୍ୱର,୧୨।୭(ଅନିଲ ଦାସ)

କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଓଡ଼ିଶାକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) ବାବଦରେ ୭୦୭.୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ବୁଧବାର ଏ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ସମେତ ୨୨ଟି ରାଜ୍ୟକୁ ଏସ୍‌ଡିଆର୍‌ଏଫ୍ ବାବଦରେ ୭୫୩୨ କୋଟି ଟଙ୍କା ମଞ୍ଜୁର କରିଛି। ଓଡ଼ିଶାକୁ ତୃତୀୟ ସର୍ବାଧିକ ଅନୁଦାନ ପ୍ରଦାନ କରାଯାଇଛି। ଏସ୍‌ଡିଆର୍‌ଏଫ୍ ପାଇଁ ମହାରାଷ୍ଟ୍ରକୁ ସର୍ବାଧିକ ୧୪୨୦.୮୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉତ୍ତର ପ୍ରଦେଶକୁ ୮୧୨, ଓଡ଼ିଶାକୁ ୭୦୭.୬୦, ବିହାର ୬୨୪.୪୦, ଉତ୍ତରାଖଣ୍ଡକୁ ୪୧୩.୨୦ କୋଟି ମଞ୍ଜୁର କରାଯାଇଛି। ସେହିପରି ଗୁଜରାଟକୁ ୫୮୪ କୋଟି ଟଙ୍କା ଦିଆଯାଇଥିବା ବେଳେ ତାମିଲନାଡୁକୁ ୪୫୦, କର୍ଣ୍ଣାଟକକୁ ୩୪୮.୮୦, ଆନ୍ଧ୍ର ପ୍ରଦେଶକୁ ୪୯୩.୬୦, ପଞ୍ଜାବକୁ ୨୧୮.୪୦, ତେଲଙ୍ଗାନାକୁ ୧୮୮.୮୦, କେରଳକୁ ୧୩୮.୮୦, ଆସାମକୁ ୩୪୦.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ତେବେ ବିଭିନ୍ନ ରାଜ୍ୟରେ ବର୍ଷାଜନିତ ବନ୍ୟାକୁ ଦେଖି ଏହି ଅର୍ଥ ଖର୍ଚ୍ଚ କରିବାକୁ ଥିବା ଗାଇଡ୍‌ଲାଇନରେ କେନ୍ଦ୍ର ସରକାର କୋହଳ କରିଛନ୍ତି। ଗତ ଆର୍ଥିକ ବର୍ଷର ବିନିଯୋଗ ପ୍ରମାଣପତ୍ର (ୟୁସି ) ଦେଇ ନ ଥିଲେ ମଧ୍ୟ ଉକ୍ତ ଅର୍ଥକୁ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଖର୍ଚ୍ଚ କରାଯାଇପାରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଜଣାଇ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ର ସେକ୍ସନ ୪୮(୧)(କ) ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍) ଗଠନ କରାଯାଇଛି। ଏହି ପାଣ୍ଠି ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୭୫% ଏବଂ ଉତ୍ତର-ପୂର୍ବ ଓ ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକ ପାଇଁ ୯୦% ଯୋଗାଇ ଦେଉଛନ୍ତି। ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ଏହି ଅନୁଦାନ କେନ୍ଦ୍ର ସରକାର ୨ କିସ୍ତିରେ ରାଜ୍ୟଗୁଡ଼ିକୁ ଯୋଗାଇ ଦେଇଥାଆନ୍ତି। ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟଗୁଡ଼ିକ ପ୍ରଥମ କିସ୍ତିର ବିନିଯୋଗ ପ୍ରମାଣପତ୍ର (ୟୁସି) ଦେବା ପରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଥାଏ। ଜରୁରୀ ପରିସ୍ଥିତିକୁ ଦେଖି କେନ୍ଦ୍ର ସରକାର ଗାଇଡ୍‌ଲାଇନରେ ପରିବର୍ତ୍ତନ କରିଛନ୍ତି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧,୨୮,୧୨୨.୪୦ କୋଟି ଟଙ୍କା ଏସ୍‌ଡିଆର୍‌ଏଫ୍ ପାଇଁ ଅନୁମୋଦନ କରିଛନ୍ତି। ସେଥିରୁ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ନିଜ ଅଂଶ ବାବଦରେ ୯୮,୦୮୦.୮୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କଳାହାଣ୍ଡିରେ ଅନରକିଲିଂ...

ପଳାଇଯାଇ ଗାଁ ନିକଟ ଏକ ଆଖୁ କିଆରିରେ ଲୁଚି ରହିଥିଲେ। କୌଣସି ସୂତ୍ରରୁ ଯୁବତୀଙ୍କ ବାପା କନେଶ୍ୱର ଖବର ପାଇ ଠଣସୁନ୍ଦର ଓ ଦେବାନନ୍ଦଙ୍କୁ ସାଙ୍ଗରେ ନେଇ ପ୍ରେମୀଯୁଗଳ ଲୁଚି ରହିଥିବା ସ୍ଥାନରେ ପହଞ୍ଚିଥିଲେ। ପରେ ଉଭୟଙ୍କୁ ତଣ୍ଟି ଚିପି ହତ୍ୟା କରିବା ସହ ମୃତଦେହ ଦ୍ୱୟକୁ ବାଞ୍ଜିପଦର ଓ ସାଗୁନ ଭାଡ଼ି ଗାଁ ମଧ୍ୟରେ ଥିବା ଏକ ନାଳ ନିକଟକୁ ଆଣି ଏକ ଗଛରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେଇଥିଲେ। ଗତ ଜୁଲାଇ ୨ରେ ଝିଅ ନିଖୋଜ ହୋଇଥିବା ନେଇ କନେଶ୍ୱର ଧର୍ମଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିଥିଲା। ଗତ ୯ ତାରିଖ ଅପରାହ୍ନରେ ମୃତଦେହ ଥିବା ସ୍ଥାନରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟଙ୍କ ଗଳିତ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ଯୁବତୀଙ୍କ ପରିବାର ଲୋକେ ହତ୍ୟା କରିଥିବା ନେଇ ଯୁବକଙ୍କ ବାପା ମୋହନ ପଟେଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଯୁବତୀଙ୍କ ବାପା, ଭିଣୋଇ ଓ କକା ଏହି ହତ୍ୟା କରିଥିବା ନେଇ ପୋଲିସ ଜାଣିପାରିଥିଲା।

## ପ୍ରାର୍ଥନା ସଭାରେ ...



କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଥିବା ଛାତ୍ର ଗଣପତି ମହାନ୍ତ।

ଏହି ସମୟରେ ଗଣପତି ଯନ୍ତ୍ରଣାରେ ଛଟପଟ ହେବା ସହ ଭଲଭାବେ କଥା କହିପାରୁ ନ ଥିଲେ। ତାଙ୍କୁ ପ୍ରଥମେ କଙ୍କଡ଼ାହାଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ମେଡିକାଲକୁ ନେବା ସମୟରେ ଶିକ୍ଷାନୁଷ୍ଠାନର କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ମାନବିକତା ଦୃଷ୍ଟିରୁ ସାମାନ୍ୟତମ ସହାୟତା କରି ନ ଥିବା ଭାରତୀ ଅଭିଯୋଗ କରିଛନ୍ତି। ସାମାନ୍ୟ ସୁସ୍ଥ ହେବା ପରେ ଛାତ୍ର ଜଣକ ସବୁକଥା କହିଥିଲେ। ନଖ ଯାଞ୍ଚ ବେଳେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତା ଶିକ୍ଷୟିତ୍ରୀ ଛାତ୍ରଙ୍କ ଛାତିକୁ ମାଡ଼ ମାରିଥିବା ଜଣାପଡ଼ିଛି।

ଅନ୍ୟପଟେ ଦଣ୍ଡମୁକ୍ତ ଅଞ୍ଚଳରେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଗୁରୁତର ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ଗୁରୁତର ସହ ନେଇଛି ଶିକ୍ଷା ବିଭାଗ। ଏ ନେଇ ବିଇଓ ସାଗର ଟୁଡୁ କୁହନ୍ତି, ଶିକ୍ଷାନୁଷ୍ଠାନରେ ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ। ଅଭିଯୋଗର ତଦନ୍ତ କରାଯିବ। ଏଥିରେ ସତ୍ୟତା ଥିଲେ ଶିକ୍ଷୟିତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଜମି ଫାଟି ଆଁ କଲାଣି

## ଆସୁଛି ଲଘୁଚାପଃ ୧୮ରୁ ୨୨ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୨।୭(ଅନିଲ ଦାସ)

ଆଷାଢ଼ ଯାଇ ଶ୍ରାବଣ ଅଧା ହୋଇଗଲାଣି। ପାଣି ଟୋପାଏ ପାଇଁ ଚାଷୀ ଆକାଶକୁ ଚାହିଁ ରହିଛି। ରାଜ୍ୟର ଅଧା ଜିଲାରେ ମାଟି ଫାଟି ଆଁ କରିଛି। ୧୦ ଜିଲାରେ ସ୍ଥିତି ସଙ୍ଗିନ। ବର୍ଷା ନ ହେଲେ ସେହି ଜିଲାରେ ଧାନ ଚାଷ ଗଭୀର ଭାବେ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ଜୁଲାଇ ୧୨ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୨୬ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୩୨୩.୬ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୨୩୮.୮ ମିଲିମିଟର।

କଳାହାଣ୍ଡିରେ ସ୍ୱାଭାବିକଠାରୁ ୬୨ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ୬୩, ରାୟଗଡ଼ା ୫୪, ମୟୂରଭଞ୍ଜ ୫୪, କନ୍ଧମାଳ ୪୭, ଗଞ୍ଜାମ ୪୦, ପୁରୀ ୪୨, କେନ୍ଦ୍ରାପଡ଼ା ୪୮, ବାଲେଶ୍ୱର ୪୦, ଖୋର୍ଦ୍ଧା ୩୮, ଯାଜପୁର ୩୭, ଜଗତ୍‌ସିଂହପୁରରେ ୩୬ ପ୍ରତିଶତ କମ୍ ବର୍ଷା ହୋଇଛି। ମୌସୁମୀ ଦୁର୍ବଳ ଥିବାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସପାଇଛି।

ତେବେ ନିରାଶ ଭିତରେ ଆଶା ସଞ୍ଚାର ହୋଇଛି। ଆସନ୍ତା ୧୬ ତାରିଖରୁ ରାଜ୍ୟରେ ଅଳ୍ପ ବହୁତ ବର୍ଷା ଆରମ୍ଭ ହେବ। ୧୮ରୁ ୨୨ ତାରିଖ ମଧ୍ୟରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଆସନ୍ତା ୧୮ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଦକ୍ଷିଣ, ପଶ୍ଚିମ, ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗ ଏ ନେଇ ସ୍ପଷ୍ଟ ସଙ୍କେତ ଦେଇ ନ ଥିଲେ ମଧ୍ୟ ବିଭିନ୍ନ ପାଣିପାଗ ମଡେଲରୁ ଏହା ଜଣାପଡ଼ିଛି। ବିଶେଷକରି ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ଗଜପତି, ରାୟଗଡ଼ା, ନୂଆପଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ପାରଳାଖେମୁଣ୍ଡିରେ ସର୍ବାଧିକ ୬୧.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗୋପାଳପୁର ୩୯.୪, ଭୁବନେଶ୍ୱର ୩୪.୨, ସୁନ୍ଦରଗଡ଼ ୨୪.୩, କଟକ ୩୨.୪, ଦେବଗଡ଼ ୩୧.୪, ଖୋର୍ଦ୍ଧା ୩୬, ରାୟଗଡ଼ା ୧୭.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ହୋଇପାରିଲାନି ସୀମା ଚିହ୍ନଟ



ସୀମା ଚିହ୍ନଟ କରିବାକୁ ଆସିଥିବା ଓଡ଼ିଶା, ଆନ୍ଧ୍ର ଅଧିକାରୀମାନେ।

■ **ସୀମାନ୍ତ ରାଇପାହାଡ଼ରେ ଏକାଠି ହେଲେ ଓଡ଼ିଶା, ଆନ୍ଧ୍ର ଅଧିକାରୀ**
■ **ସୀମା ଚିହ୍ନଟ ନ ହେବା ପର୍ଯ୍ୟନ୍ତ ଆନ୍ଧ୍ର ପକ୍ଷରୁ ଚାଲିଥିବା ଉନ୍ନୟନ କାମ ବନ୍ଦ ନେଇ ଚୁକ୍ତିନାମା ସ୍ୱାକ୍ଷର**

ନନ୍ଦପୁର, ୧୨।୭(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ବିବାଦୀୟ ରାଇପାହାଡ଼ ଗ୍ରାମ ସୀମାନ୍ତରେ ବୁଧବାର ଓଡ଼ିଶା ଓ ଆନ୍ଧ୍ର ଅଧିକାରୀମାନେ ଏକାଠି ହୋଇ ସୀମା ଚିହ୍ନଟ ନିମନ୍ତେ ଆଲୋଚନା କରିଥିଲେ। ଓଡ଼ିଶା ଅଧିକାରୀ ମାନଚିତ୍ର ମାଧ୍ୟମରେ ସୀମା ଚିହ୍ନଟ କରାଇଥିବାବେଳେ ଆନ୍ଧ୍ର ଅଧିକାରୀମାନେ କିନ୍ତୁ ମାନଚିତ୍ର ଆଣି ନ ଥିଲେ। ଆଉ ଦିନେ ଆଲୋଚନା ଓ ସୀମା ନିର୍ଦ୍ଧାରଣ କରିବାକୁ ଆନ୍ଧ୍ର ଡୁମ୍ବୁରିଗୁଡ଼ା ତହସିଲଦାର ସି.ଏଚ୍. ନାଗମା ଅନୁରୋଧ କରିଥିଲେ। ଦୁଇ ପକ୍ଷର ଅଧିକାରୀ ଏଥିରେ ରାଜି ହୋଇଥିଲେ। କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କ ନେତୃତ୍ୱାଧୀନ ପ୍ରଶାସନିକ ଦଳ ଆନ୍ଧ୍ର ପ୍ରତିନିଧି ଦଳକୁ ନିଜ ରାଜ୍ୟର ମାନଚିତ୍ର ଓ ସୀମା ଦେଖାଇଥିଲେ। ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ବେଆଇନ ଅନୁପ୍ରବେଶ କରି ରାଇପାହାଡ଼ ଗ୍ରାମବାସୀଙ୍କୁ ଆଧାର, ରାଶନ କାର୍ଡ, ଭୋଟର ପରିଚୟ ପତ୍ର, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟସେବା, ସରକାରୀ ପାଣ୍ଠିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ, ଜଙ୍ଗଲ ଜମି ଅକ୍ତିଆର କରି ପଟ୍ଟା ବାଣ୍ଟିବା ସମ୍ପର୍କରେ ଅବଗତ କରିଥିଲେ। ଜଣେ ଲୋକ କିଭଳି ୨ ରାଜ୍ୟର ହିତାଧିକାରୀ ହେବ ସେ ନେଇ ଉପଜିଲାପାଳ ପ୍ରଶ୍ନ କରିଥିଲେ। ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଦଳର ନେତୃତ୍ୱ ନେଉଥିବା ଡୁମ୍ବୁରିଗୁଡ଼ା ତହସିଲଦାର ସି.ଏଚ୍. ନାଗମା ଏହା ଅସ୍ୱାଭାବିକ ବୋଲି କହିଥିଲେ। ଆନ୍ଧ୍ର ପକ୍ଷରୁ ଉପସ୍ଥିତ ବନ ବିଭାଗ ଅଧିକାରୀ ବି. ପଲ୍ଲୁରାଜୁଙ୍କୁ ଆନ୍ଧ୍ରପ୍ରଦେଶ ସୀମା ମାନଚିତ୍ର ଦେଖାଇବାକୁ କହିଥିଲେ। ସେ ମ୍ୟାପ୍ ଆଣି ନ ଥିବାରୁ ମୋବାଇଲ ଜିପିଏସ୍ ମ୍ୟାପ ଦେଖାଇଥିଲେ। ଏଏସ୍‌ଆର ଜିଲାପାଳଙ୍କ କାର୍ଯ୍ୟାଳୟ କୌଣସି ନିର୍ମାଣ ସମ୍ପର୍କରେ ସୂଚନା ଦେଇ ନ ଥିବା ତହସିଲଦାର କହିଥିଲେ। ଜଙ୍ଗଲରୁ ବେଆଇନ ଗଛକଟା ହେଉଛି। ଜଙ୍ଗଲ କାହାର ଜାଣିବାକୁ ସେମାନେ ଆସିଥିବା ଆନ୍ଧ୍ର ଅଧିକାରୀମାନେ କହିଥିଲେ। ଓଡ଼ିଶା ଅଧିକାରୀମାନେ କରୁଥିବା ଅଭିଯୋଗ ସମ୍ପର୍କରେ ଜାଣି ନ ଥିବାରୁ ଉତ୍ତର ଦେବାକୁ ସେମାନେ ଅପ୍ରସ୍ତୁତ ବୋଲି ଆନ୍ଧ୍ର ଅଧିକାରୀମାନେ କହିଥିଲେ। ତେଣୁ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଏଠାରେ ହୋଇଥିବା ଆଲୋଚନା ସମ୍ପର୍କରେ ନିଜ ନିଜ ଜିଲାପାଳଙ୍କୁ ଅବଗତ କରିବେ। ୨ ଜିଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ ସୀମା ନିର୍ଦ୍ଧାରଣ ପାଇଁ ଆଉ ଏକ ତାରିଖ ବାହାର କରାଯିବ ବୋଲି ସ୍ଥିର ହୋଇଛି। ସେତିକି ଦିନ ଯାଏ ଆନ୍ଧ୍ର ପକ୍ଷରୁ ସମସ୍ତ ନିର୍ମାଣ ବନ୍ଦ ରହିବ ବୋଲି ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଓଡ଼ିଶା ପକ୍ଷରୁ କୋରାପୁଟ ଉପଜିଲାପାଳଙ୍କ ସମେତ ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ନନ୍ଦପୁର ତହସିଲଦାର ନରସିଂହ ଗାଦବା, ବିଡିଓ ସୁଜିତ ମିଶ୍ର, ବାଲଡା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତି, ଜିପିଓ ବେଦାନ୍ତ ମାଝି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ, ଗୋଲୁର ସରପଞ୍ଚ ସାବିତ୍ରୀ ବୁରୁଡ଼ି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ସେହିଭଳି ଆନ୍ଧ୍ର ପକ୍ଷରୁ ଡୁମ୍ବୁରିଗୁଡ଼ା ତହସିଲଦାର, ଡେପୁଟି ତହସିଲଦାର ଏସ୍.କେ. ମୁଜିବ, ଫରେଷ୍ଟ ରେଞ୍ଜ ଅଫିସର ବି ପଲ୍ଲୁରାଜୁ, ଫରେଷ୍ଟ ଅଫିସର ବି. ରେଣୁକା, କର୍ଣ୍ଣୁମ୍ ପଞ୍ଚାୟତ ସରପଞ୍ଚ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ବ୍ଲକ ସ୍ୱାସ୍ଥ୍ୟ, କୃଷି, ମହିଳା ଓ ଶିଶୁ ବିକାଶ, ଉଦ୍ୟାନ, ଶିକ୍ଷା, ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ରାଇପାହାଡ଼ ଗ୍ରାମ ସମେତ ସୀମାନ୍ତ ପଞ୍ଚାୟତରେ ଏଭଳି ଅନୁପ୍ରବେଶ ଓ ଉନ୍ନୟନମୂଳକ କାର୍ଯ୍ୟ ପ୍ରତି କଡ଼ା ନଜର ରଖିବାକୁ ଉପଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଳ୍ପଦିନ ମଧ୍ୟରେ ରାଇପାହାଡ଼ ଗ୍ରାମକୁ ପକ୍କା ରାସ୍ତା, ବିଦ୍ୟୁତ୍ ସେବା, ଗାଁ ମଝିରେ ଫେଭର ବ୍ଲକ ରାସ୍ତା, ନଦୀକୁ ଯିବାକୁ ରାସ୍ତା, ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ନଡ଼ିଆ ଷଢ଼େଇରେ ଡାକୋଟା ବିମାନ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉପହାର ଦେବାକୁ ଇଚ୍ଛାକଲେ ବିଜୁ ଭାଇ

ଉଦଳା, ୧୨।୭
(ସନ୍ତୋଷ କୁମାର ବାଛିନୀ)

ନଡ଼ିଆ ଷଢ଼େଇରେ ତିଆରି ହୋଇଛି ପ୍ରବାଦ ପୁରୁଷ ବିଜୁବାବୁଙ୍କ ଡାକୋଟା ବିମାନ ଭଳି ଏକ ପ୍ରତିକୃତି। ଏହାକୁ ଯିଏ ତିଆରି କରିଛନ୍ତି ତାଙ୍କ ନାଁ ମଧ୍ୟ ବିଜୁ। ବିଜୁ ଭାଇ ନାମରେ ପରିଚିତ ଶିଳ୍ପୀ ବିଜୟ କମିଳା ହେଉଛନ୍ତି ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସି ଅନ୍ତର୍ଗତ ୭ନଂ. ୱାର୍ଡର ବାସିନ୍ଦା। ପେସାରେ ଜଣେ ଗାଡ଼ି ମେକାନିକ ହୋଇଥିଲେ ମଧ୍ୟ ନିଶାରେ ସେ କାରିଗର। କରୋନା ଜନିତ ଲକ୍‌ଡାଉନ ସମୟରେ ନଡ଼ିଆ ଷଢେଇରେ ସେ ବିଭିନ୍ନ ପ୍ରକାର ଘରକରଣା ଜିନିଷ ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ତେବେ ବିଜୁ ବାବୁଙ୍କୁ ଭଲ ପାଉଥିବାରୁ ତାଙ୍କର ପ୍ରିୟ ଡାକୋଟା ବିମାନ ଷଢ଼େଇରେ ତିଆରି କରିଥିବା ସେ କହିଛନ୍ତି। ଅନୁମତି ମିଳିଲେ ଏହାକୁ ସେ ବିଜୁ ବାବୁଙ୍କ ପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପହାର ଦେବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି। ଷଢେଇରେ ତିଆରି ହୋଇଥିବା ଏହି ଡାକୋଟାର ଲମ୍ବ ୩ ଫୁଟ ୬ ଇଞ୍ଚ। ବିଭିନ୍ନ ସ୍ଥାନରୁ ଷଢେଇ ସଂଗ୍ରହ କରି ତାକୁ କାଟି ଅଠା ଦ୍ୱାରା ଯୋଡ଼ି ତିଆରି କରିଛନ୍ତି ଡାକୋଟା ବିମାନ। ଏହା ତିଆରି କରିବାକୁ ଦୁଇ ମାସ ସମୟ ଲାଗିଥିବା କହିଛନ୍ତି ବିଜୟ। ଯେତେବେଳେ ସମୟ ପାଆନ୍ତି ସେତେବେଳେ ସେ ଏହି କାମ କରିଥାନ୍ତି ଏବଂ ପରିବାର ଲୋକଙ୍କ ପ୍ରେରଣା ପାଇଁ ଏହା ସମ୍ଭବ ହୋଇଛି ବୋଲି ବିଜୟ କହିଛନ୍ତି। ତେବେ ସରକାରୀ ପ୍ରୋତ୍ସାହନ ମିଳିଲେ ବିଜୟ ଆଗକୁ ବଢ଼ିପାରିବା ସହ ତାଲିମ କେନ୍ଦ୍ର ଆରମ୍ଭ କରି ନୂଆ ଶିଳ୍ପୀ ସୃଷ୍ଟି କରିପାରନ୍ତେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



ଡାକୋଟା ପ୍ରତିକୃତି ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଥିବା ବିଜୟ କମିଳା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ପିଲାମାନଙ୍କ ସକାଶେ ଥିବା ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ। ଅଭିଳଷିତ ଫଳ ପାଇବେ ଏବଂ ଆମୋଦ ପ୍ରମୋଦର ମଉକା ଜୁଟିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସାଙ୍ଗକୁ କଳା,ସାହିତ୍ୟ,ସଙ୍ଗୀତରେ ନିଜକୁ ନିୟୋଜିତ କରିପାରନ୍ତି।

**ବୃଷ**
ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପରିସ୍ଥିତିକୁ ସଜାଡ଼ିପାରିବେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ,ଲେଖାପଢ଼,ସଭାସମିତି ପ୍ରଭୃତିରେ ପ୍ରାଧାନ୍ୟ ରହିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**
ଆଜି ଆପଣ କୌଣସି ବିବଦୀୟ ଘଟଣାରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ। ଅବଶ୍ୟ ବନ୍ଧୁମାନଙ୍କ ସହଯୋଗରୁ ଅର୍ଥ ଓ ସମ୍ମାନ ପାଇ କାର୍ଯ୍ୟ ହାସଲ କରିବେ। କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ପ୍ରଶଂସା କରିପାରନ୍ତି। ଦୀର୍ଘଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**
ଆତ୍ମୀୟସ୍ୱଜନଙ୍କ ସାହାଯ୍ୟରୁ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ଏପରିକି ବହୁ ଦିନରୁ ଭାବିଥିବା କଥାଟି ଆଜି ହିଁ ସାକାର ରୂପ ନେବାର ସୂଚନା ପାଇପାରନ୍ତି। କୌଣସି ଶୁଭ ଖବର କିମ୍ବା ମୂଲ୍ୟବାନ୍ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। କିନ୍ତୁ ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ସିଂହ**
ମାନସିକ ସ୍ଥିତି ବିଶୃଙ୍ଖଳିତ ରହିଥିବାରୁ ତରବରିଆ କୌଣସି କାମ ନ କରି ଜଗିରଖି ଚଳିବା ଭଲ ହେବ। ଆତ୍ମୀୟ କିମ୍ବା ହିତୈଷୀମାନଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସରକାରୀ ସ୍ତରରୁ କୌଣସି ଖବର ପାଇ ଖୁସି ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଆକସ୍ମିକ ଆବିର୍ଭାବ ପରିସ୍ଥିତିକୁ ଏପଟସେପଟ କରିଦେଇପାରେ। କାର୍ଯ୍ୟରେ ସଫଳତା ହାସଲ ସକାଶେ ବହୁ ସଂଘର୍ଷ କରିବାକୁ ପଡ଼ିବ। ହିତୈଷୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
ଆନୁଷ୍ଠାନିକ କ୍ଷେତ୍ରରେ କାମ ଚାପ ଏତେ ବଢ଼ିଯିବ ଯେ ଆପଣ ଜମା ଶାନ୍ତିରେ ରହିପାରିବେ ନାହିଁ। ଘରଲୋକମାନଙ୍କ କାମରେ ଅସନ୍ତୁଷ୍ଟ ହେଲେ ସୁଦ୍ଧା ପାଟି ଫିଟାଇବାର ରାସ୍ତା ନ ଥିବ। ଚିତ୍ରା ନକ୍ଷତ୍ର କିନ୍ତୁ ବନ୍ଧୁମିଳନ ସହ ଖୁସିର ଆସର ଏବଂ ସ୍ନେହ ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ।

**ବିଛା**
ହାତରେ କାମ ବହୁ ରହିବ, କିନ୍ତୁ କୌଣସିଟା ମଧ୍ୟ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ବ୍ୟସ୍ତବିବ୍ରତ ହୋଇ ଏଣୁତେଣୁ ଗୁଡ଼ାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅସଂଯତ କାର୍ଯ୍ୟକଳାପ ପାଇଁ ସମାଲୋଚିତ ହେବେ।

**ଧନୁ**
ଆଜି ଈର୍ଷାପରାୟଣ ବନ୍ଧୁଙ୍କ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ। ଘରର ଅପ୍ରକାଶ୍ୟ କେତେକ ଘଟଣା ସବୁ ଶୁଣିବେ ସିନା କାହାକୁ କିଛି କହିପାରିବେ ନାହିଁ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ଗୁରୁଚଣ୍ଡାଳ ଯୋଗ ଚତୁର୍ଥସ୍ଥ ହେତୁ ଯାହା କରିବାକୁ ଯାଉଛନ୍ତି ବୁଝିବିଚାରି କରିବା ଭଲ ହେବ। ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସାହାଯ୍ୟ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ଅଯଥା ପରକଥାରେ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଭୁଲ୍ କାର୍ଯ୍ୟପଦ୍ଧତି ଆଚରଣ କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁ ଭୁଲ୍ ବୁଝିବେ। ସାହାଯ୍ୟ କରିବାକୁ କଥା ଦେଇଥିବା ସହକର୍ମୀ ପରକ୍ଷଣରେ ଓଲଟା କଥା କହିବେ। ହିତୈଷୀଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇପାରନ୍ତି।

**ମୀନ**
ମନ୍ଥର ଗତିରେ ଆଜିର କାମଗୁଡ଼ିକ ସମାଧାନ ହୋଇପାରିବ। କିନ୍ତୁ ଉତ୍ତରଭାଦ୍ରପଦ ନକ୍ଷତ୍ରର ବାରମ୍ବାର ଅସଫଳତା ଲାଗିରହିବା କାରଣରୁ ମନରେ ବିଭିନ୍ନ ପ୍ରକାର କଳ୍ପନା ଜାଗ୍ରତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସେବା ଓ ପରୋପକାରକରି ପ୍ରଶଂସିତ ହେବେ।

ଆଜି ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ ଚକ୍ରବୁଲା ଏକାଦଶୀ ଗୁରୁବାର,ଜୁଲାଇ ୧୩ ତାରିଖ,କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-କୃତ୍ତିକା/ମେଷ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୯ ଗତେ, ଘ.୦୬।୧୧ ମଧ୍ୟେ, ଘ.୦୯।୪୧ ଗତେ,ଘ.୧୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୩୦ ଗତେ, ଘ.୦୩।୦୮ମଧ୍ୟେ ରାହୁକାଳ।

# ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ






ଗୋପାଳପୁର ମହାବିଦ୍ୟାଳୟରେ ବୁଧବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କଲେଜର ଅଧ୍ୟକ୍ଷ ରାମପ୍ରସାଦ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

## ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର(ସ୍ମୃତିରଞ୍ଜନ ମହାଲିକ)/ଗୋପାଳପୁର (ନବୀନରାଜ ଆଚାରୀ),୧୨।୭

ସୁସ୍ଥ, ବିକଶିତ ଓ ପ୍ରଗତିଶୀଳ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଗଣତନ୍ତ୍ର ଓ ଯୁବସମାଜ ମଧ୍ୟରେ ଗଣମାଧ୍ୟମ ସମନ୍ୱୟର ସେତୁ ଭଳି କାର୍ଯ୍ୟ କରିଥାଏ। ସୁସ୍ଥସବଳ ଯୁବ ସମାଜର ଉପଯୁକ୍ତ ବୁଦ୍ଧି, ବିବେକ ଓ ଚିନ୍ତାଧାରା ଭାରତ ଭଳି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଏକ ଉନ୍ନତ ଦିଗ ପ୍ରଦାନ କରିପାରିବ। ଆଉ ଏଥିପାଇଁ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ ବୋଲି ଗଞ୍ଜାମ ଜିଲା ଗୋପାଳପୁର ମହାବିଦ୍ୟାଳୟଠାରେ ବୁଧବାର ଧରିତ୍ରୀ ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଛନ୍ତି। ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଗୋପାଳପୁର ମହାବିଦ୍ୟାଳୟ ଓ ଡୁରା ମହାବିଦ୍ୟାଳୟର ୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଗୋପାଳପୁର ମହାବିଦ୍ୟାଳୟର ଏସ୍. ସୁପ୍ରିୟା ରେଡ୍ଡୀ ପ୍ରଥମ, ଗୋପାଳପୁର ମହାବିଦ୍ୟାଳୟର ସମ୍ପୂର୍ଣ୍ଣା ପ୍ରଧାନ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜୁପିଟର ଶତପଥୀ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଭାସିନୀ ମହାରଣା ତୃତୀୟ ହୋଇଛନ୍ତି।

ଏହି ବକ୍ତୃତା ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ସହ ପ୍ରାଧ୍ୟାପକ ଡ. ଜୟନ୍ତ କୁମାର ପଣ୍ଡା ଓ ଗୋପାଳପୁର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଅଧ୍ୟାପକ ମନୋଜ ପଟ୍ଟନାୟକ ବିଚାରକ ଭାବେ ମଞ୍ଚାସୀନ ଥିଲେ। ବର୍ତ୍ତମାନ ସମୟରେ ଯୁବପିଢ଼ି ଅଧିକରୁ ଅଧିକ ସକ୍ରିୟ ହେବା ଉଚିତ୍। ଗଣମାଧ୍ୟମର ମୁଖ୍ୟକାର୍ଯ୍ୟ ହେଉଛି ଲୋକଙ୍କୁ ଠିକ ଓ ସ୍ୱତନ୍ତ୍ର ଖବର ପହଞ୍ଚାଇବା ସହ ସଜାଗ ଓ ସଚେତନ କରିବା। ତେଣୁ ଯୁବପିଢ଼ି ସର୍ବଦା ଗଣମାଧ୍ୟମକୁ ଅନୁସରଣ କରନ୍ତୁ। ଯୁବପିଢ଼ିଙ୍କ ସକାରାତ୍ମକ ବିଚାରଧାରାକୁ ଗଣତନ୍ତ୍ରରେ ପରିପ୍ରକାଶ କରିବା ପାଇଁ ଗଣମାଧ୍ୟମ ମୁଖ୍ୟ ଭୂମିକା ନିର୍ବାହ କରିଥାଏ ବୋଲି ବିଚାରକମାନେ ମତପ୍ରକାଶ କରିଥିଲେ। ଗୋପାଳପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାମ ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗଣମାଧ୍ୟମ ଯୁବପିଢ଼ିଙ୍କୁ ସର୍ବଦା ଆଗଭର କରାଇବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଠିକ ଓ ନିରପେକ୍ଷ ଖବର ପ୍ରସାରଣ ଦିଗରେ ଗଣମାଧ୍ୟମ ଚେଷ୍ଟିତ ହେବା ଆବଶ୍ୟକ। ଯୁବପିଢ଼ିଙ୍କ ମଧ୍ୟରେ ଗଣତନ୍ତ୍ରର ମୂଲ୍ୟବୋଧ ଜାଗ୍ରତ କରାଇବାରେ ଧରିତ୍ରୀର ଏଭଳି ପ୍ରୟାସକୁ ପଣ୍ଡା ପ୍ରଶଂସା କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନିଲ କୁମାର ରଥ ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ଆୟୋଜିତ ଏହି ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗଣମାଧ୍ୟମ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ। ସରକାରଙ୍କ ଭୁଲ ନିଷ୍ପତ୍ତିକୁ ସୁଧାରିବା ସହ ନିଜ ହକ୍ ପାଇଁ ଲଢ଼ିବାରେ ଯୁବପିଢ଼ିଙ୍କ ମଧ୍ୟରେ ଅଦ୍ୟମ ଉତ୍ସାହ ଓ ସାହସ ଆବଶ୍ୟକ ବୋଲି ରଥ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ନରସିଂହ ସାହୁ, ଜିଲା ପ୍ରତିନିଧି ସ୍ମୃତିରଞ୍ଜନ ମହାଲିକ, ବ୍ରହ୍ମପୁର ପ୍ରସାରଣ ବିଭାଗର ମଳୟ କୁମାର ସାହୁ, ଖବରଦାତା ସୁବାସ ଚନ୍ଦ୍ର ପାଢ଼ି, ତନୁଶ୍ରୀ ନାହାକ, ନବୀନରାଜ ଆଚାରୀ, ବାଣପୁର ଖବରଦାତା ଦିଲୀପ କୁମାର ସ୍ୱାଇଁ ଓ ବ୍ରହ୍ମପୁର ଫଟୋ ଗ୍ରାଫର ସମୀର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଏକ ପ୍ରଗତିଶୀଳ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଗଣତନ୍ତ୍ର ଓ ଯୁବସମାଜ ମଧ୍ୟରେ ତାଳମେଳ ରଖିବା କାର୍ଯ୍ୟ ଗଣମାଧ୍ୟମ କରିଥାଏ। ତେଣୁ ଗଣମାଧ୍ୟମର ନିରପେକ୍ଷତା ନ ରହିଲେ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ।

**- ଭାଗ୍ୟଲକ୍ଷ୍ମୀ ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



ସୁସ୍ଥସବଳ ଯୁବ ସମାଜ ନିଜର ଉପଯୁକ୍ତ ବୁଦ୍ଧି, ବିବେକ ଓ ଚିନ୍ତାଧାରା ପ୍ରୟୋଗରେ ଭାରତ ଭଳି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଏକ ଉନ୍ନତ ଦିଗ ପ୍ରଦାନ କରିପାରିବେ। ଏଥିରେ ଗଣମାଧ୍ୟମର ଭୂମିକା ମଧ ଅପରିହାର୍ଯ୍ୟ।

**- ପୂଜା ସାହୁ, ଗୋପାଳପୁର ମହାବିଦ୍ୟାଳୟ**



ଗଣମାଧ୍ୟମ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ। ଯୁବପିଢ଼ି ଏକ ରାଷ୍ଟ୍ରର ମେରୁଦଣ୍ଡ। ସରକାରଙ୍କ ଭୁଲ ନିଷ୍ପତ୍ତିକୁ ସୁଧାରିବାରେ ଓ ନିଜ ହକ୍ ପାଇଁ ଲଢ଼ିବାରେ ଯୁବପିଢ଼ିଙ୍କ ମଧ୍ୟରେ ଅଦ୍ୟମ ଉତ୍ସାହ ଓ ସାହସ ଆବଶ୍ୟକ। ଯୁବପିଢ଼ିଙ୍କ କର୍ମପ୍ରବଣତା ଏବଂ ଗଣମାଧ୍ୟମର ନିରପେକ୍ଷ ପ୍ରଦର୍ଶନ ଏକ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା କରିବ।

**- ମୋନାଲିସା ନାହାକ, ଡୁରା ମହାବିଦ୍ୟାଳୟ**

ଗଣମାଧ୍ୟମର ମୁଖ୍ୟ କାମ ହେଉଛି ଲୋକଙ୍କୁ ଠିକ୍ ଓ ସ୍ୱତନ୍ତ୍ର ଖବର ପହଞ୍ଚାଇବା ସହ ସେମାନଙ୍କୁ ସଜାଗ ଓ ସଚେତନ କରିବା। ଭାରତ ଭଳି ଏକ ଜନବହୁଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ଭୁଲ୍ ଓ ଠିକ୍‌କୁ ଭଲ ଭାବେ ବିଚାର କରି ଆଗେଇବା ଯୁବ ସମାଜର ପ୍ରଧାନ ଦାୟିତ୍ୱ ହେବା ଆବଶ୍ୟକ।



**- ପ୍ରଭାସିନୀ ମହାରଣା,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



ଗଣମାଧ୍ୟମର ଉଭୟ ସାକାରାତ୍ମକ ଓ ନାକାରାତ୍ମକ ଦିଗ ରହିଛି। ଏହାର ବହୁ ଉଦାହରଣ ଆମେ ଜାଣିଛେ। ବର୍ତ୍ତମାନ ଗଣମାଧ୍ୟମ ଆଉ ପାଦେ ଆଗେଇବା ସହ ସୋସିଆଲ ମିଡ଼ିଆର ଯୁଗ ଆସିଛି। ଏଠି ପ୍ରତ୍ୟେକ ଯୁବପିଢ଼ି ଓ ନାଗରିକ ଜଣେ ଜଣେ ଗଣମାଧ୍ୟମର କର୍ମଚାରୀ। ଏପରିସ୍ଥଳେ ନକାରାତ୍ମକତାରୁ ଦୂରେଇ ରହି ଗୁରୁତ୍ୱପୂର୍ଣ୍ଣ ଓ ଉପଯୋଗୀ ସୂଚନା ଓ ସମସ୍ୟାର ଠିକ ପ୍ରଚାରପ୍ରସାର କରାଯାଇପାରିଲେ ଗଣତାନ୍ତ୍ରିକ ରାଷ୍ଟ୍ରର ପଦମର୍ଯ୍ୟାଦା ବଜାୟ ରହିପାରିବ।

**- ସମ୍ପୂର୍ଣ୍ଣା ପ୍ରଧାନ, ଗୋପାଳପୁର ମହାବିଦ୍ୟାଳୟ**



ଗଣମାଧ୍ୟମ ଅର୍ଥାତ୍ ଲୋକଙ୍କ ପାଖରେ ପହଞ୍ଚିବାର ଏକ ମାଧ୍ୟମ। ଭାରତରେ ୬୫ ପ୍ରତିଶତରୁ ଉର୍ଦ୍ଧ୍ୱ ଯୁବପିଢ଼ି ଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୩୭ ପ୍ରତିଶତ ଗଣମାଧ୍ୟମ ପ୍ରତିନିଧି ଭାବେ କାର୍ଯ୍ୟରତ। ସମୟ ଆସିଛି ଯୁବ ସମାଜ ଏ ଦିଗରେ ଚିନ୍ତା କରିବା ସହ ଆମ ଦେଶର ଗଣତନ୍ତ୍ର ଶାସନ ଓ ସମସ୍ୟା ସମ୍ପର୍କରେ ଅଧିକରୁ ଅଧିକ ଅବଗତ ହେବା।

**- ଜୁପିଟର ଶତପଥୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



ଯୁବପିଢ଼ି ଗଣତାନ୍ତ୍ରିକ ରାଷ୍ଟ୍ରର ମୂଳଦୁଆ। ରାଷ୍ଟ୍ରର ଉନ୍ନତିରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟାର ଯୁଗରେ ସ୍ୱଳ୍ପ ସମୟରେ ଗଣମାଧ୍ୟମ ଲୋକଙ୍କ ନିକଟରେ ପହଞ୍ଚି ପାରୁଛି। ଏହାର ସୁବିଧା ନେବା ଆବଶ୍ୟକ।

**- ଭାରତୀ ପ୍ରଧାନ,ଡୁରା ମହାବିଦ୍ୟାଳୟ**



ଉତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ନିମନ୍ତେ ଉପଯୁକ୍ତ ଲୋକ ପ୍ରତିନିଧି ଚୟନ ନିହାତି ଆବଶ୍ୟକ। ଏ କ୍ଷେତ୍ରରେ ଯୁବପିଢ଼ିଙ୍କ ଅବଦାନ ସର୍ବାଧିକ। ଯେଉଁ ଦେଶର ଯୁବସମାଜ ଯେତେ ଶିକ୍ଷିତ, ସମୃଦ୍ଧ ସେହି ଦେଶର ଗଣତନ୍ତ୍ର ସେତେ ସମୃଦ୍ଧ। ଏକ୍ଷେତ୍ରରେ ଗଣମାଧ୍ୟମର କାର୍ଯ୍ୟ ହେଉଛି ଜନ ସାଧାରଣଙ୍କୁ ସଚେତନ କରାଇବା।

**- ସ୍ମୃତିରାଣୀ କର, ଗୋପାଳପୁର ମହାବିଦ୍ୟାଳୟ**



ଗଣମାଧ୍ୟମ ବିନା ଗଣତନ୍ତ୍ର ସମ୍ଭବପର ନୁହଁ। ଗୋଟିଏ ରାଷ୍ଟ୍ରରେ ଯୁବସମାଜର ଭୂମିକା ଗଣତନ୍ତ୍ରକୁ ସୁଦୃଢ଼ ଓ ସମୃଦ୍ଧ କରାଇପାରେ। କିନ୍ତୁ ବର୍ତ୍ତମାନ କେବଳ ନୋଟ୍‌ରେ ଭୋଟ କିଣା ଯାଉଛି। ନିରପେକ୍ଷ ଗଣମାଧ୍ୟମ ବିନା ଏକ ସୁସ୍ଥ ଗଣତନ୍ତ୍ର ସମ୍ଭବ ନୁହେଁ। ଯୁବପିଢ଼ିଙ୍କ ମଧ ଦୃଢ଼ ଆତ୍ମବିଶ୍ୱାସ ରହିଛି, ସେମାନେ ଚାହିଁଲେ ଏକ ବଳିଷ୍ଠ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ସହାୟକ ହୋଇପାରିବେ।

**- ଏସ. ସୁପ୍ରିୟା ରେଡ୍ଡୀ,ଗୋପାଳପୁର ମହାବିଦ୍ୟାଳୟ**

# ପରଜଙ୍ଗ, କଙ୍କଡ଼ାହାଡ଼ରେ ପୃଥକ୍ ଗ୍ରୀଡ୍ ସବ୍‌ଷ୍ଟେଶନ ହେଉ

## ପ୍ରତାପଙ୍କୁ ପତ୍ର ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୨।୭(ସୁନିତ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ ଜିଲା ପରଜଙ୍ଗ ଏବଂ କଙ୍କଡ଼ାହାଡ଼ ବ୍ଲକରେ ନିରନ୍ତର ବିଦ୍ୟୁତ୍ ଶକ୍ତି ଯୋଗାଣ ପାଇଁ ପୃଥକ୍ ଗ୍ରୀଡ୍ ସବ୍‌ଷ୍ଟେଶନ ସ୍ଥାପନ କରିବାକୁ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ପତ୍ର ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଧର୍ମେନ୍ଦ୍ର ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ପରଜଙ୍ଗ ବ୍ଲକରେ ୨ ଲକ୍ଷ ଏବଂ କଙ୍କଡ଼ାହାଡ଼ ବ୍ଲକରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ତାଳଚେରସ୍ଥିତ ଚାଇଁପାଳ ଗ୍ରୀଡ୍ ଉପରେ ନିର୍ଭର କରୁଛନ୍ତି। ଓଭରଲୋଡିଂ କାରଣରୁ ସେମାନେ ବିଦ୍ୟୁତ୍ କାଟ୍‌ର ସମ୍ମୁଖୀନ ହେଉଛନ୍ତି। ଚାଇଁପାଳରୁ ପରଜଙ୍ଗ ଏବଂ କଙ୍କଡ଼ାହାଡ଼ ୩୩ କେଭି ବିଦ୍ୟୁତ୍ ସରବରାହରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଉଛି। ଏହି କାରଣରୁ ଉପଭୋକ୍ତାଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ମିଳିପାରୁନାହିଁ। ଦୈନନ୍ଦିନ କାର୍ଯ୍ୟ, ଶିକ୍ଷା ସମେତ ଅନ୍ୟାନ୍ୟ କାମରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଉଭୟ ଅଞ୍ଚଳରେ ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ ପ୍ରତିଷ୍ଠା କରିବା ଉପରେ ବିଚାର କରିବା ପାଇଁ ଧର୍ମେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଆହୁରି ଉଲ୍ଲେଖ କରିଛନ୍ତି, ପରଜଙ୍ଗରେ ଗ୍ରୀଡ୍ ସବ୍‌ଷ୍ଟେଶନ ପାଇଁ ୧୦ ଜାନୁୟାରୀ ୨୦୨୦ରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟିଅରିଂ କମିଟିରେ ଗ୍ରୀଡ୍ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇସାରିଛି। ପରଜଙ୍ଗ ଏବଂ କଙ୍କଡ଼ାହାଡ଼ରେ ପୃଥକ୍ ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ ପ୍ରତିଷ୍ଠା କରାଗଲେ ଉଭୟ ଅଞ୍ଚଳର ଉପଭୋକ୍ତାଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ମିଳିପାରିବ। ଦୁଇ ବ୍ଲକବାସୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଧର୍ମେନ୍ଦ୍ର ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

**GOVT. (AUTO) COLLEGE, ANGUL**
www.gaca.nic.in

**Admission Notice: 2023-24**

Applications in persecribed Form are invited for admission into the following Self-financing Courses (PPP) offered under Utkal University for the academic session 2023-24

| Course | Duration | Eligibility |
|---|---|---|
| M.COM (Finance & Control) | 2 Years (4 Semester) | +3 or Equivalent with 40% in aggregate |
| I-MBA | 5 Years (10 Semester) | +2 or Eqv. with 40% in aggregate |
| MBA (Lateral entry) | 2 Years (4 Semester) | +3 or Equivalent with 40% in aggregate |

Scholarship : Available for eligible SC, ST, OBC & Minority category.

The Application form can be obtained from the College on all working days on payment of Rs. 100/- and the last date for sale & Receipt of Form is 22.07.2023

Principal

Phone: 06764-237370

I-MBA: 9337902640, MBA (LE): 8144875548, M.Com (F&C): 8249856448

# ଭୟରେ ଛାତ୍ରୀଛାତ୍ର, ମୁହଁ ଫେରାଉଛନ୍ତି ଅଭିଭାବକ

## ଝାଡ଼େଶ୍ୱର କଲେଜ ଛାତ୍ରୀ ମୃତ୍ୟୁ ଘଟଣା

### ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପଞ୍ଜୀକୃତ ହୋଇପାରେ ହତ୍ୟା ମାମଲା

ବାଲେଶ୍ୱର, ୧୨।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ସୂତେଇବଡ଼ଗାଁସ୍ଥିତ ଝାଡ଼େଶ୍ୱର ଯୁକ୍ତ ୨ ବିଜ୍ଞାନ କଲେଜରେ ପ୍ରଥମ ବର୍ଷର ଛାତ୍ରୀ ସମୀକ୍ଷା ମହାନ୍ତିଙ୍କ ସନ୍ଦେହଜନକ ମୃତ୍ୟୁକୁ ୩ଦିନ ପୂରିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରି ପୋଲିସ ତଦନ୍ତକୁ ଆଗକୁ ବଢ଼ାଉ ନ ଥିବା ବେଳେ ଅଭିଭାବକମାନେ ଏବେ କଲେଜରୁ ମୁହଁ ଫେରାଉଥିବା ସୂଚନା ମିଳିଛି। ଯେଉଁଠାରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସୁରକ୍ଷିତ ନୁହେଁ ସେଠାରେ ପିଲାଙ୍କୁ ପାଠ ପଢ଼ାଇବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି ଅନେକ ଅଭିଭାବକ। ସମୀକ୍ଷାଙ୍କ ମୃତ୍ୟୁ ଘଟଣା ଦିନଠାରୁ ହଷ୍ଟେଲରେ ରହୁଥିବା ସମସ୍ତ ଛାତ୍ରୀଛାତ୍ର ନିଜ ଘରକୁ ପଳାଇଥିବା ବେଳେ କଲେଜ ଫେରିବାକୁ ଭୟ କରୁଥିବା ଓ ଉକ୍ତ କଲେଜରେ ଆଉ ପଢ଼ିବେ ନାହିଁ ବୋଲି ଅଭିଭାବକମାନଙ୍କୁ ଜଣାଉଛନ୍ତି।

ଛାତ୍ରୀଛାତ୍ରଙ୍କ ଉପରେ ହଷ୍ଟେଲ ୱାର୍ଡେନ ଓ କଲେଜ କର୍ତ୍ତୃପକ୍ଷ ଚଳାଇ ଆସୁଥିବା ମନମାନୀ ଏବେ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ଅଭିଭାବକମାନେ ସେମାନଙ୍କ ପୁଅଝିଅଙ୍କ ଉପରେ ପକାଯାଉଥିବା ମାନସିକ ଚାପକୁ ବୁଝିପାରି ସେମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ପିଲାମାନଙ୍କୁ ମଧ କଲେଜରୁ ବାହାର କରିନେବା ଆରମ୍ଭ କଲେଣି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ଜଣେ ଛାତ୍ର କଲେଜର ମନମୁଖୀ କାର୍ଯ୍ୟ ବିଷୟରେ ତାଙ୍କ ଅଭିଭାବକଙ୍କୁ ଜଣାଇବା ପରେ ପିଲାର ସୁରକ୍ଷା ନେଇ କଲେଜରୁ ବାହାର କରିନେଇ ଅନ୍ୟତ୍ର ନାମ ଲେଖାଇବାର ଜାଣିବାକୁ ମିଳିଛି। ସେହିପରି ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ କୁଳିଗାଁ ଅଞ୍ଚଳର ଜଣେ ଯୁକ୍ତ ୨ ପ୍ରଥମବର୍ଷର ଛାତ୍ରୀ ଉକ୍ତ ଛାତ୍ରୀନିବାସରେ ରହୁଥିଲେ। ୱାର୍ଡେନଙ୍କ ମାଡ଼ ଏବଂ ଦୁର୍ବ୍ୟବହାର ସମ୍ପର୍କରେ ଘରେ କହି ଆସୁଥିଲେ ମଧ୍ୟ ପରିବାର ଲୋକେ ତାଙ୍କୁ ବୁଝାଇ ସେଠାରେ ପଢ଼ିବା ପାଇଁ କହୁଥିଲେ। ମାତ୍ର ଏଭଳି ଘଟଣା ପରେ ଅଭିଭାବକ ନିଜ ଝିଅକୁ ସେଠାରୁ କାଢ଼ି ନେଇଛନ୍ତି। ସେହିପରି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ତଥା ଅନ୍ୟ ଜିଲାଗୁଡ଼ିକରୁ ଝାଡ଼େଶ୍ୱର କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନେ ନିଜର ଅଭିଭାବକଙ୍କୁ ଏ ବିଷୟରେ ଜଣାଉଛନ୍ତି। ଫଳରେ ବହୁ ଛାତ୍ରୀଛାତ୍ରଙ୍କ ଅଭିଭାବକ ଉକ୍ତ କଲେଜରୁ ପିଲାଙ୍କୁ ବାହାର କରିନେବା ପାଇଁ କଲେଜରେ ଭିଡ଼ ଜମାଇଲେଣି। କଲେଜ କର୍ତ୍ତୃପକ୍ଷ ଏବଂ ନିଜର ଏଜେଣ୍ଟମାନଙ୍କ ମାଧ୍ୟମରେ ପିଲାଙ୍କ ଅଭିଭାବକମାନଙ୍କୁ ବୁଝାଇଶୁଝାଇ ତଥା ବିଭିନ୍ନ ଆଳ ଦେଖାଇବା ସହ ପିଲାମାନଙ୍କୁ ବିନା ଚାପରେ ପାଠ ପଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଉଥିବା ଜଣାପଡ଼ିଛି।




ଝାଡ଼େଶ୍ୱର ଯୁକ୍ତ ୨ ବିଜ୍ଞାନ କଲେଜ।

ସେହିପରି ମୃତ ଛାତ୍ରୀଙ୍କ ମା' ତାଙ୍କ ଝିଅ ମୃତ୍ୟୁର କାରଣର ଏକ ଭିନ୍ନ ଦିଗରେ ଅଭିଯୋଗ ଆଣିଛନ୍ତି। କଲେଜ କର୍ତ୍ତୃପକ୍ଷ ଓ ୱାର୍ଡେନ ତାଙ୍କ ଝିଅ ଉପରେ ଅତ୍ୟଧିକ କଠୋର ନୀତି, ଚାପ ଦେବା, ମାଡ଼ ମାରିବା ଓ ଦୁର୍ବ୍ୟବହାର କରୁଥିଲେ ବୋଲି କହିଛନ୍ତି। ଦୀର୍ଘ ୧୬ବର୍ଷ ଧରି ନିଜ ପାଖରେ ରଖି ପାଠପଢ଼ାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଠିକ୍ ଭାବରେ କରୁଥିବା ବେଳେ ମାତ୍ର ୧୦ଦିନରୁ କମ୍ ହଷ୍ଟେଲରେ ରହିବା ମଧ୍ୟରେ କ'ଣ ଏପରି ଘଟିଲା ମୋ ଝିଅର ଝୁଲନ୍ତା ମୃତଦେହ ମିଳିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏନେଇ ବାଲେଶ୍ୱର ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେହେରାଙ୍କୁ ଅବଗତ କରାଯିବା ପରେ ଏହା ଏକ ସମ୍ବେଦନଶୀଳ ଘଟଣା। ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି। ଏହାର ତଦନ୍ତ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ରିପୋର୍ଟକୁ ଭିତ୍ତି କରି ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇପାରେ ବୋଲି ଥାନା ଆଇଆଇସି ସାଲଖାନ ମୁର୍ମୁ ପ୍ରକାଶ କରିଛନ୍ତି। ବୁଧବାର ମୃତ ଛାତ୍ରୀଙ୍କ ଦାଦା ମନୋଜ କୁମାର ମହାନ୍ତି ଏଫ୍‌ଆଇଆର୍ ରିପୋର୍ଟ ଆଣିବା ପାଇଁ ଥାନାରେ ପହଞ୍ଚିଥିଲେ। ଆଇଆଇସି ମୁର୍ମୁ ତାଙ୍କ ସହ ଅଭିଯୋଗକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ରିପୋର୍ଟ, ପାରିପାର୍ଶ୍ୱିକ ଅବସ୍ଥା ଉପରେ ତଦନ୍ତ ଜାରି ରହିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା କହିଛନ୍ତି।

**HIGH ALTITUDE RESEARCH STATION (O.U.A.T.)**
POTTANGI-764039, KORAPUT, ODISHA
Telephone-8637262715(M), Email:oichars.ouat@gmail.com

**ADVERTISEMENT FOR WALK-IN-INTERVIEW**

**Advertisement No.01/HARS/2023, Dt.12.07.2023**

A WALK IN INTERVIEW for selection of **Field Workers, Technical Assistant and Office Assistant** for the project entitled **"Enhancement of livelihood security of poor spices farmers of Odisha"** will be held on **27.07.2023 at 10.00AM** in the chamber of the **Associate Director of Research, Regional Research & Technology Transfer Station, (O.U.A.T), Semiliguda, Koraput.** The posts are purely contractual and co-terminus with the project. The incumbent shall not be entitled for any claim either implicit or explicit, for absorption in OUAT. Initially, the hiring of services will be for a period of one year, which may be extended further on satisfactory performance.

| Name of the Post | No. of post | Qualification/ Eligibility | Emoluments | Remarks |
|---|---|---|---|---|
| Field Worker | 4 | Matriculation | Rs.15,000/- per month (consolidated) | Assisting in field operations/watch & Ward in 12 districts of Odisha |
| Technical Assistant | 1 | Diploma in Agriculture/ Horticulture | Rs.20,000/- per month (consolidated) | Oversee the QPM production activities at HARS & farmers' field. |
| Office Assistant | 1 | Graduate in any discipline with experience in computer application | Rs.20,000/- per month (consolidated) | Multi tasking personnel for assisting in official work, report return etc. |

The interested candidates should bring their bio-data with two passport size photographs, self attested copies of all certificates, mark sheets and experience certificates. The original certificates and proof of age need to be produced for verification at the time of interview. The candidates are to report at the office of the **Associate Director of Research, Regional Research & Technology Transfer Station, (O.U.A.T), Semiliguda on 27.07.2023 at 10AM.** No TA/DA will be paid for attending the interview.

**Sd./- Officer In Charge**
**HARS, Pottangi**

**ପୂର୍ବ ତଟ ରେଳପଥ**

Auction Catalogue No. PnU-T-KUR-23-18
ପେଠ ଏବଂ ବ୍ୟବହୃତ ଶୌଚାଳୟର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ: ବ୍ରହ୍ମପୁର (ପିଏଫ-1 ବିଶାଖାପଟନମ୍ ଏଣ୍ଡ ରେ)।

ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ : ତା 21.07.2023 ରିଖ 1100 ଘଟିକାରେ

ନିଲାମ ସମାପ୍ତି ତାରିଖ ଏବଂ ସମୟ : ତା 21.07.2023 1130 ଘଟିକାରେ

ଦ୍ରଷ୍ଟବ୍ୟ : ଏହି ଇ-ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକୀୟ ସୂଚନା ପ୍ରାପ୍ତ କରିବା ନିମନ୍ତେ, ଆଗାମୀ ଇ-ନିଲାମ ଲିଙ୍କିଂ ଟାବ୍‌କୁ ଯାଞ୍ଚ କରିବା ପାଇଁ, ଆଶାୟୀ ବିଡର ମାନଙ୍କୁ http://www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ୍

PR-338/O/23-24

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA,**
**C-71, SECTOR-7, CDA, CUTTACK, ODISHA**
**O.A. NO. 677/2022**

Punjab National Bank ............................ Applicant
-Versus-
Turriis Infratech Pvt. Ltd. and others ................. Defendants

To,
1. Turriis Infratech Pvt. Ltd. registered office at Flat No.- 301 and 302, Madhab Vihar Apartment, Cuttack road, Bomikhal, Bhubaneswar-751006, represented through its Managing Director, Chandan Mohanty,
2. Sri Chandan Mohanty, S/o- Khitendra Kumar Mohanty, Plot No. 899, near BDA store, Jharapada, Bhubaneswar, Dist- Khurda, Pin-751006.
3. Smt. Monali Mohanty, W/o- Sri Chandan Mohanty, Plot No. 899, near BDA Store, Jharapada, Bhubaneswar, Dist- Khurda, 751006
4. Smt. Arati Mohanty, D/o- Shyam Charan Mohanty, Plot No. N/3-189, IRC Village, Nayapalli, Bhubaneswar, Dist-Khurda

**SUMMON BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. **143/2023** in the court of the Debts of Recovery Tribunal, Cuttack for recovery of **Rs.3,87,99,558/- ( Rupees Three Crore Eighty Seven Lakh Ninety Nine Thousand Five Hundred Fifty Eight)** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on **24.08.2023 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this day of **05th July 2023**.

**Sd/- Registrar**
**(Nikhila Ranjan Pati)**

**FORM NO.17**
**[See Regulation 35(I)]**
**By Publication**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack - 753014**

**RC/120/2011**

**NOTICE TO SHOW CAUSE WHY A WARRANT OF ARREST SHOULD NOT BE ISSUED**

[UNDER RULE 73 OF THE SECOND SCHEDULE TO THE INCOME TAX ACT, 1961 READ WITH SECTION, 29 OF THE RECOVERY OF DEBTS & BANKRUPTCY ACT, 1993]

**PUNJAB NATIONAL BANK**
**Versus**
**MD IMTIAZ ALI**

To
**(CD1)** Md. Imtiaz Ali, S/o: Md. Saukat Ali, Prop: M/s Rain Bow Garments, Residing at: Plot No. 492/D-31/1, Gangotri Nagar, Po: Sisupal Garh, Bhubaneswar-2, Dist: Khurda.

Whereas you have failed to pay the amount of arrears specified in the **OA/217/2010** drawn up by the Presiding Officer, DEBTS RECOVERY TRIBUNAL CUTTACK for recovery of Rs. **26,10,569.00 ( Rupees Twenty Six Lakh Ten Thousand Five Hundred Sixty Nine Only)** along with future interest @12.25% p.a. with monthly rest from 08.06.2010 by you as per certificate and it is proposed to execute the above Certificate by Arrest and Imprisonment of your persons.

You are hereby required to appear before the undersigned on **04/09/2023** and to show cause why you should not be arrested and committed to the CIVIL PRISON in execution of the said certificate.

Given under my HAND and the SEAL of the Tribunal, on this date: **09/06/2023**

**Sd/- Recovery Officer**
**DEBT RECOVERY TRIBUNAL, CUTTACK**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ, ୨୦୨୩

" ସମୁଦ୍ରରେ ଜାହାଜ ବୁଡ଼ିଗଲା ବେଳେ, ଯେତେବେଳେ ମୋ ଛଡ଼ା ସମସ୍ତେ ବୁଡ଼ିମଲେ– ସେତେବେଳେ ଭଗବାନଙ୍କ କୃପାରୁ ମୁଁ କେବଳ ରକ୍ଷା ପାଇଗଲି ଏବଂ ଅନ୍ୟପକ୍ଷରେ ଏକଥା ବି ସତ ଯେ, ଜାହାଜ ଜଳମଗ୍ନ ହେଲାବେଳେ ସମସ୍ତେ ରକ୍ଷାପାଇଗଲେ । କିନ୍ତୁ ଭଗବାନ ମୋ ହାତରୁ ଶେଷ ଆଶ୍ରୟଟି ଛଡ଼ାଇ ନେଲେ ଓ ମୁଁ ବୁଡ଼ିଗଲି । ଏହା ମଧ୍ୟ ଭଗବାନଙ୍କ କୃପା ବୋଲି ଧରିବାକୁ ହେବ । **–ଶ୍ରୀଅରବିନ୍ଦ**



# ପରୀକ୍ଷାଗାରରେ ପ୍ରାଣିଜ ଉତ୍ପାଦ



ପିଟର ସିଙ୍ଗର

ଖାଦ୍ୟ ପାଇଁ ପ୍ରାଣୀ ପାଳନ କରୁଥିବା ବିଶାଳ ଶିଳ୍ପ ବିଂଶଶତାବ୍ଦୀର ଅଧିକାଂଶ ଭାଗ ପ୍ରତିଛବିଗୁଡ଼ିକୁ ରେକର୍ଡ ଏବଂ ସଂରକ୍ଷଣ କରିବାରେ ପ୍ରାଧାନ୍ୟ ବିସ୍ତାର କରିଥିବା ଶିଳ୍ପ ସହ ସମାନ ଧାରାରେ ଅଗାଉଥିଲା ବୋଲି ଯେତେବେଳେ ସ୍ପଷ୍ଟ ହେବ ସେତେବେଳେ ଆମେ ହୁଏତ ଏବକାର ୨୦୨୩କୁ ମନେପକାଇବା । ଏହା ନିଶ୍ଚିତ ଘଟିବାର ଅନେକ ସଙ୍କେତ ମିଳିଛି । କାରଣ ୨୦୨୩ରେ ପରୀକ୍ଷାଗାରରେ ମାଂସ ପ୍ରସ୍ତୁତିରେ ହୋଇଥିବା ଅଗ୍ରଗତିର ଆଭାସ ମିଳିସାରିଲାଣି । ଚଳିତ ବର୍ଷ ଏପ୍ରିଲରେ ଗାଈ କିମ୍ବା କ୍ଷୀର ଦେଉଥିବା ଅନ୍ୟ କୌଣସି ପ୍ରାଣୀଙ୍କଠାରୁ ପ୍ରସ୍ତୁତ ହେଉ ନ ଥିବା ଏକ କୃତ୍ରିମ ଡେଏରି ଉତ୍ପାଦକୁ ଇସ୍ରାଏଲର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ୱୀକୃତି ଦେଇଛି । ଏହାବାଦ୍ ଡେଏରି ଉତ୍ପାଦକ କମ୍ପାନୀ ରିମିଲ୍କ ଏକ ଅତି ଉନ୍ନତ ଡେଏରି ଫୁଡ୍ ସୃଷ୍ଟିକରୁଛି । ୪୦ ବର୍ଷ ପୂର୍ବେ ଜିନ୍‌ଟେକ୍ ପୁନଃ ସଂଯୋଜକ ଡିଏନ୍‌ଏ ଟେକ୍‌ନିକ ଦ୍ୱାରା ଡାଇବେଟିସ୍ ପାଇଁ ଇନ୍‌ସୁଲିନ ସୃଷ୍ଟି କରିପାରୁଥିବା ଜେନେଟିକାଲି ମଡିଫାଏଡ୍(ଜିଏମ୍) ବ୍ୟାକ୍ଟେରିଆ ସୃଷ୍ଟି କରିଥିଲା । ଏହା ଭଲ ଥିଲା ଏବଂ ଘୁଷୁରି ପାନ୍‌କ୍ରିୟାଜ୍‌ରୁ ପ୍ରସ୍ତୁତ ଇନ୍‌ସୁଲିନ ତୁଳନାରେ ଶସ୍ତା ମଧ୍ୟ ରହିଥିଲା । ଏହି ସମାନ ପ୍ରକ୍ରିୟାରେ ରିମିଲ୍କ ଗାଈର ଡିଏନ୍‌ଏରୁ ଏକ ଉତ୍ପାଦ ତିଆରି କରିଛନ୍ତି ଯାହା ଗାଈକ୍ଷୀର ସହ ସମାନ । ଉକ୍ତ କ୍ଷୀର କୋଲେଷ୍ଟରଲ , ଆଣ୍ଟିବାୟୋଟିକ୍ସ ଏବଂ ଗ୍ରୋଥ୍ ହର୍ମୋନରୁ ମୁକ୍ତ । ରିମିଲ୍କ ଦାବିକରେ ଯେ, ଏହି ଡେଏରି ଉତ୍ପାଦର ସ୍ୱାଦ ଓ ନିହିତ ଉପାଦାନ ପାରମ୍ପରିକ ବାସ୍ତବ ଡେଏରି ଉତ୍ପାଦ ଭଳି ଏବଂ ମୂଲ୍ୟ ବି ତାହା ସହ ସମାନ । ରିମିଲ୍କ କେବଳ ୧% ଭୂମି ଓ ୫% ପାଣି ଉପଯୋଗକରି ଏହି ଉତ୍ପାଦ ପ୍ରସ୍ତୁତ କରୁଛି ଏବଂ ଉକ୍ତ ପ୍ରକ୍ରିୟାରେ ମାତ୍ର ୪% ପ୍ରଦୂଷଣକାରୀ ତତ୍ତ୍ୱ ନିର୍ଗମନ ହେଉଛି । ତେବେ ବିଚାର କରିବା ଦରକାର , ବିନା ଗାଈରେ ଡେଏରି ଉତ୍ପାଦ ତିଆରି କରିବାରେ ନିଶ୍ଚିତ ଭାବେ ଗୋପାଳନଜନିତ ସମସ୍ୟା ଦୂରହେବା ସହ ମିଥେନ୍ ଗ୍ୟାସ୍ ନିର୍ଗମନ ହ୍ରାସ ପାଇବ ।

ଜୁନ୍‌ରେ ଏ କ୍ଷେତ୍ରରେ ଏକ ସବୁଠୁ ମହତ୍ତ୍ୱପୂର୍ଣ୍ଣ ବିକାଶ ହୋଇଛି । ଜାତିସଂଘର ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍‌ଚର ଦୁଇଟି ପୃଥକ୍ ଦରଖାସ୍ତକୁ ଅନୁମୋଦନ କରିଛି । ଇଟ୍ ଜଷ୍ଟ କମ୍ପାନୀର ଏକ ଶାଖା ଗୁଡ୍ ମିଟ୍‌ରୁ ଗୋଟିଏ ଦରଖାସ୍ତ ଆସିଥିଲାବେଳେ ଅନ୍ୟଟି ଥିଲା ଅପ୍‌ସାଇଡ୍ ଫୁଡ୍ସର । ସେମାନେ ଚିକେନ ସେଲ୍‌ରୁ ପ୍ରସ୍ତୁତ ଚିକେନ ବିକ୍ରି କରିବାକୁ ଦରଖାସ୍ତ କରିଥିଲେ । ଏପରିକି ଏହି ପ୍ରକ୍ରିୟାରେ କୌଣସି ପ୍ରାଣୀର ସମ୍ପୃକ୍ତି ନାହିଁ କି କୌଣସି କୁକୁଡ଼ା ମାରିବାକୁ ପଡ଼ିବ ନାହିଁ । ସୂଚନାଯୋଗ୍ୟ, ପ୍ରତିବର୍ଷ ମାଂସ ପାଇଁ ୭୦ ବିଲିୟନ କୁକୁଡ଼ା ମରାଯାଉଛି । ଏହି ସେଲୁଲାର ମିଟ୍ ବା କଲଚର୍ଡ ମିଟ୍ (ପ୍ରାଣୀ କୋଷରୁ ପରୀକ୍ଷାଗାରରେ ପ୍ରସ୍ତୁତ ହେଉଥିବା ମାଂସ)କୁ ସ୍ୱୀକୃତି ଦେବାରେ ଆମେରିକା ପ୍ରଥମ ନୁହେଁ, ବରଂ ୨୦୨୦ରୁ ସିଙ୍ଗାପୁରରେ ଏହା ବିକ୍ରି ହୋଇଆସୁଛି । ତେବେ ପାରମ୍ପରିକ ପଦ୍ଧତିରେ ଗୋଟିଏ ଜାଗାରେ ଅନେକ ହଜାର କୁକୁଡ଼ା ରଖି ସେମାନଙ୍କୁ ମାରି ଯେଉଁ ଚିକେନ ପ୍ରସ୍ତୁତ କରାଯାଉଛି ତାହାର ମୂଲ୍ୟ ସହ କଲଚର୍ଡ ଚିକେନ ତାଳଦେଇ ଚାଲିବାରେ ସକ୍ଷମ ହୋଇନାହିଁ । କିନ୍ତୁ ଆମେରିକାରେ ଏହାର ବଡ଼ ମାର୍କେଟ ରହିଛି ଓ ଏହା ଲୋକଙ୍କୁ ଆକର୍ଷିତ କରିପାରିଥିବାରୁ ଆଶା କରାଯାଉଛି ଏହାର କାରବାର ଅଧିକ ବଢ଼ିଲେ ମୂଲ୍ୟ ହ୍ରାସ ହେବା ସହ ଉତ୍ପାଦନ ବି ବୃଦ୍ଧିପାଇବ ।



ପରୀକ୍ଷାଗାରରେ ମାଂସ ପ୍ରସ୍ତୁତି ଓ ଏହା ଉପରେ ଗବେଷଣା କରିବା ଏକ ବିଶ୍ୱସ୍ତରୀୟ ବିଷୟ ହୋଇଯାଇଛି । ଡଚ୍ କମ୍ପାନୀ ମୋସା ମିଟ୍ ୨୦୧୩ରେ ପରୀକ୍ଷାଗାରରେ ପ୍ରଥମେ କୃତ୍ରିମ ମାଂସର ବର୍ଗର ପ୍ରଦର୍ଶିତ କରିଥିଲା ଏବଂ ଏହା ମାର୍କେଟକୁ ଆସିବାକୁ ଏକ ଦଶନ୍ଧି ଲାଗିଯିବ ବୋଲି ଆକଳନ କରିଥିଲା । ଏହି ଆକଳନ ଏବେ ଠିକ୍ ହୋଇଛି । ମୋସା ମେ'ରେ ଆଉ ଏକ ବଡ଼ ଉତ୍ପାଦନ କେନ୍ଦ୍ର ଖୋଲିବା ସହ ଖୁବ୍ ଶୀଘ୍ର ସିଙ୍ଗାପୁରରେ ଏବଂ ଏହାକୁ ସ୍ୱୀକୃତି ମିଳିଲେ ଅନ୍ୟ ମାର୍କେଟରେ ବିକ୍ରି କରିବାକୁ ଆଶା ରଖିଛି । ମେ'ର ମଧ୍ୟ ଚାଇନା ମିଟ୍ ଫୁଡ୍ କମ୍ପ୍ରେହେନ୍‌ସିଭ ରିସର୍ଚ୍ଚ ସେଣ୍ଟର ପ୍ରାଣୀ କୋଷରୁ ମାଂସ ତିଆରି ପାଇଁ ଆଗ୍ରହ ପ୍ରକାଶ କରିଥିଲା । ଏ ସମ୍ପର୍କରେ ବେଜିଂ ଟାଇମ୍ସ ପ୍ରକାଶ କରିଥିଲା ଯେ, ଏହି ସେଣ୍ଟରର ଜ୍ଞାନକୌଶଳ ଦ୍ୱାରା ପ୍ରାଣୀ ମାଂସପେଶୀ କୋଷିକାରୁ ଚିକେନ୍ ପ୍ରସ୍ତୁତ ହେଉଛି । ପ୍ରାଣୀଙ୍କ ମାଂସରେ ଥିବା ପୋଷକ ତତ୍ତ୍ୱ ଏଥିରେ ବି ରହୁଛି । ଯଦିଓ ଏ କ୍ଷେତ୍ରରେ ଗବେଷଣା ଓ ବିକାଶ କିଛି ଲକ୍ଷ୍ୟ ହାସଲ କରିଛି, ତେବେ ମାଂସ ପ୍ରସ୍ତୁତି ପାରମ୍ପରିକ ପଦ୍ଧତିକୁ ହଟାଇ ନୂଆ ପ୍ରକ୍ରିୟାକୁ ଆପଣାଇଲେ ଏହାର ଉଲ୍ଲେଖନୀୟ ପରିଣାମ ରହିବ । ମାଂସ ପାଇଁ ପ୍ରାଣୀ ପାଳନ କରିବା ଲାଗି ଅଧିକ କୃଷି ଜମି ଲାଗେ । ଏହା ସହ ଚାରଣଭୂମି ଓ ଚାରା ବଢ଼ାଇବା ଲାଗି ଜମିର ଆବଶ୍ୟକତା ପଡ଼େ । ମନେରଖିବାକୁ ହେବ ଯେ, ଏହି ପଦ୍ଧତି ଜଳବାୟୁ ପରିବର୍ତ୍ତନର ଏକପ୍ରମୁଖ କାରଣ । ମାଂସ ଓ ଡେଏରି ଉତ୍ପାଦନରେ ହୋଇଥିବା ଏବକାର ଅଗ୍ରଗତିରେ ଯଦି ଏକ ନାଟକୀୟ ପରିବର୍ତ୍ତନ ଆରମ୍ଭ ହୁଏ ତେବେ ପାରମ୍ପରିକ ମାଂସ ଉତ୍ପାଦନରେ ବ୍ୟବହାର ହେଉଥିବା ପୃଥବୀରେ ଅଧିକାଂଶ ଜମିରୁ ଲାଭ ମିଳିବ । ଏହା ବ୍ୟତୀତ କୋଷିକାରୁ କୃତ୍ରିମ ଉପାୟରେ ସିଫୁଡ୍ ତିଆରି ହେଲେ ତାହା ଲୋପ ପାଇଯାଉଥିବା ମାଛବଂଶକୁ ରକ୍ଷା କରିପାରିବ ।

ଦେଶଗୁଡ଼ିକ ସମୃଦ୍ଧ ତଥା ଧନୀ ହେଉଥିବାରୁ ସେଠାରେ ମାଂସ ଖାଇବା ବଢ଼ିବାରେ ଲାଗିଛି । ଚାଇନା ଏହାର ଏକ ପ୍ରକୃଷ୍ଟ ଉଦାହରଣ । ଏଣୁ ଚାହିଦା ପୂରଣ ଲାଗି ମାଂସ ଓ ଅନ୍ୟ ପ୍ରାଣିଜ ଉତ୍ପାଦ ଉତ୍ପାଦନର ଏକ ପ୍ରଭାବଶାଳୀ ଢାଞ୍ଚାର ବ୍ୟାପକ ଆବଶ୍ୟକତା ଅଛି । ବିଶ୍ୱରେ ଖାଦ୍ୟ, ଶକ୍ତି ଏବଂ ପରିବେଶର ନିୟାମକ ଭାଗ୍‌ଲାବ୍ ସ୍ମିଲ୍ ମତରେ, ପ୍ରାଣୀଙ୍କ ଖାଦ୍ୟ ସକାଶେ ଶସ୍ୟ ଉତ୍ପାଦନ ଉପରେ ନିର୍ଭରଶୀଳ କରିବାକୁ ପଡୁଛି । ଏହି ନିର୍ଭରଶୀଳତା ଯୋଗୁ ଚାପ ସୃଷ୍ଟି ହେଉଛି ଓ ତାହାକୁ ଏହି ସଂସ୍ଥା ୫ଟି ବର୍ଗରେ ତାଲିକାଭୁକ୍ତ କରିଛି । ଏଗୁଡ଼ିକ ମଧ୍ୟରେ ରହିଛି ଅତ୍ୟଧିକ ମୃତ୍ତିକା କ୍ଷୟକରି କେବଳ ଗୋଟିଏ ଜମିରେ ଚାରା ଚାଷ କରିବା, ଉଦ୍ଭିଦକୁ ପ୍ରାଣିଜ ଉତ୍ପାଦରେ ରୂପାନ୍ତର କରିବା ; ଅତ୍ୟଧିକ ପରିମାଣର ପଶୁ ବର୍ଜ୍ୟ ସୃଷ୍ଟି ହେବା,ଯାହା ଫସଲରେ ପର୍ଯ୍ୟାପ୍ତ ପରିମାଣର ପୁନଃ ବ୍ୟବହାରକୁ ରୋକିଥାଏ ; ଚାରା ଫସଲ ଏବଂ ପଶୁ ଶାରୀରିକ କ୍ରିୟାରୁ ଗ୍ରୀନ୍‌ହାଉସ–ଗ୍ୟାସ୍ ନିର୍ଗମନ ଏବଂ ଆବଦ୍ଧ ସ୍ଥାନରେ ରହୁଥିବା ଅତ୍ୟଧିକ ସଂଖ୍ୟକ ପଶୁଙ୍କ ଚିକିତ୍ସା ସହ ଜଡ଼ିତ ପଶୁ କଲ୍ୟାଣ ବିଷୟ । ସମସ୍ତେ ଯଦି ଉଦ୍ଭିଦଜ ଖାଦ୍ୟ ଗ୍ରହଣ କରିବେ ତେବେ ଆମେ ଏହିସବୁ ଚାପକୁ ଦୂରକରିପାରିବା । ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଏହାଦ୍ୱାରା ମହାମାରୀ ମଧ୍ୟ ହ୍ରାସ କରାଯାଇପାରିବ । ଉଦ୍ଭିଦଜ ଖାଦ୍ୟ ଖାଇବାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିଲେ ମଧ୍ୟ ଏହା ଆଡ଼କୁ ସମ୍ପୂର୍ଣ୍ଣ ଢଳିବା ନିକଟ ଭବିଷ୍ୟତରେ ସମ୍ଭବ ହେବା ଜଣାପଡୁନାହିଁ । ଏଣୁ ଏବେ ମାଂସ ଖାଉଥିବା ଲୋକମାନଙ୍କୁ ଏହା ଛାଡ଼ିବା ଲାଗି ବୁଝାଇବା ହୁଏତ ସହଜ ହେବ । ଏହାଦ୍ୱାରା ପ୍ରାଣୀପାଳନ କରି ସେମାନଙ୍କୁ ହତ୍ୟାକରିବା ଆଉ ଦରକାର ପଡ଼ିବ ନାହିଁ । ଫଳରେ ଏକ କ୍ରୂରତା, ବିଧ୍ୱଂସୀ ଏବଂ ବିପଜ୍ଜନକ ଶିଳ୍ପର ଶେଷ ଆମେ ଖୁବ୍ ଶୀଘ୍ର ଦେଖିବାର ଆଶା ପୋଷଣ କରିପାରିବା ।

**ପ୍ରାଧ୍ୟାପକ,ବାୟୋଏଥିକ୍ସ, ପ୍ରିନ୍‌ଷ୍ଟନ ବିଶ୍ୱବିଦ୍ୟାଳୟ**

## ବିଚାରରେ ବିପର୍ଯ୍ୟୟ



ଉମା ଶଙ୍କର ପ୍ରସାଦ

ସାମ୍ପ୍ରତିକ ବିଶ୍ୱରେ ଗଣତନ୍ତ୍ର ପ୍ରତି ସମସ୍ତଙ୍କର ଆଦର ରହିଛି । ରାଷ୍ଟ୍ର ଶାସନରେ ଗଣତନ୍ତ୍ର ବ୍ୟବସ୍ଥା ହିଁ ସର୍ବମାନ୍ୟ ଶାସନ ବ୍ୟବସ୍ଥା ରୂପେ ଆଦୃତ ହୋଇଛି । ଭାରତ ବିଶ୍ୱରେ ସର୍ବବୃହତ୍ ଗଣତନ୍ତ୍ର ରୂପେ ମାନ୍ୟତା ଲାଭ କରିଛି । ତେବେ ଏହି ବ୍ୟବସ୍ଥା ରାଷ୍ଟ୍ରର ସାଧାରଣ ନାଗରିକଙ୍କର ଗଣତାନ୍ତ୍ରିକ ବିଚାରବୋଧ ଉପରେ ନିର୍ଭରକରିଥାଏ । ଏହି ବିଚାରବୋଧରେ ଭାରତର ସାଧାରଣ ନାଗରିକଟିଏ କେତେଦୂର ଉଦ୍‌ବୁଦ୍ଧ, ତାହା ବିଚାରକରିବା କଥା । ଅନେକ ବିଶେଷଜ୍ଞ କହିଥାନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ରାଷ୍ଟ୍ର ଶାସନ ମୌଳିକତଃ ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କ ମତାନୁସାରେ ନିୟନ୍ତ୍ରିତ ହୋଇଥାଏ । ବେଳେ ବେଳେ ଜଣେ ବ୍ୟକ୍ତିଙ୍କ ମତ ହିଁ ମାନ୍ୟତା ଲାଭ କରିଥାଏ । ହେଲେ ଏ କଥା ମଧ୍ୟ ସତ୍ୟ ଯେ ଅନେକଙ୍କ ଇଚ୍ଛାକୃତ ଅଥବା ଅନିଚ୍ଛାକୃତ ସମର୍ଥନ ଦ୍ୱାରା ଉକ୍ତ ମତ ପରିପୁଷ୍ଟ ଲାଭ କରିଥାଏ ।

ଗଣତନ୍ତ୍ରର ସୁଳଭ କ୍ରମ ବିକାଶଧାରା କ୍ରମଶଃ ବିକଶିତ ହେବା ପରିବର୍ତ୍ତେ ନାନାବିଧ ପ୍ରତିବନ୍ଧକର ସମ୍ମୁଖୀନ ହେବା ରାଷ୍ଟ୍ରର ଚିନ୍ତାଶୀଳ ବ୍ୟକ୍ତିଙ୍କୁ ନିରାଶ କରିଦେଉଛି । ଆମ ରାଷ୍ଟ୍ରର ସଂସଦ ଓ ବିଧାନସଭା ବିଧିବିଧାନର ମନ୍ଦିର । ରାଷ୍ଟ୍ରର ସର୍ବମାନ୍ୟ ନୀତି ନିୟାମକ ସ୍ଥଳୀ, ଏଠାରେ ରାଷ୍ଟ୍ରର ବିଜ୍ଞଜନ ପ୍ରତିନିଧିମାନେ ଏକତ୍ର ଉପବିଷ୍ଟ ହୋଇଥାନ୍ତି ଏବଂ ସେମାନଙ୍କର ଉପସ୍ଥିତି ଏହାକୁ ରାଷ୍ଟ୍ରର ଅଗଣିତ ନାଗରିକଙ୍କ ବିଶ୍ୱାସଭାଜନ କରିଦେଇଥାଏ । ସାଧାରଣ ନାଗରିକଟିଏ ପାଇଁ ଏହା ଚରମ ଆଶା ଭରସାର ସ୍ଥଳୀ । ତେବେ ସାମ୍ପ୍ରତିକ ପରିସ୍ଥିତିଗୁଡ଼ିକୁ ବିଚାରକଲେ ଯେ କେହି ସମ୍ବେଦନଶୀଳ ନାଗରିକ ହୃଦୟ ବିଦାରିତ ହୁଏ । ଲଜ୍ଜା ଲାଗେ ଯେ ବିଶ୍ୱର ସର୍ବ ବୃହତ୍ ଗଣତନ୍ତ୍ରରେ ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ସଭା ଅନେକ ଦୁର୍ନୀତିପରାୟଣ, ସ୍ୱାର୍ଥାନ୍ୱେଷୀଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ଭାରତୀୟ ଗଣତନ୍ତ୍ରର ସାମ୍ପ୍ରତିକ ଅବସ୍ଥାକୁ ଲକ୍ଷ୍ୟକରି ବିଖ୍ୟାତ ଆଇନଜ୍ଞ ନନି ପାଲ୍‌ଖିୱାଲା କହିଛନ୍ତି, ଗତ କିଛି ବର୍ଷ ଧରି ଭାରତରେ ଏକ ବିଚାରହୀନ ସଂସଦ ଚାଲୁଛି । ତାଙ୍କର ଏହି ମତଟି ଅନେକ ଦୃଷ୍ଟିରୁ ଯଥାର୍ଥ ମନେହୁଏ । ବର୍ତ୍ତମାନ ଏ ଦେଶରେ ଗଣତନ୍ତ୍ର ନାମରେ ସ୍ୱେଚ୍ଛାଚାରିତା ବଢ଼ିବାରେ ଲାଗିଛି । ବର୍ଷକୁ ବର୍ଷ ଧରି ଏହି ଧାରା ବଢ଼ିବାରେ ଲାଗିଛି । ସଂସଦ ତଥା ରାଜ୍ୟଗୁଡ଼ିକର ବିଧାନସଭାର ଦୁର୍ଦ୍ଦଶାକୁ ଲକ୍ଷ୍ୟକଲେ ମନକୁ ଆସେ ଯେ ଏ ସ୍ଥଳୀ ମାନଙ୍କରେ ଗଣତନ୍ତ୍ର ନୁହେଁ, ସ୍ୱେଚ୍ଛାଚାର ହିଁ କ୍ରିୟାଶୀଳ ।

ଓଡ଼ିଶାର ଜଣେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତାଙ୍କ କାର୍ଯ୍ୟକାଳରୁ ବିଦାୟ ନେବାର ଅବ୍ୟବହିତ ପୂର୍ବରୁ ଅତି ଦରଦୀ ସ୍ୱରରେ କହିଥିଲେ, '' ମୁଁ ଧନିକର ଧନସମ୍ପଦ ସୁରକ୍ଷା ପାଇଁ ପଦାସୀନ । ଦରିଦ୍ରର କ'ଣ ଅଛି ଯେ ସେ ମୋର ସୁରକ୍ଷା ଆବଶ୍ୟକ କରିବ । ଦଦରା ହାଡ଼ ଖଣ୍ଡେ, ସାମାନ୍ୟ ଚମଡ଼ା, ଭଙ୍ଗା କୁଡ଼ିଆ, ଛିଣ୍ଡାବସ୍ତ୍ର ଖଣ୍ଡେ ତା'ର ସମ୍ପତ୍ତି । ସେତକକୁ ସେ ତା'ର ନିଜେ ସମ୍ଭାଳୁଛି । ମୋଠାରେ ତା'ର ଆବଶ୍ୟକତା କ'ଣ ?'' କେତେ ଦରଦୀ ଭାବ ଭରି ରହିଥିଲା ଏଇ କେତୋଟି ପଦରେ । ଏଥିରୁ କାଣିଚାଏ ଯଦି ଆମ ନେତୃବର୍ଗ ତଥା ପ୍ରଶାସକଙ୍କ ପାଖରେ ଥାଆନ୍ତା ତେବେ ଏ ଦେଶ ସୁନା ପାଲଟିଯାଇଥାନ୍ତା । ଏହାକୁ ବିଚାରକଲେ ଭାରି ନୈରାଶ୍ୟବୋଧ ଆସିଯାଏ ।

ଗଣମାଧ୍ୟମକୁ ସାଧାରଣ ଜନତା ଚତୁର୍ଥ ସ୍ତମ୍ଭରୂପେ ସ୍ୱୀକୃତି ଦେଇଛନ୍ତି । ପ୍ରଥମ ଦୁଇଟି ସ୍ତମ୍ଭ ଯେତେବେଳେ ନିଜ ଧର୍ମ ପାଳନ କରିବାରେ ବିଫଳ ହୋଇଥାଏ ତୃତୀୟ ସ୍ତମ୍ଭ ସେତେବେଳେ ଆଶା ଭରସାର କେନ୍ଦ୍ର ହୋଇଥାଏ । ମାତ୍ର ସେଇ ତୁଳନାରେ ଗଣମାଧ୍ୟମ ନିଜ ଦାୟିତ୍ୱ ତୁଲାଇବାରେ ସମର୍ଥ ହୋଇପାରିନାହିଁ । କୋର୍ଟ ଗୋଟିଏ ଆଦେଶ ଦେଲେ ତାହାର ପୁନର୍ବିଚାର ପାଇଁ କୋର୍ଟକୁ ନିବେଦନ କରିବା ପରିବର୍ତ୍ତେ ଶାସକ ଦଳରେ ଆସୀନ ଦଳ ନିଜର ଦଳୀୟ ବହୁମତରେ ବଳୀୟାନ ହୋଇ ଆଇନର ପରିବର୍ତ୍ତନ କରିଦେବାକୁ ପଶ୍ଚାଦ୍‌ପଦ ହେଉନାହାନ୍ତି । ଯାହାର ସଦ୍ୟ ଉଦାହରଣ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟ ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସଙ୍ଗ । ଏଥିରୁ ସ୍ପଷ୍ଟ ଅନୁମେୟ ରାଜନେତାଙ୍କ ସ୍ଥାନ ଆଇନଠାରୁ ଊର୍ଦ୍ଧ୍ୱରେ । ଭାରତୀୟ ଗଣତନ୍ତ୍ରର ଏ ଯେଉଁ ଅବକ୍ଷୟିଷ୍ଣୁ ଧାରା ଏ ରାଷ୍ଟ୍ରକୁ ଯେ ଦିନେ ରସାତଳଗାମୀ କରିଦେବ ଏଭଳି ଆଶଙ୍କା ଆସିବା ସ୍ୱାଭାବିକ । ଅତଏବ ସମୟ ଆସିଛି, ବହିର୍ବିପତ୍ତିଗୁଡ଼ିକର ମୁକାବିଲା କରିବା ସାଙ୍ଗକୁ ଆଭ୍ୟନ୍ତରୀଣ ଶୃଙ୍ଖଳା, ସୌହାର୍ଦ୍ଦ୍ୟ, ସଂହତି ପ୍ରତି ଓ ନିରାପତ୍ତା ପ୍ରତି ଅଧିକ ସଚେତନ ହେବା ଆବଶ୍ୟକ । କ୍ଷୁଦ୍ର କ୍ଷୁଦ୍ର ପ୍ରସଙ୍ଗରେ ଅଯଥା ବୌଦ୍ଧିକ ଶକ୍ତି ବ୍ୟୟ ନ କରି ବ୍ୟକ୍ତିକୈନ୍ଦ୍ରିକ କନ୍ଦଳ, ଦଳୀୟ କନ୍ଦଳକୁ ପଛରେ ପକାଇ ରାଷ୍ଟ୍ରୀୟ ବିକାଶ ଚିନ୍ତାରେ ନେତୃବର୍ଗ ଅଧିକ ଧ୍ୟାନଦେଲେ ଗଣତନ୍ତ୍ର ସୁରକ୍ଷିତ ହେବ ।

**ଖୋର୍ଦ୍ଧା, ମୋ: ୬୩୭୦୬୭୫୫୬୨**

## ଏଇ ଭାରତରେ

ବେଙ୍ଗାଲୁରୁର ଏକ ସ୍କୁଲର ବିଜ୍ଞାନ ଶିକ୍ଷକ ସି.ଏମ୍. ନାଗରାଜଙ୍କ ଅପସାଇକେଲିଂ ଚିନ୍ତାଧାରା ଅନ୍ୟମାନଙ୍କ ପାଇଁ ପ୍ରେରଣା କହିଲେ ଅତ୍ୟୁକ୍ତି ହେବନାହିଁ । ନାଗରାଜ ସ୍କୁଲରେ ବର୍ଜ୍ୟ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେ ଭାଙ୍ଗିଯାଇଥିବା ଧାତବ ଫର୍ନିଚର, ଟେବୁଲ ଓ ଚେୟାରରୁ ପ୍ରୋଜେକ୍ଟର ସ୍କ୍ରିନ, ଷ୍ଟାଫ୍‌ମାନଙ୍କ ପାଇଁ କପ୍‌ବୋର୍ଡ, ନ୍ୟୁଜ୍‌ପେପର ରିଡିଂ ଷ୍ଟାଣ୍ଡ ତିଆରି କରିଛନ୍ତି । ଏହାବ୍ୟତୀତ ସେ ପିଲାମାନଙ୍କ ଦ୍ୱାରା ସଂଗୃହୀତ କ୍ଷୀର ପାଉଚରୁ ୨୦ଟି କମ୍ପ୍ୟୁଟର କଭର ତିଆରି କରିଛନ୍ତି । ଏହି କାର୍ଯ୍ୟରେ ଟେଲର କାର୍ଯ୍ୟ କରୁଥିବା ଅଭିଭାବକମାନେ ତାଙ୍କୁ ସହଯୋଗ କରିଛନ୍ତି । ସେ ଦୁଇଟି ବାୟୋ ୱେଷ୍ଟ କନଭର୍ଟର ଏବଂ କାଗଜ ଓ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରି ରଖିବାର ବ୍ୟବସ୍ଥା କରିଛନ୍ତି । ନାଗରାଜ ନିକଟସ୍ଥ କୃଷି କ୍ଷେତରୁ ଶସ୍ୟ ବର୍ଜ୍ୟ ସଂଗ୍ରହ କରି ସେଥିରୁ ଖତ ପ୍ରସ୍ତୁତ କରି ସ୍କୁଲ ବଗିଚାରେ ଲଗାଉଛନ୍ତି । ସ୍କୁଲରୁ ମଧ୍ୟାହ୍ନଭୋଜନରେ ବାହାରୁଥିବା ବର୍ଜ୍ୟରୁ ବି ଖତ ତିଆରି କରୁଛନ୍ତି । ୬ରୁ ୮ ମାସ ମଧ୍ୟରେ ସେ ୧ ଟନ୍ ଖତ ପ୍ରସ୍ତୁତ କରିଛନ୍ତି । ବଳକା ଖତ ବିକ୍ରି କରି ସ୍କୁଲ ଉନ୍ନତି ପାଇଁ ବ୍ୟୟ କରୁଛନ୍ତି । ବର୍ଷକ ମଧ୍ୟରେ ସଂଗ୍ରହ ହୋଇଥିବା ୫୮କେଜି କାଗଜ ଓ ପ୍ଲାଷ୍ଟିକ ବର୍ଜ୍ୟକୁ ନିକଟସ୍ଥ ରିସାଇକେଲିଂ କେନ୍ଦ୍ରକୁ ପଠାଇଛନ୍ତି । କେବଳ ଏତିକି ନୁହେଁ, ସେ ସ୍କୁଲ ପରିସରରେ ଭୂତଳ ଜଳ ଚାର୍ଜ କରିବା ଲାଗି ବ୍ୟବସ୍ଥା ବି କରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଜୁଲାଇ ୧୯୯୮**

- ରାଜ୍ୟ ଜନତା ଦଳର ୪ ଜଣ ବରିଷ୍ଠ ନେତା ଶରତ କୁମାର କର, କାଳିନ୍ଦୀ ବେହେରା, ଦାମୋଦର ରାଉତ ଓ ସହରାଇ ଓରାମଙ୍କ ବିଜୁ ଜନତା ଦଳରେ ଯୋଗଦାନ ।
- ବ୍ରାଜିଲକୁ ୩–୦ ଗୋଲ୍‌ରେ ହରାଇ ଫ୍ରାନ୍ସ ପ୍ରଥମ ଥର ପାଇଁ ବିଶ୍ୱକପ୍ ଫୁଟବଲ ଚାମ୍ପିୟନ ।
- ଶ୍ରୀଲଙ୍କାର ବିମାନ ବାହିନୀ ଉତ୍ତରାଞ୍ଚଳ କିଲିନୋଚିଠାରେ ଥିବା ଏଲ୍‌ଟିଟିଇ ଗେରିଲା ବାହିନୀ ବାସସ୍ଥଳ ଉପରେ ବୋମା ବର୍ଷଣ କରିବା ଫଳରେ ୧୧ ଗେରିଲା ନିହତ ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 8 | | 9 | | 5 | |
| | | | 6 | | | 2 | | |
| | 3 | 4 | | 5 | | | | |
| | | | 5 | 1 | | | 9 | 4 |
| 8 | | | | | | | 2 | |
| | | 3 | 2 | | | | | |
| | | | | | | | | |
| | | | | 7 | | 5 | 1 | 3 |
| 9 | 7 | | | | 3 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 9 | 3 | 6 | 4 | 8 | 7 | 5 |
| 5 | 8 | 3 | 7 | 2 | 9 | 6 | 1 | 4 |
| 6 | 7 | 4 | 5 | 1 | 8 | 2 | 3 | 9 |
| 7 | 4 | 2 | 8 | 3 | 1 | 9 | 5 | 6 |
| 8 | 9 | 6 | 2 | 7 | 5 | 1 | 4 | 3 |
| 1 | 3 | 5 | 4 | 9 | 6 | 7 | 2 | 8 |
| 9 | 5 | 1 | 6 | 4 | 2 | 3 | 8 | 7 |
| 4 | 2 | 7 | 9 | 8 | 3 | 5 | 6 | 1 |
| 3 | 6 | 8 | 1 | 5 | 7 | 4 | 9 | 2 |

ଗତକାଲିର ଉତ୍ତର

# ଗୃହପତ୍ନୀଙ୍କ ମୂଲ୍ୟାୟନ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମ ପରମ୍ପରାରେ ଗୃହପତ୍ନୀ ଏକ ମହାନ୍ ଆନନ୍ଦଦାୟୀ ବ୍ୟକ୍ତିତ୍ୱ । ତହିଁରେ ପ୍ରତିଫଳିତ ହେଉଥାଏ ପତିଙ୍କ ପାଇଁ ପ୍ରେମ, ଗୁରୁଜନମାନଙ୍କ ପାଇଁ ଭକ୍ତି, ଲଘୁଜନମାନଙ୍କ ପ୍ରତି ଶ୍ରଦ୍ଧା ଏବଂ ପୁତ୍ରକନ୍ୟାଙ୍କ ପାଇଁ ସମର୍ପଣଭାବ । ଏହା ବ୍ୟତୀତ ସାମଗ୍ରିକଭାବେ ପରିବାରର ସଭିଙ୍କ ଯତ୍ନନେବାଠାରୁ ଆରମ୍ଭକରି ଏହାର ସୁପରିଚାଳନାକୁ ସେ ସହାସ୍ୟବଦନରେ ଗ୍ରହଣ କରିଥାନ୍ତି ନିଜର ପବିତ୍ର ଦାୟିତ୍ୱ ରୂପେ । ସେଥିପାଇଁ ତାଙ୍କୁ ତୁଳନା କରାଯାଏ ଲକ୍ଷ୍ମୀଦେବୀଙ୍କ ସହ ଅର୍ଥାତ୍ ସେ ହେଲେ ଗୃହଲକ୍ଷ୍ମୀ । ଏଭଳି ଜଣେ ବ୍ୟକ୍ତିତ୍ୱଙ୍କ ଆର୍ଥିକ ମୂଲ୍ୟାୟନ କଦାପି ସମ୍ଭବ ନୁହେଁ, ସେ ଅକଳନୀୟ ।

ସମୟ ବଦଳିବା ସହ ଏବେ ବଦଳିଚାଲିଛି ଆମ ମାନସିକତା । ତାହା କ୍ରମଶଃ ଅଧିକରୁ ଅଧିକ ବସ୍ତୁବାଦୀ ହେବାରେ ଲାଗିଛି । ଏଣୁ ବର୍ତ୍ତମାନ ପରିବାରର ସେହି ପୁରୁଣା ଅବବୋଧ ଆଉ ନାହିଁ । ପାରିବାରିକ ସମ୍ପର୍କ ବିଜଡ଼ିତ ହୋଇଗଲାଣି ବ୍ୟକ୍ତିଗତ ସ୍ୱାର୍ଥ ସହ । ଫଳରେ ବଦଳିଯାଇଛି ଗୃହପତ୍ନୀଙ୍କ ଭାବମୂର୍ତ୍ତି ଏବଂ ତାଙ୍କ ପ୍ରତି ଆମର ଦୃଷ୍ଟିକୋଣ । ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଆମେ ମୂଲ୍ୟାୟନ କରିବାକୁ ଲାଗିଛୁ ତାଙ୍କ ଆର୍ଥିକ ଆୟ ବିଚାରକୁ ନେଇ । ଏ ଦୃଷ୍ଟିରୁ ଜଣେ ପାରମ୍ପରିକ ଗୃହପତ୍ନୀଙ୍କ ମୂଲ୍ୟ ଶୂନ୍ୟ ବୋଲି ମନେହେବା ସ୍ୱାଭାବିକ । କାରଣ, ତାଙ୍କର ସମସ୍ତ ଉତ୍ସର୍ଗୀକୃତ କାର୍ଯ୍ୟକଳାପରୁ କୌଣସି ଆର୍ଥିକ ଆୟ ହୁଏ ନାହିଁ ।

କେବଳ ଗୃହକର୍ମରେ ସମ୍ପୂର୍ଣ୍ଣ ରୂପେ ଲିପ୍ତ ରହୁଥିବା ବିବାହିତା ମହିଳାଙ୍କୁ ସାଧାରଣତଃ ଆମେ ଗୃହପତ୍ନୀ ବୋଲି କହିଥାଉ । ଏକ ଆକଳନ (୨୦୨୧) ଅନୁସାରେ ଆମ ଦେଶରେ ବିବାହିତା ମହିଳାଙ୍କ ସଂଖ୍ୟା ପ୍ରାୟ ୧୬୦ ନିୟୁତ । ସେମାନଙ୍କ ମଧ୍ୟରୁ ମାତ୍ର ୧୦/୧୨ ନିୟୁତ ଚାକିରି କିମ୍ବା ଅନ୍ୟ କିଛି ଆର୍ଥିକ ଆୟକାରୀ କାର୍ଯ୍ୟରେ ଲିପ୍ତ ଥିବାବେଳେ ଅବଶିଷ୍ଟ ଥିଲେ ଗୃହପତ୍ନୀ । ଏମାନେ ତାଙ୍କର ପ୍ରାୟ ସମୟ ନାନାଦି ଗୃହକର୍ମରେ ଅତିବାହିତ କରୁଥିଲେ ହେଁ ସେମାନଙ୍କୁ ଆମେ ଆୟକାରୀ ରୂପେ ଗଣନା କରୁନାହୁଁ । ତେବେ, ଗଭୀର ଭାବେ ଚିନ୍ତାକଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏସବୁ କାର୍ଯ୍ୟର ମଧ୍ୟ ଅର୍ଥନୈତିକ ମୂଲ୍ୟ ରହିଛି ।

ଏ କଥା ପ୍ରଥମେ ସର୍ବସାଧାରଣଙ୍କ ମନକୁ ଛୁଇଁଥିଲା ଯେତେବେଳେ ଜଣେ ଗୃହପତ୍ନୀଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ହେଲା ପରେ ତାଙ୍କ ପରିବାରବର୍ଗ ୧୯୮୭ରେ ପଞ୍ଜାବ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମାଟିଏ ରୁଜୁ କରିଥିଲେ । ମୃତକଙ୍କ ବୟସ, ସେ ପରିବାର ପାଇଁ କରିଥିବା ସବୁପ୍ରକାର କାର୍ଯ୍ୟ ଇତ୍ୟାଦି ବିଚାରକୁ ନେଇ ନ୍ୟାୟାଳୟ ଏହି ରାଶି ୫୦ ହଜାର ଟଙ୍କାରେ ସ୍ଥିର କରିଥିଲେ । ସେହିପରି ୨୦୦୦ ମସିହାରେ ସେହି ପ୍ରକାର ଅନ୍ୟ ଏକ ମାମଲାରେ ବିହାରର ପାଟନା ଉଚ୍ଚ ନ୍ୟାୟାଳୟ ଗୃହପତ୍ନୀଙ୍କ ବୟସ, ତାଙ୍କର ସାମାଜିକ ସ୍ଥିତି, ପାରିବାରିକ ଏବଂ ସାମାଜିକ ଦାୟିତ୍ୱ ଆଦି ଆକଳନକରି ବାର୍ଷିକ କ୍ଷତିପୂରଣ ୧୬,୦୦୦ରୁ ୨୦,୦୦୦ ଟଙ୍କା ବୋଲି ନିର୍ଦ୍ଧାରଣ କଲେ । ଏହାପରେ ୨୦୨୧ ମସିହାରେ କୀର୍ତ୍ତି ବନାମ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ମାମଲାରେ ଉଚ୍ଚତମ ନ୍ୟାୟାଳୟ ଏଥିପାଇଁ କେଉଁ ସବୁ ବିଷୟ ବିଚାରକୁ ନିଆଯିବ ତାହାର ଏକ ମାର୍ଗଦର୍ଶିକା ଜାରିକଲେ । ଅତଏବ ଏହାରି ମାଧ୍ୟମରେ ମୂଲ୍ୟାୟନ ଜଣେ ଗୃହପତ୍ନୀଙ୍କ ମୂଲ୍ୟ ବୋଲି କୁହାଗଲା । ଏଥି



ଅନୁସାରେ ଏକ ନିର୍ଦ୍ଦିଷ୍ଟ ମାମଲାରେ 'ମୋଟର ଆକ୍‌ସିଡେଣ୍ଟ କ୍ଲେମସ୍ ଟ୍ରିବ୍ୟୁନାଲ' ଏ କ୍ଷତିପୂରଣ ୪୬ ଲକ୍ଷ ଟଙ୍କାରେ ସ୍ଥିର କଲାବେଳେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ତାହାକୁ ୨୨ ଲକ୍ଷକୁ ହ୍ରାସ କରିଥିଲା ।

ଇତିମଧ୍ୟରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମାନବାଧିକାର ସଂସ୍ଥା ଏବଂ ବହୁ ଅର୍ଥନୀତିଜ୍ଞ ଓ ଆଇନଜୀବୀ ଏହା ଉପରେ ଚିନ୍ତା କରିବାକୁ ଲାଗିଲେ । ସେମାନେ ଯୁକ୍ତି ବାଢ଼ିଲେ ଯେ ଗୃହପତ୍ନୀ ପ୍ରକୃତରେ ହେଉଛନ୍ତି ସମାଜର ମେରୁଦଣ୍ଡ । ଜାତିସଂଘର ଆକଳନ ଅନୁସାରେ ସାରା ବିଶ୍ୱରେ ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ ବା ଜିଡିପି)ର ପ୍ରାୟ ୩୯% ଆସିଥାଏ ସେମାନଙ୍କ ମଜୁରିବିହୀନ ଗୃହକର୍ମରୁ । ଅତଏବ ତାହା ସେହି ଅନୁସାରେ ନିର୍ଦ୍ଧାରିତ ହେବା ଉଚିତ । ଅନ୍ୟପକ୍ଷେ ନିକଟରେ (ମାର୍ଚ୍ଚ ୨୦୨୩) ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ରିପୋର୍ଟରେ ସୂଚିତ କରାଯାଇଛି ଯେ ଆମ ଦେଶରେ ଜଣେ ଗୃହପତ୍ନୀ ଦିନକୁ ହାରାହାରି ୭.୨ ଘଣ୍ଟା ଘରୋଇ କାର୍ଯ୍ୟରେ ନିୟୋଜିତ ରହନ୍ତି । ଅର୍ଥନୈତିକ ଦୃଷ୍ଟିକୋଣରୁ ଆକଳନକଲେ ଏହା ହେବ ପ୍ରାୟ ୨୨.୭ ଲକ୍ଷ କୋଟି ଟଙ୍କା (ଗ୍ରାମାଞ୍ଚଳରୁ ୧୪.୭ ଲକ୍ଷ କୋଟି ଏବଂ ସହରାଞ୍ଚଳରୁ ୮ଲକ୍ଷ କୋଟି) । ଅତଏବ ଜଣେ ଗୃହପତ୍ନୀଙ୍କ ଆର୍ଥିକ ଅବଦାନ ସେହି ଅନୁସାରେ ଆକଳନ ହେବା ଉଚିତ ।

୨୦୨୧ ଅଗଷ୍ଟ ୧୮ ସଂଖ୍ୟା 'ଇକୋନୋମିକ୍ସ' ପତ୍ରିକାର 'ଦ ଇକୋନୋମିକ୍ ଓ୍ୱର୍ଥ ଅଫ୍ ହାଉସ୍ ୱାଇଫ୍ ' ଶୀର୍ଷକ ନିବନ୍ଧରେ ତାଙ୍କର ପ୍ରତ୍ୟେକ କାର୍ଯ୍ୟର ଅଲଗା ଅଲଗା ଭାବେ ମୂଲ୍ୟାୟନ କରାଯାଇଛି । ତଦନୁଯାୟୀ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ଏହା ଭିନ୍ନ ଭିନ୍ନ–

ସହରାଞ୍ଚଳଗୁଡ଼ିକରେ ମାସକୁ ଏହା ହେଲା (୧) ପିଲାଙ୍କ ଯତ୍ନ ୧୨,୦୦୦ ଟଙ୍କା, (୨)ଘରର ଯତ୍ନ ୩୦୦୦ ଟଙ୍କା, (୩) ପରିବାରର ଆୟବ୍ୟୟର ହିସାବ, ତାହା ଖର୍ଚ୍ଚ ବରାଦ ଇତ୍ୟାଦି କାର୍ଯ୍ୟ ୪୦୦୦ ଟଙ୍କା, (୪) ପରିବାର ପାଇଁ (୩/୪ଜଣଙ୍କ) ରୋଷେଇ ୬୦୦୦ ଟଙ୍କା, (୫)ପରିବାରର ଶିଶୁ, ବୃଦ୍ଧାବୃଦ୍ଧ ଅନ୍ୟମାନେ ରୋଗାକ୍ରାନ୍ତ ହେଲେ ସେମାନଙ୍କ ସେବା ୬୦୦୦ଟଙ୍କା, (୬) ଘରେ ପିଲାମାନଙ୍କୁ ପାଠପଢ଼ାରେ ସାହାଯ୍ୟ କରିବା ୬୦୦୦ ଟଙ୍କା ଏବଂ (୭) ଗାଡ଼ିରେ ପିଲାମାନଙ୍କୁ ସ୍କୁଲକୁ ନେବା ଆଣିବା, ବଜାର ସଉଦା କିମ୍ବା ପରିବାରର ଅନ୍ୟମାନଙ୍କୁ ବଜାରକୁ ନେବା ୮୦୦୦ ଟଙ୍କା । ଅତଏବ ସମୁଦାୟ ଏହା ହେଲା ମାସିକ ୪୫,୦୦୦ ଟଙ୍କା ।

ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ତାହା ମାସିକ (୧) ପିଲାଙ୍କ ଯତ୍ନ ୬୦୦୦ଟଙ୍କା,(୨) ଘରେ ସେମାନଙ୍କୁ ପାଠପଢ଼ାରେ ସାହାଯ୍ୟ ଇତ୍ୟାଦି ୫୦୦୦ଟଙ୍କା, (୩)ରନ୍ଧନ କାର୍ଯ୍ୟ (୩/୪ଜଣଙ୍କ ପାଇଁ) ୪୦୦୦ଟଙ୍କା, (୪)ଘରର ଯତ୍ନ ଓ ଅନ୍ୟାନ୍ୟ ଘରୋଇ କାମ ୩୦୦୦ ଟଙ୍କା, (୫) ଅସୁସ୍ଥ ହୋଇଥିବା ପରିବାର ଲୋକଙ୍କ ଯତ୍ନ ୫୦୦୦ଟଙ୍କା ଏବଂ (୬) ସ୍ୱାମୀ ତଥା ଅନ୍ୟମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ ୬୦୦୦ଟଙ୍କା । ଅତଏବ ସମୁଦାୟ ତାହା ହେଲା ୨୯,୦୦୦ ଟଙ୍କା ।

ପ୍ରକୃତରେ ଏ ସବୁର ଊର୍ଦ୍ଧ୍ୱରେ ରହିଛି ଗୃହପତ୍ନୀଙ୍କର ପରିବାରବର୍ଗଙ୍କୁ ମାନସିକ ସ୍ତରରେ ସହାୟତା । ଉଦାହରଣ ସ୍ୱରୂପ ଘରେ ତାଙ୍କ ଉପସ୍ଥିତି ରୋଗୀ, ଶିଶୁ, ବୃଦ୍ଧାବୃଦ୍ଧ ଆଦିଙ୍କୁ ଅସହାୟ ମନେକରିବାକୁ ଦିଏ ନାହିଁ । ସେମାନଙ୍କୁ ସର୍ବଦା ଅନୁଭବ କରିବାକୁ ଦିଏ ଯେ ସମୟ ଅସମୟରେ ସାହାଯ୍ୟ କରିବା ପାଇଁ ତାଙ୍କ ନିକଟରେ ଜଣେ ନିର୍ଭରଯୋଗ୍ୟ ବ୍ୟକ୍ତି ରହିଛନ୍ତି । ସେହିପରି ସ୍ୱାମୀ କର୍ମକ୍ଷେତ୍ରରୁ ଏବଂ ପିଲାମାନେ ବିଦ୍ୟାଳୟରୁ ଫେରିଲା ପରେ ତାଙ୍କ ଉପସ୍ଥିତି ସେମାନଙ୍କ ମାନସିକ ଚାପ ଏବଂ ଶାରୀରିକ କ୍ଲାନ୍ତି ଦୂରକରିଥାଏ । ଏ ସବୁର ଆର୍ଥିକ ମୂଲ୍ୟାୟନ ଅସମ୍ଭବ । ଅତଏବ, ଏଥିରୁ ସ୍ପଷ୍ଟ ଯେ ଜଣେ ଗୃହପତ୍ନୀଙ୍କ ମୂଲ୍ୟ ଅକଳନୀୟ ।

**ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ: ୭୩୮ ୧୬୬୯୫୫୪**

## ଚିରନ୍ତନୀ

ଜୀବନ ଥାଉଁ କି ଭୟ ଆଉ
ହସରେ ଯେତେ ହସ
କାନ୍ଦିବାକୁ ନ କରି ତିଳେ ଲାଜ
ମରଣ ଆଗୁଁ କର ହେ ପାନ
ଜୀବନ ସୁଧାରସ
ମରଣ–ପଥ ପଥିକ ଆଜି ସାଜ !

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟାନ୍‌ମାର ସେନାର ମାନବିକ ଅଧିକାର ଉଲ୍ଲଂଘନ

ମହାଶୟ,

ମ୍ୟାନ୍‌ମାରର ସୈନ୍ୟବାହିନୀ ନିଜ ଦେଶର ଲୋକମାନଙ୍କୁ ବନ୍ଧୁକ ଗୁଳି ଦ୍ୱାରା ମାନବିକତାର ଦ୍ୱାହିଦେଇ ଯେପରି ଅତ୍ୟାଚାର କରିଚାଲିଛି ତାହା ଦେଶକୁ ଧ୍ୱଂସ ପଥକୁ ନେବ । ବିଗତ ଦିନରେ ୧୯ ନିରୀହ ବ୍ୟକ୍ତିଙ୍କୁ ମାରି ଜାଳିଦେବା ଘଟଣା ମ୍ୟାନ୍‌ମାରର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି । ଏକଥା ମ୍ୟାନ୍‌ମାର ସାମରିକ ଶାସନ ମୁଖ୍ୟ୍ ଅସ୍ୱୀକାର କରିଛନ୍ତି । ଗଣତାନ୍ତ୍ରିକ ପଦ୍ଧତିରେ ଦେଶର ନବ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରି ଏବଂ ଗଣତନ୍ତ୍ର ସପକ୍ଷବାଦୀ ସେ ଦେଶର ଲୋକପ୍ରିୟ ନେତ୍ରୀ ଅଙ୍ଗ୍ ସାନ୍ ସୁ'ଚିଙ୍କୁ ଜୀବନକାଳ ବନ୍ଦୀ କରି ରଖିବା ଦେଶ ପ୍ରଗତି ପଥରେ ଯାଉଛି ନା ଅବନତି ପଥରେ ଯାଉଛି ମ୍ୟାନ୍‌ମାର ଶାସନ ମୁଖ୍ୟ ସତ୍‌ସାହସର ସହ ଉତ୍ତର ଦେଇପାରିବେ ନାହିଁ । ମ୍ୟାନ୍‌ମାରର ସବୁ ମୁଖ୍ୟ ସେନା ନିଜ ଦେଶର ଲୋକମାନଙ୍କୁ ଯେପରି ନିର୍ଦ୍ଦୟ ମାନସିକତାରେ ହତ୍ୟାକରି ଚାଲିଛନ୍ତି ଏବଂ ରୀତିମତ ରକ୍ତନଦୀ ବୁହାଇ ଚାଲିଛନ୍ତି ଏକଥା କ'ଣ ମିଳିତ ଜାତିସଂଘ, ସମଗ୍ର ବିଶ୍ୱ ଜାଣିପାରୁନାହିଁ ? ମ୍ୟାନ୍‌ମାରରେ ସାମରିକ ଶାସନ ନ ହୋଇ ଗଣତନ୍ତ୍ର ଶାସନକୁ ପ୍ରୋତ୍ସାହନ ଦେବା ଉଚିତ ।

**–ରଞ୍ଜନ ମିଶ୍ର, ରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘କମ୍ପ୍ୟୁଟେଶନାଲ ଥିଙ୍କିଂ’ ପଢ଼ିବେ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା)

ଓଡ଼ିଶାର ୮୮୬୦ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର କମ୍ପ୍ୟୁଟେଶନାଲ ଥିଙ୍କିଂ ସମ୍ପର୍କରେ ଶିକ୍ଷାଗ୍ରହଣ କରିବେ। ଅଗଷ୍ଟରୁ ‘୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନା’ ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। କୌଶଳୀ କ୍ଲବ ମାଧ୍ୟମରେ ସପ୍ତାହକୁ ଦୁଇଥର କ୍ଲାସ ହେବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୧୦,୬୩,୬୮୦ଜଣ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଶା ରଖିଛି। ୩୦ ଘଣ୍ଟାର ଏହି ପାଠ୍ୟକ୍ରମ ଶେଷରେ ୨୫ ମାର୍କର ଆସେସ୍‌ମେଣ୍ଟ ହେବ। ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ କ୍ଲବର ଆଭିମୁଖ୍ୟ ଓ ଶିକ୍ଷାଦାନ ପ୍ରଣାଳୀ ବିଷୟରେ ତାଲିମ ଦିଆଯିବ। ଏମାନଙ୍କୁ ଟ୍ରେନିଂ ଦେବାକୁ ୩୧୪ ମାଷ୍ଟର ଟ୍ରେନରଙ୍କୁ ନିୟୋଜିତ କରାଯାଇଛି। ଗୁରୁବାରଠାରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେବ। ମୋ ସ୍କୁଲ ଅଭିଯାନ ସହଯୋଗରେ ଏହି ପାଠ୍ୟକ୍ରମ ଆରମ୍ଭ କରାଯିବ। ତେବେ ପାଠ୍ୟକ୍ରମ ବିକାଶ ପାଇଁ ବିଭାଗ ପକ୍ଷରୁ କ୍ୱେଷ୍ଟ ଆଲାଏନ୍ସ, ଲର୍ନିଂ ଲିଙ୍କ୍ ଫାଉଣ୍ଡେଶନ ଓ ରାସପବେରୀ ପି ଫାଉଣ୍ଡେଶନର ବିଶେଷଜ୍ଞଙ୍କୁ ଆମନ୍ତ୍ରିତ କରାଯାଇଥିଲା। ପ୍ରସ୍ତୁତ ଏହି ପାଠ୍ୟକ୍ରମରେ କମ୍ପ୍ୟୁଟିଂ ସିଷ୍ଟମ ଆଣ୍ଡ୍ ନେଟ୍‌ୱର୍କ, ସଫ୍ଟୱେର ଟୁଲସ୍ ଆଣ୍ଡ୍ କ୍ରିଏଟିଂ ମିଡିଆ, ଡିଜାଇନ୍ ଥିଙ୍କିଂ, ଡାଟା ଆଣ୍ଡ୍ ଇନ୍‌ଫରମେଶନ ଏବଂ କୋଡିଂ ଆଦି ସମ୍ପର୍କରେ ପିଲାମାନେ ଧାରଣା ପାଇବେ। କ୍ୱେଷ୍ଟ ଆଲାଏନ୍ସର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଏମ୍‌ଡି ଅଜିମ ଉଜ୍ ଦୌଲା କହିଛନ୍ତି, ପାଠ୍ୟକ୍ରମରେ କମ୍ପ୍ୟୁଟେଶନାଲ ଥିଙ୍କିଂ ଏକ ମୂଳ କୌଶଳ, ଯାହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମସ୍ୟା ସମାଧାନ କ୍ଷମତା ଓ ଆଲ୍‌ଗୋରିଦ୍ମିକ୍ ଚିନ୍ତାଧାରାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହା ଛାତ୍ରୀଛାତ୍ରଙ୍କୁ ଏକ ବିଂଶ ଶତାବ୍ଦୀର ଜ୍ଞାନ କୌଶଳ ପ୍ରଦାନ କରିବ। ଆମାଜନ ଫ୍ୟୁଚରର ଇଞ୍ଜିନିୟର ଅକ୍ଷୟ କଶ୍ୟପ କହିଛନ୍ତି, କମ୍ପ୍ୟୁଟେଶନ ଚିନ୍ତାଧାରାକୁ ପାଠ୍ୟକ୍ରମରେ ଯୋଡିବା ଦ୍ୱାରା ଛାତ୍ରୀଛାତ୍ର ଭବିଷ୍ୟତ ପାଇଁ କୌଶଳ ଓ ଗଭୀର ଜ୍ଞାନ ଆହରଣ କରିପାରିବେ। ଜିରାଙ୍ଗସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅନିଲ କୁମାର ଷଣ୍ଢ ଗାଣିତିକ ସମସ୍ୟାର ସମାଧାନ ତଥା ଲାଙ୍ଗୁଏଜ୍ ପ୍ରୋଗ୍ରାମିଂରେ କମ୍ପ୍ୟୁଟର ଥିଙ୍କିଂ ସହାୟକ ହୋଇଥାଏ ବୋଲି କହିଛନ୍ତି।

**ଆଜିଠାରୁ କୌଶଳୀ କ୍ଲବ୍ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଆରମ୍ଭ**

# ପ୍ରେମ ସମ୍ପର୍କରୁ ହତ୍ୟା, ୬ ଅଟକ



ସିଲେଟପଡା ଗାଁ ନିକଟ କ୍ଷେତରେ ଅଟକ ଯୁବକଙ୍କୁ ନେଇ ପୋଲିସ ତଦନ୍ତ କରୁଛି। ଇନ୍‌ସେଟ୍‌ରେ ମୃତ ରଜତ ପ୍ରଧାନ।

**ରେଳଲାଇନ୍ କଡ଼ରୁ ଯୁବକଙ୍କ ମୃତଦେହ ଜବତ ଘଟଣା**

- **ଏକ କୂଅରୁ ମିଳିଲା ମୃତକଙ୍କ ମୋବାଇଲ ଫୋନ୍**
- **ବଲାଙ୍ଗୀର ପୋଲିସ, ରେଲୱେ ପୋଲିସ ଏବଂ ଓଡ୍ରାଫ୍ ଟିମ୍‌ର ତନାଘନା**

ବଲାଙ୍ଗୀର, ୧୨।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅଇଁଲାତୁଆଁ ଗାଁର ରଜତ ପ୍ରଧାନ(୨୩)ଙ୍କ ମୃତଦେହ ବଲାଙ୍ଗୀର-ଦେଓଗାଁ ରେଳଲାଇନ୍ କଡରୁ ଗତ ଜୁନ୍ ୨୫ତାରିଖରେ ରେଲୱେ ପୋଲିସ ଜବତ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଓ ଗାଁ ଲୋକେ ଅଭିଯୋଗ କରିଆସୁଥିଲେ। ରଜତଙ୍କୁ ଅପହରଣ ପରେ ହତ୍ୟାକରି ରେଳଲାଇନ୍ କଡରେ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସଦର ଥାନା ପୋଲିସ ଓ ରେଲୱେ ପୋଲିସ ମିଳିତ ତଦନ୍ତ କରିବା ପରେ ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସମେତ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ବୁଧବାର ଅଟକ ଅଭିଯୁକ୍ତମାନଙ୍କୁ ନେଇ ପୋଲିସ ଓ ଓଡ୍ରାଫ୍ ଟିମ୍ ସଦର ଥାନା ଅନ୍ତର୍ଗତ ସିଲେଟ୍‌ପଡା ଗ୍ରାମକୁ ଯାଇଥିଲା। ସେଠାରେ ଥିବା ଏକ କୂଅରୁ ମୃତକଙ୍କ ମୋବାଇଲ ଫୋନ୍ ଏବଂ ଏହର ଅଳ୍ପ କିଛି ଦୂରରୁ ଏକ ମାରଣାସ୍ତ୍ର ଜବତ କରାଯାଇଛି। ତଦନ୍ତକାରୀ ପୋଲିସ ଘଟଣା ସମ୍ପର୍କରେ ମୁହଁ ଖୋଲି ନ ଥିବାବେଳେ ଗୁରୁବାର ଖବରଦାତା ସମ୍ମିଳନୀ କରି ସବିଶେଷ ସୂଚନା ଦେବ ବୋଲି ଜଣାପଡିଛି। ହତ୍ୟାର କାରଣ ପ୍ରେମ ସମ୍ପର୍କ ବୋଲି ଚର୍ଚ୍ଚା ହେଉଛି। ରଜତ ଯେଉଁ ଯୁବତୀଙ୍କୁ ଭଲ ପାଉଥିଲେ ତାଙ୍କୁ ସିଲେଟପଡାର ଅନ୍ୟ ଜଣେ ଯୁବକ କୁଆଡେ ଭଲ ପାଉଥିଲେ। ସିଲେଟପଡାର କେତେଜଣ ଯୁବକ ଗୋଷ୍ଠୀ ହୋଇ ରଜତଙ୍କୁ ହତ୍ୟା କରିଥିଲେ ଏବଂ ପରେ ମୃତଦେହକୁ ଖୁଜେନପାଲି ରେଳଧାରଣା ନିକଟରେ ଫିଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ ବୋଲି ଅନୁମାନ କରାଯାଉଛି।

ଗତ ଜୁନ୍ ୨୪ ତାରିଖ ସନ୍ଧ୍ୟାରୁ ରଜତ କୁଆଡେ ନିଖୋଜ ହୋଇଯାଇଥିଲେ। ଖୋଜି ନ ପାଇବା ପରେ ପରିବାର ଲୋକେ ସଦର ଥାନାରେ ଲିଖିତଭାବେ ଜଣାଇଥିଲେ। ଏଭଳିକି ତାଙ୍କୁ ଏକ ଗାଡିରେ କେତେଜଣ ଯୁବକ ଅପହରଣ କରିନେଇଥିବା ସୂଚନା ଦେଇଥିଲେ। ୨୫ ତାରିଖ ସକାଳେ ରଜତଙ୍କ ମୃତଦେହ ଖୁଜେନପାଲି ରେଳଲାଇନ୍ କଡରୁ ରେଲୱେ ପୋଲିସ ଜବତ କରିଥିଲା। ରେଲୱେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏଥିରେ ମୃତକଙ୍କ ପରିବାର ଲୋକେ ସନ୍ତୁଷ୍ଟ ହୋଇ ନ ଥିଲେ। କୌଣସି ପରିସ୍ଥିତିରେ ଏହା ଆତ୍ମହତ୍ୟା ନୁହେଁ ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଦାବିକରି ଏ ଦିଗରେ ତଦନ୍ତ କରିବାକୁ କହିଥିଲେ। ଘଟଣାର ପ୍ରାୟ ୧୫ଦିନ ପରେ ଗାଁ ନିକଟସ୍ଥ ଏକ ଗଛରେ ମୃତ ରଜତଙ୍କ ଶାର୍ଟ ଝୁଲୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ରେଲୱେ ପୋଲିସ ସିଲେଟପଡାର କେତେଜଣଙ୍କୁ ଡାକି ପଚରାଉଚରା କରିଥିଲା। ତେବେ ତଦନ୍ତ ତ୍ୱରାନ୍ୱିତ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ରଜତଙ୍କ ପରିବାର ଏବଂ ଅଇଁଲାତୁଆଁ ଗ୍ରାମବାସୀ ମଙ୍ଗଳବାର ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘଟଣାର ତଦନ୍ତଭାର ସଦର ଥାନା ଗ୍ରହଣ କରୁ ବୋଲି ଦାବି କରିଥିଲେ। ଏହାପରେ ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶରେ ମିଳିତ ଭାବେ ସଦର ଥାନା ପୋଲିସ ଏବଂ ରେଲଓ୍ୱ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବୁଧବାର ସକାଳେ ଏସଡିପିଓ ତୋଫାନ୍ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଓଡ୍ରାଫ୍ ଟିମ୍ ସିଲେଟପଡା ଯାଇଥିଲେ। ହତ୍ୟା ଘଟଣାରେ ଉପରୋକ୍ତ ୬ ଜଣଙ୍କ ସହ ଆଉ କାହାର ସମ୍ପୃକ୍ତି ଥିବା ସନ୍ଦେହକରି ପୋଲିସ ତଦନ୍ତ ଜାରି ରଖିଛି।

# ଡିଜିଟାଲ୍ ଫସଲ ସର୍ଭେର ସଫଳ ପରିଚାଳନା ଲାଗି ୧୫୦ ଜଣଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୨।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ କୃଷି ବିଭାଗ ଆନୁକୂଲ୍ୟରେ ବୁଧବାର କୃଷି ଭବନଠାରେ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ବନ୍ଧୀୟ ତାଲୁକସ୍ତରୀୟ ପ୍ରଶିକ୍ଷକମାନଙ୍କ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାକୁ କୃଷି ସଚିବ ଅରବିନ୍ଦ ପାଢ଼ୀ ଉଦ୍‌ଘାଟନ କରିଛନ୍ତି। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଡିଜିଟାଲ୍ ଫସଲ ସର୍ଭେର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। କର୍ମଶାଳାରେ ଯୋଗ ଦେଇଥିବା ପ୍ରାୟ ୧୫୦ ଜଣ ପ୍ରଶିକ୍ଷକଙ୍କୁ ଡିଜିଟାଲ୍ ଫସଲ ସର୍ଭେର ସଫଳ ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏହି ଡିଜିଟାଲ୍ ଫସଲ ସର୍ଭେ ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ଓଡ଼ିଶାର ୪ଟି ଜିଲା ସମେତ ୧୦ଟି ଚିହ୍ନଟ ରାଜ୍ୟରେ ଖରିଫ ୨୦୨୩ ପାଇଁ ପାଇଲଟ୍ ଡିଜିଟାଲ୍ ଫସଲ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରାରମ୍ଭିକ ସ୍ତରରେ ଏହି ପାଇଲଟ୍ ପ୍ରକଳ୍ପ ରାଜ୍ୟର ନୟାଗଡ଼, ଭଦ୍ରକ, ନୂଆପଡ଼ା ଏବଂ ଦେବଗଡ଼ ଜିଲାରେ ଆରମ୍ଭ କରାଯାଇଛି। ଏହି ସର୍ଭେର ଉଦ୍ଦେଶ୍ୟ ପ୍ରତ୍ୟେକ ଯାଞ୍ଚ ହୋଇଥିବା ଜମିରେ ପ୍ରତ୍ୟେକ ଫସଲ ଋତୁରେ ଚାଷ କରାଯାଇଥିବା ପ୍ଲଟସ୍ତରୀୟ ଫସଲକୁ ଆକଳନ କରିବା ଓ ଜିଓ ଟ୍ୟାଗ୍ ହୋଇଥିବା ଫଟୋଗୁଡ଼ିକର କ୍ଷେତ୍ରସ୍ତରୀୟ ପରିଦର୍ଶନ ମାଧ୍ୟମରେ ତଥ୍ୟକୁ ପ୍ରାମାଣିକ କରିବା। ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଣାଳୀରେ ଜମିର ସୀମା ଭିତରୁ ପ୍ରତ୍ୟେକ ଚାଷଜମି ପ୍ଲଟର ଫସଲ ସୂଚନା ସଂଗ୍ରହ କରିବାରେ ସକ୍ଷମ ହୋଇଥାଏ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖରିଫ ୨୦୨୩ ଋତୁରେ ରାଜ୍ୟର ୪ଟି ଜିଲାରେ ଡିଜିଟାଲ୍ ଫସଲ ସର୍ବେକ୍ଷଣର ସଫଳ ରୂପାୟନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ଏବଂ ଏହାର ଅଭିଜ୍ଞତା ଆଧାରରେ କୃଷି ବର୍ଷ ୨୦୨୪-୨୫ରୁ ସାରା ରାଜ୍ୟରେ ଡିଜିଟାଲ ସର୍ବେକ୍ଷଣ କାର୍ଯ୍ୟକାରୀ କରାଯିବ।

# ବାହୁଦାରେ ଭାସୁଛି ମଲା ମାଛ



ଚିକିଟି,୧୨।୭(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅଧୀନ ସୁନପୁର ଗ୍ରାମ ନିକଟରେ ଥିବା ବାହୁଦା ନଦୀରେ ବୁଧବାର ସକାଳେ ସହସ୍ରାଧିକ ମାଛ ମଡ଼କ ଦେଖିବାକୁ ମିଳିଛି। ନଦୀକୂଳରେ ପ୍ରାୟ ୫ କିମି ଯାଏ ଟନ ଟନ ମଲାମାଛ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ପ୍ରକାରେ, ସମୁଦ୍ରକୁ ମତ୍ସ୍ୟଜୀବୀମାନେ ଶତାଧିକ ଡଙ୍ଗାଧରି ମାଛ ମାରିବାକୁ ଯାଇଥାନ୍ତି। କୂଳକୁ ଆସିବା ପରେ ବିକ୍ରି ନ ହେବାରୁ ଏହି ମାଛକୁ ଫିଙ୍ଗିଦେଇଥିବା ସନ୍ଦେହ କରୁଛନ୍ତି। ଅପରପକ୍ଷରେ ସମୁଦ୍ରକୂଳ ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିରେ ବେଆଇନ ଚିଙ୍ଗୁଡ଼ି ଚାଷ କରି ଏହାର ବର୍ଜ୍ୟବସ୍ତୁ ନଦୀକୁ ଛଡାଯିବା ଫଳରେ ଜଳ ପ୍ରଦୂଷିତ ହୋଇ ଏହି ମାଛଗୁଡ଼ିକର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଏନେଇ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ସମୁଦ୍ରକୁ ଯାଇଥିଲେ, ଏହି ମାଛ ଆଣି ଫୋପାଡି ଦେଇଛନ୍ତି। ଉକ୍ତ ଘଟଣାର ତଦନ୍ତ କଲେ ମାଛ ମଡ଼କ ନା କୌଣସି କାରଣରୁ ବିଷାକ୍ତ ହୋଇ ମାଛ ମରିଛନ୍ତି ତାହା ଜଣାପଡିବ। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ବିଶାଖାପାଟଣା ବେଳାଭୂମିରେ ଏପରି ମାଛମଡ଼କ ଦେଖିବାକୁ ମିଳିଥିଲା। ଠିକ୍ ସେହିପରି ଦୁଇମାସ ପୂର୍ବେ ସୁନପୁର ବାହୁଦାନଦୀରେ ମାଛମଡ଼କ ଦେଖିବାକୁ ମିଳିଥିଲା।

# ପ୍ରକୃତି, ସଂସ୍କୃତି ସହ ଯୋଡ଼ିହେବାର ମଞ୍ଚ ଲୋକଉତ୍ସବ



**ରାଜଭବନରେ ଲୋକଉତ୍ସବ ଓ ଜନଜାତି କଳା ପ୍ରଦର୍ଶନ**

ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

କଳାଞ୍ଜଳିଆର୍ଟିଷ୍ଟଟ୍ରଷ୍ଟପକ୍ଷରୁରାଜ୍ୟର ବିଭିନ୍ନଅଞ୍ଚଳର ଲୋକ କଳାକାରଙ୍କୁ ନେଇ ବୁଧବାର ରାଜଭବନରେ ଲୋକଉତ୍ସବ ଓ ଜନଜାତି କଳା ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ପ୍ରକୃତି ଓ ସଂସ୍କୃତି ସହିତ ଯୋଡ଼ି ହେବାର ଅପୂର୍ବ ଆନନ୍ଦ ଏବଂ ଅନୁଭୂତିର ମଞ୍ଚ ହେଉଛି ‘ଲୋକଉତ୍ସବ। ଏହାର ପ୍ରସାର ଦିଗରେ ଗ୍ରହଣ କରାଯାଉଥିବା ପ୍ରୟାସ ସ୍ୱାଗତଯୋଗ୍ୟ। ତୃଣମୂଳ ସ୍ତରରୁ କଳାକାରଙ୍କୁ ଚିହ୍ନଟ କରି ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ କଳାର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଲୋକଉତ୍ସବ ଆୟୋଜନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଟ୍ରଷ୍ଟ କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

ରାୟଗଡ଼ା ଜିଲାର ଦୃଷ୍ଟିବାଧିତ ଲକ୍ଷ୍ମଣ ଶବରଙ୍କ କଣ୍ଠରେ ଶ୍ରୀଜଗନ୍ନାଥଙ୍କ ଭଜନରୁ ଲୋକଉତ୍ସବ ଆରମ୍ଭ ହୋଇଥିଲା। ପରେ ଗଞ୍ଜାମ ଜିଲା ନରେନ୍ଦ୍ରପୁର ଗ୍ରାମର ଗଙ୍ଗେଶ୍ୱର ଯୁଗଳ ଶଙ୍ଖ ବାଦ୍ୟ ଓ ତାଙ୍କ ଅନୁଷ୍ଠାନ କଳାକାରଙ୍କ ଶଙ୍ଖନାଦ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ଗଞ୍ଜାମ ଜିଲା ହରିପ୍ରିୟାପୁର ଗ୍ରାମର ଦେବେନ୍ଦ୍ରନାଥ ଦାଶ ଓ ସାଥୀଙ୍କ ଦାସକାଠିଆ, ପୁରୀ ଜିଲା ଖଜୁରିଆସ୍ଥିତ ନୀଳକଣ୍ଠେଶ୍ୱର ଗୋଟିପୁଅ ଗୁରୁକୁଳ ଡ୍ୟାନ୍ସ ଏକାଡେମୀ, ଗଞ୍ଜାମ ଜିଲା ଦିଗପହଣ୍ଡିର ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ, ପୁରୀ ବାସେଳି ସାହିର ମାଲଖମ୍ବ ୟୁନାଇଟେଡ୍, ବ୍ରହ୍ମପୁର ସ୍କେଟିଙ୍ଗ୍ ଏକାଡେମୀ, ଭୁବନେଶ୍ୱର, ସମ୍ବଲପୁରର ଆଦିବାସୀ ଓ ଲୋକକଳା ସେଣ୍ଟର, ଖୋର୍ଦ୍ଧା ଜିଲା ସାଗୁଆନ୍ ବଗିଚାସ୍ଥିତ କଳିଙ୍ଗ ପାଇକ କ୍ରିଏଶନ୍, ଓଡ଼ିଶା ସାମରିକ କଳା, ଗଞ୍ଜାମ ଜିଲାର ଶ୍ରୀ କାଳେଶ୍ୱର ରଣପା ନୃତ୍ୟ, କନ୍ଧମାଳ ଜିଲାର ମା’ସୁବର୍ଣ୍ଣଗିରି ଆଦିବାସୀ ଲୋକକଳା ସାଂସ୍କୃତିକ ସଂଘ, ରାୟଗଡ଼ାସ୍ଥିତ ଗାୟତ୍ରୀ କଳା ସଂଗଠନ ଓ ବରଗଡ଼ର କଳାଜୀବୀ କଳା ଅନୁଷ୍ଠାନର କଳାକାରମାନେ ଲୋକକଳା, ପାରମ୍ପରିକ ସାମରିକ କଳା ଓ ଜନଜାତି କଳା ପ୍ରଦର୍ଶନ କରିଥିଲେ। କଳାକାରଙ୍କ ଆକର୍ଷଣୀୟ କଳା ନୈପୁଣ୍ୟରେ ରାଜ୍ୟପାଳଙ୍କ ସମେତ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଭିଭୂତ ହୋଇଯାଇଥିଲେ। ରାଜ୍ୟପାଳ ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦଙ୍କ ସହିତ କଳା ପ୍ରଦର୍ଶନ କରିଥିବା ସମସ୍ତ ଅନୁଷ୍ଠାନ ଓ କଳାକେନ୍ଦ୍ରକୁ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୪୬ | **ବିଜ୍ଞାପନ** | ତା:୦୩।୦୭।୨୦୨୩

No. CAD-1236: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ରଙ୍ଗାଦେବୀ ସାହୁ<br>ସ୍ୱା.: ୰ରଘୁନାଥ ସାହୁ<br>ସା/ପୋ.: ବାଲିଛାଇ<br>ଥା.: ପୁରୋଷୋତ୍ତମପୁର<br>ଜି.: ଗଞ୍ଜାମ | ଘର ନଂ.– ଏଫ୍.ଏଲ୍–୧୫୬<br>**(FL - 156)**<br>ବାସନ୍ତୀ କଲୋନୀ,<br>ଫେଜ୍ – ୪, ରାଉରକେଲା,<br>ଜିଲ୍ଲା: ସୁନ୍ଦରଗଡ଼ | ୧. ପ୍ରଭାତୀ ପ୍ରଧାନ (ବି. ଝିଅ)<br>୨. ରମେଶ ଚନ୍ଦ୍ର ସାହୁ (ବି. ପୁଅ)<br>୩. ସରସ୍ୱତୀ ପ୍ରଧାନ (ବି. ଝିଅ)<br>୪. ହେମଲତା ସାହୁ (ବି. ଝିଅ)<br>୫. ସ୍ମୃତି ରଞ୍ଜନ ସାହୁ (ନାତି)<br>୬. ଦୀପ୍ତି ରଞ୍ଜନ ସାହୁ (ନାତି) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0228/2324



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.07.2023 – 141st & 142nd E-auction)**
**IRON ORE CLO & FINES**

**No.CAD-1256:** The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block – A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida ‘C’ Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M on 19.07.2023.

For details, please visit the website of MSTC i.e. www.mstcecommerce.com

OIPR-30005/11/0078/2324 — GENERAL MANAGER (S&M)



**Government of Odisha “e” Procurement Notice**
**WORKS DEPARTMENT**
No. B-471
Bid Identification No. C.C.E.K.C., Keonjhar No. 13/2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 3408 — Dt. 10.07.2023

1. Name of the Work : Improvement of Talsara - Luhakera road from 0/000 Km. to 12/795 Km. in the district of Sundargarh under State Plan for the year 2023-24.
2. Estimated Cost : Rs.479.27 lakhs
3. Class of Contractor : “A” Class
4. Period of Completion : 09 (Nine) Calendar Months
5. Date and time of availability of Bid document in the Portal : From 11.30 hours of 20.07.2023 to 16.00 hours of 04.08.2023
6. Last date/time for receipt of bids in the Portal : 16.00 hours of 04.08.2023
7. Date of Opening of Bid from Portal : 11.30 hours on 05.08.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal “http://tendersodisha.gov.in”.

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0025/2324



**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.III, BHUBANESWAR**
No.B-470:
bbsrrandb03@yahoo.com
60Estg.No.-4718 — Date:10.7.2023
Government of Odisha “e”-Procurement Notice No (02) of 2023-24
Bid Identification No: - C.C. (R&B) 03

| | |
|---|---|
| Name of the Work | Road Work |
| Total No. of Works | 1 No. Work |
| Estimated Cost | Rs.83,12,900.00 |
| Class of Contractor | “B” Class Contractor |
| Period of Completion | 2 (Two) Calendar Months |
| Type of Tender | Double Cover System (Online) |
| Date & Time of availability of bid document in the Portal | From 15.07.2023 at 1.30 P.M. to 26.07.2023 upto 5.30 PM |
| Last Date & Time for Receipt of bids in the Portal | 26.07.2023 upto 5.30 PM |
| Name & Address of the Officer Inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No.III, Bhubaneswar |

Further details can be seen from the e-procurement portal https://tendersorissa.gov.in.
N.B.: Subsequent corrigendum/addendum if required shall be available in the website as indicated above.

Sd./-Superintending Engineer
BBSR (R&B) Division No.III, BBSR
OIPR-34089/11/0010/2324



See Career Appointment on every Wednesday & Saturday



**ODISHA CONSTRUCTION CORPORATION LIMITED**
(A Govt. of Odisha Undertaking)
No. CAD-1246 Unit - VIII, Bhubaneswar, e-mail: theoccltd@odishaconstruction.com
GSTIN - 21AAACO2571K2ZM

**e-Procurement Notice No. 17/OCCL/2023-24 (Online)**

Name of Work : Instrumentation Works of Ghatakeswar Multipurpose Project.
Total No. of Works : 01 (One) No.
Period of Completion : 06 (Six) Calendar Months

| Bid Identification No. | Amount put to Tender (Approx.) (Rs. in Lakhs) | Bid Security (through Online transfer) (In Rs.) | Availability of Tender (Online) | Submission of Tender (Online) |
|---|---|---|---|---|
| OCCL-GMP/01/2023-24 | 197.93 Lakhs | 1.98 Lakhs | 13.07.2023, 3.30 P.M. to 24.07.2023, 5.30 P.M. | 13.07.2023, 3.30 P.M. to 24.07.2023, 5.30 P.M. |

Procurement Officer - Managing Director, OCC Ltd., Bhubaneswar
Date of Opening of the Technical Bid: 25.07.2023, 12.00 Noon
Further detail can be seen from the Govt. website (www.tendersodisha.gov.in).
OIPR-34120/11/0022/2324 — Sd./- Managing Director



**GOVERNMENT OF ODISHA** — No. O-367
**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**
No.3246 / Date: 11.07.2023
**“e” PROCUREMENT NOTICE FOR COMPOSITE BUILDING WORKS**

| | | |
|---|---|---|
| 1. | Name of the Work | Building Works (Multipurpose Hall) |
| 2. | Total No. of Works | 07 Nos. of Multipurpose Halls |
| 3. | Estimated Cost of the Work | Varies from Rs.310.00 lakhs to Rs.679.86 lakhs |
| 4. | Class of Contractor | |
| | a) Estimated cost more than Rs.1.00 Crore upto Rs.20.00 Crores | **A Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.6.00 Crores upto Rs.50.00 Crores | **Special Class** (of Odisha PWD) or relevant Class of other licensing authorities |
| 5. | Period of Completion | As mentioned in Column - 7 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.21 of 2023 | 15.07.2023 at 11.00 A.M. | 31.07.2023 upto 5.00 P.M. | 01.08.2023 at 11.00 A.M. | To be intimated later on |

Further details can be seen from the website: www.tendersodisha.gov.in.
Sd./- Chief Construction Engineer,
Central Rural Works Circle, Bhubaneswar
OIPR-25082/11/0010/2324



**PRADHAN MANTRI GRAM SADAK YOJANA (PMGSY)**
**e-Procurement Notice**
Letter No. 2332 — Dt.11.07.2023

No. O-365: The Chief Construction Engineer, R.W. Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for construction of Bridges under Pradhan Mantri Gram Sadak Yojana in the districts of Cuttack for 02 (Two) number of packages with estimated cost totaling to Rs.5.73 Cr. including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract. Date of release of invitation for Bids through e-procurement Dtd.18.07.2023.

Availability of Bid documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original bid security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.C.E., R.W. Circle, Cuttack on a date not later than three working days after the opening of technical qualification part of the Bid, either by Registered Post or by hand, failing which the bids shall be declared non-responsive.

Summary for key dates is provided below:

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RWC-11/23 | 18.07.2023 at 10.30 A.M. | 01.08.2023 to 5.00 P.M. | 31.07.2023 upto 5.00 P.M. | 02.08.2023 at 10.30 A.M. | Will be Intimated later on |

Date of Submission of original documents such as Original Bid Security, Cost of Bid Document and Affidavit: Dt.02.08.2023 at 11.00 A.M. to 04.08.2023 at 05.00 P.M.
Further details can be seen from the website www.pmgsytenders.gov.in.

Sd./- Chief Construction Engineer
Rural Works Circle, Cuttack
OIPR-25097/11/0011/2324

## ସଂକ୍ଷେପରେ

### ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଖପ୍ରାଖୋଲ,୧୨।୭(ଅଭୟ ତ୍ରିପାଠୀ):** ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରୁଥିବା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଲବାଞ୍ଜି ଗାଁର ଦାଦନ ଶ୍ରମିକ ରାମକୃଷ୍ଣ ଧରୁଆ (୨୧)ଙ୍କ ବୁଧବାର ମୃତ୍ୟୁ ଘଟିଛି। ପେଟପାଟଣା ପାଇଁ ସେ ଆନ୍ଧ୍ରପ୍ରଦେଶ କାମ କରିବାକୁ ଯାଇଥିଲେ। କାମକୁ ନେଇଥିବା ଦଲାଲ ରାମକୃଷ୍ଣ ଅସୁସ୍ଥ ଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏଥିପାଇଁ ସେମାନଙ୍କୁ କଣ୍ଟାବାଞ୍ଜି ଡାକିଥିବା ମୃତକଙ୍କ ପରିବାର ତରଫରୁ କୁହାଯାଇଛି। ମୃତଦେହ ଗାଁକୁ ଫେରାଇ ଆଣିବାକୁ ସମ୍ପର୍କୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ୟୁସିସି ପ୍ରତ୍ୟାହାର କର, ଆଦିବାସୀ ସଂଘର ଦାବିପତ୍ର

**ଦେଓଗାଁ,୧୨।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ତରଫରୁ ୟୁସିସି ପ୍ରତ୍ୟାହାର ଦାବି ନେଇ ବ୍ଲକ ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ଲକ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇ, ସମ୍ମାନୀତ ଅତିଥି ସଇଁତଳା ବ୍ଲକ ସଭାପତି ସନ୍ତୋଷ ପୁଟା, ସମ୍ପାଦକ ଟଙ୍କଧର ଧରୁଆ, ଆଗଲପୁର ବ୍ଲକ ସଭାପତି ଭୁବନେଶ୍ୱର ଧରୁଆ , ସ୍ଥାନୀୟ ବ୍ଲକ ଉପଦେଷ୍ଟା ହେମସାଗର ଭୋଇ ଓ ବିଂଝାଲ ସମାଜ ଦେଓଗାଁ ବ୍ଲକ ସଭାପତି ମଦନ ବରିହା ପ୍ରମୁଖ ଯୋଗଦେଇ ୟୁସିସି ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଥିଲେ । ଏବିଡିଓ ପୁଷ୍ପାଞ୍ଜଳି ନାୟକଙ୍କୁ ସଂଘ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

### ହିତାଧିକାରୀଙ୍କୁ ପରାମର୍ଶ, ଶୀଘ୍ର ଘର କାମ ସାର

**ଟିଟିଲାଗଡ଼,୧୨।୭(ଶରତ ମିଶ୍ର):** ଓଡ଼ିଶା ଅର୍ବାନ ହାଉସିଂ ମିଶନ (ଓୟୁଏଚଏମ)ର ଟିମ୍ ଲିଡର ପାର୍ଥ ସାରଥୀ ସାହୁ, ଏବଂ ବଲାଙ୍ଗୀର ଡିଷ୍ଟ୍ରିକ୍ଟ ଅରବାନ ଡେଭଲପମେଣ୍ଟ ଏଜେନ୍ସି(ଡୁଡା)ର ସନ୍ତୋଷ କୁମାର ସେଠ ବୁଧବାର ବଲାଙ୍ଗୀର ଜିଲା ଟିଟିଲାଗଡ ଗସ୍ତରେ ଆସିଥିଲେ। ପୌର ପରିଷଦ କାର୍ଯ୍ୟାଳୟରେ ପୌର ନିର୍ବାହୀ ବିପିନ ବିହାରୀ ଦୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସେମାନେ ଯୋଗ ଦେଇଥିଲେ। ସହରାଞ୍ଚଳ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ଘର କରୁଥିବା ଅବା ଘର କାମ ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କୁ କାମ ଶୀଘ୍ର ଶେଷ କରିବା ନେଇ ସେମାନେ ପରାମର୍ଶ ଦେଇଥିଲେ। ଏହି ଆଲୋଚନାରେ ପୌର ପରିଷଦ ଅଧକ୍ଷା ମମତାଦେବୀ ଜୈନ, ଉପାଧକ୍ଷା ପୁଷ୍ପମଞ୍ଜରୀ ଜାଲ, ସମସ୍ତ କାଉନସିଲର, ନୋଡାଲ ଅଫିସର ଇଞ୍ଜିନିୟର ନୀଳକଣ୍ଠ କିଷାନ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ସମସ୍ତେ ଘର କାମ ତଦାରଖ ପାଇଁ ନିର୍ମାଣସ୍ଥଳ ବୁଲି ଦେଖିଥିଲେ ।

### ଜୈବିକ କୃଷି, ପ୍ରାକୃତିକ ସମ୍ବଳ ପରିଚାଳନାକୁ ଗୁରୁତ୍ୱ

**ଖପ୍ରାଖୋଲ,୧୨।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଏଫଇଏସ, କୃଷିବିଭାଗ ଓ ଓଏଲଏମର ମିଳିତ ଉଦ୍ୟମରେ ନିରନ୍ତର କୃଷି ସମ୍ପର୍କିତ ଅନୁଭୂତି ସଙ୍କଳନ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଏଫଇଏସ ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ରଜେଶ୍ୱରୀ ଭୋଇ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆ, ଓ ଏଲଏମବିଏଲସି ପ୍ରଶାନ୍ତ କୁମାର ନନ୍ଦ ଯୋଗଦେଇଥିଲେ। ପ୍ରଥମେ ବୃକ୍ଷ ପୂଜା ସହ କର୍ମଶାଳା ଆରମ୍ଭ ହୋଇଥିଲା। କର୍ମଶାଳାରେ ନିରନ୍ତର କୃଷି ପଦ୍ଧତି, ଜୈବିକ କୃଷି, ପ୍ରାକୃତିକ ସମ୍ବଳର ପରିଚାଳନା ଉପରେ ଆଲୋଚନା ହୋଇଥିଲା। ନିରନ୍ତର କୃଷି ପଦ୍ଧତି ଦ୍ୱାରା ଚାଷୀ କିଭଳି ରୋଗ ପୋକ ନିୟନ୍ତ୍ରଣ ହୋଇପାରୁଛି ସେନେଇ ନିଜ ଅଭିଜ୍ଞତା ଉପସ୍ଥାପନ କରିଥିଲେ। କର୍ମଶାଳାରେ ଏମବିକେ, କୃଷକ ସାଥି, କୃଷିମିତ୍ର, ଜିଆରଏସ, ସିଆର୍‌ପି, ଜୈବିକ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ। ଥବିର ଧରୁଆ, ଲୌକିକ ଧରୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାଇସ୍କୁଲ ରୂପାନ୍ତରଣ କାମକୁ ବିରୋଧ

**ଲୋଇସିଂହା,୧୨।୭(ସୁଶାନ୍ତ ବାରିକ)**



ରୂପାନ୍ତରଣ କାମକୁ ଗ୍ରାମର କେତେକ ବ୍ୟକ୍ତି ବିରୋଧ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ କେଉଁଟିପାଲି ଗ୍ରାମରେ ଥିବା ଆଦିବାସୀ ହରିଜନ ଉଚ୍ଚ ବିଦ୍ୟାଳୟରେ ୫-ଟି କାମକୁ ନେଇ ବିବାଦ ଦେଖାଦେଇଛି। ସ୍ଥାନୀୟ ସରପଞ୍ଚ ବିଜୁଳି ପଧାନ ଉକ୍ତ କାମ ସମ୍ପାଦନା କରୁଥିବା ଜାଣି ବୁଧବାର ଗ୍ରାମର କେତେକ ବିରୋଧ କରିଥିଲେ। କେତେକ ମହିଳା ଓ ପୁରୁଷ ସ୍କୁଲକୁ ଯାଇ କାମ ବନ୍ଦ କରିବାକୁ ଦାବି କରିଥିଲେ । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଜଣେ ଗ୍ରାମବାସୀ ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦଙ୍କୁ ତାଙ୍କ କକ୍ଷକୁ ଯାଇ ଠେଲାପେଲା କରିଥିବା ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ବିଡିଓ ଆକାଶ ରଞ୍ଜନ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ସ୍କୁଲକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

୨୦୦୩ ମସିହାରେ କେଉଁଟିପାଲିରେ ଆଦିବାସୀ ହରିଜନ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଚଳିତ ବର୍ଷ ଉକ୍ତ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ବ୍ଲକ ପ୍ରଶାସନ ଓ ବିଦ୍ୟାଳୟ ପରିଚାଳନା କମିଟି ଅନୁମୋଦନ କ୍ରମେ ସ୍ଥାନୀୟ ସରପଞ୍ଚ ଉକ୍ତ କାମ ସମ୍ପାଦନା କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨ଟି ଶ୍ରେଣୀଗୃହ ନିର୍ମାଣ ପାଇଁ ପିଲର ପାଇଁ ଗାତ ଖୋଳା ଯାଇ ମେଟାଲିଂ କାମ ଚାଲିଛି । ବୁଧବାର ପୂର୍ବାହ୍ନ ସାଢ଼େ୧୦ଟାରେ ଗ୍ରାମର କେତେକ ମହିଳା ଓ ପୁରୁଷ ସ୍କୁଲକୁ ଯାଇ କାମ କରୁଥିବା ଶ୍ରମିକଙ୍କୁ କାମ ବନ୍ଦ କରିବାକୁ କହିଥିଲେ। ଦୀର୍ଘ ବର୍ଷ ଧରି ସରପଞ୍ଚ ଥିଲେ ବି ପଞ୍ଚାୟତରୁ ସ୍କୁଲକୁ ଅନୁଦାନ ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ତେଣୁ ସରପଞ୍ଚଙ୍କୁ ୫-ଟି କାମ କରାଇ ଦିଆଯିବନାହିଁ ବୋଲି ଗ୍ରାମର ପ୍ରିୟଙ୍କା ନନ୍ଦ, ରାତୁ କୁମ୍ଭାର, ଉମେଶ ସାହୁ ପ୍ରମୁଖ କହିଥିଲେ। ପରିଚାଳନା କମିଟି କିମ୍ବା ଅନ୍ୟ କେହି କାମ କଲେ ଆମର କୌଣସି ଆପତ୍ତି

**ପ୍ରଧାନ ଶିକ୍ଷକଙ୍କୁ ଠେଲାପେଲା, ଥାନାରେ ଅଭିଯୋଗ**

ନାହିଁ ବୋଲି ସେମାନେ କହିଥିଲେ । ଏ ସମ୍ପର୍କରେ ସରପଞ୍ଚ ପଧାନ କହିଛନ୍ତି, ବ୍ଲକ ପ୍ରଶାସନ, ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଜ୍ଞାତରେ କାମ ହେଉଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କେତେକ ବ୍ୟକ୍ତି ଏପରି ପ୍ରତିବାଦ କରୁଛନ୍ତି। ଅନୁଦାନ ନଦେବା ପୂର୍ବ କଥା। ଏବେ ୫ଟିରେ ଅନୁଦାନ ଆସିଛି ଏବଂ କାମ ଆରମ୍ଭ ହୋଇଛି। ମୋ ସହ ଆଲୋଚନା ନକରି ସ୍କୁଲ ପରିସରକୁ ଯାଇ ପ୍ରଧାନଶିକ୍ଷକଙ୍କୁ ଖରାପ ବ୍ୟବହାର କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନନ୍ଦ କହିଛନ୍ତି, ବିଡିଓଙ୍କ ନିର୍ଦ୍ଦେଶରେ କାମ ହେଉଛି। ଏଣୁ ସ୍କୁଲ ସମୟରେ ପରିସରରେ ପଶି ଶାର୍ଟ କଲର ଧରି ଠେଲାପେଲା କରିବା କେତେଦୂର ଠିକ୍। ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ନୂଆ ଚାଷୀଙ୍କୁ ଋଣ ଦିଅ

**ଲାଠୋର, ୧୨।୭(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକ ଲାଠୋରରେ ରହିଛି ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏକ ଶାଖା ବ୍ୟାଙ୍କ। ହେଲେ ଏହି ବ୍ୟାଙ୍କ ନୂଆ ଚାଷୀଙ୍କୁ ଋଣ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ସମଗ୍ର ବ୍ଲକରେ ଥିବା ୭ ସେବା ସମବାୟ ସମିତ ଅଧିନ ସହସ୍ରାଧିକ ଚାଷୀ ଏହି ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି। ହେଲେ ବ୍ୟାଙ୍କ ପୁରୁଣା ଚାଷୀଙ୍କୁ ଋଣ ପ୍ରଦାନ କରୁଥିବା ବେଳେ ନୂଆ ଚାଷୀଙ୍କୁ ଋଣ ଦେବାକୁ ଅମଙ୍ଗ ହେଉଛି। ଋଣ ପ୍ରଦାନ କରିବ କହି ସମୟ ଗଡାଉଛି। ଚାଷୀ ମାନେ ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ଅଯଥାରେ ହଇରାଣ ହରକତ ହେବା ସହ ଚାଷ କରିପାରୁ ନାହାନ୍ତି। ଶାଖା ପରିଚାଳକ କିଶୋର ପୁଟେଲଙ୍କୁ ପଚାରିଲେ ଜିଲା ଶାଖା ଆମକୁ ଆବଶ୍ୟକ ମୁତାବକ ଟଙ୍କା ପ୍ରଦାନ ନ କରି ଯେଉଁ ପୁରୁଣା ଚାଷୀ ଋଣ ନେଇଛନ୍ତି ତାଙ୍କଠାରୁ ଋଣ ଟଙ୍କା ଅସୁଲି କରି ନୂଆ ଚାଷୀଙ୍କୁ ଋଣ ପ୍ରଦାନ କର ବୋଲି କହୁଛନ୍ତି। ହେଲେ ଋଣ ଅସୁଲ ଦାୟିତ୍ୱରେ ଥିବା ସେବା ସମବାୟ ସମିତିମାନେ ଠିକ ସମୟରେ ଆମକୁ ଋଣ ଟଙ୍କା ପଇଠ କରିପାରୁ ନାହାନ୍ତି। ଫଳରେ ଆମେ ନୂଆ ଚାଷୀଙ୍କୁ ଋଣ ଦେବାରେ ବାଧା ସୃଷ୍ଟି ହେଉଛି ବୋଲି କହୁଛନ୍ତି। ସେହିପରି ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ଦାସଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୩୨୧୨୫୧ ରେ ଯୋଗାଯୋଗ କଲେ ସେ ରିସିଭ କରୁ ନଥିବା ଯୋଗୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ବର୍ତ୍ତମାନ ଚାଷ ସମୟ । ଏହି ସମୟରେ ଋଣ ପ୍ରଦାନ ନକଲେ ଚାଷ ବାଧାପ୍ରାପ୍ତ ହେବ। ଠିକ ସମୟରେ ଚାଷୀଙ୍କୁ ଋଣ ପ୍ରଦାନ ନକରେ ୭ ସେବା ସମବାୟ ସମିତିର ସଭାପତିମାନେ ଚାଷୀଙ୍କୁ ଧରି ବ୍ୟାଙ୍କରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଲାଠୋର ସେବା ସମବାୟ ସମିତି ସଭାପତି ଈଶ୍ୱର ଖର୍ସେଲ କହିଛନ୍ତି।

# ଅଧିକ ପରିସୀମାରୁ ବାଲି ଉଠାଣ ଅଭିଯୋଗ

**ଲୋଇସିଂହା,୧୨।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ତହସିଲ କୁଟାସିଂହା ପଞ୍ଚାୟତ ଅନ୍ତର୍ଗତ କୁଟାସିଂହା ଓ ଡେଙ୍ଗୁଲି ଗାଁ ସୀମାନ୍ତ ଅଙ୍ଗନଦୀ ବାଲିଘାଟରୁ ଧାର୍ଯ୍ୟଠାରୁ ଅଧିକ ପରିସୀମାରୁ ଅଧିକ ପରିମାଣରେ ବାଲି ଉଠାଣ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତହସିଲ ପକ୍ଷରୁ ଉଭୟ ଗାଁର ସୀମାରେ ଥିବା ଅଙ୍ଗନଦୀ ଘାଟରୁ ବାଲି ଉଠାଣ ପାଇଁ ୨ଜଣଙ୍କୁ ଲିଜ ପ୍ରଦାନ କରାଯାଇଛି। ମେଶିନରେ ନଦୀଶଯ୍ୟାରୁ ଅଧିକ ଆକାରରେ ବାଲି ଉଠାଇ ହାଇୱାରେ କ୍ଷମତାଠାରୁ ଅଧିକ ବାଲି ଉଠାଣ କରାଯାଉଛି। ଏଥିଯୋଗୁ ଘାଟ ଓ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। ଆବଶ୍ୟକ ରକ୍ଷଣାବେକ୍ଷଣ କରଯାଉ ନ ଥିବାରୁ ବର୍ଷା ଦିନେ ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସାଲେଭଟା ରାଜସ୍ୱ ନିରୀକ୍ଷକ ମନୋଜ ଗହିରଙ୍କୁ ପଚାରିବାରୁ ନଦୀରେ ପାଣି ଆସିବାରୁ ଉଠାଣ ସ୍ଥାନ ବାଲିରେ ପୋତି ହୋଇଯାଇଛି। ତେଣୁ ଅଧିକ ଗାତ ଓ ପରିସୀମାରୁ ବାଲି ଉଠାଣ ହୋଇଥିବା ଅଭିଯୋଗର ଆକଳନ କରାଯାଇପାରିବ ନାହିଁ। ଅଭିଯୋଗ ଉପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବି ବୋଲି ସେ କହିଛନ୍ତି।

# ଶିକ୍ଷକ ଅଭାବ, ସ୍କୁଲରେ ତାଲା ପକାଇଲେ ଅଭିଭାବକ



ସ୍କୁଲ କମିଟି ଓ ଅଭିଭାବକମାନେ ଧାରଣା ଦେଇଛନ୍ତି ।

**ଦେଓଗାଁ,୧୨।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

- ଆଠ ଶ୍ରେଣୀକୁ ଜଣେ ଶିକ୍ଷକ
- ଶିକ୍ଷକ ନିଯୁକ୍ତି ହେବା ଯାଏ ପାଠ ପଢ଼ାଇବେ ସିଆରସିସି

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅଭାବଜନିତ ସମସ୍ୟା ଦେଇ ଗତି କରୁଛି। ଦାବି କଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଶିକ୍ଷକ ନିଯୁକ୍ତ ଦାବି ନେଇ ଅଭିଭାବକ ଓ ଗ୍ରାମବାସୀ ବୁଧବାର ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ପୂର୍ବାହ୍ନ ୧୦ଟାରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସ୍କୁଲ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକ ବିଦ୍ୟାଧର ପୁଟା ଓ ସହକାରୀ ଶିକ୍ଷୟିତ୍ରୀ ସିପାଞ୍ଜଳି ସାହୁ କାର୍ଯ୍ୟରତ ଅଛନ୍ତି। କିଛି ଦିନ ହେଲା ଶିକ୍ଷୟିତ୍ରୀ ସାହୁ ମେଟରନିଟି ଲିଭରେ ରହିଛନ୍ତି। ଫଳରେ ଆଠଟି ଶ୍ରେଣୀକୁ ଏବେ କେବଳ ଜଣେ ଶିକ୍ଷକ ରହିଛନ୍ତି। ଶିକ୍ଷକ ସମସ୍ୟାକୁ ନେଇ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ଶିକ୍ଷା ବିଭାଗକୁ ଅବଗତ ପରେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଶେଷରେ ଅଭିଭାବକମାନେ ସ୍କୁଲରେ ତାଲା ଦେଇଥିଲେ। ସ୍ଥାନୀୟ ସିଆରସିସି ସପ୍ନେ ମେହେର ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ଯୋଗଦେବା ପର୍ଯ୍ୟନ୍ତ ମୁଁ ନିଜେ ପ୍ରତ୍ୟହ ଆସି ପାଠ ପଢାଇବି ବୋଲି ନିର୍ଭର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେହିପରି ମୁକୁନ୍ଦପୁର ପଞ୍ଚାୟତ ରୁଗୁଡ଼ିପାଲିରେ ପ୍ରଧାନଶିକ୍ଷକ ଲକ୍ଷ୍ମଣ ପଧାନଙ୍କ ଅବସର ପରେ ଉକ୍ତ ପଦବୀ ଖାଲି ପଡିଛି। ଶୀଘ୍ର ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ସ୍କୁଲରେ ତାଲା ଦେଇ ଆନ୍ଦୋଳନ କରିବୁ ବୋଲି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ଚେତାବନୀ ଦେଇଛନ୍ତି।

# ରାଜସ୍ୱ ନିରୀକ୍ଷକ ଅଫିସ ଆସୁ ନ ଥିବା ଅଭିଯୋଗ

**ଦେଓଗାଁ,୧୨।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ରାଜସ୍ୱ ନିରୀକ୍ଷକ ଅଫିସକୁ ନିୟମିତ ରାଜସ୍ୱ ନିରୀକ୍ଷକ(ଆର.ଆଇ.) ଆସୁ ନ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ରାଜସ୍ୱ ପ୍ରଶାସନ ଉପରେ ନିର୍ଭର କରୁଥିବା ଲୋକେ ହଇରାଣ ହେଉଛନ୍ତି। ଶିକ୍ଷା ପାଇଁ ଆବଶ୍ୟକ ହେଉଥିବା ପ୍ରମାଣ ପତ୍ର ପାଇବାରେ ବିଳମ୍ବରେ ଛାତ୍ରୀଛାତ୍ର ପଡୁଥିବା ବହୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଧଣ୍ଡାମାଲରେ ନୂତନ ରାଜସ୍ୱ କାର୍ଯ୍ୟାଳୟ ଖୋଲିଲେ। ଅଧିର ନାଏକଙ୍କୁ ଆର.ଆଇ.ଦାୟିତ୍ୱ ଦିଆଯାଇଛି। ସେ ବର୍ତ୍ତମାନ ବଡବନ୍ଧ ଓ ଧଣ୍ଡାମାଲ ରାଜସ୍ୱ ନିରୀକ୍ଷକ ଅଫିସର ଆର.ଆଇ ଦାୟିତ୍ୱରେ ଅଛନ୍ତି। ଗତ ଦୁଇ ମାସ ଭିତରେ ଧଣ୍ଡାମାଲ ଆର.ଆଇ ଅଫିସକୁ ତିନିରୁ ଚାରିଦିନ କେବଳ ଯାଇଥିବାବେଳେ ଏବେ ଆର.ଆଇ ନାଏକଙ୍କ ଦେଖାନାହିଁ। ଏପରିକି ଜନସାଧାରଣ ଫୋନ କଲେ ସେ ଉଠାଉନାହାନ୍ତି। ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ପଚାରିବାରୁ ସମ୍ପୃକ୍ତ ଆର.ଆଇ ଦୁଇଟି ସର୍କଲ ଦାୟିତ୍ୱରେ ରହିଛନ୍ତି। ଯଦି ଧଣ୍ଡାମାଲ ପ୍ରତି ଅବହେଳା ହେଉଛି ମୁଁ ତଦନ୍ତ କରି ପଦକ୍ଷେପ ନେବି ବୋଲି କହିଥିଲେ।

# ବୁଢ଼ିବାହାଲରେ ଭାଜପା କର୍ମୀ ସମାବେଶ



ସମାବେଶରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

**ଖପ୍ରାଖୋଲ, ୧୨।୭(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ିବାହାଲ କଲ୍ୟାଣ ମଣ୍ଡପରେ ଭାଜପାର ବ୍ଲକସ୍ତରୀୟ କର୍ମୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଜିଲା ସଭାପତି ଶିବାଜୀ ମହାନ୍ତି, ନାରୀନେତ୍ରୀ ପାୟଲ ଅଗ୍ରୱାଲ, ସନ୍ତୋଷିନୀ ବରିହା, ଶଶି ପୂଝାରୀ, ଉପେନ୍ଦ୍ର ଭୋଇ, ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଦଳୀୟ ନେତୃବୃନ୍ଦ ଆଲୋକପାତ କରିଥିଲେ। ଏହି ଅବସରରେ ବିଜେଡି ଛାଡ଼ି ବିଧାୟକ ସରୋଜ ମେହେରଙ୍କ ପୂର୍ବତନ ନୋମିନି ପଞ୍ଚୁଦେବ ସାହୁ ଓ ତାଙ୍କର ଶତାଧିକ ସମର୍ଥକ ଭାଜପାରେ ସାମିଲ ହୋଇଥିଲେ। ସେହିପରି କରୁଆଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଳନ୍ଧର ଭୋଇ, ଭାନପୁରର ପୂର୍ବତନ ସରପଞ୍ଚ ତ୍ରିନାଥ ବାରିକ, ପ୍ରଦୀପ ପଧାନଙ୍କ ସମେତ ଶତାଧିକ ବିଜେଡି କର୍ମୀ ଏହି ଅବସରରେ ଦଳରେ ଯୋଗଦେଇଥିଲେ। ଫକୀର ପ୍ରଧାନ, କର୍ଣ୍ଣସିଂ ଠାକୁର, ଭରତ ସାହୁ, ପ୍ରବୋଧାନନ୍ଦ ପାଣିଗ୍ରାହୀ, ନୀଳ ପାଣିଗ୍ରାହୀ, ରବି ସାହୁ, ବିପ୍ର ବିଶି, ଦଶରଥ ପାଣିଗ୍ରାହୀ, ହେମସାଗର ସାହୁ ଉପସ୍ଥିତ ଥିଲେ। ମଧୁ ବରିହା ମଞ୍ଚ ପରିଚାଳନା କରିଥିବା ବେଳେ ଦେବକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତାପସାଗର ବନ୍ଧ ପୁନରୁଦ୍ଧାର ଦାବିରେ ଜଳ ସତ୍ୟାଗ୍ରହ

**ବଲାଙ୍ଗୀର, ୧୨।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ପ୍ରତାପସାଗର ବନ୍ଧର ପୁନରୁଦ୍ଧାର ଦାବିରେ ୱାର୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତାପସାଗର ବନ୍ଧରେ ଜଳ ସତ୍ୟାଗ୍ରହ କରାଯାଇଥିଲା। ଏହି ବନ୍ଧର ପାଣି ବ୍ୟବହାର ଉପଯୋଗୀ ହୋଇରହିନାହିଁ। ବନ୍ଧ ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ହେଁ ଜିଲା ପ୍ରଶାସନ ଓ ପୌର ପରିଷଦ କିଛି ଶୁଣୁନାହିଁ। ପୂର୍ବରୁ ୱାର୍ଡ ନମ୍ବର ୧୬ର ଲୋକେ ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନକୁ ବାରମ୍ବାର ଦାବି ଜଣାଇ ଆସୁଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଜଳ ସତ୍ୟାଗ୍ରହ କରି ମ୍ୟୁନିସିପାଲିଟି ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଉଦ୍ୟମ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୱାର୍ଡ ନଂ ୧୬ କ୍ରିୟାନୁଷ୍ଠାନ କମିଟି ସଭାପତି ଅଜୟ ତ୍ରିପାଠୀ, ଆଶୁତୋଷ ମହାନ୍ତି, ସନୋଜ ପଟ୍ଟନାୟକ, ଦିଲୀପ ସାମଲ, ବେଟୁନ ସ୍ୱାଇଁ, ଦୀପନ ଯୋଷୀ, ଟୁନଟୁନି ପୁରୋହିତ, ରାକେଶ, ନାନ୍ଦୁନୁ ପାତ୍ର, ଜିଲା କଂଗ୍ରେସ ଉପସଭପତି ମନୀଷ ମିଶ୍ର, କୋଷାଧ୍ୟକ୍ଷ ଜ୍ଞୁଲୁ ପଟ୍ଟନାୟକ, କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଟାଉନ କଂଗ୍ରେସ ମେଡିଆ ସେଲ ସଂଯୋଜକ ଲୋପନ ମିଶ୍ର, ଅଜିତ ମହାନନ୍ଦ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ପ୍ରମୁଖ ସାମିଲ ଥିଲେ । ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ଜଳ ସତ୍ୟାଗ୍ରହରେ ଯୋଗ ଦେଇଥିଲେ।

# ଭାଜପା ମଣ୍ଡଳ ସମାବେଶ

**ଦେଓଗାଁ,୧୨।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ସଦର ବ୍ଲକ କୁଡାସିଂହା ହାଟପଡାଠାରେ ଭାଜପାର ମଣ୍ଡଳସ୍ତରୀୟ ଜନସମ୍ପର୍କ ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପୁରୁଷୋତ୍ତମ ସାହୁଙ୍କ ସଭାପତିତ୍ୱ ଓ ଏମ୍‌ପି ପ୍ରତିନିଧି ପୀତାମ୍ବର ଖମାରୀଙ୍କ ପରିଚାଳନାରେ ଅନୁଷ୍ଠିତ ସମାବେଶରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ମୋଦି ସରକାରର ଉନ୍ନତିମୂଳକ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଭାଜପା ଜିଲା ସାଧାରଣ ସମ୍ପାଦକ ଅମିତ ସିଂନିନା, ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ, ଡ. ଶଶୀଭୂଷଣ ସାହୁ, ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର, ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂନିନା ପ୍ରମୁଖ ମଞ୍ଚାସୀନ ଥିଲେ । ବନମାଳି ବେହେରା, ଶିଶୁପାଳ ସାହୁ, ଚିନ୍ତା ମାହାକୁର, ପର୍ଶୁ ବଘାର, ପ୍ରସନ୍ନ ପୁଟେଲ, ପ୍ରଶାନ୍ତ ସାହୁ, ଶ୍ରୀକାନ୍ତ ଜାଲ, ନୃପ ବଗର୍ତ୍ତି, ଅଜିତ ସିଂ, ସନ୍ତୋଷ ପ୍ରଧାନୀ, ମନିଷ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ସମାବେଶରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବକ୍ତବ୍ୟ ରଖୁଛନ୍ତି।

# ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ

**ଦେଓଗାଁ,୧୨।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

**ବନ୍ଧପଡାରେ ବିଜେଡିର ସାଙ୍ଗଠନିକ ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ ନଂ ଜୋନ ଅନ୍ତର୍ଗତ ବନ୍ଧପଡା କଲ୍ୟାଣ ମଣ୍ଡପରେ ବିଜେଡିର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦଙ୍କ ସଭାପତିତ୍ୱ ଏବଂ ଅନ୍ତର୍ଯ୍ୟାମୀ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ରାଜ୍ୟ ସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇଥିଲେ। ମନାନ୍ତର ମତାନ୍ତର ଭୁଲି ସମସ୍ତେ ଏକଜୁଟ ହୋଇ କାମ କରିବା ପାଇଁ ସେ ଏହି ଅବସରରେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର ବୈଠକରେ କହିଥିଲେ ଯେ, ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ୨୦୧୯ରୁ ଟେକନିକାଲ ପରିଷଦ ବୈଠକରେ ଅନୁମୋଦିତ ହୋଇଥିଲେ ହେଁ ଏ ଯାଏ ଅର୍ଥ ମଞ୍ଜୁର ହୋଇପାରିନାହିଁ। ବ୍ୟାରେଜ ନିର୍ମାଣ ଦିଗରେ ପଦକ୍ଷେପ ନେବା ସହ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ବିଜେଡି ଜିଲା ଯୁବସଭାପତି ରାଜେନ୍ଦ୍ର ହୋତା, ବିଜେଡି ବ୍ଲକ ଯୁବସଭାପତି ଶୈଳେନ୍ଦ୍ର କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ କୈଳାସ ମହାନ୍ତି, ଜିଲା ଛାତ୍ର ସଭାପତି ସୁମନ ନନ୍ଦ, ବ୍ଲକ ଛାତ୍ର ସଭାପତି ଦୀପକ ବେହେରା ପ୍ରମୁଖ ଯୋଗଦେଇ ବିଜେଡି ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ ମତ ରଖିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବୁଲୁ ବେହେରା, ବିଭୂତି ଭୂଷଣ ମିଶ୍ର, ଅଚ୍ୟୁତ ମିଶ୍ର, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ଲିଙ୍ଗ ଭୋଇ, ବୁଦ୍ଧଦେବ ପରୁଆ, ଜୟଦେବ ସିଂନିନା, ରାଜପ୍ରତାପ ସିଂଦେଓ, ସୁଦାମ ବାଗ, ଚନ୍ଦ୍ରମଣି ଦାସ, କବି ସାହୁ, ଟିଙ୍କୁ ଷଡଙ୍ଗୀ, ଟୁନା ଚାନ୍ଦ, ସୁଧିର ବେହେରା, ହରେରାମ ନାଏକ, ମନୋଜ ପଟେଲ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୁଷ୍ପାଙ୍କୁ ମିଳିଲା ଅନୁକମ୍ପା ସହାୟତା



ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁ ଗ୍ରାମର ପୁଷ୍ପା ଭୁଏଙ୍କୁ ୪ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ମିଳିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ରହିଥିବା ତାଙ୍କ ଆକାଉଣ୍ଟରେ ସେହି ସହାୟତା ରାଶି ଜମା ହୋଇଛି। ସୂଚନା ଅନୁଯାୟୀ, ଗତ ୩ବର୍ଷ ତଳେ ପୋଖରୀ ପାଣିରେ ବୁଡ଼ି ପୁଷ୍ପାଙ୍କ ସ୍ୱାମୀ ସରୋଜଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ହେଲେ ସରୋଜଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ସହାୟତା ରାଶି ମିଳି ନ ଥିଲା। ଏ ନେଇ ପୁଷ୍ପା ଆବଶ୍ୟକ କାଗଜାତ୍ ଦାଖଲ ସହିତ ବିଭାଗୀୟ କାର୍ଯ୍ୟାଳୟକୁ ବାରମ୍ବାର ଫେରାଦ ହୋଇଥିଲେ। ତଥାପି କିଛି ସୁଫଳ ମିଳି ନ ଥିଲା। ଅନ୍ୟପଟେ ପୁଷ୍ପା କୁଲି ମଜୁରୀ କରି ୨ଶିଶୁ ସନ୍ତାନଙ୍କୁ ପୋଷୁଥିଲେ। ସ୍ୱେଚ୍ଛାସେବୀ ରାଜକୁମାର ବନଛୋର ସେ ସମ୍ପର୍କରେ ବରଗଡ଼ର ସଂକଳ୍ପ ପରିବାରକୁ ଜଣାଇଥିଲେ। ସଂକଳ୍ପ ପରିବାର ପକ୍ଷରୁ ଘଟଣା ନେଇ ବରଗଡ଼ ଜିଲା ପ୍ରଶାସନ ଏବଂ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ପୁଷ୍ପାଙ୍କ ପାଖକୁ ୪ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପହଞ୍ଚିଥିବା ଜଣାପଡ଼ିଛି ।

### ଚାରା ବଣ୍ଟନ ସଚେତନତା ରଥର ଶୁଭାରମ୍ଭ

ସୋନପୁର,୧୨।୭(ମୃତ୍ୟୁଞ୍ଜୟ ଶତପଥୀ): ସୁବର୍ଣ୍ଣପୁର ବନଖଣ୍ଡ ପକ୍ଷରୁ ଚାରା ବଣ୍ଟନ ସଚେତନତା ରଥର ବୁଧବାର ଶୁଭାରମ୍ଭ ହୋଇଛି। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ରଥର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଅମରେଶ କୁମାର ପଣ୍ଡା, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ଓ ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା ଯୋଗଦାନ କରିଥିଲେ। ସର୍ବସାଧାରଣଙ୍କୁ ଚାରା ବଣ୍ଟନ ପାଇଁ ଏହି ରଥ ଜିଲା ପରିକ୍ରମା କରିବ। ମାତ୍ର ଗୋଟିଏ ଟଙ୍କା ଦେଇ ଜନସାଧାରଣ ଆମ୍ବ, ପଣସ, ଡାଳିମ୍ବ, ଅଁଳା, କରଞ୍ଜ, ନିମ୍ବ, ଶାଗୁଆନ, ଅର୍ଜୁନ, ପିଜୁଳି ଓ ସଜନା ଆଦି ଗଛ କିଣି ନିଜ ବାଡିରେ ଲାଗାଇ ପାରିବେ। ସୋନପୁର ରେଞ୍ଜ ଅଫିସ ଓ ଫରେଷ୍ଟ ପାର୍କ ନିକଟରେ ଚାରା ବଣ୍ଟନ ପାଇଁ ଷ୍ଟଲ ଖୋଲା ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସୋନପୁର ରେଞ୍ଜର ଭରତ ଭୂଷଣ ଶବର, ସୋନପୁର ବନପାଳ ଭକ୍ତବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ତରଭା,୧୨।୭(ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ଶିଶୁ ସୁରକ୍ଷା କମିଟିର ବ୍ଲକସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତରଭା ସିଡିପିଓ ସବିତା ଦୋରା, ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ, ସଙ୍ଗୀତା ବିଶି, ପୋଲିସ ସବ୍ ଇନ୍ସପେକ୍ଟର ଅନିଲ ବେହେରାଙ୍କ ସହ ଆଇସିଡିଏସର ସମସ୍ତ ସୁପରଭାଇଜର, ପୋଷଣ ବ୍ଲକ କୋଡିନେଟର ମହେଶ ମେହେର ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ସଭାରେ ଶିଶୁ ସୁରକ୍ଷା ଓ ଅଧିକାରୀ, ଡ୍ରପ ଆଉଟ ପିଲାଙ୍କ ପୁଣି ନାମଲେଖା, ଆର୍ଶୀବାଦ ଯୋଜନା, କିଶୋରୀ ସଶକ୍ତିକରଣ, କିଶୋରୀ ମାତୃତ୍ୱ, ବାଲ୍ୟବିବାହ, ଅନାଥ ଶିଶୁଙ୍କ ଥଇଥାନ ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ସିଡିପିଓ ଦୋରା ବାଲ୍ୟ ବିବାହ ନିରାକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। କିପରି ବାଲ୍ୟ ବିବାହ ପ୍ରତିରୋଧ କରାଯିବ ସେ ବିଷୟରେ ବୁଝାଇ ଥିଲେ। ଶେଷରେ ସୁପରଭାଇଜର ସ୍ୱାଗତିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହ ୨୧ ଗୋଟି ଗ୍ରାମ ପଞ୍ଚାୟତରେ ମଧ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାଗୁଡ଼ିକ ସରପଞ୍ଚମାନଙ୍କ ଅଧକ୍ଷତାରେ ହୋଇଥିଲା। ଇଓ , ୱାର୍ଡମେମ୍ବର, ଶିକ୍ଷକ, ଏଏନଏମ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, କିଶୋରୀ ବାଳିକାବାଳକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ ।

# ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

## ବିଭିନ୍ନ ପ୍ରକଳ୍ପର ସମୀକ୍ଷା ବୈଠକ

ପଦ୍ମପୁର, ୧୨।୭(ପ୍ରଦୀପ୍ତ ଦାଶ)



ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ବରଗଡ଼ ସାଂସଦ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଯାଇଛି। ଏଥିରେ ପୂଜାରୀ ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏଥିରେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ୬ଟି ବ୍ଲକର ବିଡିଓ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ସାଂସଦଙ୍କ ଏହି ସମୀକ୍ଷା ବୈଠକରେ ପଦ୍ମପୁର ଉପଖଣ୍ଡର ସମସ୍ତ ବ୍ଲକ ଓ ଏନଏସିରେ ସାଂସଦ ପାଣ୍ଠିରୁ ଖର୍ଚ୍ଚ ହୋଇ ଯାହା ସବୁ ଜନହିତକର ପ୍ରକଳ୍ପ ଚାଲିଛି ସେସବୁର ସ୍ଥିତି ଅନୁଧାନ କରିଛନ୍ତି। ବିଭାଗୀୟ ଅଧିକାରୀମାନେ ସାଂସଦଙ୍କୁ ସମସ୍ତ ପ୍ରକଳ୍ପର ସ୍ଥିତି ବିଷୟରେ ଅବଗତ କରାଇଥିଲେ। ଯେଉଁ ପ୍ରକଳ୍ପ ଗୁଡ଼ିକର ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି ତାର ମୂଳକାରଣକୁ ଯାଇ ସମସ୍ୟାର ସମାଧାନ କରିବାକୁ ପୂଜାରୀ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ନିଜେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ଯେଉଁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ସାରିଛି ତାର ବିନିଯୋଗପତ୍ର ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତା'ସହ ଯେଉଁ ପ୍ରକଳ୍ପଗୁଡ଼ିକ ଏବେ ସୁଦ୍ଧା ଆରମ୍ଭ ହୋଇନି, ଯୁଦ୍ଧକାଳୀନ ଭିତ୍ତିରେ ସେସବୁକୁ ଆଗାମୀ ଜୁଲାଇ ୨୦ ତାରିଖ ସୁଦ୍ଧା ଆରମ୍ଭ କରାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସାଂସଦ ପାଣ୍ଠିରୁ ମଞ୍ଜୁର ସମସ୍ତ ପ୍ରକଳ୍ପର ନିର୍ମାଣକୁ ଆସନ୍ତା ଅକ୍ଟୋବର ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ମାସରେ ଆଉ ଏକ ସମୀକ୍ଷା ବୈଠକ କରାଯିବ ବୋଲି କହିଛନ୍ତି। ଏହା ସହ ଏହି ପ୍ରକଳ୍ପଗୁଡ଼ିକର ସ୍ଥିତି ଉପରେ ନଜର ରଖିବା ପାଇଁ ସେ ଉପଜିଲାପାଳ କୁମ୍ଭାରଙ୍କୁ ଅନୁରୋଧ କରିଛନ୍ତି। ଏହି ଜନହିତକର ପ୍ରକଳ୍ପଗୁଡ଼ିକ ଯେମିତି ଜନସାଧାରଣଙ୍କ ସେବାରେ ଶୀଘ୍ର ଲାଗିପାରିବ ସେଥିପ୍ରତି ବିଶେଷ ଗୁରୁତ୍ୱଦେବାକୁ ସାଂସଦ ସମସ୍ତ ଅଧିକାରୀମାନଙ୍କୁ କହିଛନ୍ତି।

# ଦାବି ପୂରଣ ନ ହେଲେ ଆମରଣ ଅନଶନ



ହିତାଧିକାରୀଙ୍କ ପକ୍ଷରୁ ତହସିଲଦାରାଙ୍କୁ ଦାବିପତ୍ର ଦିଆଯାଉଛି ।

■ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ
■ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ତରଭା,୧୨।୭(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରୁ ବାଦ୍ ପଡିଥିବା ମାରାଡୁଗୋଚ୍ଛା ପଞ୍ଚାୟତର ବହୁ ହିତାଧିକାରୀ ମଙ୍ଗଳବାରଠାରୁ ବ୍ଲକ ସମ୍ମୁଖରେ ଗଣଧାରଣା ଚଳାଇଛନ୍ତି। ତେବେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଆସନ୍ତା ଶୁକ୍ରବାର ଠାରୁ ଆମରଣ ଅନଶନ କରିବାକୁ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ବୁଧବାର ହିତାଧିକାରୀଙ୍କ ପକ୍ଷରୁ ତରଭା ତହସିଲଦାରଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ମାରାଡୁଗୋଚ୍ଛା ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଗୁରୁବାର ସନ୍ଧ୍ୟା ସୁଦ୍ଧା କାର୍ଯ୍ୟାଦେଶ ଦେବା, ଗରିବ ଲୋକଙ୍କ ପ୍ରତି ଅନ୍ୟାୟ କରିବାରେ ଦାୟୀ ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ବରଖାସ୍ତ କରିବା, ଆଗାମୀ ଦିନରେ ଅନିୟମିତତା ହେବ ନାହିଁ ଆଦି ଦାବି ରହିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଦାବି ପୂରଣ ନ ହେଲେ ଧାରଣାକାରୀଙ୍କୁ ସମର୍ଥନ କରୁଥିବା ସଚେତନ ନାଗରିକ ଓ ଧାରଣାକାରୀ ସାମୁହିକ ଭାବରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ଲକ ଆଗରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦିଆଯାଇଛି । ଏହାକୁ ନେଇ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ବା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ତାହେଲେ ପ୍ରଶାସନ ଦାୟୀ ରହିବ ବୋଲି ପୂର୍ବତନ ସମିତି ସଭ୍ୟ ମିତ୍ରବ୍ରତ ମିଶ୍ର, ମାରାଡୁଗୋଚ୍ଛା ସରପଞ୍ଚ ମନ ମୋହନ ସାହୁ, ସମିତି ସଭ୍ୟ ମାର୍କଣ୍ଡ ନାଗଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନଙ୍କୁ ପ୍ରଦାନ କରାଯାଇଥିଲା । ଏହାର ଏକକିତା ନକଲ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଆଇଆଇସି ତରଭା ଥାନା, ଜିଲାପାଳ, ପଞ୍ଚାୟତିରାଜ କମିଶନର, ମୁଖ୍ୟ ଶାସନ ସଚିବ ଓ ସୋନପୁର ସିଡିଏମଓଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଥିବା ଜଣାଯାଇଛି।

# ଘରଡ଼ିହ, ଜମିପଟ୍ଟା ପ୍ରଦାନ କରାଯାଉ



ପଦ୍ମପୁର ଉପଜିଲାପାଳଙ୍କ ସହିତ ଆଦିବାସୀ ନେତାଙ୍କ ଆଲୋଚନା ।

## ଆଦିବାସୀ ପଛୁଆବର୍ଗ ଦଳିତ ସେନା ଓ ଉପଜିଲାପାଳଙ୍କ ଆଲୋଚନା

ପଦ୍ମପୁର, ୧୨।୭(ପ୍ରଦୀପ୍ତ ଦାଶ)

ଆଦିବାସୀ ଓବିସି ଦଳିତ ସେନାର ପ୍ରତିଷ୍ଠାତା ସଂଗ୍ରାମୀ ନେତା ଗୋବର୍ଦ୍ଧନ ଭୂଏଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ପଦ୍ମପୁର ଉପଜିଲାପାଳଙ୍କୁ ଭେଟିଥିଲେ। ବହୁ ବର୍ଷ ପୂର୍ବରୁ ମିଳିଥିବା ୪ ଡିସମିଲ ପଟ୍ଟାରେ ସୀମା ଚିହ୍ନଟ, ଭୂମି ହୀନମାନଙ୍କୁ ପଟ୍ଟା ପ୍ରଦାନ, ଘରଡିହ ହୀନମାନଙ୍କୁ ଘରଡିହ ପ୍ରଦାନ,ପଡିରହିଥିବା ରାଜସ୍ୱ ମୋକଦ୍ଦମାର ତୁରନ୍ତ ଫଇସଲା, ଜାତି, ବାସସ୍ଥାନ, ଆୟ, ଲିଗାଲହେୟାର ସାର୍ଟିଫିକେଟ ପ୍ରଦାନରେ ବିଳମ୍ବ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଉପଜିଲାପାଳ ନିଜେ ଗାଇସିଲେଟ ଆସି ଏହାର ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନେକ ଦିନରୁ ବନ୍ଦ ହୋଇଥିବା ଏମ୍ପ୍ଲୟମେଣ୍ଟ ସବଅଫିସକୁ ଖୋଲିବା ପାଇଁ ମଧ ଦାବି ଜଣାଇଥିଲେ। ଏହି ଆଲୋଚନାରେ ଯଜ୍ଞେଶ୍ୱର ପଧାନ, ସଞ୍ଜୟ ଜରଜରିଆ, ଝସକେତନ ପଧାନ, କୈଳାସ ଷାଣ୍ଡେ, ଅଚ୍ୟୁତ ସାହୁ ଉପସ୍ଥିତ ଥିଲେ।

# ୨୧୩ ଜଣଙ୍କୁ ଭତ୍ତା ବଣ୍ଟନ କଲେ ବିଧାୟିକା

ଭେଡ଼େନ,୧୨।୭ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏବିଡ଼ିଓ ପ୍ରିତେଶ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନି ଛୁରୀଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୧୩ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡ଼ୋଳାମଣି ଖେତି, ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ପିଙ୍କି ବଢେଇ, ସତ୍ୟଜିତ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ତରଣୀସେନ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମାଜିକ ଅଧିକାରୀ ଚକ୍ରପାଣି ଦାଶ, ପ୍ରୋଗ୍ରାମ ଆସିଷ୍ଟାଣ୍ଡ ଭକ୍ତବନ୍ଧୁ ମହାନ୍ତି ସହଯୋଗ କରିଥିଲେ।

# ବିଦ୍ୟାଳୟରେ ଦୂର ହେଲା ପାନୀୟଜଳ ସମସ୍ୟା

ପାଇକମାଳ, ୧୨।୭(ବଡ ଶତପଥି)



ନୂତନ ନଳକୂଅ ସହିତ ବିଦ୍ୟାଳୟ କମିଟି କର୍ମକର୍ତ୍ତା ।

ବରଗଡ଼ ଜିଲା ପାଇକମାଳ ବ୍ଲକ ବୁକୁରାମୁଣ୍ଡା ଗ୍ରାମପଞ୍ଚାୟତସ୍ଥିତ ମହୁଲପାଲି ଉ:ପ୍ରା: ବିଦ୍ୟାଳୟରେ ଦୀର୍ଘଦିନ ଧରି ଛାତ୍ରୀଛାତ୍ର ପିଇବା ପାଣି ଟୋପାଏ ପାଇଁ ହ୍ୱହଳବିକଳ ହେଉଥିଲେ। ଖବର ଜାଣିବା ପରେ ଓଡ଼ିଶା ପଣ୍ୟାଗାର ନିଗମର ଅଧକ୍ଷ ତଥା ବିଜୁ ଜନତା ଦଳର ମୁଖପାତ୍ର ମହେନ୍ଦ୍ର ବଢେଇ ପିଲାମାନଙ୍କ ଜଳକଷ୍ଟ ଅତିଶୀଘ୍ର ସମାଧାନ କରାଯିବ ବୋଲି ମହୁଲପାଲି ଗ୍ରାମର ଜନସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଯାହା ସେ ବାସ୍ତବରେ ବୁଧବାର କରି କି ଦେଖାଇଲେ। ଗୋଟିଏ ଟିଉବୱେଲ କରି ଦେଇଥିବାରୁ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହୋଇଛି ବୋଲି ଅଭିଭାବକ ଓ ଗ୍ରାମବାସୀ ପ୍ରଶଂସା କରିଛନ୍ତି ମହେନ୍ଦ୍ର ବଢେଇଙ୍କୁ। ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ମଧ ବଢେଇଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରାଯାଇଛି।

# ବିଜେତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ସରଣ୍ଡାପାଲି ଉଚ୍ଚ ବିଦ୍ୟାଳୟରେ ବିଜେତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରରେ ୫-ଟି ଅନ୍ତର୍ଭୁକ୍ତ ବିଦ୍ୟାଳୟଗୁଡ଼ିକର ୬୨ଜଣ ମେଣ୍ଟର ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷକ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି, ବରପାଲି ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା, ତରାକନା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ଶିବିର ପରିଦର୍ଶନ ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ସାଧନ କର୍ମୀ ଯୋଗେଶ ପ୍ରଧାନ, ପ୍ରଦୀପ ଷଡ଼ଙ୍ଗୀ, ଜ୍ୟୋସ୍ନାରାଣୀ ବରିହା ପ୍ରମୁଖ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

# ଗାଁ ରାସ୍ତା ମଝିରେ ବିଦ୍ୟୁତ ଟ୍ରାନ୍ସଫର୍ମର ଖୁଣ୍ଟ



ରାସ୍ତା ମଝିରେ ବିଦ୍ୟୁତ ଟାନ୍ସଫର୍ମର ଖୁଣ୍ଟ ।

ଡୁଙ୍ଗୁରିପାଲି,୧୨।୭( ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗାଁ ଶିବ ମନ୍ଦିର ନିକଟ ଚାରି ଛକ ରାସ୍ତା ମଝିରେ ଦୀର୍ଘ ଦିନ ହେଲା ବିଦ୍ୟୁତ ଟ୍ରାନ୍ସଫର୍ମର ବସିଥିବା ଏକ ଖୁଣ୍ଟ ରହିଛି। ରାସ୍ତାରେ ଏହି ଖୁଣ୍ଟ ଥିବାରୁ ଧନ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଯାଉଛି। ଦିଗଶିରା ମେହେରପଡ଼ା ହନୁମାନ ମନ୍ଦିର ଛକରୁ ଆରମ୍ଭ ହୋଇଥିବା ଏହି ରାସ୍ତା ପଥେଇପଡାରୁ-ଆରଡି ରାସ୍ତାକୁ ସଂଯୋଗ ହୋଇଛି। ଏହି ରାସ୍ତା ଦେଇ ଦିଗଶିରା ଉପ ବଜାର ପ୍ରାଙ୍ଗଣ ମାର୍କେଟ, ଇନ୍ଦିରାନଗର ଓ ଡାହୁକଗୁଡ଼କୁ ଲୋକେ ଯାତାୟାତ କରିଥାନ୍ତି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟ ସମ୍ମୁଖ ରାସ୍ତା ପାର୍ଶ୍ୱ ରେ ୪ ଗୋଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ପ୍ରତିଦିନ କୋମଳମତି ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରକୁ ଏହି ରାସ୍ତା ଦେଇ ପାଠ ପଢି ଯାଉଛନ୍ତି। ଦିଗଶିରା ଗାଁ ବସ୍ତିରୁ ଲୋକେ ଧନୁଯାତ୍ରା ପଡ଼ିଆ ଅଙ୍ଗ ନଦୀକୁ ଶୌଚ, ଗାଧୋଇବା, ନିତ୍ୟ କର୍ମ ପାଇଁ ଯାଇଥାନ୍ତି। ଦିଗଶିରା ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବାରୁ ସ୍କୁଲ ଛାତ୍ରୀଛାତ୍ର ପାଠ ପଢିବାକୁ ଯାଉଛନ୍ତି। ପ୍ରତିଦିନ ଅଙ୍ଗ ନଦୀରୁ ବାଲି ବୋଝେଇ ଟ୍ରାକ୍ଟରଗୁଡ଼ିକ ଯାତାୟାତ ହେଉଛି। ଏହାଛଡା ଚାରିଚକିଆ ଯାନ ଯାଉଛି। ତେବେ ବିପଦଜନକ ଭାବେ ଥିବା ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ଖୁଣ୍ଟରେ କୌଣସି କାରଣରୁ ଗାଡ଼ି ପିଟି ହୋଇ ଦୁର୍ଘଟଣା ଘଟିବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ଫଳରେ ଲୋକେ ସେହି ରାସ୍ତା ଦେଇ ଯାତାୟାତ କରିବାକୁ ଭୟ କରୁଛନ୍ତି। ଯଥାଶୀଘ୍ର ଏହି ଖୁଣ୍ଟ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଉଛି।

# ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ



ସ୍ୱେଚ୍ଛାସେବୀମାନେ ମୃତଦେହ ସତ୍କାର କରୁଛନ୍ତି।

ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ.୧୬ ବ୍ରହ୍ମଚାରୀରେ ରହୁଥିବା ଜଣେ ଅସହାୟ ଲୋକଙ୍କ ମୃତଦେହକୁ ବୁଧବାର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଦାହ କରିଛନ୍ତି। ସୂଚନା ଅନୁଯାୟୀ, ମୃତ ସୁରୁ ବେହେରା ତାଙ୍କ ସ୍ତ୍ରୀ ନୂଆଦେଇଙ୍କ ସହିତ ବ୍ରହ୍ମଚାରୀରେ ରହୁଥିଲେ। ବୁଧବାର ସକାଳେ ତାଙ୍କ ମୃତ୍ୟୁ ହୋଇଥିଲା। ପରିବାରରେ ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କେହି ନ ଥିବା ଯୋଗୁ ଶବଦାହ ଚିନ୍ତା ବଢ଼ିଥିଲା। ଏ ନେଇ ସ୍ଥାନୀୟ କାଉନସିଲର ଜ୍ୟୋସ୍ନା ପାଇକ, ଦିପାଳୀ ଚୌହାନ, ସୀମା ହାତୀ ନିଷ୍ଠା ପରିବାରକୁ ସୂଚନା ଦେଇଥିଲେ। ନିଷ୍ଠା ପରିବାରର ସଦସ୍ୟମାନେ ଏକ ସ୍ୱତନ୍ତ୍ର ଗାଡ଼ିରେ ମୃତଦେହକୁ ସ୍ଥାନୀୟ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରକୁ ଆଣି ଦାହ କରିଥିଲେ। ନିଷ୍ଠା ପରିବାରର ମାନସ ମେହେର, ଲିଙ୍ଗରାଜ ସାହୁ, ମୀନକେତନ ରାଉତ, ନିବାସ ଶତପଥି ପ୍ରମୁଖ ମୃତଦେହ ଦାହବେଳେ ଉପସ୍ଥିତ ଥିଲେ।

# ୧୨୪ ଧାର୍ମିକ ସ୍ଥଳ, ୭୮ ଗୋଷ୍ଠୀ ସମ୍ପଦ ପାଇଁ ୮.୪୧ କୋଟି ମଞ୍ଜୁର

## ସୁବର୍ଣ୍ଣପୁର ଜିଲାକୁ ୫-ଟି ସଚିବଙ୍କ ଗସ୍ତ ପରେ

ସୋନପୁର,୧୨।୭
(ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ୪ ତାରିଖରେ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ବିଭିନ୍ନ ପ୍ରକଳ୍ପର ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ୭ ଦିନ ଭିତରେ ଖୁସି ଖବର ମିଳିବ ବୋଲି ଜନସାଧାରଣଙ୍କ ସମ୍ମୁଖରେ ସଚିବ ଘୋଷଣା କରିଥିଲେ। ତଦନୁଯାୟୀ ଗତ ୧୦ ତାରିଖରେ ସୁବର୍ଣ୍ଣପୁର ଜିଲାର ମୋଟ ୧୨୪ଟି ଧାର୍ମିକ ଅନୁଷ୍ଠାନ ଓ ୭୮ଟି ଗୋଷ୍ଠୀ ସମ୍ପଦ ପାଇଁ ରାଜ୍ୟ ସରକାର ୮କୋଟି ୪୧ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଧାର୍ମିକ ଅନୁଷ୍ଠାନ ମଧ୍ୟରେ ମନ୍ଦିର, ଚର୍ଚ୍ଚ ଓ ମସଜିଦ୍ ଥିବା ଜଣାପଡିଛି। ସେହିପରି ଗୋଷ୍ଠୀ ସମ୍ପଦରେ କ୍ଲବ ଘର, ମିଶନ ଶକ୍ତି ଘର, ପାଠାଗାର ଓ ଭାଗବତ ଟୁଙ୍ଗୀର ବିକାଶ କରାଯିବ ବୋଲି ଜଣାପଡିଛି। ବୀରମହାରାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬୮ଟି ଧର୍ମାନୁଷ୍ଠାନର ପୁନରୁଦ୍ଧାର ଓ ବିକାଶ ଏବଂ ୨୫ଟି ଗୋଷ୍ଠୀ ସମ୍ପଦ ପାଇଁ ୪ କୋଟି ୫ଲକ୍ଷ ମଞ୍ଜୁର ହୋଇଛି। ସେହିଭଳି ସୋନପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫୬ଟି ଧାର୍ମିକ ଅନୁଷ୍ଠାନ ଓ ୫୩ଟି ଗୋଷ୍ଠୀ ସମ୍ପଦ ପାଇଁ ୪ କୋଟି ୩୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି।

ସେହିଭଳି ପାତାଳି ଶ୍ରୀକ୍ଷେତ୍ର ଓ ପାପକ୍ଷୟଘାଟ ପାଇଁ ଡିପିଆର ପ୍ରସ୍ତୁତ ହେଲା ପରେ ସରକାର ଅର୍ଥ ମଞ୍ଜୁର କରିବେ ବୋଲି ଜଣାପଡିଛି। ତେବେ ସରକାର ମଞ୍ଜୁର କରିଥିବା ଅର୍ଥ ସମୁଦ୍ରକୁ ଶଙ୍ଖେ ବୋଲି ଅଭିଯୋଗ ହେଉଛି। ୫-ଟି ସଚିବଙ୍କ ଗସ୍ତ ପରେ ସୁବର୍ଣ୍ଣପୁରରେ ପର୍ଯ୍ୟଟନର ବିକାଶ ସାଙ୍ଗକୁ ପାତାଳି ଶ୍ରୀକ୍ଷେତ୍ର, ପାପକ୍ଷୟ ଘାଟ, ଭୀମଭୋଇ ସମାଧି ସ୍ଥଳ, ସୁରେଶ୍ୱରୀ ମନ୍ଦିର, ରାମେଶ୍ୱର ମନ୍ଦିର, ସୁବର୍ଣ୍ଣମେରୁ ମନ୍ଦିର ଓ କପିଳେଶ୍ୱର ମନ୍ଦିର ଆଦି ପୀଠଗୁଡିକର ଉନ୍ନତୀକରଣ ପାଇଁ ଜିଲାବାସୀ ଆଶା ରଖିଥିଲେ। ଏହାଛଡା ମହାନଦୀରେ ଖଇରମାଳ ଓ ଗୋଧନେଶ୍ୱର ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍ ପାଇଁ ପ୍ରଶାସନିକ ଅନୁମୋଦନ ମିଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ମଞ୍ଜୁର ହୋଇଥିବା ଅନୁଦାନରୁ ସେଭଳି କିଛି ହେଲା ଭଳି ଲାଗୁନି। ଏହା ଜିଲାର ବିକାଶ ଅପେକ୍ଷା ସଚିବଙ୍କ ନିଜସ୍ୱ ପ୍ରଚାର ଭିତ୍ତିକ ସରକାରୀ କାର୍ଯ୍ୟକ୍ରମ ଥିଲା। ସଚିବଙ୍କ ମହା ଆଡମ୍ବର ଓ ବ୍ୟୟବହୁଳ କାର୍ଯ୍ୟକ୍ରମରୁ ସୁବର୍ଣ୍ଣପୁର ଜିଲାକୁ କିଛି ଲାଭ ମିଳିଲାନି ବୋଲି ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୫-ଟି ସଚିବଙ୍କ ଜିଲା ଗସ୍ତ ଦିନ ଜିଲାର ୯ ଡିଗ୍ରୀ କଲେଜ ଓ ୨୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୫-ଟି ଅଧୀନରେ ରୂପାନ୍ତର କରିବା ପାଇଁ ସରକାର ଘୋଷଣା କରିଥିଲେ। ପରେ ୧୩ କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର ମଧ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ , ୨୦୨୩



## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**କୁତ୍ରା,୧୨।୭(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ତୁନମୁରା ଗରିଆମୁଣ୍ଡାଠାରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଏଦ୍ୱା ଧନୱାର। କୁତ୍ରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ଣ ସମୟରେ ଧନୱାର ଘରୁ ବାହାରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ଘର ପାଖରେ ଥିବା ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ପରିବାର ଲୋକେ ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ରାଜଗାଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରା କୋଇଲା ଜବତ, ଜଣେ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୧୨।୭(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଦମକଳ କେନ୍ଦ୍ର ନିକଟରେ ଜଣେ ଚା' ଓ ଜଳଖିଆ ଦୋକାନୀଙ୍କ ଘରୁ ୮ କୁଇଣ୍ଟାଲ ଚୋରା କୋଇଲା ଫାଣ୍ଡି ପୋଲିସ ବୁଧବାର ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା( ନଂ. ୧୪୯।୨୩) ରୁଜୁକରି ଜଳଖିଆ ଦୋକାନୀ ରାମଚରଣ ନିସାଦ(୫୫)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

### ଚାରାରୋପଣ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବଡ଼ଗାଁ,୧୨।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁର ଜୟ ହିନ୍ଦ୍ କ୍ଲବ୍ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ବିଗତ ବର୍ଷରେ ଲଗାଯାଇଥିବା ଚାରାର ଯତ୍ନ ନେଇ ଗଛକୁ ବଢ଼ାଇଥିବା ୨ ମହିଳାଙ୍କ ସମେତ ୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳ ୮ ଟାରେ ବ୍ଲକ୍ କଲୋନି ପରିସରରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ବିଡିଓ କ୍ଷମାନିଧି ଭୋଇ, ପଞ୍ଚାୟତ ସମିତି ଅଧକ୍ଷା ଦୁଲାରୀ ସୋରେଙ୍ଗ, ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ କ୍ଲବ ସଦସ୍ୟ ଦିନେଶ ଟପୋ, ପୀୟୂଷ ସୋରେଙ୍ଗ, ଉପେନ୍ଦ୍ର ହାଁସଦା, ଲିପନ ସାମାଟ, ସାଗର ସାମାଟ, ଅଜୟ ମାଝି, ରଞ୍ଜିତ ମଏଲ, କିରନ ହାଁସଦା, ରାଜା ହାଁସଦା, ଗଣମାଧ୍ୟମ ପ୍ରତିନିଧି ଲବଣୀଧର୍ ପୃଷ୍ଟେଙ୍କ ସହିତ ଚାରା ରୋପଣ କରିଥିଲେ। ପ୍ରଥମେ ବ୍ଲକ୍ କଲୋନି ପରିସରରେ ଏବଂ ପରେ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ କୃଷକ ମାର୍ଗର ଉଭୟ ପାର୍ଶ୍ୱରେ ଚାରା ରୋପଣ କରାଯାଇଥିଲା। ଏହାପରେ ବନ୍ଦଢିପାପଡାର ରାସ୍ତା ପାର୍ଶ୍ୱ ଓ ଖେଳ ପଡ଼ିଆ ପାର୍ଶ୍ୱରେ କ୍ଲବ ସଦସ୍ୟଙ୍କ ସହ ଜୟନ୍ତୀ କର୍ଷେଲ, ପ୍ରତିମା ନାଏକ, ତରୁଣୀ ଖିଚିଡି, ସସ୍ମିତା ଖିଚିଡି, ରାଏମତି ଭୋଇ, ସୀତାରାମ ଖିଚିଡି, ସନ୍ତୋଷ ଭଏସାଲ, ଗଙ୍ଗାଧର ନାଏକ ଚାରା ରୋପଣ କରିଥିଲେ। ଏଥିସହ ଚାରାଗୁଡ଼ିକର ସୁରକ୍ଷା ପାଇଁ ତାହା ଚାରିପଟେ ଘେରାଉ କରାଯାଇଥିଲା। ଚଳିତ ବର୍ଷ ୬୫ଟି ଚାରା ରୋପଣ କରାଯାଇଛି।

# ମନ୍ଥରଗତିରେ ଚାଲିଛି କାମ



ରାସ୍ତାରେ ଗାତ ସୃଷ୍ଟି ହୋଇ ପାଣି ଜମିଛି।



ଧୂଳିଧୂଆଁରେ ଛାତ୍ରୀଛାତ୍ର ସ୍କୁଲକୁ ଯାଉଛନ୍ତି।

**ସୁନ୍ଦରଗଡ଼,୧୨।୭ (ଜୟନାରାୟଣ ମେଣ୍ଡୁଲି)**

■ମରଣଯନ୍ତା ପାଲଟିଛି ବାଙ୍କୀବାହାଲ-ଭେଡାବାହାଲ କୋଲ କରିଡର ରାସ୍ତା
■ଅସନ୍ତୁଷ୍ଟ ଗ୍ରାମବାସୀ

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଏସିଆର ସର୍ବବୃହତ୍ତମ କୋଇଲା ଖଣି ରହିଛି। ବସୁନ୍ଧରା, କୁଲଡା, ଗର୍ଜନ ବାହାଲ ଓ ସିଆରମାଲ କୋଇଲା ଖଣି ଏମ୍‌ସିଏଲ ଦ୍ୱାରା ପରିଚାଳିତ। ଏହି ଖଣିରୁ ପ୍ରତ୍ୟହ ଶହଶହ ଟନ୍ କୋଇଲା ଝାରସୁଗୁଡା ସମ୍ବଲପୁର ଓ ପଡୋଶୀ ଛତିଶଗଡ଼ ରାଜ୍ୟର ବିଭିନ୍ନ କଳକାରଖାନା ଗୁଡିକୁ ପରିବହନ ହେଉଛି। ହେମଗିର ବ୍ଲକ ବଲିଙ୍ଗା -ଗୋପାଳପୁରଠାରୁ ଦୈନିକ ଶହ ଶହ କୋଇଲା ବୋଝେଇ ଟ୍ରକ ବିଭିନ୍ନ କଳକାରଖାନାକୁ ଯାଉଛି। ଏହି କୋଇଲା ବୋଝେଇ ଗାଡିଗୁଡିକ ମୁଖ୍ୟ ରାସ୍ତା ଦେଇ ଯାଉଥିବାରୁ ଏହାପାଇଁ ଏକ ସ୍ୱତନ୍ତ୍ର କୋଲ କରିଡର ନିର୍ମାଣ ୧୮୪ କୋଟି ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତବିଭାଗ ଅଧୀନରେ ୨୦୨୦ ନଭେମ୍ବର ୩ରୁ ଆରମ୍ଭ ହୋଇଛି। ଏମ୍‌ସିଏଲ ବାଙ୍କିବାହଲଠାରୁ ଭେଡାବାହାଲ ରାଜ୍ୟରାଜପଥ ୧୦ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ୩୦.୮କିଲୋମିଟର ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେଉଛି। ହେଲେ ଏହି ରାସ୍ତା ବର୍ତ୍ତମାନ ଅଧପନ୍ତରିଆ ହୋଇ ପଡ଼ିରହି ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଉପରେ ଅନେକ ଟ୍ରକ ଯିବା ଆସିବା କରିବା ଦ୍ୱାରା ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଯାହା ଫଳରେ ଡୁଡୁକା, ବରପାଲି, କାଲୋବାହାଲ ଗ୍ରାମବାସୀ ଯା' ଆସରେ ସମସ୍ୟା ଭୋଗୁଛନ୍ତି। ଏହି କାଦୁଅ ରାସ୍ତା ଦେଇ ଗ୍ରାମବାସୀ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି କୋଲ କରିଡର ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବା କଥା। ହେଲେ ନିର୍ମାଣ କାର୍ଯ୍ୟ ମନ୍ଥର ଗତି ଯୋଗୁଁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ ହେବା ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ବାଲାଜୀ ଇଞ୍ଜିନିୟରର୍ସ ଲିମିଟେଡ୍ ପକ୍ଷରୁ କୁହାଯାଇଛି, ୬ମାସ ହେଲା କୌଣସି ବକେୟା ବିଲ୍ ମିଳିନାହିଁ। ବଲ୍ ମଞ୍ଜୁର ହେଲା ପରେ କାର୍ଯ୍ୟ ତ୍ୱାରାନିତ ହେବ। ଅପରପକ୍ଷେ ସୁନ୍ଦରଗଡ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ.ନାରାୟଣ ପଟେଲଙ୍କୁ ପଚାରିବାରୁ ,ଏହି କୋଲ କରିଡର ନିର୍ମାଣ କାର୍ଯ୍ୟ ୮୦ପ୍ରତିଶତ ଶେଷ ହେଲାଣି। ବ୍ୟୟ ଅଟକଳ ବାହାରେ ଏହି ରାସ୍ତାର କେତେକ ସ୍ଥାନରେ ପିଚୁ ବଦଳରେ କଂକ୍ରିଟ କାର୍ଯ୍ୟ ସହ କେତେକ ଏଡିସନାଲ ୱାର୍କ ଏମସିଏଲର ଅନୁରୋଧ କ୍ରମେ କରାଯାଇଥିବାରୁ ଏ ବାବଦ ଅତିରିକ୍ତ ବ୍ୟୟ ଅଟକଳ ଅର୍ଥ ମଞ୍ଜୁରୀ ପ୍ରାପ୍ତରେ ବିଳମ୍ବ ହୋଇଥିବାରୁ ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀର ବିଲ ମଧ ମିଳିନାହିଁ। ଏ ନେଇ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍ ଶୀଘ୍ର ଏହାର ସମାଧାନ ହେବାସହ ଜନସାଧାରଣଙ୍କ ଯାତାୟତରେ ଯେଭଳି ସମସ୍ୟା ନ ହେବ ସେଥିପ୍ରତି ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# ବ୍ଲକସ୍ତରୀୟ ଲୋକକଳା ଦିବସ

**ସବ୍‌ଡେଗା,୧୨।୭ (ଅନନ୍ତ ପଟେଲ )**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ପରିସରରେ ଲୋକକଳା ଦିବସ ଓ ୨୦୨୩ ରଜ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା କୁନ୍ତୀ ପ୍ରଧାନ ଏବଂ ସମ୍ମାନିତ ଅତିଥିଭାବେ ଉପାଧକ୍ଷ ସୁଶାନ୍ତ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣୀ ପଣ୍ଡା, ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଦବ୍ୟାସ ପଟେଲ ଯୋଗଦେଇଥିଲେ। ଏହି ଲୋକ କଳା ଦିବସରେ ବ୍ଲକରୁ ୯ଟି ସାଂସ୍କୃତିକ ଦଳ ଯୋଗଦେଇ ନିଜ ନିଜର କଳା ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ। ଏ ଅବସରରେ ସମ୍ମାନିତ ଅତିଥିମାନେ ଲୋକକଳାର ପ୍ରକୃତ ମହତ୍ତ୍ୱ ବିଷୟରେ କଳାକାରଙ୍କୁ ବୁଝାଇଥିଲେ। ପରେ ୨୦୨୨-୨୩ ଶିକ୍ଷାବର୍ଷରେ ଯୁକ୍ତ ୨ କଳା, ବିଜ୍ଞାନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରି ସମ୍ମାନିତ କରିଥିଲେ। ଶେଷରେ ଅର୍ଜୁନ ରୋହିଦାସ ଧନ୍ୟବାଦ ଦେଇଥିଲେ।



ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ସରପଞ୍ଚ ସଂଘ



ଦାବିପତ୍ର ଦେବାକୁ ଆସିଥିବା ସରପଞ୍ଚ ସଂଘ।

**ବଡ଼ଗାଁ,୧୨।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୋ ସରକାର ଓ ପଞ୍ଚାୟତରାଜ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ବୁଧବାର ଦିଆଯାଇଛି। ସରପଞ୍ଚ ସଂଘ ସଭାପତି ଯୋଗେନ୍ଦ୍ର କିଷାନଙ୍କ ନେତୃତ୍ୱରେ ୧୫ ପଞ୍ଚାୟତର ସରପଞ୍ଚ ପୂର୍ବାହ୍ନରେ ବ୍ଲକ୍ ଅଫିସ୍ ପରିସରରେ ଏକାଠି ହୋଇ ଦାବିକୁ ନେଇ ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରପଞ୍ଚଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ପେନସନ ବ୍ୟବସ୍ଥା କରାଯାଉ, ମାସିକ ଭତ୍ତା ୨୦୫୦ ଟଙ୍କା କୁ ୧୫ ହଜାର କରାଯାଉ, ପ୍ରତି ପଞ୍ଚାୟତରେ ଆବଶ୍ୟକ ନଳକୂପ ଯୋଗାଇ ଦିଆଯାଉ, ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ୫ ଟି ଘର ପ୍ରଦାନ କରିବାର କ୍ଷମତା ଦିଆଯାଉ, ଉନ୍ନୟନ କାର୍ଯ୍ୟ ପାଇଁ ପଞ୍ଚାୟତ ଖଣିଜ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରଦାନ କରାଯାଉ, ବାର୍ଦ୍ଧକ୍ୟ ଭତ୍ତା ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପାଇଁ ଅବେଦନ କରିଥିବା ବ୍ୟକ୍ତିଙ୍କୁ ଭତ୍ତା ନ ମିଳିବା ପର୍ଯ୍ୟନ୍ତ ଖଣିଜ ପାଣ୍ଠିରୁ ଭତ୍ତା ପ୍ରଦାନ କରାଯାଉ, ପ୍ରତ୍ୟେକ ପଞ୍ଚାୟତ ପାଇଁ ଜଣେ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତ ଭଳି ୧୦ ଟି ଦାବି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର



ହେମଗିର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ହେମଗିର,୧୨।୭(ଚୈତନ୍ୟ ପଟେଲ )**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ୧୯ ପଞ୍ଚାୟତର ସରପଞ୍ଚ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଓ ଜିଲାପାଳଙ୍କ ଜରିଆରେ ୧୦ ଦଫା ଦାବିପତ୍ର ବୁଧବାର ପ୍ରଦାନ କରିଛନ୍ତି। ଉନ୍ନୟନ କାର୍ଯ୍ୟ ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରତି ବର୍ଷ ୨୦ଲକ୍ଷ ଟଙ୍କା ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ସରପଞ୍ଚମାନେ ପାଉଥିବା ମାସିକ ଭତ୍ତା ୨୩୫୦କୁ ୧୫ହଜାର ଟଙ୍କା ପ୍ରଦାନ, କାର୍ଯ୍ୟକାଳ ସମୟରେ ସରପଞ୍ଚଙ୍କ ମୃତ୍ୟୁ ହେଲେ ୨୦ଲକ୍ଷ ଟଙ୍କା ପ୍ରଦାନ କରିବା, ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମପଞ୍ଚାୟତର ଗ୍ରାମସଭାକୁ ସର୍ବୋଚ୍ଚ ମାନ୍ୟତା ପ୍ରଦାନ କରିବା ଆଦି ୧୦ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ଦାବିଗୁଡିକ ପୂରଣ ନ ହେଲେ କଲମ ଛାଡ ଆନ୍ଦୋଳନ କରିବା ସହ ପଞ୍ଚାୟତ ତରଫରୁ ଡିଏସ୍‌ସି ଦେଉଥିବା ପାଣ୍ଠିକୁ ବନ୍ଦ କରିବେ ବୋଲି ସରପଞ୍ଚ ସଂଘ ତରଫରୁ କୁହାଯାଇଛି। ଏହି ଅବସରରେ ସରପଞ୍ଚ ଜୟକୃଷ୍ଣ ମାଝି, ଉପେନ୍ଦ୍ର ମଲ୍ଲିକ, ଥଇଚରଣ ସା, ସେଫାଲି ଭୋଇ, ସୋନିଆ ବଏଗା, ସୁନନ୍ଦା କାଲୋ, ପୁରବୀ ନାଏକ, ସନ୍ନ୍ୟାସୀ ବାଗ, ସୁଭଦ୍ରା ବଏଗା ଉପସ୍ଥିତ ଥିଲେ।

# ଘାଟି ତଳକୁ ଖସିଲା ଟ୍ରକ, ଚାଳକ ମୃତ

**ଲହୁଣୀପଡା,୧୨।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଚୁନା ଘାଟିକୁ ଏକ ଲୁହାପଥର ବୋଝେଇ ଟ୍ରକ ମଙ୍ଗଳବାର ବିଳମ୍ବିତ ରାତିରେ ଖସି ପଡ଼ିଛି। ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିହାର ଅଞ୍ଚଳର ରାହୁଲ କୁମାର ମାହାତୋ (୩୨)। କେ. ବଲାଙ୍ଗ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଟ୍ରକକୁ ଜବତ କରିଛି। ଏଥିସହ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରକଟି ଲହୁଣୀପଡ଼ା ପଟେ ଆସୁଥିବାବେଳେ ଭାରସାମ୍ୟ ହରାଇ ଚୁନା ଘାଟି ତଳକୁ ଖସି ପଡ଼ିଥିଲା। ଫଳରେ ଗାଡି ତଳେ ଚାପି ହୋଇ ଚାଳକ ଗୁରୁତର ହୋଇଥିଲେ। ଖବର ପାଇ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି।

# ବର୍ଷା ପାଇଁ ଅଶ୍ୱତ୍ଥ ବୃକ୍ଷମୂଳେ ପୂଜାର୍ଚ୍ଚନା



ମହିଳାମାନେ ଅଶ୍ୱତ୍ଥ ବୃକ୍ଷମୂଳେ କଳସୀରେ ଜଳ ଅର୍ପଣ କରି ପୂଜା କରୁଛନ୍ତି।

**କୁଆଁରମୁଣ୍ଡା,୧୨।୭(ମହେନ୍ଦ୍ର କୁମାର ସାହୁ)**

ଆଷାଢ଼ ଯାଇ ଶ୍ରାବଣ ମାସ ହେଲାଣି। ହେଲେ ବର୍ଷା ହେଉ ନ ଥିବାରୁ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏପରିସ୍ଥଳେ ବର୍ଷାହେବା ପାଇଁ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କାଲୋସିହିରିଆ ପଞ୍ଚାୟତ ଗଝୁଟୋଲି ଗ୍ରାମରେ ଥିବା ବହୁ ପୁରୁଣାକାଳିଆ ଅଶ୍ୱତ୍ଥ ବୃକ୍ଷମୂଳେ ପୂଜାର୍ଚ୍ଚନା କରାଯାଇଛି। ଗ୍ରାମର ମହିଳାମାନେ ଗ୍ରାମଦେବତୀଙ୍କ ମନ୍ଦିର କୂଅରୁ କଳସୀରେ ଜଳ ଆଣି ଉକ୍ତ ଅଶ୍ୱତ୍ଥ ବୃକ୍ଷମୂଳେ ଆଦିବାସୀ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ପୂଜକ ମାଧୋ କାଲୋ ପୂଜା ଦାୟିତ୍ୱ ତୁଲାଇଥିଲେ। ଏହି ପୂଜାର୍ଚ୍ଚନାରେ କାଲୋସିହିରିଆ ସରପଞ୍ଚ ବିଜିତା କିଷାନ, ଯତୀନ୍ଦ୍ର ନାଏକ, ପ୍ରତାପ କିଷାନ, ସାଲମନ ଯୋଯୋ, ଆଲୋକ ବାରୁଆ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଏହି ପରମ୍ପରା ଆଦିବାସୀ କାଲୋ ସମ୍ପ୍ରଦାୟମାନଙ୍କ ଦ୍ୱାରା ବହୁ କାଳରୁ କରାଯାଉଛି।

# ଅନ୍ତୁଡ଼ିଶାଳରୁ ମଶାଣି ଭୂଇଁ ପର୍ଯ୍ୟନ୍ତ ବୃକ୍ଷ ହିଁ ଏକମାତ୍ର ସାଥୀ

**ସୁନ୍ଦରଗଡ଼,୧୨।୭(ଜୟନାରାୟଣ ମେଣ୍ଡୁଲି )**



ବୃକ୍ଷରୋପଣ ବିଷୟରେ ଅତିଥି ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

■ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବୃକ୍ଷର ମହନୀୟତାର ଗାଥା ଯୁଗେ ଯୁଗେ ଅବର୍ଣ୍ଣନୀୟ। ମନୁଷ୍ୟର ଅନ୍ତୁଡିଶାଳରୁ ମଶାଣି ଭୂଇଁ ପର୍ଯ୍ୟନ୍ତ ବୃକ୍ଷ ହିଁ ଏକମାତ୍ର ସାଥୀ ବୋଲି ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି ବକ୍ତବ୍ୟ ରଖିଛନ୍ତି। ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ତଥା ବୃକ୍ଷରୋପଣ ନିମନ୍ତେ ପ୍ରୋତ୍ସାହିତ କରିବା ଲାଗି ସେବକ ଓ ବିଦ୍ୟାଳୟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ସେବକ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ବରିଷ୍ଠ ସଭ୍ୟ ଚକ୍ରଧର ପୃଷେଠ ବୃକ୍ଷରୋପଣର ଉପକାରିତା ଉପରେ କହିଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ଉତ୍କଳପୁର ଟିମ୍ ମୁଖ୍ୟ ତଥା ସବୁଜ ସ୍ମୃତି ଅଭିଯାନର ପ୍ରତିଷ୍ଠାତା ଦିଗାମ୍ବର ଉପାଧାୟ ସବୁଜ ସ୍ମୃତି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ। ଏହି ଅଭିଯାନ ମାଧ୍ୟମରେ ଗାଁ ଗାଁ, ପ୍ରତ୍ୟେକ ବିଦ୍ୟାଳୟ ସ୍ତରରେ ଜନ୍ମ, ମୃତ୍ୟୁ, ଜନ୍ମ ଦିବସ, ବିବାହ ବାର୍ଷିକୀ ତଥା ତିରୋଧାନ ଦିବସ ଆଦି ଗୁରୁତ୍ୱପୂର୍ଣ୍ଣ ଦିବସରେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିବାକୁ ସମସ୍ତଙ୍କୁ ସଚେତନ କରାଯିବ ବୋଲି ଉପାଧାୟ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଟାଙ୍ଗରପାଲି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ପାତ୍ର, ବନପାଳ କୁନ୍ଦନ ମିଞ୍ଜ ଓ ବନରକ୍ଷୀ ଜ୍ୟୋତିରାଣୀ ପଟେଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ନାଏକ, ଶିକ୍ଷୟିତ୍ରୀ ମୁକ୍ତେଶ୍ୱରୀ ପଟେଲ, ସ୍ମିତାଞ୍ଜଳି ହାତୀ, ନନ୍ଦିତା ପଟେଲ, ଶ୍ରୀଲେଖା ପଟେଲ ତଥା ସେବକର କର୍ମକର୍ତ୍ତାମାନେ ଆୟୋଜନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ୧୦୦ ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।

# ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**ଲହୁଣୀପଡା,୧୨।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ମହୁଲପଦା ଥାନା ପୋଲିସ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲହୁଣୀପଡା ବ୍ଲକ ଡଲେଇସରା ପଞ୍ଚାୟତ ଏକପାଦି ଗ୍ରାମର ସନ୍ତୋଷ ନାୟକ (୨୪)। ସନ୍ତୋଷ ସେହି ଗ୍ରାମର ଜଣେ ଯୁବତୀଙ୍କ ସହ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଗର୍ଭବତୀ ହେବାରୁ ବିବାହ କରିବା ପାଇଁ ଜିଦ ଧରିଥିଲେ। ହେଲେ ସନ୍ତୋଷ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ। ସନ୍ତୋଷଙ୍କ ଉପରେ ଭରସା ତୁଟି ଯିବାରୁ ଶେଷରେ ଯୁବତୀଙ୍କ ପରିବାର ଲୋକେ ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ବ୍ଲକସମ୍ମୁଖ ରାସ୍ତାରେ ଭାସୁଛି ସପ୍ଲାଏ ପାଣି

**କୁତ୍ରା,୧୨।୭(ଦେବାଶିଷ ସାହୁ)**



ରାସ୍ତା ଉପରେ ଜମା ହୋଇଥିବା ପାଣି।

■ଅଧିକାରୀଙ୍କ ପାଖରେ ନାହିଁ ଖବର

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହରହ ପାଣି ବହି ଚାଲିଛି। ବ୍ଲକ ସମ୍ମୁଖ ଶକ୍ତି କାଫେ ନିକଟରେ ଜଳ ଯୋଗାଣ ପାଇପ ଫାଟି ଆରଡି ରାସ୍ତା ଉପରେ ଜମି ରହୁଛି। ଫଳରେ ପ୍ରଚୁର ମାତ୍ରାରେ ଜଳ ନଷ୍ଟ ହେଉଛି। ଖୋଦ ବ୍ଲକ କାର୍ଯ୍ୟାଳୟ ଆଗରେ ପାଣି ଭାସି ଚାଲିଥିଲେ ହେଁ ବିଭାଗ ସବୁଦେଖି ନ ଦେଖିଲାଭଳି ରହିଛି। ଏଥିରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ କୁତ୍ରା ବ୍ଲକରେ କିଭଳି କାମକରୁଛି ସହଜରେ ଅନୁମେୟ ହେଉଛି। ବିଡିଓ ଏ ଦିଗରେ ଦୃଷ୍ଟିଦେଇ ତୁରନ୍ତ ଏହାର ମରାମତି କରି ଜଳ ଅପବ୍ୟବହାର ରୋକିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀ ବୈଦୁର୍ଯ୍ୟ ବନ୍ଧୁକିଙ୍କୁ ପଚାରିବାରୁ, ଏବିଷୟରେ ମୁଁ ଅବଗତ ନାହିଁ। ଆପଣଙ୍କଠାରୁ ଏବେ ଜାଣୁଛି। ଏହାର ମରାମତି ଯଥାଶୀଘ୍ର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାଇପ ଫାଟି ଅନବରତ ପାଣି ବହି ଚାଲିଛି କିନ୍ତୁ ଅଧିକାରୀଙ୍କ ପାଖରେ ଖବର ନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ଜୁନାଗଡ଼,୧୨।୭(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଭଇଁରୀଗୁଡାରେ ବୁଧବାର ପୂର୍ବାହ୍ନରେ ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ତୁଳସା ଚଳାନ (୪୫) ବୋଲି ଜଣାପଡିଛି। ଘରେ ଯାଇଥିବା ବିଦ୍ୟୁତ ତାର ତାଙ୍କ ଲୁହା କବାଟରେ ଲାଗିଯାଇଥିଲା। ଯାହାକୁ ତୁଳସା ଜାଣି ନ ପାରି ଲୁହା କବାଟ ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କୁ ଜୋରରେ ବିଦ୍ୟୁତ ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଜୁନାଗଡ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୩) ରୁଜୁ ହୋଇଛି।

### ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଦ୍ଭୁତ ଶିଶୁ ଜନ୍ମ

**ବେହେରା,୧୨।୭ (ଭୁପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଏକ ଅଦ୍ଭୁତ ଶିଶୁପୁତ୍ର ଜନ୍ମ ହୋଇଛି। ପର୍ଲା ପଞ୍ଚାୟତ ଅନ୍ତର୍ଗତ ଚିତାମୁଣ୍ଡା ଗ୍ରାମର ବେବନ୍ତି ଲିମଗୋଛିଆଙ୍କ ୪ର୍ଥ ଗର୍ଭରୁ ଏହି ଶିଶୁପୁତ୍ର ଜନ୍ମ ହୋଇଛି। ଗତ ସୋମବାର ଗର୍ଭ ଯନ୍ତ୍ରଣା ହେବା ପରେ ପର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ଏକ ଶିଶୁ ଜନ୍ମ ହୋଇଥିଲା। ହେଲେ ଶିଶୁର ଠିକ ନାଭିପଡ଼ରୁ ଅନ୍ତନଳୀ ସବୁ ବାହାରି ପଡିଥିବା ଦେଖାଯାଇଥିଲା। ଡାକ୍ତର ତୁରନ୍ତ ଶିଶୁକୁ ଭବାନୀପାଟଣା ସ୍ଥାନାନ୍ତର କରିଥିଲେ। ପରେ ତାଙ୍କୁ କଟକ ରେଫର କରାଯାଇଛି। ଏଭଳି ଘଟଣା ହଜାରେରୁ ଗୋଟାଏ ଦେଖିବାକୁ ମିଳେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶୁତୋଷ ପଟ୍ଟନାୟକ ପ୍ରକାଶ କରନ୍ତି।

### ୩ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ପ୍ରଦାନ



**ଖଡ଼ିଆଳ,୧୨।୭(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୩ ଜଣ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରିଛନ୍ତି। ଏହାକୁ ଖଡ଼ିଆଳ ଏନ୍‌ଏସି ଅଧକ୍ଷ ଉଜ୍ଜଳ ଗୁପ୍ତା ନିଜ କାର୍ଯ୍ୟାଳୟରେ ଯୋଗଦେଇ ୩ଜଣଙ୍କୁ ଜଣ ପିଛା ୪୦୦୦ ଲେଖାଏଁ ୧୨ ହଜାର ଟଙ୍କା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଗୋଷ୍ଠୀ ସଙ୍ଗଠିକା ଉର୍ବଶୀ ପାଣିଗ୍ରାହୀ ଏବଂ କାର୍ଯ୍ୟକ୍ରମ ସହାୟକ ଗଣେଶ ରାମ ଭୋଇ ପ୍ରମୁଖ ଯୋଗଦେଇ ହରିଶ୍ଚନ୍ଦ୍ର ସହାୟତା ବଣ୍ଟନ କରିଛନ୍ତି।

### ନବୋଦୟ ପ୍ରବେଶିକା ପାରୀକ୍ଷା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୨।୭(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମର ୮ଜଣ ଛାତ୍ରୀଛାତ୍ର ନବୋଦୟ ପରୀକ୍ଷାରେ କୃତିତ୍ୱ ହାସଲ କରିଥିଲେ। ଏହି ୮ ଜଣ ଛାତ୍ରୀଛାତ୍ର ହେଲେ ସାଲେପଡା ପ୍ରାଥମିକ ବିଦ୍ୟାଳୟର ପଲ୍ଲବୀ ଖାଡ଼ିଆ, ଜତିକା ଖାଡ଼ିଆ ଓ ଝସକେତନ ଖାଡ଼ିଆ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଡୁଆଝର ସୋଲେଜା ସୁନାନୀ, ଦେବାଶିଷ ନାୟକ ଓ ଆଦିତ୍ୟ କୁମାର ଜଗତ ଓ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ସୋହନ ମେହେର। ଡୁଆଝର ପ୍ରାଥମିକ ବିଦ୍ୟାଳୟ ପରିସରରେ ଡୁଆଝର କ୍ଲଷ୍ଟର ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେରାମ ମେହେର, ଶିକ୍ଷକ ଶଶୀଧର ମେହେର, ପବିତ୍ର ସୁଆର, ପଦ୍ମାବତୀ ତାଣ୍ଡି, ଇନ୍ଦିରା ବଘେଲ ପ୍ରମୁଖ ମଞ୍ଚସୀନ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଡୁଆଝର କ୍ଲଷ୍ଟର ସିଆରସିସି ତନବିର ମହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାନୀୟ ଜଳ ଯୋଗାଣ ଦାବିରେ ତାତିଲେ ମହିଳା

**କୋକସରା,୧୨।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**



ମହିଳାମାନେ ବଡପଡାଠାରେ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର କୋକସରା ବଡପଡାଠାରେ ବୁଧବାର ଶତାଧିକ ମହିଳାମାନେ ଦୀର୍ଘ ୩ ଘଣ୍ଟା ଧରି ପାନୀୟ ଜଳ ଯୋଗାଣ ଦାବିରେ ଜାତୀୟ ରାଜପଥ ୨୬ ଅବରୋଧ କରି ରଖିଥିଲେ। ପରେ ପ୍ରଶାସନିକ ଅଧିକାରୀ ଆସି ୨୪ ଘଣ୍ଟା ମଧ୍ୟରେ ଜଳ ଯୋଗାଣ ସ୍ୱାଭାବିକ ହେବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି।

ସୂଚନା ମତେ କୋକସରା ଗ୍ରାମରେ ଦୀର୍ଘ ୭ ଦିନ ହେବ ଗ୍ରାମ୍ୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ପାନୀୟ ଜଳ ଯୋଗାଣ ଉପରେ ନିର୍ଭର କରୁଥିବା ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବ୍ଲକ ପ୍ରଶାସନ ସହ ପଞ୍ଚାୟତ ସରପଞ୍ଚଙ୍କୁ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ସକାଳ ୭ଟାରୁ ସ୍ଥାନୀୟ

**୩ ଘଣ୍ଟା ଜାତୀୟ ରାଜପଥ ଅବରୋଧ**

ବଡପଡାର ଶତାଧିକ ମହିଳା ରାସ୍ତାରେ ଗରା, ମାଠିଆ, ବାଲ୍ଟି ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଓ କୋକସରା ପୋଲିସ ଅଧିକାରୀ ପହଞ୍ଚି ବୁଝାମଣା କରିଥିଲେ ମଧ ମହିଳାମାନେ ନିଜ ଜିଦରେ ଅଡି ରହିଥିଲେ। ପରେ କୋକସରା ବିଡିଓ ଉତ୍ତମ କୁମାର ବାଗ ପହଞ୍ଚି ଆନ୍ଦୋଳନରତ ମହିଳାଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଦୀର୍ଘ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ଫଳରେ ଭବାନୀପାଟଣା ଜୟପୁର ମଧ୍ୟରେ ଯାତାୟାତ ପ୍ରଭାବିତ ହୋଇଥିଲା।

# ସେଣ୍ଟ୍ରିଙ୍ଗ ଖୁଣ୍ଟ ବାଜି ରାଜମିସ୍ତ୍ରି ମୃତ

## ଘଟଣା, କ୍ଷତିପୂରଣ ଦେଲେ ମାଲିକ

**କୋକସରା,୧୨।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁର ଜଣେ ବ୍ୟବସାୟୀଙ୍କ ଘର ସେଣ୍ଟ୍ରିଙ୍ଗ କାଢୁଥିବା ବଳି ଖୁଣ୍ଟ ମୁଣ୍ଡରେ ବାଜି ମଙ୍ଗଳବାର ଜଣେ ରାଜମିସ୍ତ୍ରି ନବୀନ କ୍ଷୁଏଡ଼ (୪୭)ଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ବୁଝାଶୁଝା କରିବା ପରେ ଘର ମାଲିକ କ୍ଷତିପୂରଣ ରାଶି ପ୍ରଦାନ କରିଥିବା ଜଣାପଡିଛି।

ଲଡୁଗାଁର ବ୍ୟବସାୟୀ ବଜରଙ୍ଗ ଅଗ୍ରୱାଲଙ୍କ କମ୍ପ୍ଲେକ୍ସ ନିର୍ମାଣରେ ନିୟୋଜିତ ବଡ଼ପୋଡ଼ା ପଞ୍ଚାୟତ ବାବେ କୋହରା ଗ୍ରାମର ରାଜମିସ୍ତ୍ରୀ ନବୀନ ମଙ୍ଗଳବାର ଅପରାହ୍ନରେ ସେଣ୍ଟ୍ରିଙ୍ଗ ଖୋଲୁଥିଲେ। ହଠାତ କାଠର ବଳି ଖୁଣ୍ଟ ମୁଣ୍ଡରେ ବାଜି ଟଳି ପଡ଼ିଥିଲେ। ସାଥି ଶ୍ରମିକମାନେ ଉଦ୍ଧାର କରି ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ନ ଥିବାରୁ ଏକ ବାଇକ୍‌ରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋକସରା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସନ୍ଧ୍ୟା ହେବାରୁ ବୁଧବାର ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। କୋକସରା ଥାନାରେ ଏକ ମାମଲା (ନଂ.୧୫/୨୩) ରୁଜୁ ହୋଇଛି। ଘର ଏକମାତ୍ର ରୋଜଗାର କ୍ଷମବ୍ୟକ୍ତିଙ୍କୁ ହରାଇ ପରିବାରବର୍ଗ ଭାଙ୍ଗି ପଡିଛନ୍ତି। ଘରେ ସ୍ତ୍ରୀ ଓ ଦୁଇ ପୁଅ, ଗୋଟିଏ ଝିଅ ଅଛନ୍ତି।

# କୃଷିବୀମା ପାଇଁ ଜିଲାପାଳଙ୍କୁ ଦାବିପତ୍ର




ଜିଲାପାଳ କାର୍ଯ୍ୟାଳୟକୁ ଦାବିପତ୍ର ଦେବା ପାଇଁ ଆସିଥିବା ଚାଷୀମାନେ।

**ନୂଆପଡ଼ା,୧୨।୭(ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ୨୦୨୧ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିପ ଚାଷ ହୋଇ ପାରି ନ ଥିଲା। ଚାଷୀମାନେ ବିଭିନ୍ନ ବ୍ୟାଙ୍କରେ କୃଷି ବୀମା କରିଥିଲେ ମଧ୍ୟ ଏଯାଏଁ ମିଳି ନ ଥିବାରୁ ବୁଧବାର କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ଗାଁର ଚାଷୀମାନେ ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୧ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କୌଣସି ଚାଷ ହୋଇ ପାରି ନ ଥିଲା। ଚାଷୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ ମଧ୍ୟ କରିଥିଲେ। କୃଷି ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଯାଇ କ୍ରପ କଟିଂ ମଧ୍ୟ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ। ହେଲେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଚାଷୀଙ୍କୁ କୃଷି ବିମା ଏଯାଏ ମିଳି ନ ଥିବାରୁ ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ୫-ଟି ରୂପାନ୍ତର କାର୍ଯ୍ୟ ପରିଦର୍ଶନ

**ଖଡ଼ିଆଳ,୧୨।୭(ସୁଜିତ୍ ପ୍ରଧାନ)**

ନୂଆପଡ଼ା ଜିଲାରେ ଯୁକ୍ତ ୨ କଲେଜକୁ ୫-ଟି ଅନ୍ତର୍ଭୁକ୍ତ କରିଥିବା ବେଳେ ରୂପାନ୍ତର କାର୍ଯ୍ୟ ନେଇ ଓଡ଼ିଶା ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ପରିଦର୍ଶନ କରିଛନ୍ତି। ରୂପାନ୍ତର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ସହ କଲେଜ ପରିସର ମଧ ସୋନ୍ଦର୍ଯ୍ୟ ପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଡିଆଳ ଡିଗ୍ରୀ ମୋଡେଲ କଲେଜ, ଯୁକ୍ତ ଦୁଇ ଖଡିଆଳ ମହିଳା କଲେଜ, ଡୁକଲା କଲେଜ, ଦୋହେଲପଡା କଲେଜ ଏବଂ ଭୁଲିଆ ଶିକୁଆଁ କଲେଜ ପରିଦର୍ଶନ କରିଥିଲେ।

# ଜନସଂଖ୍ୟା ଦିବସରେ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ ସମ୍ବର୍ଦ୍ଧିତ



ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

**ଭବାନୀପାଟଣା,୧୨।୭ (ଉତ୍ତମ କୁମାର ଦାଶ)**

ଭୁବନେଶ୍ୱର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ଜନସଂଖ୍ୟା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପରିବାର ନିୟୋଜନ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ କ୍ରମାଗତ ଅଷ୍ଟମ ଥର ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼. ବିଜୟ କୁମାର ମହାପାତ୍ର ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଡାକ୍ତର ପାଣିଗ୍ରାହୀ ୧୯୯୭ରୁ ଏ ପର୍ଯ୍ୟନ୍ତ ୩୩ହଜାର ୧୪୮ଜଣ ମହିଳାଙ୍କୁ ସଫଳ ଭାବେ ପରିବାର ନିୟୋଜନ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରି ରାଜ୍ୟରେ ଚଳିତବର୍ଷ ଦ୍ୱିତୀୟ ସ୍ଥାନ ଅଧିକାର କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ସେବା କାର୍ଯ୍ୟରେ ସଫଳତା ପାଇଁ ସେ ଥରେ ଜାତୀୟସ୍ତରରେ ସମ୍ବର୍ଦ୍ଧିତ ହୋଇଥିବା ବେଳେ ରାଜ୍ୟସ୍ତରରେ ଏହାକୁ ମିଶାଇ ୮ଥର ଓ ଜିଲାସ୍ତରରେ ୯ଥର ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଏହି ସେବା କାର୍ଯ୍ୟ ପାଇଁ ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ସମ୍ବର୍ଦ୍ଧିତ କରିଥିଲେ।

**ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ**

ସେହିପରି ଡାକ୍ତର ପାଣିଗ୍ରାହୀଙ୍କୁ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଶିପ ଶୋସାଇଟି ପକ୍ଷରୁ ଭାରତ ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ମହାବୀର ମହୋତ୍ସବରେ ଡାକ୍ତର ପାଣିଗ୍ରାହୀ କୃତୀ ସନ୍ତାନ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ସେହିପରି ଦୁଇଥର ତାଙ୍କ ନାମ ଇଣ୍ଡିଆ ବୁକଅଫ ରେକର୍ଡରେ ସ୍ଥାନିତ ହୋଇଛି। କିଛିଦିନ ତଳେ ଡାକ୍ତର ପାଣିଗ୍ରାହୀ ୨୪୬ଗୋଟି ଦେଶର ୨୨୩୯ ଗୋଟି ମୁଦ୍ରା ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଇଣ୍ଡିଆ ବୁକଅଫ ରେକର୍ଡସରେ ତାଙ୍କ ନାମ ସ୍ଥାନିତ ହୋଇଛି। ଡାକ୍ତର ପାଣିଗ୍ରାହୀଙ୍କ ଏଭଳି ସଫଳତା ପାଇଁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଅନ୍ୟପକ୍ଷରେ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ଦମ୍ପତିଙ୍କୁ ପ୍ରେରଣା ପାଇଁ ଧର୍ମଗଡର ମହିଳା ସ୍ୱାସ୍ଥ୍ୟ କର୍ମୀ ଦିବ୍ୟଲତା ଦୀପଙ୍କୁ ପ୍ରଥମ ଓ ବୋର୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଲିନା ସାହୁଙ୍କୁ ମଧ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ୩ ଅଟକ

**କେସିଙ୍ଗା,୧୨।୭(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମପଞ୍ଚାୟତ ଅଧୀନ ମହଗାଁ ଗ୍ରାମରେ ମଙ୍ଗଳବାର ରାତି ସାଢ଼େ ୯ଟାରେ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନା ଯେ, ଗ୍ରାମର ଅନିରୁଦ୍ଧ ହରିଜନ (୪୫) ଓ ଜରାସନ୍ଧ ହରିଜନ ଦୁହେଁ ମହାଗା ଗ୍ରାମ ରାସ୍ତାରେ ଆସୁଥିବା ବେଳେ ଗଜିନ୍ଦ୍ର ଶବର ଘର ନିକଟରେ ସୁରେଶନ ଶବର, ଜୟରାମ ଶବର, ସୁନାଧର ଶବର ୩ଜଣ ମିଶି ଅନିରୁଦ୍ଧଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମାରଣାତ୍ମକ ଆକ୍ରମଣ କରିଥିଲେ।



ଆହତ ଅନିରୁଦ୍ଧ ହରିଜନ।

ତାଙ୍କୁ ଲୁହା ରଡ଼, କାଠ ଫାଳିଆରେ ମାଡ଼ ମାରି ମୁଣ୍ଡ ଫଟାଇ ରକ୍ତାକ୍ତ ଓ ସଂଜ୍ଞାହୀନ କରିଦେଇଥିଲେ। ୩ଜଣ ଅନିରୁଦ୍ଧଙ୍କୁ ଜୀବନ ମାରିଦେବା ପାଇଁ ମାଡ଼ ମାରିଥିଲେ। ଖବର ପାଇ ଅନିରୁଦ୍ଧଙ୍କ ସ୍ତ୍ରୀ ଗୋମତି ଗ୍ରାମର ଲୋକଙ୍କ ସାହାଯ୍ୟରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଭାବନୀପାଟଣା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଏ ନେଇ ଅନିରୁଦ୍ଧଙ୍କ ସ୍ତ୍ରୀ ଗୋମତୀ ହରିଜନ ବୁଧବାର କେସିଙ୍ଗା ଆଦର୍ଶ ଥାନାଠାରେ ଲିଖିତ ଅଭିଯୋଗ କରିଛନ୍ତି। କେସିଙ୍ଗା ଥାନାଧିକାରୀ ସତ୍ୟ କୁମାର ନନ୍ଦ ୩ ଆକ୍ରମଣକାରୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି।

# ନାବାଳିକା ବଳାତ୍କାର ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

**ଭବାନୀପାଟଣା,୧୨।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କଲମପୁର ପୋଲିସ ନାବାଳିକା ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଭବାନୀପାଟଣା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତକୁ ଚାଲାଣ କରିଛି। ସୂଚନା ଅନୁସାରେ, ଗତ ଶନିବାର ୭ ବର୍ଷୀୟ ନାବାଳିକା ଜମିରେ କାମ କରୁଥିବା ନିଜ ଭିନ୍ନକ୍ଷମ ବାପାଙ୍କ ପାଇଁ ଖାଇବା ନେଇ ଯାଇଥିଲା। ସେଠାରେ ବାପାଙ୍କୁ ଖାଇବାକୁ ଦେଇ ନିକଟସ୍ଥ ନଳକୂଅକୁ ପାଣି ଆଣିବାକୁ ଯାଇଥିଲେ। ଅଞ୍ଚଳ ଶୂନଶାନ ଥିବାରୁ ସେଠାରେ ଥିବା ଅପରିଚିତ ଅଭିଯୁକ୍ତ ଜଣକ ନାବାଳିକାକୁ ଟେକି ନେଇ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ଏ ନେଇ କାହାକୁ କିଛି ଜଣାଇଲେ ଜୀବନରୁ ମାରି ଦେବାର ଧମକ ମଧ ଦେଇଥିଲେ। ନାବାଳିକା ଜଣକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିଥିଲେ। ଝିଅ ଆସିବା ବିଳମ୍ବ ହେବା ଦେଖି ବାପା ଖୋଜିବାକୁ ଗଲା ବେଳକୁ ଝିଅର ଅବସ୍ଥା ଦେଖି ହତବାକ ହୋଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ।

# ଚାଷ ପାଇଁ ଛଡ଼ା ଗଲା ତିଖାଲି ଡ୍ୟାମ୍ ପାଣି

**ଖଡ଼ିଆଳ,୧୨।୭(ସୁଜିତ୍ ପ୍ରଧାନ)**

ଚଳିତ ବର୍ଷ ଜୁନ ଓ ଜୁଲାଇରେ ସ୍ୱଳ୍ପ ବର୍ଷ୍ଟିପାତ ଯୋଗୁ ନୂଆପଡ଼ା ଜିଲାରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଖରିଫ ଚାଷ ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଜିଲାର ଖଡ଼ିଆଳସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ପାଣି ବୁଧୁବାର ଛଡାଯାଇଛି। ଡ୍ୟାମର ମୁଖ୍ୟ କେନାଲରେ ପାରମ୍ପାରିକ ରୀତିରେ ପୂଜାର୍ଚ୍ଚନା ପରେ ଗୋଟିଏ ଗେଟ ଦେଇ ପାଣି ଛଡାଯାଇଛି। କିଛି ଦିନ ମଧ୍ୟରେ ୪ଟି ଗେଟରେ ପାଣି ଛଡାଯିବ। ଏହି ପାଣି ନୂଆପଡା ଓ ବଲାଙ୍ଗୀର ଜିଲାର ପ୍ରାୟ ୩୦ ହଜାର ହେକ୍ଟର ଜମିରେ ଲାଗିବ। ଏହି ସମୟରେ ତିଖାଲି ଡ୍ୟାମ ମୁଖ୍ୟ ନିର୍ମାଣାଧୀନ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆ, ଏସି ଗୋବର୍ଦ୍ଧନ ନାଏକଙ୍କ ସମେତ ସମସ୍ତ ପଦାଧିକାରୀ ଓ ପାଣି ପଞ୍ଚାୟତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପାଣି ଛଡ଼ାଯିବା ପାଇଁ ପୂଜା କରାଯାଉଛି।

# ଢ଼େପଗୁଡ଼ା ଘାଟିରେ ଭାରିଯାନ ଫସି ରାସ୍ତା ଅବରୋଧ

**ଲାଞ୍ଜିଗଡ଼,୧୨।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ରାୟଗଡାରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ୬ ନଂ. ରାଜ୍ୟ ରାଜପଥର ଢ଼େପଗୁଡା ଘାଟି ଅଣଓସାରିଆ ପୋଲ ନିକଟରେ ବଲ୍କ ଟ୍ୟାଙ୍କର ଫସି ରହିଛି। ଫଳରେ ଭବାନୀପାଟଣାରୁ ଲାଞ୍ଜିଗଡ ଓ ରାୟଗଡ ରାସ୍ତା ଅବରୋଧ ହୋଇଛି। ସୂଚନାନୁସାରେ ବୁଧବାର ପୂର୍ବାହ୍ନ ୧୦ଟାରେ ରାୟଗଡାଠାରୁ ଭବାନୀପାଟଣା ଯିବାବେଳେ ବଲ୍କ ଟ୍ୟାଙ୍କର ଢ଼େପଗୁଡ଼ା ଘାଟି ଉଠୁଥିବା ବେଳେ ଗାଡି ପଛକୁ ଗଡ଼ିଆସି ନିକଟସ୍ଥ ଏକ ଅଣଓସାରିଆ ପୋଲ ନିକଟରେ ଅଟକି ରହିଛି। ଏହି ରାସ୍ତା ରାଇପୁରରୁ ବିଶାଖାପାଟଣା ସଂଯୋଗ ହେଉଥିବାରୁ ପ୍ରତିଦିନ ସହ ସହ ଭାରିଯାନ ଯାତାୟାତ କରୁଥିବାବେଳେ ମୁଖ୍ୟ ରାସ୍ତାରେ ସମ୍ପୂର୍ଣ୍ଣ ପୋଲ ଅବରୋଧ କରି ଗାଡି ଫସି ରହିଥିବାରୁ ଦୁଇ ପାର୍ଶ୍ୱରେ ମାଲବାହୀ ଗାଡି ଓ ଯାତ୍ରୀବାହୀ ବସ ସମେତ ଅନେକ



ଢେପଗୁଡ଼ା ଘାଟିରେ ବଲ୍କ ଟ୍ୟାଙ୍କର ଫସି ରହିଛି।

**ଭବାନୀପାଟଣାରୁ ଲାଞ୍ଜିଗଡ ଓ ରାୟଗଡକୁ ଯୋଗାଯୋଗ ବିଚ୍ଛିନ୍ନ**

ଗାଡି ଅଟକି ରହିଛି। ଭବାନୀପାଟଣାରୁ ରାୟଗଡା, ମୁନିଗୁଡା, ଆମ୍ବାଦୋଲା, ଲାଞ୍ଜିଗଡ, ବିଶ୍ୱନାଥପୁର ଯୋଗାଯୋଗ ବିଚ୍ଛିନ୍ନ ହେଇଯାଇଛି। ବିଭିନ୍ନ ଜାଗାକୁ ଯିବାକୁ ଥିବା ବସ୍ ଯାତ୍ରୀମାନେ, ଆମ୍ବୁଲାନ୍ସ ବହୁତ ଅସୁବିଧାର ସମ୍ମୁଖିନ ହେଇଥିବା ସୂଚନା ମିଳିଛି। ଖବର ପାଇ ବିଶ୍ୱନାଥପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଉପରେ ଧ୍ୟାନ ଦେଉଛନ୍ତି। ରାତି ସାଢେ ୭ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟି ନ ଥିବା ସୂଚନା ମିଳିଛି। ବିଶ୍ୱନାଥପୁର ଥାନା ଅଧିକାରିଣୀ ମମତା ହେମ୍ବ୍ରମଙ୍କୁ ପଚାରିବାରୁ ଭାରିଯାନଟିକୁ ହଟାଇବା ପାଇଁ ଭବାନୀପାଟଣାରୁ ଗାଡି ଆସୁଛି ଏବଂ ଗାଡି ଆସିବା ପରେ ରାସ୍ତା ଅବରୋଧ ହଟିବ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

**ଅତାବିରା,୧୨।୭(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ପୋଲିସ ବୁଧବାର ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ଗୋଡ଼ଭଗା ଆରଏମସି ୟାର୍ଡ଼ ପରିସରରୁ ମୃତଦେହ ଉଦ୍ଧାର ହୋଇଛି। ଏ ନେଇ ଅତାବିରା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୨୩) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପୋଲିସ ପଠାଇଛି।

### ଅନଧିକୃତ ସାଇଲେନ୍ସର ବ୍ୟବହାର : ୬ ବାଇକ୍ ଆରୋହୀ ଧରାପଡ଼ିଲେ

**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୋଲିସ ବାଇକ୍‌ରେ ଅନଧିକୃତ ସାଇଲେନ୍ସର ବ୍ୟବହାର ଉପରେ ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଏହି ଅଭିଯାନରେ ମଙ୍ଗଳବାର ୯ବାଇକ ଆରୋହୀଙ୍କଠାରୁ ପୋଲିସ ୪୫ହଜାର ଟଙ୍କା ଜରିମାନା ଅସୁଲି କରିଥିବାବେଳେ ବୁଧବାର ଅନ୍ୟ ୬ବାଇକ୍ ଆରୋହୀଙ୍କଠାରୁ ୩୯ହଜାର ଜରିମାନା ଆଦାୟ କରିଛି। କେତେକ ଲୋକ ନିଜ ବାଇକ୍‌ରେ ଅନଧିକୃତ ସାଇଲେନ୍ସର ବ୍ୟବହାର ଯୋଗୁ ଉଚ୍ଚ ଶବ୍ଦ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି।

### ବ୍ଲକସ୍ତରୀୟ ସମିତି ସଂଘର ବୈଠକ

**ପଦ୍ମପୁର, ୧୨।୭(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ବ୍ଲକ ସମିତି ସଭ୍ୟମାନଙ୍କ ବୈଠକ ପଲସାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘନାମାଲଠାରେ ସଂଘର ସଭାପତି ଠାକୁର ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଦ୍ମପୁର ବ୍ଲକ ଅଧକ୍ଷ ରଣଜିତ ସିଂ ବରିହା, ଉପାଧକ୍ଷ ସଂଯୁକ୍ତା ଚାନ୍ଦଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ସୁଦାମ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

### ବଡ଼ପଡ଼ା ଅହିଂସା ଛକଠାରେ ଗୋଷ୍ଠୀକେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର,୧୨।୭ (ପ୍ରଦୀପ୍ତ ଦାଶ):** ସ୍ଥାନୀୟ ବଡ଼ପଡ଼ା ଅହିଂସା ଛକ ଠାରେ ବୁଧବାର ବରଗଡ ସାଂସଦ ସୁରେଶ ପୂଜାରୀଙ୍କ ଦ୍ୱାରା ଗୋଷ୍ଠୀକେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, କାଉନସିଲର ଚିନ୍ମୟ ପଣ୍ଡା କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ କାଉନସିଲର ପ୍ରମିଳା ମେହେର ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଧାବଲ୍ଲଭ ପାଣିଗ୍ରାହୀ, ଗୋବିନ୍ଦ ଅଗ୍ରୱାଲ, ମନୋରଞ୍ଜନ ଦୋରା, ସୁନୀଲ ଅଗ୍ରୱାଲ, ରଞ୍ଜୁ ସେଟ, ପ୍ରମୋଦ ମେହେର, ଅନ୍ତର୍ଯ୍ୟାମୀ ସରାଫ, ମୁନ୍ନୁ ସରାପ, ବାସୁଦେବ ଦୋରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

**ଗାଇସିଲେଟ,୧୨।୭(ବେଦପ୍ରକାଶ କଲେତ୍):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି ଗ୍ରାମର ଶିକ୍ଷାବିତ୍ ଚୂଡ଼ାମଣି ପାତ୍ରଙ୍କ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ



୭୫ବର୍ଷ ହୋଇଥିଲା। ସ୍ୱର୍ଗତ ପାତ୍ର ଜଣେ ଅବସରପ୍ରାପ୍ତ ତଥା ଅଞ୍ଚଳର ପ୍ରତିଷ୍ଠିତ ଶିକ୍ଷକ ଥିଲେ। ସେ ଗ୍ରାମର ଗୌନ୍ତିଆ ମଧ୍ୟ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ବଡ଼ପୁଅ ବିବେକାନନ୍ଦ ମୁଖାଗ୍ନି ଦେଇଥିଲେ।

# ତାତିଲେ ୬୬୨ କଲେଜ ଅଧ୍ୟାପକ, କର୍ମଚାରୀ

**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର
- ଦାବିକୁ ନ ମାନିଲେ ୨୦ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ



କଲେଜ ଅଧ୍ୟାପକ, କର୍ମଚାରୀ ସଂଘର ଶୋଭାଯାତ୍ରା ।

ରାଜ୍ୟରେ ୬୬୨ ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀ ସଂଘର ଦାବି ସମୂହକୁ ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ସଂଘର ଅଧ୍ୟାପକ, କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ବଦଳରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସଂଘ ଅଭିଯୋଗ କରିଛି। ଏଭଳି ଅଭିଯୋଗ କରି ସଂଘର ଅଧ୍ୟାପକ, କର୍ମଚାରୀମାନେ ତାତି ଉଠିଛନ୍ତି। ୪ଦଫା ଦାବି ନେଇ ନିଖିଳ ଓଡ଼ିଶା (ଯୁକ୍ତଦୁଇ, ଯୁକ୍ତତିନି) ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୧୫୦ଦିନରେ ପହଞ୍ଚି ଥିବାବେଳେ ବୁଧବାର ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୪ଦଫା ଦାବି କରାଯାଇଛି। ଦାବି ସମୂହ ମଧ୍ୟରେ ସମାନ ଗ୍ରେଡ୍ ଆଧାରରେ ସମାନ ଦରମା ପ୍ରଦାନ, ୨୦୦୮ ଜିଓ ଅନ୍ତର୍ଭୁକ୍ତ ସମସ୍ତଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ ବ୍ୟବସ୍ଥା କରିବା, ୨୦୧୮ ଜିଓକୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଏବଂ ୨୦୧୮ ଓ ୨୦୧୪ ଜିଓରେ ରହିଥିବା ଅସଙ୍ଗତି ଦୂରୀକରଣ ଦାବି ରହିଛି। ଏହି ଦାବି ପୂରଣ କରା ନ ଗଲେ ଆସନ୍ତା ୨୦ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସଂଘ ଓହ୍ଲାଇବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି।

ପ୍ରକାଶ ଯେ, ବ୍ଲକ ଗ୍ରାଣ୍ଟ ପାଉଥିବା ଶିକ୍ଷକ, କର୍ମଚାରୀମାନଙ୍କୁ ସରକାର ଜିଆଇଏ ପଲିସି-୨୦୧୭ରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ଗତ ଜାନୁଆରୀ ମାସରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜ କର୍ମଚାରୀଙ୍କ ଦରମା ବୃଦ୍ଧି କରି ସାରିଛନ୍ତି। ତେବେ ସମାନ କାମ କରୁଥିବା କେତେକ ଅଧ୍ୟାପକ, କର୍ମଚାରୀ ଏଥିରେ ଉପକୃତ ହୋଇଥିବାବେଳେ ଅନ୍ୟ କେତେକ ଅଧ୍ୟାପକ, କର୍ମଚାରୀଙ୍କୁ ସେଥିରୁ ବାଦ୍ ଦିଆଯାଇଛି। ସରକାର ଏଭଳି ୨ଭାଗ କରିଥିବା ଯୋଗୁ ତାକୁ ବିରୋଧ କରି ନିଖିଳ ଓଡ଼ିଶା ୬୬୨(ଯୁକ୍ତଦୁଇ, ଯୁକ୍ତତିନି) ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ଗତ ଫେବୃଆରୀ ମାସ ୨୦ତାରିଖରୁ ରାଜଧାନୀରେ ଆନ୍ଦୋଳନକୁ ଓହ୍ଲାଇଛି। ସେଠାରେ ଚାଲିଥିବା ଧାରଣା ୧୫୦ଦିନରେ ପହଞ୍ଚିଛି। ଏହାସତ୍ତ୍ୱେ ସରକାର ସେହି ଦାବି ସମୂହ ପ୍ରତି ନୀରବ ରହିଥିବା ସଂଘ ଅଭିଯୋଗ କରିଛି। ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ବିଶାଳ ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧିଛକରୁ ବାହାରି ଜିଲାପାଳ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ପ୍ରତିବାଦ ସଭା ପରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘର ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳ ମିଶ୍ର, ସମ୍ପାଦକ ସୁଶାନ୍ତ ମିଶ୍ର, ସହସମ୍ପାଦକ ଜଗଦିଶ ଦେବତା, କୋଷାଧ୍ୟକ୍ଷ ସୁରେଶ ପରିଡ଼ା ପ୍ରମୁଖ ପ୍ରତିବାଦ ସଭାରେ ଉଦବୋଧନ ଦେଇଥିବାବେଳେ ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ସରକାରଙ୍କ ସେଭଳି ନିଷ୍ପତ୍ତିକୁ ସଂଘ ଆରମ୍ଭରୁ ବିରୋଧ କରି ଆସୁଛି। ପ୍ରଥମେ ସଂଘର ଅଧ୍ୟାପକ, କର୍ମଚାରୀ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ସେହିପରି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଗତ ଜାନୁଆରୀ ମାସ ୨୫ତାରିଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଥାପି ସରକାର କର୍ଣ୍ଣପାତ ନ କରିବା ପ୍ରତିବାଦରେ ଗତ ଫେବୃଆରୀ ମାସ ୧୩ତାରିଖରୁ ରାଜଧାନୀରେ ଧାରଣା ଜାରି ରହିଛି। ସେହିପରି ୪ଟି ମହାସମାବେଶ ଆୟୋଜିତ ହୋଇସାରି ଥିବାବେଳେ ଗତ ମାର୍ଚ୍ଚ ମାସରେ ଯୁକ୍ତଦୁଇ, ଯୁକ୍ତତିନି ପରୀକ୍ଷାଖାତା ମୂଲ୍ୟାଙ୍କନ ବର୍ଜନ ପାଇଁ ସଂଘ ନିଷ୍ପତ୍ତି ନେଇଥିଲା। ମାତ୍ର ସରକାରଙ୍କ ଅନୁରୋଧକ୍ରମେ ତଥା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସଂଘ ପୁଣି ମୂଲ୍ୟାଙ୍କନରେ ସାମିଲ ହୋଇଥିଲା। ଅନ୍ୟପଟେ ଆସନ୍ତା ୨୦ତାରିଖରୁ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେବା ସହିତ ବିଭିନ୍ନ ପରୀକ୍ଷା ପରିଚାଳନା ମଧ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଯାଇଛି।

## ଗଞ୍ଜେଇ କାରବାର, ୨ଗିରଫ



**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ଥାନା ପୋଲିସ ଗଞ୍ଜେଇ କାରବାରରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବିହାର ରାଜ୍ୟ ସରନ ଜିଲା ଦୋରିଗଞ୍ଜ ଥାନା କାଜିତୋଲା ଖାଓସପୁର ନିବାସୀ ରୂପେଶ କୁମାର ଯାଦବ(୩୩) ଏବଂ ଉତ୍ତରପ୍ରଦେଶ ରାଜ୍ୟ ସୋନଭଦ୍ରା ଜିଲା କୋନ୍ ଥାନା ଅନ୍ତର୍ଗତ କୁଡ୍‌ୱା ଗ୍ରାମର ବିଦ୍ୟାସାଗର ଭାରତୀ(୨୮)। ସେମାନଙ୍କ ପାଖରୁ ୯କି.ଗ୍ରା ୪୩୦ଗ୍ରାମ ଗଞ୍ଜେଇ, ୨ଟି ମୋବାଇଲ, ୨ଟି ଆଧାର କାର୍ଡ଼ ଏବଂ ନଗଦ ୭୧୦୦ ଟଙ୍କା ଜବତ ହୋଇଛି। ଏୟାର ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଥିବାବେଳେ ପଥର୍ଲା ମିଲ ଛକ ନିକଟରେ ପୋଲିସ ସେମାନଙ୍କୁ ଧରିଥିଲା । ଅଭିଯୁକ୍ତଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା(ନଂ.୨୫୫/୧୨) ରୁଜୁ ହୋଇଛି ।

## ବିକାଶରେ ଇନଭେଷ୍ଟିଚର ସମାରୋହ

**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ଇନଭେଷ୍ଟିଚର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିକାଶ ଶିକ୍ଷାନୁଷ୍ଠାନର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ୪ସଦନରେ ବିଭାଜିତ କରି ସେମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପଦବୀରେ ବିଭୂଷିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ହେଡ୍ ଗାର୍ଲ, ହେଡ୍ ବୟ, ୪ସଦନର କ୍ୟାପଟେନ ତଥା ଅନ୍ୟାନ୍ୟ କ୍ଲବ କ୍ୟାପଟେନଙ୍କୁ ପଦବୀ ଭାର ପ୍ରଦାନ କରାଯାଇଥିଲା। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ସମସ୍ତ ନବନିଯୁକ୍ତ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶପଥପାଠ କରାଇ ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟିତ ହେବେ ବୋଲି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଏକାଡ଼େମିକ ଡିନ୍ ପିତାମ୍ବର ଦାସ, ଅଧକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧକ୍ଷ ପ୍ରଦୀପ କୁମାର ସାହୁ, ପାଷ୍ଟରାଲ୍ ଚେୟାର ହେଡ୍ ନେଜଲିନ୍ ଫୋନସେକା ପ୍ରମୁଖ ଉପସ୍ଥିତ ଥିଲେ।



ବିକାଶ ଗ୍ରୁପ୍ ଚେୟାରମ୍ୟାନଙ୍କ ଗହଣରେ ହେଡ୍ ଗାର୍ଲ, ହେଡ୍ ବୟ ।

## ବିକାଶ ପଲିଟେକ୍‌ନିକ୍ ଛାତ୍ରୀଛାତ୍ରଙ୍କ ସଫଳତା

**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**


ଯମୁନା ଅମାତ୍


ଝରଣା ବେହେରା


ଅନ୍ତର୍ଯ୍ୟାମୀ ମେହେର

ଚଳିତବର୍ଷର ଡିପ୍ଲୋମା ଇଞ୍ଜିନିୟରିଂ ଶେଷ ସେମିଷ୍ଟାର ପରୀକ୍ଷାରେ ବିକାଶ ପୋଲିଟେକ୍‌ନିକ୍ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଅନୁଷ୍ଠାନର ଶତପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ଜଣ ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ମେକାନିକାଲ ବିଭାଗର ପଙ୍କଜ ଦିଲା ୮୮.୧୩, ସିଭିଲ ବିଭାଗର ଜମୁନା ଅମାତ ୮୪.୬୭, କମ୍ପ୍ୟୁଟର ସାଇନ୍ସ ବିଭାଗର ଝରଣା ବେହେରା ୮୪.୨୭, ଇଲେକ୍ଟ୍ରିକାଲ ବିଭାଗର ଅନ୍ତର୍ଯ୍ୟାମୀ ମେହେର ୮୨, ଇଲେକ୍ଟ୍ରୋନିକ୍ସ ବିଭାଗର ବିକିନା ଅଭିରାମ ଚୌଧୁରୀ ୭୨.୨୭ ପ୍ରତିଶତ ମାର୍କ ରଖି ଟପ୍ପର ତାଲିକାରେ ରହିଛନ୍ତି। ସେହିପରି ମେକାନିକାଲ ବିଭାଗର ଗଜେନ୍ଦ୍ର ସାହୁ, କରନ ଦୋରା, ରତନ ମେହେର, ଅତୁଲ ତାଣ୍ଡି, ସମତ ମୁଲ୍ଲା, ଲକି ନନ୍ଦ, ଆକାଶ ଗୁରୁ, ଧନେଶ୍ୱର ନନ୍ଦ, ଇଲେକ୍ଟ୍ରିକାଲ ବିଭାଗର ହରିଶଙ୍କର ବାରିକ, ସେକ୍ ସାଲିମୁଦ୍ଦିନ, ସିଭିଲ ବିଭାଗର ମଳୟ ରଞ୍ଜନ ମେହେର, କମ୍ପ୍ୟୁଟର ସାଇନ୍ସର ଲୁପ୍ତେଶ୍ୱର ଜାଲ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି ବୋଲି ଅନୁଷ୍ଠାନର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ପୋଲିଟେକନିକ୍‌ର ଉଚ୍ଚମାନର ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ଅଧ୍ୟକ୍ଷ ଇଂ ଅଜୟ କୁମାର ମହାପାତ୍ର, ଉପାଧକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ପ୍ରମୁଖ ସମସ୍ତ ବିଭାଗ ମୁଖ୍ୟ, ଏକାଡ଼େମିକ କୋଅର୍ଡ଼ିନେଟର, ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକୀର୍ତ୍ତନରେ ଅଶ୍ଳୀଳତାକୁ ବିରୋଧ

**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**

ବର୍ତ୍ତମାନ ସଂକୀର୍ତ୍ତନ୍ୟ ପରିବେଷଣ ସମୟରେ ବିଭିନ୍ନ ସଂକୀର୍ତ୍ତନ୍ୟ ଦଳ ଅଶ୍ଳିଳତା ତଥା ଦ୍ୱିଅର୍ଥ ବୋଧକ ସଙ୍ଗୀତ ପରିବେଷଣ କରୁଛନ୍ତି। ଏହାଦ୍ୱାରା ସଂକୀର୍ତ୍ତନ୍ୟର ପରମ୍ପରା ତଥା ସଂସ୍କୃତି ଅପସଂସ୍କୃତି ଆଡ଼କୁ ଠେଲି ହୋଇ ଯାଉଛି ବୋଲି ବରଗଡ଼ ଜିଲା ସଂକୀର୍ତ୍ତନ୍ୟ ପରିଷଦ ଅଭିଯୋଗ କରିବା ସହିତ ଉଦ୍‌ବେଗ ପ୍ରକାଶ କରିଛି। ସଂକୀର୍ତ୍ତନ୍ୟ ପରିବେଷଣରେ ସେଭଳି ଅଶ୍ଳିଳତା ଏବଂ ଦ୍ୱିଅର୍ଥ ବୋଧକ ସଙ୍ଗୀତ ପରିବେଷଣ ଉପରେ କଟକଣା ଲାଗୁ କରିବାକୁ ସଂକୀର୍ତ୍ତନ୍ୟ ପରିଷଦ ଦାବି କରିଛି। ଏହି ଦାବି ନେଇ ସଂକୀର୍ତ୍ତନ୍ୟ ପରିଷଦର ଏକ ପ୍ରତିନିଧି ଦଳ ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭେଟି ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ସହିତ ସେ ନେଇ ଆଲୋଚନା କରି ପଦକ୍ଷେପ ନେବେ ବୋଲି ବିଧାୟକ ଆଚାର୍ଯ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା ସଂକୀର୍ତ୍ତନ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ବରିଷ୍ଠ ସଦସ୍ୟ ଲଳିତ ମୋହନ ପଣ୍ଡା, ନୀଳ ଦେବତା, ଅରୁଣ ପ୍ରଧାନ, ମନୋଜ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ମିତ୍ରଭାନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଏହା ପୂର୍ବରୁ ସଂକୀର୍ତ୍ତନ୍ୟ ପରିଷଦ ପକ୍ଷରୁ ଉକ୍ତ ଦାବି ନେଇ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡାଙ୍କ ଜରିଆରେ ସଂସ୍କୃତି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## ଲାୟନ୍ସ କ୍ଲବର ପ୍ରତିଷ୍ଠା ଦିବସ

**ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଲାୟନ୍ସ କ୍ଲବର ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ କିଶନଲାଲ ଅଗ୍ରୱାଲ ସଭାପତି ମନୋନୀତ ହୋଇଥିଲେ। ରାଉରକେଲାରୁ ଆସିଥିବା ମୁଖ୍ୟଅତିଥି ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ନର ଲାୟନ୍ସ ମମତା ଗୌତମ ତାଙ୍କୁ ଶପଥ ପାଠ କରାଇଥିଲେ। ସେହିପରି ଅନୀଲ ଅଗ୍ରୱାଲ ସମ୍ପାଦକ, ଦିପକ ବଲୋଦିଆ, ଆନନ୍ଦ ବିର୍ମିୱାଲ, ସଞ୍ଜୟ ମିତ୍ତଲ ଉପସଭାପତି, ପ୍ରବୀଣ ଜୈନ ସହସମ୍ପାଦକ, ବିକାଶ ମିତ୍ତଲ କୋଷାଧକ୍ଷ, ବିନୋଦ ଜିନ୍ଦଲ ସହକୋଷାଧକ୍ଷ ଭାବେ ଶପଥପାଠ କରିଥିଲେ। ଏହା ବ୍ୟତୀତ ମନୋଜ ମହାପାତ୍ର ଜିଏମଟି କୋଅର୍ଡ଼ିନେଟର, ମନୋରଞ୍ଜନ ପୂଜାରୀ ଜିଏସ୍‌ଟି କୋଅର୍ଡ଼ିନେଟର, ଅନିତା ଲାଠ ଏଲସିଆଇଏଫ୍ କୋଅର୍ଡ଼ିନେଟର, ପ୍ରଦୀପ

**ମନୋନୀତ ହେଲେ ନୂତନ କର୍ମକର୍ତ୍ତା**

ସନନ ଆର୍ଟ ମାର୍କେଟିଂ ଚେୟାର ପର୍ସନ, ପଙ୍କଜ ଦାଶ ଟାଇମର୍, ଅଭୟ ଭୋଇ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋନୀତ ହୋଇଥିଲେ। ଡା. ଓମପ୍ରକାଶ ଲାଠ, ସୋହନଲାଲ ଲାଠ, ଡା. ସ୍ୱାଧୀନ ଶର୍ମା, ଏନ.ପିସିଂଘଲ, ନବୀନ ଲାଠ, ସୁବାସ ଅଗ୍ରୱାଲା, ଜୟନ୍ତୀ ବେହେରା, ପ୍ରଦୀପ ଗୋୟଲ, ସୁଶାନ୍ତ ତ୍ରିପାଠୀ, ଶର୍ଙ୍କର୍ଷଣ ମିଶ୍ର, ରାଜେନ୍ଦ୍ର ବଲୋଦିଆ, ଜଗଦିଶ ମିତ୍ତଲ, ଜି. ଭାସ୍କର ରାଓ, ଦୁର୍ଗାପ୍ରସାଦ ଶର୍ମାଙ୍କୁ ଡାଇରେକ୍ଟର ଭାବେ ମୁଖ୍ୟ ଅତିଥି ଶପଥ ପାଠ କରାଇଥିଲେ। ମନୋରଞ୍ଜନ ପୂଜାରୀ, ନରସିଂହ କର ମଞ୍ଚ ପରିଚାଳନା କରିଥିବାବେଳେ ଅମରଜିତ ସିଂ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଅନୀଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଲାୟନ୍ସ ହସପିଟାଲକୁ ପ୍ରାଥମିକତା ଦେଇ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ନବନିଯୁକ୍ତ ସଭାପତି ଅଗ୍ରୱାଲ କହିଛନ୍ତି।



ପ୍ରତିଷ୍ଠା ଦିବସରେ ଲାୟନ୍ସ କ୍ଲବର କର୍ମକର୍ତ୍ତାବୃନ୍ଦ ।

## ପଞ୍ଚାୟତ ହାଇସ୍କୁଲରେ ବନ ମହୋତ୍ସବ ପାଳିତ

**ପଦ୍ମପୁର, ୧୨।୭(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ପୁରେନାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ରେଣୁଧର ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ଚିତ୍ତରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବରେ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ପ୍ରତିନିଧି ସଞ୍ଜିବ ବେହେରା ଅଂଶଗ୍ରହଣ କରି ବୃକ୍ଷ ରୋପଣ, ସଂରକ୍ଷଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଁଳା ଚାରା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଚାରା ରୋପଣ ସହିତ ତାକୁ ପୋଷ୍ୟ ହିସାବରେ ଗ୍ରହଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସରଣ୍ଡା,୧୨।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ଅତାବିରା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) କାର୍ତ୍ତିକ ବାଗ ମୁଖ୍ୟ ଅତିଥି, ଅତାବିରା ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ସମ୍ମାନିତ ଅତିଥି, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅତିଥିଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ତଥା ଗ୍ରାମବାସୀ କ୍ରୀଡ଼ା ଶିକ୍ଷକ ପ୍ରଧାନଙ୍କ ଦୀର୍ଘ ୩୯ବର୍ଷର ସେବା, କ୍ରୀଡ଼ାକ୍ଷେତ୍ରରେ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ସମାରୋହରେ ଲହଣ୍ଡା ସରପଞ୍ଚ ଅର୍ଚ୍ଚନା ନାଏକ, ଗୌନ୍ତିଆ ବୀରେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଉପଦେଷ୍ଟା କମିଟିର ଦୟାସାଗର ମେଣ୍ଡଲୀ, ମୂଳଜୀ ପ୍ରଧାନ, ହରିହର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଗୋପାଳ ସାହୁ, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଅନିଲ ଶତପଥୀ, ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ସମ୍ପାଦକ ସୁଶାନ୍ତ ଶତପଥୀଙ୍କ ସମେତ ଅତାବିରା ବ୍ଲକର କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାବିତ୍ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ସ୍ନିଗ୍ଧା ପଣ୍ଡା ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସହଯୋଗ କରିଥିବା ବଦାନ୍ୟ ବ୍ୟକ୍ତି ତଥା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିତେନ ଭୋଇ, ଆନନ୍ଦ କୁମାର ତ୍ରିପାଠୀ, ତୁଳସୀ ମଞ୍ଜରୀ ଭୋଇ, କୁବେର ବାରିକ ମଞ୍ଚ ପରିଚାଳନା କରିଥିଲେ। ପରେ ଗ୍ରାମ୍ୟ ପରିକ୍ରମା ସହିତ ଅବସର ଗ୍ରହଣ କରିଥିବା କ୍ରୀଡ଼ା ଶିକ୍ଷକ ପ୍ରଧାନଙ୍କୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ତାଙ୍କ ଘରକୁ ନେଇଥିଲେ।


କ୍ରୀଡ଼ା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ।

## ଖେଳପଡ଼ିଆ ଜମି ଚିହ୍ନଟ କରାଯାଉ

**ସମସ୍ତ କ୍ଲବର ସଦସ୍ୟମାନଙ୍କ ଦାବିପତ୍ର**

**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ସରଲା ଗ୍ରାମରେ ରହିଥିବା ଖେଳ ପଡ଼ିଆ ଏବଂ ସେବାଶ୍ରମ ସ୍କୁଲ ଖେଳ ପଡ଼ିଆ ଜମି ଚିହ୍ନଟ କରିବାକୁ ଦାବି ହୋଇଛି। ଏହି ଦାବିରେ ବୁଧବାର ସରଲା ଗ୍ରାମର କ୍ରୀଡ଼ାବିତ୍ ସନ୍ତୋଷ କୁମାର ପଧାନଙ୍କ ତତ୍ତ୍ୱାବଧାନରେ ଗ୍ରାମର ସମସ୍ତ କ୍ଲବର ସଦସ୍ୟବୃନ୍ଦ ଉପଜିଲାପାଳ ଲଲାଟ କୁମାର ଲୁହା ଏବଂ ତହସିଲଦାର ପ୍ରଶାନ୍ତ ମହାପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଖେଳ ପଡ଼ିଆ ଜମି ଚିହ୍ନଟ ସହିତ ଏହାର ବିକାଶ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ପୁରନ୍ଦର ବାଗ, ସିଦ୍ଧାର୍ଥ ବାଗ, ଗୋପାଳ ସୁନା, ନରୋତ୍ତମ ତାଣ୍ଡି, ମୋହନ ବାଗ, ମହେଶ୍ୱର ମେଲ୍ଲୀ, ରିଙ୍କୁ ପଧାନ, ଡି. ଈଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।


ଖେଳପଡ଼ିଆ ଜମି ଚିହ୍ନଟ ପାଇଁ କ୍ଲବର ସଦସ୍ୟମାନେ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ଧରିତ୍ରୀ
DHARITRI








ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ ୨୦୨୩

## ସଂକ୍ଷେପରେ

### ମାଲଗୋଦାମ ଅଞ୍ଚଳରୁ ମଦ ଜବତ: ଜଣେ ଗିରଫ

**ରାଉରକେଲା,୧୨।୭(ସଙ୍ଗୀତା ଜେନା):** ବୁଧବାର ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ବାସନ୍ତି କଲୋନୀ ମାଲଗୋଦାମ ଛକରେ ପାଟ୍ରୋଲିଂ କରାଯାଉଥିବା ସମୟରେ ସନ୍ଦେହ କରି ଜଣଙ୍କୁ ଅଟକ ରଖାଯାଇଥିଲା। ଯାଞ୍ଚ ପରେ ଉକ୍ତ ବ୍ୟକ୍ତିଙ୍କ କାରରୁ ୩୫୦ ଲିଟର ଦେଶୀମଦ ଜବତ ହୋଇଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଯୁବକଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ହେଉଛନ୍ତି ମାଲଗୋଦାମ ଅଞ୍ଚଳର ରାଜ ପାଣି(୨୩)। କାର ଓଆର-୧୪ଜି-୬୧୨୮ କୁ ଜବତ କରାଯାଇଥିଲା। ରାଉରକେଲା ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକଙ୍କ ନେତୃତ୍ୱରେ ଏସଆଇ ଶ୍ରୀଧର ମହାନ୍ତି ଓ ଟିମ ଏହି ଚଢ଼ାଉ କରିଥିଲେ। ଅପରାହ୍ନରେ ବିଭାଗ ମାମଲା (ନଂ୫୯/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଭୁବନେଶ୍ୱରରେ ନୀରବ ସତ୍ୟାଗ୍ରହରେ ଯୋଗଦେଲେ ରାଉରକେଲା କର୍ମୀ



**ରାଉରକେଲା,୧୨।୭(ସଙ୍ଗୀତା ଜେନା):** ବୁଧବାର ରାହୁଲ ଗାନ୍ଧୀଙ୍କ ମାନହାନୀ ମାମଲା ସହ ଜଡ଼ିତ ଗୁଜୁରାଟ କୋର୍ଟଙ୍କ ନିଷ୍ପତ୍ତିକୁ ବିରୋଧ କରି ରାଉରକେଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରବୋଧ ଦାସଙ୍କ ନେତୃତ୍ୱରେ ରାଉରକେଲାରୁ ଶତାଧିକ କଂଗ୍ରେସ କର୍ମୀ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ଆୟୋଜିତ ହୋଇଥିବା ନୀରବ ସତ୍ୟାଗ୍ରହରେ ଯୋଗଦାନ କରିଥିଲେ। ଏହି ଅବସରରେ ପିସିସି ସଭାପତି ପଟ୍ଟନାୟକ ଆଗାମୀ ଦିନର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରିଥିଲେ। ରାଉରକେଲାରୁ ଇଜାଜ ଅଖତାର, ଶିବୁ ଦୀପ, ସୁଶାନ୍ତ ବେହେରା, ପ୍ରସନ୍ନ ବଳିଆରସିଂ, ସୂର୍ଯ୍ୟକାନ୍ତ ବାରିକ, ସଦ୍ଭାବ ଅହମ୍ମଦ, ଗାନ୍ଧୀ ଦାସ, ସଂଜୟ ଦାସ, ମୋତିଲାଲ ଦୀପ, ଦେବରଥ ମହାନନ୍ଦ, ବାବୁ ବିଶ୍ୱାଳ, ରାଜା ନାଏକ ସମେତ ସହସ୍ରାଧିକ ଯୁବ ଛାତ୍ର ଯୋଗଦେଇଥିଲେ।

### ମଦକିଣିବାକୁ ପଇସା ନ ଦେବାରୁ ଛୁରିରେ ଆକ୍ରମଣ, ଜଣେ ଗିରଫ

**ରାଉରକେଲା,୧୨।୭(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ନୟାବଜାର ଅଞ୍ଚଳରେ ମଦ କିଣିବାକୁ ଟଙ୍କା ନ ଦେବାରୁ ଛୁରୀରେ ଆକ୍ରମଣ ହୋଇଛି। ଏହି ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ। ମାମଲା(ନଂ.୨୧୬/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛନ୍ତି, ସେକ୍ଟର-୨୧ ନୟାବଜାର କୁମ୍ଭାରପଡ଼ା ବସ୍ତିର ଶିବ ସାଗର(୨୪)। ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ନୟାବଜାର ଅଞ୍ଚଳର ରାହୁଲ ପ୍ରସାଦ(୨୩) ଶିବ ମନ୍ଦିରରେ ଥିଲେ। ସେଠାରେ ଶିବ ସାଗର ଆସି ତାଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ରାହୁଲ ଟଙ୍କା ନ ଦେବାରୁ ଶିବ ଗାଳିଗୁଲଜ କରିବା ସହ ଏକ ଛୁରୀରେ ବାରମ୍ବାର ଆକ୍ରମଣ କରିଥିଲେ। ଏଥିରେ ରାହୁଲଙ୍କ ଅଣ୍ଟା ଓ ବାମ ହାତରେ କ୍ଷତାକ୍ତ ହୋଇଥିଲା। ଏ ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସାକ୍ଷାତ ନ ପାଇ ନିରାଶରେ ଫେରିଗଲେ

ରାଉରକେଲା,୧୨।୭(ବିପ୍ଳବ ରଞ୍ଜନ ଦାଶ)



୭୦ମୌଜାର ବାସଚ୍ୟୁତ ସଂଘ କର୍ମକର୍ତ୍ତା ଓ ଯୁବକମାନେ।

ରାଉରକେଲା ଓ ବନ୍ଧରିଆ ମୌଜାର ୭୦ମୌଜା ବିସ୍ଥାପିତ ସଂଘର ଏକ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ମାତ୍ର ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ନ ପାରି ନିରାଶ ହୋଇ ଫେରିଯାଇଥିବା ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ପ୍ରକାଶ ହୋଇଛି। ତେବେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଭେଟିବା ପଛର କାରଣରେ ସଂଘ କର୍ମକର୍ତ୍ତା ଉଲ୍ଲେଖ କରିଛନ୍ତି ଯେ,୧୯୫୮ମସିହାରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ହେଲା। ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ସମୟରେ ବଡତି ପରିବାରର ପୂର୍ବ ପୁରୁଷଙ୍କ ରାଉରକେଲାରେ ଥିବା ୩୨ମୌଜା ପରିସୀମା ଜମିଭୂମି ଓ ମନ୍ଧରିଆ ମୌଜାରେ ଥିବା ୩୮ମୌଜା ପରିସୀମୀ ଜମିଭୂମିର ଅଧିଗ୍ରହଣ କରାଗଲା। ଏହା ପରେ ରାଉରକେଲାର ୩୨ମୌଜାରେ ଷ୍ଟିଲ ପ୍ଲାଣ୍ଟ ଓ ବନ୍ଧରିଆ ୩୮ମୌଜାରେ ମନ୍ଦିରା ଡ୍ୟାମ ନିର୍ମାଣ ହେଲା। ଡ୍ୟାମ ଦ୍ୱାରା ପ୍ଲାଣ୍ଟକୁ ଜଳଯୋଗାଣ ବ୍ୟବସ୍ଥା ହେଲା। ଏହା ପ୍ରତିବଦଳରେ ତତ୍କାଳୀନ ସମୟରେ ବାସଚ୍ୟୁତ ହୋଇଥିବା ବଡତି ପରିବାରର ୩ହଜାର ୭୨୨ଜଣ ପରିବାରକୁ ସାଢେ ୫ଡିସମିଲ ଲେଖାଏଁ ଜାଗା ମିଳିଲା। ମାତ୍ର ୧୯୫୮ ମସିହାରୁ ୨୦୧୩ ମଧ୍ୟରେ ବଡତି ପରିବାରର ଜନସଂଖ୍ୟା ବୃଦ୍ଧି ଘଟିବା ସହ ମିଳିଥିବା ଜାଗା ବଡତି ବଂଶଧର ପାଇଁ ମୁସ୍କିଲ ହୋଇଗଲା। ଯାକୁ ନେଇ ୨୦୧୩ ମସିହାରେ ଜାଗା ପ୍ରତି ବଦଳରେ ବଡତି ପରିବାରର ୩ହଜାର ୭୨୨ଜଣ ବ୍ୟକ୍ତିଙ୍କୁ ନେଇ ୭୦ମୌଜା ବାସଚ୍ୟୁତ ସଂଘ ସ୍ଥାପନ ହେବା ସହ ୩ହଜାର ୭୨୨ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର ଦାବି କଲେ। ପରେ ୭୦ ମୌଜା

**୭୦ ମୌଜା ବାସଚ୍ୟୁତ ସଂଘର ୧ ହଜାର ଯୁବକ**

ବାସଚ୍ୟୁତ ସଂଘର ଦାବିକୁ ନେଇ ରୁରାଲ ପେରିଫେରିଆଲ ଡେଭଲପମେଣ୍ଟ ଅଥରିଟି(ଆରପିଡିସି)ଙ୍କ ସହ ତତ୍କାଳୀନ ସୁନ୍ଦରଗଡ ଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାର, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ, ସ୍ଥାନୀୟ ବିଧାୟକ, ସାଂସଦ, ଆରଏସପି ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ୩ମାସରେ ବାସଚ୍ୟୁତ ପରିବାରର ସଦସ୍ୟମାନଙ୍କୁ ନିଯୁକ୍ତି ପ୍ରଦାନରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ତତ୍କାଳୀନ ଅତିରିକ୍ତ ଜିଲାପାଳଙ୍କୁ ଦର୍ଶାଗଲା। ଯେଉଁ ସମ୍ମିଳନୀ ରାଉରକେଲା ଆରଡିଏ ହଲରେ ହୋଇଥିଲା। ପରେ ୭୦ମୌଜା ବସଚ୍ୟୁତ ସଂଘର ଦ୍ୱିତୀୟ ନିଯୁକ୍ତିମୂଳକ ସମ୍ମିଳନୀ ୨୦୧୯ରେ ରାଉରକେଲାର ଆଇଟିଡିଏ ହଲରେ ଉପରୋକ୍ତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ହେଲା। ସମ୍ମିଳନୀରେ ଏହାର ସ୍ଥାୟୀ ସମାଧାନ ନ ହେବା ଯାଏଁ ପ୍ରତି ତିନିମାସରେ ଥରେ ଲେଖାଏଁ ନିଯୁକ୍ତିମୂଳକ ସମ୍ମିଳନୀ ହେବା ନିର୍ଦ୍ଧାରିତ ହେଲା। ମାତ୍ର ପରିତାପର ବିଷୟ ୨୦୧୯ପରେ ନିଯୁକ୍ତି ନେଇ କୌଣସି ସମ୍ମିଳନୀ ହେଲା ନାହିଁ। ୭୦ମୌଜା ବିସ୍ଥାପିତ ସଂଘ ଯୁବକଙ୍କର ନିଯୁକ୍ତି ଭିତ୍ତିକ ବିଷୟବସ୍ତୁ ଓ ସମ୍ମିଳନୀ ଉପରେ ବିଚାର ବିମର୍ଶ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିଲେ। ମାତ୍ର ସାକ୍ଷାତ ହୋଇପାରିଲା ନାହିଁ। ଏଣୁ ରାଉରକେଲା ସହକାରୀ ଜିଲାପାଳଙ୍କୁ ସମସ୍ତ ବିଷୟବସ୍ତୁ ଉପରେ ସୂଚାଇ ଦେବା ସହିତ ନଭେମ୍ବର ୨୨ତାରିଖ ସୁଦ୍ଧା ସମ୍ମିଳନୀ ନ ହେଲେ ତଥା ପିଲାମାନଙ୍କୁ ନିଯୁକ୍ତି ନ ମିଳିଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ ହେବୁ ବୋଲି ଦର୍ଶାଇଥିବା ସଂଘ ପକ୍ଷରୁ ଉଲ୍ଲେଖ କରିଥିଲେ। ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ସଂଘର ସଭାପତି ଖାରା କୁଜୁର, ସାଧାରଣ ସମ୍ପାଦକ ପୁରଣ ଖାଲକୋ, ଯୋଗିଆ କୁଜୁର, ଲିଗାଇ ଏଡଭାଇଜର ବସନ୍ତ କିଷାନ,ଏକଜିକ୍ୟୁଟିଭ୍ ପିଲା ଲାକ୍ରା, ସଭା ତନ୍ତୀ ପ୍ରମୁଖଙ୍କ ସହିତ ଏକ ହଜାରରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ବଳବତ୍ତର ନିମନ୍ତେ ବ୍ୟାପକ ପୋଲିସ ମୁତୟନ ଥିଲେ।

## ଆର୍ଏସ୍ପି ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା

ରାଉରକେଲା,୧୨।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଇଣ୍ଡୋ-ଜର୍ମାନ କ୍ଲବ୍‌ରେ ବୁଧବାର ଆରଏସପି ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟେ ରାଉରକେଲା ଷ୍ଟିଲ ଶିଳ୍ପ ଏବଂ ଶିଳ୍ପାଞ୍ଚଳ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଯାଇଛି। ଆଲୋଚନା ଚକ୍ରରେ ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଶିଳ୍ପ ଓ ଶିଳ୍ପାଞ୍ଚଳ ଉପରେ ରହିଥିବା ଆପତ୍ତି ଅଭିଯୋଗ ଉପରେ ଠିକ ଜବାବ ଓ ଠିକ ବିବରଣୀ ରଖିଥିଲେ। କାର୍ଯ୍ୟକ୍ରମ ଆରଏସପି ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଆଲୋଚନା ଚକ୍ରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି.କେ ହୋତା, ଖଣି ବିଭାଗ ସିଜିଏମ ଇନଚାର୍ଜ ପି.କେ ରଥ, ବିତ୍ତ ଲେଖା ବିଭାଗର ସିଜିଏମ ଇନଚାର୍ଜ ଏ.କେ ବେହୁରାଆ ମଞ୍ଚାସୀନ ଥିଲେ।

# ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନେଇ ସିପିଆଇଏମ୍‌ର ବିକ୍ଷୋଭ

ରାଉରକେଲା,୧୨।୭(ସଙ୍ଗୀତା ଜେନା)




ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରତ ସିପିଆଇ(ଏମ) କର୍ମକର୍ତ୍ତା।

ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ନେଇ ବୁଧବାର ସିପିଆଇଏମ ପକ୍ଷରୁ ବିକ୍ଷୋଭ କରାଯାଇଛି। ସିପିଆଇ(ଏମ) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ କୁହାଯାଇଛି, ଦୈନନ୍ଦିନ ଖାଦ୍ୟ ସାମଗ୍ରୀ ଯଥା ଖାଇବା ତେଲ, ଆଳୁ, ପିଆଜ, ମସଲା, ପନିପରିବା ଦରବୃଦ୍ଧି ଯୋଗୁ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଏହା ସହ କୋଭିଡ଼ରେ ଲକ୍ଷ ଲକ୍ଷ ଯୁବକଯୁବତୀ ରୋଜଗାର ହରାଇଛନ୍ତି। ଅପରପକ୍ଷରେ ମୋଦି ସରକାର କର୍ପୋରେଟ ଓ ପୁଞ୍ଜିପତିଙ୍କୁ ସୁହାଇଲା ଭଳି ନିୟମ ତିଆରି କରୁଛନ୍ତି। ଅନୁରୂପ ଭାବେ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରିବାରେ କୌଣସି ଆନ୍ତରିକତା ଦେଖାଉନାହାନ୍ତି ମୋଦି ସରକାର। ଉକ୍ତ ସମସ୍ୟାକୁ ନେଇ ବୁଧବାର ପୂର୍ବାହ୍ନରେ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶ୍ରୀମନ୍ତ ବେହେରା, ବିମାନ ମାଇତି, ସୁରେନ୍ଦ୍ର ଦାଶ, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ବସନ୍ତ ନାୟକ, ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁଙ୍କ ସମେତ ଅନ୍ୟମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ପରେ ଦାବିପତ୍ର ଦେଇଥିଲେ। ଦାବି ପୂର୍ଣ୍ଣ ନ ହେଲେ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସିପିଆଇଏମ ନେତା ବାସୁଦେବ ସାହୁ, ଏନ.କେ ରାଉତରାୟ, ପ୍ରମୋଦ ପରିଡ଼ା, ନିରଞ୍ଜନ ସିଂହ, ଉମାକାନ୍ତ ରାୟଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୫ବର୍ଷ ହେଲା ସୁଚିତାଙ୍କୁ ମିଳୁନି ରାଶନକାର୍ଡ ନା ରାଶନ ସାମଗ୍ରୀ

ରାଉରକେଲା,୧୨।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପ୍ରଧାନପାଲି ବନ୍ଧପୋଷଠାରୁ ଆସିଛି ରାସନକାର୍ଡ କେଳେଙ୍କାରୀ ମାମଲା ଅଭିଯୋଗ। ଅଭିଯୋଗକାରୀ ଏବଂ ରାଉରକେଲାର ଜନୈକ ମହିଳା ସମାଜସେବୀ ମିନତୀ ଦେବତା ଏନେଇ ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ରାସନ କାର୍ଡ କେଳେଙ୍କାରୀ ନେଇ ଅବଗତ କରାଇଛନ୍ତି। ତେବେ ହୋଇଥିବା ରାଶନକାର୍ଡ କେଳେଙ୍କାରୀ ଅଭିଯୋଗରେ ଦର୍ଶାଯାଇଛି ଯେ,ରାଉରକେଲା ଆରଏମସି ୪ନଂ ୱାର୍ଡ ପ୍ରଧାନପାଲି ବନ୍ଧପୋଷରେ ତିନିପ୍ରାଣୀ କୁଟୁମ୍ବ ଧରି ରୁହନ୍ତି ଗରିବ ସୁଚିତା କିସାନ(୪୦), ସ୍ୱାମୀ ରାଜୁ କିସାନ(୪୧) ଓ ୭ବର୍ଷର ଝିଅ ଆଲିଷାକୁ ନେଇ ଏହି ଗରିବ ପରିବାର। ମାତ୍ର ଆଜକୁ ୧୫ବର୍ଷ ହେଲାଣି ଗରିବ ସୁଚିତା ରାସନ କାର୍ଡଟିଏ ପାଇଁ ରାଉରକେଲା ଯୋଗାଣ ଅଫସକୁ ଦୌଡି ଦୌଡି ନୟାନ୍ତ ହୋଇ ସାରିଥିବା

**ବନ୍ଧପୋଷ ରାଶନକାର୍ଡ ହିତାଧିକାରୀଙ୍କ ରାଶନ ସାମଗ୍ରୀ ଲାଠିକଟାରେ ଉଠୁଥିବା ଅଭିଯୋଗ**

ବେଳେ,ବର୍ତ୍ତମାନ ରାସନକାର୍ଡ ହେଉ ନ ଥିବାର କାରଣ ଜଣାପଡିଛି। ସୁଚିତା ଓ ମିନତୀଙ୍କ କହିବା ମୁତାବକ ସୁଚିତା କିସାନ ନାଁରେ ଏକ ରାସନକାର୍ଡ ରହିଛି, ଯାହା ଲାଠିକଟାରେ ଅଛି ଏବଂ ପ୍ରତିମାସ ଉକ୍ତ ରାସନକାର୍ଡରୁ ଲାଠିକଟାରୁ ରାସନ ସାମଗ୍ରୀ ଉଠୁଥିବା ଅଭିଯୋଗ ହୋଇଛି। ତେବେ କିଭଳି ଭାବରେ ରାଉରକେଲାର ଜନୈକ ହିତାଧିକାରୀଙ୍କ ରାସନ ଲାଠିକଟାରୁ ଉଠୁଛି ତାହା ଗରିବ ଖାଉଟି ମହଲରେ ଚିନ୍ତାର କାରଣ ପାଲଟି ଯାଇଥିବାବେଳେ,ଏହା ପଛରେ ନକଲି ଆଧାର ଆଇଡି ଓ ନକଲି ରାସନକାର୍ଡ ମାମଲା ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଏବିଷୟରେ ଆରଏମସି କମିଶନର ଉଚ୍ଚସ୍ତରୀୟ ତଦନ୍ତ କରି ଏହାର ପ୍ରକୃତ ସତ୍ୟ ଉନ୍ମୋଚନ କରାଯିବ ବୋଲି ସୁଚିତା ଓ ମୀନତି ଦେବତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ଆରଏମସି କମିଶନରଙ୍କୁ ମିନତୀ ଏବଂ ସୁଚିତା ଅଭିଯୋଗ କରୁଛନ୍ତି।

# ଭାଜପା ପକ୍ଷରୁ ପାନପୋଷରେ ଜନସମ୍ମିଳନୀ




ମଞ୍ଚାସୀନ ବୀରମିତ୍ରପୁର ବିଧାୟକଙ୍କ ସମେତ ଅନ୍ୟ ଅତିଥି।

ରାଉରକେଲା,୧୨।୭(ସଙ୍ଗୀତା ଜେନା)

ଭାରତୀୟ ଜନତା ପାର୍ଟି(ଭାଜପା) ପାନପୋଷ ସାଙ୍ଗଠନିକ ଜିଲା ସ୍ୱଚ୍ଛ ଭାରତ ସେଲ ଆନୁକୂଲ୍ୟରେ ରାଉରକେଲା ପାନପୋଷରୋଡ଼ ସ୍ଥିତ ତାରିଣୀମନ୍ଦିର ପରିସରରେ ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ଜନସମ୍ମିଳନୀ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ସ୍ୱଚ୍ଛଭାରତ ଜିଲା ସଂଯୋଜକ ସୂର୍ଯ୍ୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସହସଂଯୋଜକ ଆଲୋକ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ମୋଦି ସରକାରଙ୍କ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ମଳୟ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି କୈଳାସ ରାଉତ, ଅବୋଧ ରାୟ, ବରିଷ୍ଠ ନେତା ମନୋରଞ୍ଜନ ମୁନୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମଣ୍ଡଳ ସଂଯୋଜକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦନ କାଳନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହସ୍ରାଧିକ କର୍ମୀ ସାମିଲ ହୋଇଥିଲେ।

## ଆର୍ଏମ୍ସି ଖାଦ୍ୟ ବିଭାଗର ଚଢ଼ାଉ

ରାଉରକେଲା,୧୨।୭(ସଙ୍ଗୀତା ଜେନା)

ବୁଧବାର ରାଉରକେଲା ମହାନଗରନିଗମ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏନଏସି ମାର୍କେଟ ସମେତ ଫୁଡକୋର୍ଟରେ ଚଢ଼ାଉ କରାଯାଇଛି। ଆରଏମସି ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଶୀଲ ପରିଡ଼ାଙ୍କ ନେତୃତ୍ୱରେ ଖାଦ୍ୟ ନିରୀକ୍ଷକ, ସ୍ୱାଗତିକା ବେହେରା, ଦୀକ୍ଷାମୋନାଲିସା ଟପ୍ପୋ ଓ ଅନ୍ୟମାନେ ଏହି ଚଢ଼ାଉ କରିଥିଲେ। ମୋଟ ୧୮ଟି ଖାଦ୍ୟ ଷ୍ଟଲରୁ ୨ ହଜାର ଟଙ୍କା ଜରିମାନା ଆଦାୟ ସହ ୩ କେଜି ଖାଦ୍ୟ ନଷ୍ଟ କରାଯାଇଥିଲା। ଦୋକାନୀମାନଙ୍କୁ ନିୟମ ଉଲ୍ଲଂଘନ ନ କରିବାକୁ ପରାମର୍ଶ ଦିଆଯାଇଥିଲା।

## ଓଡ଼ିଶା ସୀମାନ୍ତ ଅଞ୍ଚଳରୁ ଜୀବନ୍ତ ଆଇଇଡି ଜବତ

**ରାଉରକେଲା,୧୨।୭(ସଙ୍ଗୀତା ଜେନା):** ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଗୋଇଲକେରା ଅଞ୍ଚଳରେ ୧ ଜୀବନ୍ତ ଆଇଇଡି ଜବତ କରିଛି ସୁରକ୍ଷା ବଳ। ସୂଚନାଯୋଗ୍ୟ, ସମ୍ପୃକ୍ତ ଥାନାର ରେଲା ପାରଲା ଗ୍ରାମ ନିକଟସ୍ଥ ପାହାଡିଆ ଜାଗାରେ ନକ୍ସଲମାନେ ଏକ ଜୀବନ୍ତ ଆଇଇଡି ଖଞ୍ଜି ଥିଲେ। କୋମ୍ବିଂ ଅପରେସନବେଳେ ଏହା ଜାଣିବା ପରେ ବମ ନିରୋଧକ ଟିମ ସାହାଯ୍ୟରେ ନଷ୍ଟ କରାଯାଇଥିଲା। ସୂଚନା ଯୋଗ୍ୟ, ନକ୍ସଲମାନେ ସୁରକ୍ଷା ବଳଙ୍କୁ ହାନି ପହଞ୍ଚାଇବାକୁ ଏଭଳି କରୁଥିବା ସିଆର୍‌ପିଏଫ କହିଛି।

## ନିରନ୍ତର ଶିକ୍ଷାଲାଭ ହେଉଛି ସଫଳତାର ଚାବିକାଠି

ରାଉରକେଲା,୧୨।୭(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ରୂପେ ଅତିରିକ୍ତ ଦାୟିତ୍ୱ ବହନ କରିଥିବା ବୋକାରୋ ଇସ୍ପାତ କାରଖାନର ୭ଜଣ ନବନିଯୁକ୍ତ ନିର୍ଦ୍ଦେଶକଙ୍କୁ ନେଇ ଆର୍‌ଏସ୍‌ପିର ଏଚ୍‌ଆର୍‌ଡି କେନ୍ଦ୍ରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ନବନିଯୁକ୍ତ ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦେଇ ଜ୍ଞାନର କୌଣସି ସୀମା ନାହିଁ, ନିରନ୍ତର ଶିକ୍ଷା ଲାଭ ଭବିଷ୍ୟତ ସଫଳତାର ଚାବିକାଠି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର୍ ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପିକେ ଶତପଥି, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପିକେ ସାହୁ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, ଖଣି ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପିକେ ରଥ,ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏକେ ବେହୁରିଆ, ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଦେବବ୍ରତ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଭୌମିକ ସେଲ ତରଫରୁ ଚୟନ ହୋଇଥିବା ନବନିଯୁକ୍ତ ନିର୍ଦ୍ଦେଶକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜାତୀୟ ସଂଗୀତ ଗାନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଚ୍‌ଆର୍‌ଡି ବିଭାଗର ଏଜିଏମ୍ କେକେ ଯଶଓ୍ୱାଲ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାରେ ଖୋଲିବ ପ୍ରଥମ 'ମଦର ସିଏନ୍‌ଜି ଷ୍ଟେଶନ'

ରାଉରକେଲା,୧୨।୭(ସଙ୍ଗୀତା ଜେନା)



ପରିବେଶ ପାଇଁ ଅନୁକୂଳ ତଥା କମ ଅର୍ଥରେ ମିଳିବ ଇନ୍ଧନ। ଗ୍ରୀନ ଫୁଏଲ ଭାବେ ପରିଚିତ କମ୍ପ୍ରେସଡ଼ ନେଚୁରାଲ ଗ୍ୟାସ(ସିଏନଜି)ର ରାଉରକେଲାରେ ବହୁତ ଶୀଘ୍ର ମଦର ସିଏନଜି ଷ୍ଟେସନ୍ ଖୋଲିବାକୁ ଯାଉଛି। ପେଟ୍ରୋଲ ଓ ଡିଜେଲର ବିକଳ୍ପ ଭାବେ ଖ୍ୟାତି ଲାଭ କରିଥିବା ସିଏନଜି ଦ୍ୱାରା ଯାନବାହାନ ଓ ଭାରିଯାନ ଚାଲିବ। ଏହାଦ୍ୱାରା ଲୋକ କମ ଖର୍ଚ୍ଚରେ ଇନ୍ଧନ ପାଇବେ। ରାଉରକେଲା ଭଳି ଶିଳ୍ପ ନଗରୀରେ ପ୍ରଦୂଷଣହାର ବୃଦ୍ଧି ସାଙ୍ଗକୁ କ୍ରମାଗତ ବହୁ ପରିମାଣରେ ଯାନବାହାନ ସଂଖ୍ୟା ବୃଦ୍ଧି ହୋଇଛି। ତେବେ ପ୍ରଦୂଷଣ ହାରକୁ କମ କରିବା ପାଇଁ ପୂର୍ବରୁ ଅଟୋ ଗୁଡ଼ିକ ପାଇଁ ସିଏନଜି ଇନ୍ଧନ ବ୍ୟବସ୍ଥା ୨୦୧୯ ମସିହାରେ କରାଯାଇଥିଲା। ଛେଣ୍ଡସ୍ଥିତ ଭଗବତୀ ଓ ସତ୍ୟମରେ ପେଟ୍ରୋଲ ପମ୍ପରେ ଆରୋ ଷ୍ଟେସନ ଦ୍ୱାରା ସିଏନଜି ବିତରଣ କରାଯାଉଥିଲା। ହେଲେ ଏହାର ବହୁଳ ଚାହିଦା ଓ ଅତ୍ୟାଧୁନିକ କୌଶଳରେ ନିର୍ମିତ ଚାରିଚକିଆ ଯାନବାହାନ ଓ ଅଟୋରେ ଇନ୍ଧନ ଯୋଗାଇବା ପାଇଁ ବୃହତ୍ତ ପ୍ରକଳ୍ପ ତିଆରି ଲାଗି ପେଟ୍ରୋଲିୟମ ମନ୍ତ୍ରଣାଳୟ ନିଷ୍ପତି ନେଇଥିଲା। ଯାହାଦ୍ୱାରା ରାଉରକେଲା ସେକ୍ଟର-୨ ଗାୟତ୍ରୀ ମନ୍ଦିର ନିକଟରେ ଏହି ମଦର ଷ୍ଟେସନ ନିର୍ମାଣ ୨୦୨୨ରୁ ଆରମ୍ଭ କରାଯାଇଥିଲା। ପ୍ରାୟ ୯ କୋଟି ଟଙ୍କା ବ୍ୟୟରେ ହେଉଥିବା ଉକ୍ତ ଷ୍ଟେସନରେ ୮ଟି ଡିସପେନସର ଲାଗିବ। ଯାହାଦ୍ୱାରା ଏକକାଳୀନ ୬ଟି କାର ବା ଅଟୋ ସହ ୨ଟି ସିଏନଜି ବସର ଇନ୍ଧନ ଭରାଯିବ। ସେକ୍ଟର-୧୩ ସିଟି ଗେଟ ଷ୍ଟେସନରୁ ଏହାର ପ୍ରମୁଖ ସିଏନଜି ଯୋଗାଣ କରାଯିବ। ଗେଲ(ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ଼) କମ୍ପାନୀ ଓନ କମ୍ପାନୀ ଅପରେସନାଲ(କୋକୋ) ଦ୍ୱାରା ପରିଚାଳିତ ହେବ। ଏହାର ନିର୍ମାଣ ଲାଗି ସଂଚିତ ଇନଫ୍ରାଟେକକୁ କାର୍ଯ୍ୟଦେଶ ମିଳିଛି। ପ୍ରାୟ ସେପ୍ଟମ୍ବର ମାସ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବ ବୋଲି ଗେଲ ଗ୍ୟାସ ମୁଖ୍ୟ ପରିଚାଳକ କିନସୁକ ସରକାର ସୂଚନା ଦେଇଛନ୍ତି। ଅତ୍ୟାଧୁନିକ ଯନ୍ତ୍ରାଂଶ ଦ୍ୱାରା ସୁରକ୍ଷିତ( ଦୁର୍ଘଟଣା ରହିତ) ଇନ୍ଧନ ଯୋଗାଣ କରାଯିବ। ସୂଚନାଯୋଗ୍ୟ, ଦିଲ୍ଲୀ, ବେଙ୍ଗଲୁରୁ ଭଳି ମହାନଗର ଗୁଡ଼ିକରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ସିଏନଜି ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ବିଭିନ୍ନ କମ୍ପାନୀ ପକ୍ଷରୁ ସିଏନଜି ଇନ୍ଧନ ବିଶିଷ୍ଟ ଯାନବାହାନ ଉତ୍ପାଦନ କରାଯାଉଛି। ସିଏନଜି ବ୍ୟବହାର ଦ୍ୱାରା ଯାନବାହାନରୁ ବିଷାକ୍ତ କାର୍ବନ ଡାଇକ୍ସାଇଡ଼ କମ ନିର୍ଗତ ହୋଇଥାଏ। ବୈଜ୍ଞାନିକ ମାନେ ଏହକୁ ଅଧିକ ସବୁଜ ପରିବେଶ ପାଇଁ ବିକଶିତ କରିଛନ୍ତି।

## କଂଗ୍ରେସରେ ମିଶିଲେ ଅନ୍ୟ ଦଳର କର୍ମୀ

**କୁଚିଣ୍ଡା (ବିରଞ୍ଚି ଦର୍କା) :** କୁଚିଣ୍ଡା କଂଗ୍ରେସ ଭବନରେ କଂଗ୍ରେସର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ନଗର କଂଗ୍ରେସ ସଭାପତି ଅଖିଳ ପ୍ରତାପ ସିଂ ଓ ବରିଷ୍ଠ କଂଗ୍ରେସ ନେତା ଡା. ଶରତ ଗୌନ୍ତିଆଙ୍କ ଉପସ୍ଥିତିରେ ସହରର ୩୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର ମହିଳା କର୍ମୀ ଦଳରେ ଯୋଗଦେଇଛନ୍ତି। ଏହା ଦ୍ୱାରା ଦଳ ମଜଭୁତ ହେବ ବୋଲି ପୂର୍ବତନ ଏନ୍ଏସି ଅଧକ୍ଷ ଅଖିଳ ପ୍ରତାପ ସିଂ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ କଂଗ୍ରେସ ସଭାପତି ଦିଲୀପ ପଟେଲ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଦିଲୀପ କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅନୁପ୍ରଭା ପୁରସ୍କୃତ

**ସମ୍ବଲପୁର,୧୨।୭(ବି.ଶଙ୍କର):** ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନୁପ୍ରଭା ବେହେରା ପୁରସ୍କୃତ ହୋଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୃହ ଅର୍ଥ ତାଲିମ କେନ୍ଦ୍ରଠାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ସେଠାରେ ଅନୁପ୍ରଭା ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଅନୁପ୍ରଭା କେନ୍ଦ୍ରୀୟ ବିଦ୍ୟାଳୟ-୧ର ଚତୁର୍ଥ ଶ୍ରେଣୀର ଛାତ୍ରୀ। ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବଲପୁର ଜିଲା ଶିଶୁ କଲ୍ୟାଣ ସମିତି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗରୁ ୧୩୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

### ୫-ଟି ସଚିବଙ୍କ ଗସ୍ତର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**କୁଚିଣ୍ଡା,୧୨।୭(ବିରଞ୍ଚି ଦର୍କା):** ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କୁଚିଣ୍ଡା ଗସ୍ତର ପ୍ରସ୍ତୁତି ନେଇ ବୁଧବାର ସ୍ୱାସ୍ଥ୍ୟ ଓ ଅର୍ଥ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସମୀକ୍ଷା କରିଛନ୍ତି। ଆସନ୍ତା ୧୫ତାରିଖରେ ୫-ଟି ସଚିବ କୁଚିଣ୍ଡା ଗସ୍ତରେ ଆସୁଥିବାରୁ ମନ୍ତ୍ରୀ ପୂଜାରୀ କୁଚିଣ୍ଡା ଓ ବାମରା ବ୍ଲକ ଗସ୍ତ କରି ଗଡପୋଷ ହେଲିପ୍ୟାଡ, କୁଚିଣ୍ଡା କଲେଜ ପଡିଆ ହେଲିପ୍ୟାଡ, ମୁକୁନ୍ଦି ଷ୍ଟାଡିୟମ ସଭାସ୍ଥଳ ଓ ଫରେଷ୍ଟ ପାର୍କ ମିଶନ ଶକ୍ତି କାଫେ ପରିଦର୍ଶନ କରି ସଚିବଙ୍କ ଗସ୍ତ କାର୍ଯ୍ୟସୂଚୀର ସମୀକ୍ଷା କରିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ନଗର ସଭାପତି ସଞ୍ଜୟ ବେହେରା, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବିଜେଡି ନେତା ସଞ୍ଜୟ ବାବୁ, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସା, ଆଇଆଇସି ଚନ୍ଦ୍ର ମୋହନ ସିଂଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ସମାଜ ପକ୍ଷରୁ ବୃକ୍ଷ ରୋପଣ

**ସମ୍ବଲପୁର,୧୨।୭(ବି.ଶଙ୍କର):** ସମ୍ବଲପୁର ସହରର ବିଭିନ୍ନ ଖୋଲା ସ୍ଥାନରେ ବର, ଅଶ୍ୱତ୍ଥ, ନିମ୍ବ ପ୍ରଭୃତି ଗଛ ଲଗାଇବା ପାଇଁ ସମ୍ବଲପୁର ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଯୋଜନା କରାଯାଇଛି। ଏହି କ୍ରମରେ ବୁଧବାର ସାକ୍ଷୀପଡା, ଆଦିବାସୀ ପଡା, ଓ ରାଧାକୃଷ୍ଣ ମନ୍ଦିର ଚାରିପାଖରେ ଏହିସବୁ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପଣ୍ଡା, ସୌମ୍ୟ ରଞ୍ଜନ ମିଶ୍ର, ନିର୍ମଳ କୁମାର ମାଇତି, ଶମ୍ଭୁ ଭୂଷଣ ସେନ, ଡ. ପ୍ରମୋଦ କୁମାର ସାହୁ, ପଞ୍ଚୁ ମୁଣ୍ଡା, ଅଭିଜିତ ମୁଣ୍ଡାଙ୍କ ସହ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ।

### ପ୍ରଧାନ ଡାକଘରେ ନିର୍ଯାତ କେନ୍ଦ୍ର ଉଦ୍ଘାଟିତ

**ସମ୍ବଲପୁର,୧୨।୭(ବି.ଶଙ୍କର):** ସମ୍ବଲପୁର ପ୍ରଧାନ ଡାକଘର ପରିସରରେ ବୁଧବାର ନିର୍ଯାତ କେନ୍ଦ୍ର ଉଦ୍ଘାଟିତ ହୋଇଛି। ସମ୍ବଲପୁର ଡାକ ମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ନେଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହି କେନ୍ଦ୍ର ଜରିଆରେ ଅନ୍ତର୍ଜାତୀୟ ପାର୍ସଲ ବିଭିନ ଦେଶକୁ ପ୍ରେରଣ କରାଯାଇପାରିବ। ତେଣୁ ଗ୍ରାହକମାନଙ୍କୁ ଡାକ ଅଧୀକ୍ଷକ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବାକୁ ପଡିବ ବୋଲି ମୁଖ୍ୟଅତିଥି ସୂଚିତ କରିଛନ୍ତି।

# ପାଉଁଶରେ ପୋତାହେବ ଜଳାଶୟ

**ସମ୍ବଲପୁର, ୧୨।୭ (ଶୁଭାଶିଷ ପାଢ଼ୀ)**

ଭୂତଳ ଜଳସ୍ତର ନିୟନ୍ତ୍ରଣ, ଜଳ ସଂରକ୍ଷଣ ସହ ଲୋକଙ୍କ ଦୈନନ୍ଦିନ ବ୍ୟବହାର ପାଇଁ ରାଜ୍ୟ ସରକାର ପୋଖରୀ ଖନନ କରୁଛନ୍ତି। ଦୁଇଦିନ ତଳେ ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ଘୋଷଣା କରିଛନ୍ତି। ହେଲେ ସମ୍ବଲପୁର ଜିଲାରେ ପଥର ଉତ୍ତୋଳନ ପରେ ସୃଷ୍ଟି ହୋଇଥିବା କୃତ୍ରିମ ଜଳାଶୟକୁ ଏବେ ପାଉଁଶ (ଫ୍ଲାଏଆଶ)ରେ ପୋତିଦେବାକୁ ଯୋଜନା ଆରମ୍ଭ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି।

ଝୁମୁମୁରା ତହସିଲ ହାତିବାରୀ ମୌଜାରେ ଘରୋଇ କମ୍ପାନୀ ଫ୍ଲାଏଆଶ ଟ୍ରାନ୍ସପୋର୍ଟରକୁ ଖୁସି କରିବା ପାଇଁ ଉଦ୍ୟମ ଚଳାଇଛି। ସ୍ଥାନୀୟ ତହସିଲଦାର ମଧ୍ୟ ପଞ୍ଚାୟତକୁ ରିପୋର୍ଟ ମାଗିଛନ୍ତି। ଆପତ୍ତି ଅଭିଯୋଗ କରିବାକୁ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଛି। ଏହାର ଉତ୍ତର ପତ୍ର ଖୋଦ ସ୍ଥାନୀୟ ଆର୍ଆଇ ସରପଞ୍ଚ ନିରଞ୍ଜନ ପଣ୍ଡାଙ୍କଠାରୁ ଆଣିଛନ୍ତି। ଲୋକଙ୍କ ଅଭିଯୋଗ ପାଇବା ପରେ ସରପଞ୍ଚ ଆର୍ଆଇଙ୍କୁ ଚିଠି ଫେରାଇବାକୁ କହିଛନ୍ତି। ଲୋକଙ୍କ ସୁବିଧା ଓ ମତାମତ ନେଇ



ପୋତିବା ପାଇଁ ଯୋଜନା ହୋଇଥିବା ପଥର ଖାଦାନ।

କାମ କରାଯିବ ବୋଲି ସରପଞ୍ଚ ପଣ୍ଡା କହିଛନ୍ତି। ଅନ୍ୟପଟେ ତହସିଲଦାରଙ୍କ ନୋଟିସ୍‌କୁ ନେଇ ହାତିବାରି ଗ୍ରାମରେ ଜନ ଅସନ୍ତୋଷ ଦେଖାଦେଇଛି। ଏଠାରେ ପାଉଁଶ ଡମ୍ପିଂ କରି ପରିବେଶ ପ୍ରଦୂଷଣ କରିବା ଯୋଜନା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପୂର୍ବରୁ ହାତିବାରୀ ମୌଜା ଖାତା ନଂ.୧୬୮, ପ୍ଲଟ ନଂ.୨୪୮୧ରେ ପ୍ରାୟ ୫ ଏକର ଜମିରେ ପଥର ଖାଦାନ ହୋଇଥିଲା। ପଥର ଉତ୍ତୋଳନ ପରେ ଏଠାରେ ଏକ ବିଶାଳ ଜଳାଶୟ ସୃଷ୍ଟି ହୋଇଛି। ଏହି ଜଳାଶୟରୁ ପମ୍ପ ସାହାଯ୍ୟରେ ପାଣି ନେଇ ଚାଷୀମାନେ ଚାଷ କରିଥାନ୍ତି। ଲୋକମାନେ ଖରା ଦିନରେ ଗାଧୋଇବା ସହ ଅନ୍ୟ କାମରେ ମଧ୍ୟ ବ୍ୟବହାର କରୁଛନ୍ତି। ଜଳାଶୟରୁ ପାଣି ପିଇ ବନ୍ୟଜନ୍ତୁ ମଧ୍ୟ ତୃଷା ମେଣ୍ଟାଇଥାନ୍ତି। ହେଲେ ଏବେ ଜଳାଶୟକୁ ପାଉଁଶରେ ପୋତିଦେବାକୁ ଯୋଜନା ଆରମ୍ଭ ହୋଇଛି। ଏକ ନିର୍ଦ୍ଦିଷ୍ଟ କମ୍ପାନୀ

### ବଢୁଛି ଜନ ଅସନ୍ତୋଷ

ପକ୍ଷରୁ ପାଉଁଶ ପକାଇବାକୁ ଅନୁମତି ମଗାଯାଇଛି। ଗ୍ରାମ ସଭା ଓ ପଲ୍ଲିସଭାରେ କୌଣସି ରିପୋର୍ଟ ଦିଆଯାଉ ନାହିଁ ବୋଲି ହାତିବାରୀ ଓ ଜାମଟାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ତହସିଲଦାର ଓ ସରପଞ୍ଚଙ୍କୁ ଅଭିଯୋଗ କରିଛନ୍ତି। ଗ୍ରାମର ଅଜୟ ବେହେରା, ଆକାଶ ସ୍ୱାଇଁ, ଗିରିଗୋବର୍ଦ୍ଧନ ପାତ୍ର, ଓକିଲ ଝାଙ୍କର, ଗ୍ରାମର ସଭାପତି ମେଘନାଥ କଠାର ପ୍ରମୁଖ ତହସିଲଦାର ଅଭିଶେକ ସାହୁଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଖାଦାନକୁ ପୋତିବା ପାଇଁ ଦିଆଯାଇଥିବା ଅନୁମତି ପ୍ରକ୍ରିୟା ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସାହୁ କହିଛନ୍ତି, କମ୍ପାନୀ ଆବେଦନ କରିବା ପରେ ତହସିଲ ପକ୍ଷରୁ ପଞ୍ଚାୟତକୁ ଫିଜିବିଲିଟି ରିପୋର୍ଟ ମଗାଯାଇଥିଲା। ପଞ୍ଚାୟତ ରିପୋର୍ଟ ଦେବା ପରେ ଉପରିସ୍ଥ ଅଧିକାରୀଙ୍କୁ ପଠାଇ ଦିଆଯାଇଛି। ଏହା ପ୍ରଥମ ପର୍ଯ୍ୟାୟର କାମ। ବୃତାନ୍ତ ହୋଇ ନାହିଁ ବୋଲି ସେ କହିଥିଲେ।

## ଭିସୁଟ୍ କ୍ୟାମ୍ପସରେ ବାଇକ୍, କାର୍ ରଖିବା ଉପରେ କଟକଣା

**ସମ୍ବଲପୁର,୧୨।୭ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ବୁର୍ଲା ଭିସୁଟ୍ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ କାର୍, ବାଇକ୍ ରଖିବା ଉପରେ କଟକଣା ଜାରି ହୋଇଛି। ଭିସୁଟ୍ କର୍ତ୍ତୃପକ୍ଷ ଏ ନେଇ ନୋଟିସ ଜାରି କରିଛନ୍ତି। ଭିସୁଟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଶ୍ରେଣୀଗୃହ ନିକଟରେ ହଷ୍ଟେଲ ରହିଛି। ତେଣୁ ବାଇକ୍ କିମ୍ବା କାର୍ ବ୍ୟବହାର ଆବଶ୍ୟକ ନାହିଁ। ସେମାନେ ସାଇକେଲରେ ଯିବା ଆସିବା କରିପାରିବେ। କ୍ୟାମ୍ପସରେ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ଅଛନ୍ତି। ବାଇକ୍ ଓ କାର୍ ମିଶି ପ୍ରାୟ ୩ ହଜାର ହେବ। ଏତେ ପରିମାଣ ଯାନବାହନ କ୍ୟାମ୍ପସ୍ ଭିତରେ ଚଳାଚଳ କଲେ ଟ୍ରାଫିକ ସମସ୍ୟା ଦେଖାଦେବ। ଦୁର୍ଘଟଣା ହେବାର ମଧ୍ୟ ନଜିର ରହିଛି। ଏହାଛଡା ବାଇକ୍ ଥିବା ଯୋଗୁ ପିଲାମାନେ କ୍ୟାମ୍ପସ ବାହାରକୁ ଚାଲିଯାଉଛନ୍ତି। ନିକଟରେ ଜାତୀୟ ରାଜପଥ ରହିଛି। ତେଣୁ ଦୁର୍ଘଟଣା ଘଟିବା ଭୟ ରହୁଛି। ସେମାନଙ୍କ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଆଗାମୀ ଶିକ୍ଷାବର୍ଷରୁ ଏହି ନିୟମ ଲାଗୁ ହେବ। ଅଭିଭାବକମାନଙ୍କୁ ମଧ୍ୟ ଅବଗତ କରାଯାଇଛି। ଏହି ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ନିଅଣ୍ଟିଆ ବର୍ଷା: କମିଛି ଋଣ ଲଗାଣ

**କୁଚିଣ୍ଡା,୧୨।୭(ବିରଞ୍ଚି ଦର୍କା)**

କୁଚିଣ୍ଡା ବ୍ଲକର ୩ ଗୋଟି ଲ୍ୟାମ୍ପ୍ସ (ସମବାୟ ସମିତି)ରେ ଚଳିତ ଖରିଫ ଋଣ ଲଗାଣରେ ଏଯାବତ ଟାର୍ଗେଟରୁ ୫୦ ପ୍ରତିଶତ କମିଛି। ଚାଷୀମାନେ ଖରିଫ ଋଣ ନେବାରେ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ନିଅଣ୍ଟିଆ ବର୍ଷା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି।

ଜୁଲାଇରେ ଚାଷୀମାନେ ସମବାୟ ସମିତି (ଲ୍ୟାମ୍ପ୍ସ)ରୁ ଋଣ ନେଇ ଚାଷ କାମରେ ଲଗାଇଥାନ୍ତି। ମାତ୍ର ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁ ଚାଷୀ ମନରେ ସେଭଳି ଆଗ୍ରହ ଦେଖିବାକୁ ମିଳୁନାହିଁ। ଫଳରେ ସମିତିରୁ ଋଣ ନେଇ ଆର୍ଥିକ ବୋଝ ମୁଣ୍ଡାଇବାକୁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। କୁଚିଣ୍ଡା ବ୍ଲକ ଅନ୍ତର୍ଗତ

### ୨୦୨୩-୨୪ ଖରିଫ ଋଣ

କୁଚିଣ୍ଡା, ପାରୁଆଭାଡି ଓ କୁସୁମୀ ଲ୍ୟାମ୍ପ ସମିତିକୁ ଚଳିତ ୨୦୨୩-୨୪ଖରିଫ ଋତୁରେ ମୋଟ ୫୦କୋଟି ଟଙ୍କାର ଋଣ ଫାଇନାନ୍ସ ଟାର୍ଗେଟ ଦିଆଯାଇଥିଲା। ଜୁଲାଇ ୧୧ତାରିଖ ପର୍ଯ୍ୟନ୍ତ ଏହି ୩ଗୋଟି ଲ୍ୟାମ୍ପ ସମିତିରେ ମୋଟ ୨୮୧୧ଜଣ ଚାଷୀଙ୍କୁ ମାତ୍ର ୨୫ କୋଟି ୮୬ ଲକ୍ଷ ୪୫ ହଜାର ୫୬୪ ଟଙ୍କା ଫାଇନାନ୍ସ ହୋଇଛି। କୁଚିଣ୍ଡା ଲ୍ୟାମ୍ପ୍ସକୁ ସାଢେ ୧୫ କୋଟି ଟଙ୍କାର ଫାଇନାନ୍ସ ଟାର୍ଗେଟ ରହିଥିବା ବେଳେ ମୋଟ ୯୦୨ ଜଣ ଚାଷୀଙ୍କୁ ୮କୋଟି ୮୦ ଲକ୍ଷ ୯୩ ହଜାର ୨୭୮ଟଙ୍କା, ପାରୁଆଭାଡିକୁ ୧୨ କୋଟି ୩୦ ଲକ୍ଷ ଟଙ୍କାର ଟାର୍ଗେଟ ରହିଥିବା ବେଳେ ୬୬୪ ଜଣ ଚାଷୀଙ୍କୁ ୫ କୋଟି ୯୨ ଲକ୍ଷ ୨୩ ହଜାର ୨୮୬ ଟଙ୍କା ଏବଂ କୁସୁମୀ ଲ୍ୟାମ୍ପ୍ସକୁ ୨୨ କୋଟି ୨୦ ଲକ୍ଷ ଟଙ୍କାର ଟାର୍ଗେଟରୁ ୧୨୪୫ଜଣ ଚାଷୀଙ୍କୁ ମୋଟ ୧୧କୋଟି ୧୩ ଲକ୍ଷ ୨୯ହଜାର ଟଙ୍କା ଫାଇନାନ୍ସ ହୋଇଥିବା ଲ୍ୟାମ୍ପ୍ସ ଏମ୍‌ଡିମାନେ କହିଛନ୍ତି। ଏହାଛଡା ଚଳିତ ଖରିଫ ଋତୁରେ ଫାଇନାନ୍ସ ଚାଲିଥିଲେ ହେଁ ବିଗତ ବର୍ଷ ତୁଳନାରେ କମ୍ ରହିଥିବା ଏବଂ ଋଣ ନେବାକୁ ଚାଷୀଙ୍କ ମଧ୍ୟରେ ସେତେଟା ଆଗ୍ରହ ଦେଖାଯାଉ ନ ଥିବା କୁସୁମୀ ଲ୍ୟାମ୍ପ୍ସ ଏମ୍‌ଡି କୈଳାସ ମାଝି କହିଛନ୍ତି। ସେହିପରି ନିଅଣ୍ଟିଆ ବର୍ଷା ଯୋଗୁ ଋଣ ଭାରରେ ଛନ୍ଦି ହେବାକୁ ଚାଷୀମାନେ ଚାହୁଁ ନ ଥିବା ପାରୁଆଭାଡି ଲ୍ୟାମ୍ପ୍ସ ଏମ୍‌ଡି ମଞ୍ଜିଲ ପଟେଲ ଓ କୁଚିଣ୍ଡା ଏମ୍‌ଡି ସରୋଜ କୁମାର ସାହୁ କହିଛନ୍ତି।

## ଲ୍ୟାମ୍ପ୍ସ ଜରିଆରେ ଧାନ କ୍ରୟ ଦାବି

**କୁଚିଣ୍ଡା,୧୨।୭(ବିରଞ୍ଚି ଦର୍କା)**

ଜମନକିରା ବ୍ଲକ ଧୁଡ଼ିପାଲି ମଣ୍ଡିରେ ଚାଷୀମାନେ ଏସ୍ଏଚ୍‌ଜି ଓ ବେପାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ତେଣୁ ଆଗାମୀ ବର୍ଷ ଲ୍ୟାମ୍ପ୍ସ ଜରିଆରେ ସେମାନଙ୍କ ଧାନ କ୍ରୟ କରିବା ପାଇଁ ବୁଧବାର କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନା ଅନୁଯାୟୀ, ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ଧୁଡ଼ିପାଲି ମଣ୍ଡିରେ ଏକ ଏସ୍ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି। ତେବେ ଏହି ଏସ୍ଏଚ୍‌ଜି ମଣ୍ଡି ହ୍ୟାଣ୍ଡେଲିଂ (ଧାନ ଓଜନ ଓ ଲୋଡିଂ କରିବା) ଟଙ୍କା ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସେମାନେ ନିଜେ ଖର୍ଚ୍ଚ ବହନ କରି କ୍ଷତି ସହୁଛନ୍ତି। ଅନ୍ୟ ମଣ୍ଡିରେ ଲ୍ୟାମ୍ପ୍ସ ଜରିଆରେ ଧାନ ବିକ୍ରି କରିଥିବା ଚାଷୀମାନେ ନିୟମିତ ମଣ୍ଡି ହ୍ୟାଣ୍ଡେଲିଂ ଟଙ୍କା ପାଉଛନ୍ତି। ଏହି ମଣ୍ଡିରେ ଧାନ ବିକ୍ରି ସମୟରେ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୮ରୁ ୧୦ କେଜି ଧାନ କଟ୍‌ନି କରି ଧାନ ଉଠାଯାଉଛି। ସେହିପରି ଧାନର କୁଇଣ୍ଟାଲ ପ୍ରତି ଦର ୧୯୪୦ ଟଙ୍କା ଥିବା ବେଳେ ମଣ୍ଡିରେ ଏହି ଅବ୍ୟବସ୍ଥାର ସୁଯୋଗ ନେଇ ବେପାରୀମାନେ ଚାଷୀଙ୍କଠାରୁ ୧୭୫୦ ଟଙ୍କାରୁ ୧୮୦୦ ଟଙ୍କାରେ ଧାନ କିଣି ନେଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଧୁଡ଼ିପାଲି ମଣ୍ଡିରେ ଧାନ କିଣିବା ଦାୟିତ୍ୱ ଲ୍ୟାମ୍ପ୍ସକୁ ଦେବା ପାଇଁ ଧୁଡ଼ିପାଲି ଗ୍ରାମପଞ୍ଚାୟତର ଚାଷୀମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ୧୦୮ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପାଇଁ ପ୍ରସ୍ତୁତି



ବୈଠକରେ ଅତିଥିମାନେ।

**ସମ୍ବଲପୁର,୧୨।୭(ବି.ଶଙ୍କର)**

ନବଚେତନା ଜାଗରଣ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆସନ୍ତା ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରେମେଡ଼ଠାରେ ଅନୁଷ୍ଠିତ ହେବ। ଏ ନେଇ ଗାୟତ୍ରୀ ଶକ୍ତିପୀଠଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମା' ଗାୟତ୍ରୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ଯଜ୍ଞ ପରିଚାଳନା କମିଟି ସଭାପତି ଦୀନଦୟାଲ ଅଗ୍ରୱାଲଙ୍କ ଅଧକ୍ଷତା ଓ ଦିଲୀପ କୁମାର ସାନବଡ଼ଙ୍କ ସଂଯୋଜନାରେ ବୈଠକ ହୋଇଥିଲା। ସତ୍ୟନାରାୟଣ ପଟେଲ ଓ ଭାରତୀ ଶତପଥୀ ଯଜ୍ଞର ଉଦ୍ଦେଶ୍ୟ ଜ୍ଞାପନ କରିଥିଲ। ପ୍ରଫେସର ଶଙ୍କର ପ୍ରସାଦ ପତି, ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ଶିବ ନାରାୟଣ ଶତପଥୀ, ଅଖିଳ ଭାରତ ବ୍ରାହ୍ମଣ ମହାସଭାର ଉପସଭାପତି ଗୋପୀନାଥ ମିଶ୍ର, ପ୍ରଫେସର ସେବକ ତ୍ରିପାଠୀ, ପୂର୍ବତନ ନଗରପାଳ ଗିରି ଶ ପଟେଲ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ଅଭ୍ୟର୍ଥନା କମିଟି ଅଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା।

## ପିଏମ୍‌ଜିଏସ୍‌ୱାଇ ରାସ୍ତାରେ ଚାଲୁଛି ଭାରିଯାନ

**ସମ୍ବଲପୁର, ୧୨।୭ (ଶୁଭାଶିଷ ପାଢ଼ୀ)**

ପ୍ରତି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ରାସ୍ତା ନିର୍ମାଣ କରାଯାଇ ଗ୍ରାମାଞ୍ଚଳର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ହେଲେ ନିୟମ ବାହାରକୁ ଯାଇ ବହୁ ଗାଡି ଚାଳକ ଭାରିଯାନ ଚଳାଉଥିବାରୁ ରାସ୍ତା ଖରାପ ହୋଇଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ସମ୍ବଲପୁର ଜିଲା ଫାଶୀମାଲ-ପୁରୁଣା ରାଞ୍ଚିରୋଡ ଭାୟା ବଞ୍ଜାରିବାହାଲ ରାସ୍ତାରେ ଦେଖିବାକୁ ମିଳିଛି। ଏହି ରାସ୍ତା ନିର୍ମାଣାଧୀନ ଥିବାବେଳେ ପ୍ରତିଦିନ ଏହା ଉପରେ ଶତାଧିକ ହାଇୱା ଓଭରଲୋଡ ନେଇ ଯାତାୟାତ କରୁଛନ୍ତି। ଫଳରେ କେତେକ ସ୍ଥାନରେ ପିଚୁ ଉଠିଯାଇଥିବା ବେଳେ ବିଛାଯାଇଥିବା ମାଟି ଦବିଯିବାକୁ ବସିଛି। କାମ ନ ସରୁଣୁ ରାସ୍ତା ପୁଣି ମରାମତି କରିବାକୁ ପଡୁଛି। ଭାରିଯାନ ଚଳାଚଳ



ଫାଶୀମାଲ-ପୁରୁଣାରାଞ୍ଚି ରାସ୍ତାରେ ଭାରିଯାନ ଚଳାଚଳ କରୁଛି।

### ଉଠିଯାଉଛି ପିଚୁ, ସ୍ଥାୟିତ୍ୱ ନେଇ ପ୍ରଶ୍ନ

ଯୋଗୁ ଅନ୍ୟ ଗାଡି ବିଶେଷକରି ଆମ୍ବୁଲାନ୍ସ, କାର୍, ଅଟୋ, ବାଇକ୍ ପାଇଁ ସମସ୍ୟା ହେଉଛି। ହାଇୱାଗୁଡିକ କେତେକ କମ୍ପାନୀ, କ୍ରଶରକୁ ମାଲ ପରିବହନ କରୁଛନ୍ତି। ସୂଚନାଯୋଗ୍ୟ, ପିଏମ୍‌ଜିଏସ୍‌ୱାଇରେ ୧୦ ଟନ ଓଜନ କ୍ଷମତା ବିଶିଷ୍ଟ ଗାଡି ଚଳାଚଳ କରିବା ପାଇଁ ଡିଜାଇନରେ ରାସ୍ତା ନିର୍ମାଣ କରାଯାଉଛି। ସେହି ଅନୁସାର ରାସ୍ତାର ଦୈର୍ଘ୍ୟ, ପ୍ରସ୍ତ ଓ ମେଟେରିଆଲ ବ୍ୟବହାର କରାଯାଇଥାଏ। ଏ ସମ୍ପର୍କରେ କୁଚିଣ୍ଡା ଆର୍‌ଡି ନିର୍ବାହୀଯନ୍ତ୍ରୀ ବିଶାଳ ମରାଣ୍ଡି କହିଛନ୍ତି, ସ୍ଥାନୀୟ ଜେଇ ଏ ନେଇ ଲିଖିତ ରିପୋର୍ଟ ଦେଇଛନ୍ତି। ଭାରିଯାନ ଚଳାଚଳ କରିବା ଭଳି ଡିଜାଇନ ରାସ୍ତାର କରାଯାଉ ନାହିଁ। ଗ୍ରାମାଞ୍ଚଳ ରାସ୍ତା ହାଲୁକା ଯାନ ପାଇଁ ରହିଛି। ହେଲେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ନଷ୍ଟ ହେଉଛି। ରିପୋର୍ଟକୁ ଆଧାର କରି ପଦକ୍ଷେପ ନେବା ପାଇଁ ଜିଲାପାଳ ଓ ମୁଖ୍ୟଯନ୍ତ୍ରୀଙ୍କୁ ଅନୁରୋଧ କରାଯିବ ବୋଲି କହିଥିଲେ।

## ଇନର ହୁଇଲ କ୍ଲବ ଅଫ ହ୍ୟାଣ୍ଡଲୁମ ସ୍ଥାପନା ଦିବସ

**ସମ୍ବଲପୁର,୧୨।୭(ବି.ଶଙ୍କର)**

ସମ୍ବଲପୁର ଇନର ହୁଇଲ କ୍ଲବ ଅଫ ହ୍ୟାଣ୍ଡଲୁମ ସିଟିର ସ୍ଥାପନା ଦିବସ ବୁଧବାର ମହାନଦୀ କ୍ଲବ ସଭାକକ୍ଷରେ ପାଳିତ ହୋଇଯାଇଛି। କ୍ଲବ ସଭାପତି ମମତା ବଗିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଷ୍ଣା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦିକା ଜ୍ୟୋତି ସିଂ ବରିହା ସୂଚନା ପ୍ରଦାନ କରିଥିଲେ।

## ଚାଷ ପାଇଁ ଛଡ଼ା ଗଲା ତିଖାଲି ଡ୍ୟାମ୍ ପାଣି

**ଖଡ଼ିଆଳ,୧୨।୭(ସୁଜିତ୍ ପ୍ରଧାନ)**

ଚଳିତ ବର୍ଷ ଜୁନ ଓ ଜୁଲାଇରେ ସ୍ୱଳ୍ପ ବର୍ଷିପାତ ଯୋଗୁ ନୂଆପଡ଼ା ଜିଲାରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଖରିଫ ଚାଷ ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଜିଲାର ଖଡ଼ିଆଳସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ପାଣି ବୁଧବାର ଛଡାଯାଇଛି। ଡ୍ୟାମର ମୁଖ୍ୟ କେନାଲରେ ପାରମ୍ପାରିକ ରୀତିରେ ପୂଜାର୍ଚ୍ଚନା ପରେ ଗୋଟିଏ ଗେଟ ଦେଇ ପାଣି ଛଡାଯାଇଛି। କିଛି ଦିନ ମଧ୍ୟରେ ୪ଟି ଗେଟରେ ପାଣି ଛଡାଯିବ। ଏହି ପାଣି ନୂଆପଡା ଓ ବଲାଙ୍ଗୀର ଜିଲାର ପ୍ରାୟ ୩୦ ହଜାର ହେକ୍ଟର ଜମିରେ ଲାଗିବ। ଏହି ସମୟରେ ତିଖାଲି ଡ୍ୟାମ ମୁଖ୍ୟ ନିର୍ମାଣାଧୀନ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆ, ଏସି ଗୋବର୍ଦ୍ଧନ ନାଏକଙ୍କ ସମେତ ସମସ୍ତ ପଦାଧିକାରୀ ଓ ପାଣି ପଞ୍ଚାୟତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପିଇଓଙ୍କ ବଦଳି ଦାବି: ଉପଜିଲାପାଳଙ୍କୁ ୱାର୍ଡମେମ୍ବରଙ୍କ ଦାବିପତ୍ର

**କୁଚିଣ୍ଡା,୧୨।୭(ବିରଞ୍ଚି ଦର୍କା)**

ଜମନକିରା ବ୍ଲକ କେନାଡିପା ପଞ୍ଚାୟତ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ସୁରେନ୍ଦ୍ର କୁଜୁରଙ୍କ ବଦଳି ଦାବିକରି ବୁଧବାର ୱାର୍ଡମେମ୍ବରମାନେ କୁଚିଣ୍ଡା ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠିକ୍ ସମୟରେ ସମ୍ପାଦିତ ହେଉଥିଲେ ହେଁ ପିଇଓ ଉଦ୍ଦେଶ୍ୟମୂଳକ ଭାବେ ଏହାର ବିଲ୍ ପଇଠରେ ବିଳମ୍ବ କରିବା, ମାସିକ ବୈଠକର ଗୃହୀତ ପ୍ରସ୍ତାବ ନକଲ ୱାର୍ଡମେମ୍ବରଙ୍କୁ ନ ଦେବା, ବୈଠକର ଆଲୋଚନା ମୁତାବକ ପ୍ରସ୍ତାବଗୁଡିକୁ ସଭା ବହିରେ ଲିପିବଦ୍ଧ ନ କରିବା, ୱାର୍ଡମାନଙ୍କରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ପିସି ଦାବି କରିବା, ବିରୋଧ କଲେ ୱାର୍ଡମେମ୍ବରମାନଙ୍କୁ ପୋଲିସର ଧମକ ଦେବା ଆଦି ଦର୍ଶାଯାଇଛି। ଏପରି କି ଯୋଗାଣ ସହାୟକ ସଞ୍ଜୀବ ପଟେଲଙ୍କ ସ୍ୱାସ୍ଥ୍ୟଗତ କାରଣକୁ ନେଇ ମାସିକ ବୈଠକରେ କୌଣସି ଆଲୋଚନା ହୋଇ ନ ଥିଲେ ମଧ୍ୟ ପିଇଓ ଉଦ୍ଦେଶ୍ୟମୂଳକ ଭାବେ ପରବର୍ତ୍ତୀ ସମୟରେ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସଭା ବହିରେ ପ୍ରସ୍ତାବ ଲେଖିଥିବା ନେଇ ଉପଜିଲାପାଳଙ୍କଠାରେ ଅଭିଯୋଗ କରି ତାଙ୍କ ବଦଳି ଦାବି କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପିଇଓଙ୍କ ଏଭଳି ମନମୁଖି କାର୍ଯ୍ୟକଳାପକୁ ନେଇ ଗ୍ରାମବାସୀ ଓ ୱାର୍ଡମେମ୍ବରମାନେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏ ସମ୍ପର୍କରେ ପିଇଓ କୁଜୁରଙ୍କୁ ପଚାରିବାରେ ଏ ସବୁ ମିଥ୍ୟା ଅଭିଯୋଗ, ସରପଞ୍ଚଙ୍କ ସହ ୱାର୍ଡମେମ୍ବରଙ୍କ ପଡୁ ନ ଥିବା ରାଗକୁ ମୋ ଉପରେ ଲଦି ଦିଆଯାଉଛି ବୋଲି କହିଛନ୍ତି। ଉପଜିଲାପାଳ ବିଭୂତି ଭୂଷଣ ନାୟକ କହନ୍ତି, ଅଭିଯୋଗ ଉପରେ ତଦନ୍ତକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



ଦାବିପତ୍ର ଦେବାକୁ ଆସିଥିବା ୱାର୍ଡମେମ୍ବରମାନେ।

## ଜିଲାପାଳଙ୍କ ଅଫିସ ଆଗରେ ଅଧାପକଙ୍କ ବିକ୍ଷୋଭ

### ସମାନ କାମକୁ ସମାନ ଦରମା ଦାବି

**ସମ୍ବଲପୁର, ୧୨।୭ (ଶୁଭାଶିଷ ପାଢ଼ୀ)**

ବେସରକାରୀ କଲେଜ ଅଧାପିକା, ଅଧାପକ ଓ କର୍ମଚାରୀମାନଙ୍କ ବେତନ ବୃଦ୍ଧିକୁ ରାଜ୍ୟ ସରକାର କ୍ୟାବିନେଟ୍‌ରେ ମଞ୍ଜୁର କରିଛନ୍ତି। ଏଥିରେ ଅନେକେ ଉପକୃତ ହୋଇଥିବା ବେଳେ ଆଉ କେତେକେ ବଞ୍ଚିତ ହେଉଛନ୍ତି। ସମାନ କାମ କରୁଥିବାବେଳେ ଭେଦଭାବ ସୃଷ୍ଟି କରାଯାଇଛି ବୋଲି ଓଡ଼ିଶା ବେସରକାରୀ ଅଧାପକ କର୍ମଚାରୀ ସଂଘ (ଅଙ୍ଗଲିଆ) ଅଭିଯୋଗକରି ଏହାର ପ୍ରତିବାଦରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ସେମାନେ ଅଭିଯୋଗ କରିଛନ୍ତି, ୬୬୨ ବର୍ଗର ୨୩ଟି ଯୁକ୍ତ୨, ଯୁକ୍ତ ୩ ମହାବିଦ୍ୟାଳୟରେ ୪୦ ହଜାରରୁ ଅଧିକ ଅଧାପିକା ଅଧାପକ ଅଛନ୍ତି।



ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜାନୁୟାରୀ ୨୫ ଠାରୁ ବିଭିନ୍ନ ଜିଲାର ସଂଘ ପକ୍ଷରୁ ବିକ୍ଷୋଭ କରାଯାଇ ଆସୁଛି। ୪ ଗୋଟି ମହାସମାବେଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସରକାରଙ୍କ ଅନୁରୋଧକୁ ରକ୍ଷାକରି ପରୀକ୍ଷା ସମୟରେ ମୂଲ୍ୟାୟନ ମଧ୍ୟ କରିଥିଲେ। ହେଲେ ସରକାର ଦେଇଥିବା ପ୍ରତିଶ୍ରୁତି ଭୁଲିଯାଇଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ୭୦ ପ୍ରତିଶତ ଦାୟିତ୍ୱ ବହନ କରୁଥିବା ଏହି ବର୍ଗର ଅଧାପକ, କର୍ମଚାରୀମାନଙ୍କୁ ସମାନ କାମ ପାଇଁ ସମାନ ଦରମା ଦିଆଯାଉ ବୋଲି ଦାବି କରିଥିଲେ। ସଭାପତି ଆଶୋକ କୁମାର ପୁରୋହିତ, ସମ୍ପାଦକ ବିଶ୍ୱପତି ବେହେରା, ଦେବେନ୍ଦ୍ର କୁମାର ମିଶ୍ର, ରାଜେଶ କୁମାର ଦାଶ, ନାରାୟଣ ପ୍ରଧାନ, ଯତିନ୍ଦ୍ର ପ୍ରଧାନ, ରବୀନ୍ଦ୍ର ନାରାୟଣ ଠାକୁର, ସତ୍ୟନାରାୟଣ ଦାସ, ଦୟାସାଗର ପ୍ରଧାନ, ଡିଲେଶ୍ୱର ବେହେରା, ନୀଳାଞ୍ଚଳ ତିୱାରୀଙ୍କ ସମେତ ଶତାଧିକ ଅଧାପକ, ଅଧାପିକା ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଦିଅର ଟାଙ୍ଗିଆ ଚୋଟରେ ଭାଉଜ ଗୁରୁତର

**ଭବାନୀପାଟଣା,୧୨।୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୟପାଟଣା ଥାନା ବାନେର ପଞ୍ଚାୟତ ଲୁହାବହାଲ ଗାଁରେ ବୁଧବାର ଦିଅରର ଟାଙ୍ଗିଆ ଚୋଟରେ ଭାଉଜ ଗୁରୁତର ହୋଇଥିବା ଜଣାପଡ଼ିଛି। ଅନୁଯାୟୀ, ଲୁହାବହାଲ ଗାଁର ସୁମନ୍ତି ଶବର(୫୦)ଙ୍କୁ ଧନେଶ୍ୱର ଶବର ଟାଙ୍ଗିଆରେ ହାଣି ଦେଇଥିବା ସୁମନ୍ତିଙ୍କ ସ୍ୱାମୀ ମାଧବ ଶବର(୬୫) ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁମନ୍ତି ବୁଧବାର ଅପରାହ୍ନରେ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ଧନେଶ୍ୱର କୌଣସି କାରଣ ନେଇ ସୁମନ୍ତିଙ୍କୁ ଜୀବନରେ ମାରି ଦେବା ଉଦ୍ଦେଶ୍ୟରେ ବାମ ବେକ ପାଖରେ ଟାଙ୍ଗିଆରେ ହାଣି ଦେଇଥିବା ମାଧବ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ସୁମନ୍ତିଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ସମ୍ପର୍କରେ ଧନେଶ୍ୱର ସୁମନ୍ତିଙ୍କ ଦିଅର ହୋଇଥିବା ବେଳେ କେଉଁ କାରଣରୁ ଏଭଳି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ତିରଡ଼ରେ କାଯ୍ୟା ମେଲାଉଛି କିଡ୍‌ନୀ ରୋଗ

**ବୌଦ୍ଧ,୧୨।୭(ଅଜିତ କୁମାର ବାରିକ):** ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକରେ ଦିନକୁ ଦିନ କିଡ଼ନୀ ରୋଗ ବ୍ୟାପିବାରେ ଲାଗିଛି । ଏହି ରୋଗରେ ଆକ୍ରାନ୍ତ ହୋଇ ବହୁ ଗରିବ ଖଟିଖିଆ ପରିବାର ହଇରାଣ ହେବା ସହ ଭାଗ୍ୟକୁ ଆଦରି ପଡି ରହିଛନ୍ତି । ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତର ଚନ୍ଦ୍ରଶେଖରପୁର, ଜବଲପୁର, କୁଶଙ୍ଗ ପଞ୍ଚାୟତର ଭଗାମୁଣ୍ଡା, ତିରଡ, ତଇଳାସାହି, ହରଭଙ୍ଗା ପଞ୍ଚାୟତର ଭେଜିଗୁଡା, ବୁକେଶିଙ୍ଗା, ସୁରୁଣ୍ଡି, ଭଳି ଗ୍ରାମରେ ଏହି ରୋଗର ପ୍ରାର୍ଦୁଭାବ ଅଧିକ ରହିଛି । ତେବେ ବର୍ତ୍ତମାନ ନୂଆତିରଡ଼ ଗ୍ରାମରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ନୂଆତିରଡ଼ ଗ୍ରାମର ମକରା ବେହେରା(୬୦) ଏବଂ ଅର୍ଜ୍ଜୁନ ଦାସ(୫୫) ଆକ୍ରାନ୍ତ ଥିବା ଜଣାପଡିଛି। କିଡ୍‌ନୀ ରୋଗରେ ଆକ୍ରାନ୍ତ ଅର୍ଜ୍ଜୁନ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । କୁଶଙ୍ଗ ପଞ୍ଚାୟତର ୧୨ନଂ ଓାର୍ଡ ଅନ୍ତର୍ଗତ ତିରଡ଼ ଗ୍ରାମର ସେତୁପୁର ସାହି, ତିରଡ ଏବଂ ନୂଆତିରଡ ସାହିରେ ୭୫ ପରିବାରର ପାଖାପାଖି ୩ ଶହ ଲୋକ ବସବାସ କରନ୍ତି । ସେମାନେ ଗାଁରେ ରହିଥିବା କୂଅ, ନଳକୂପ ଉପରେ ପିଇବା ପାଣି ପାଇଁ ନିର୍ଭର କରିଥାନ୍ତି । ତେବେ ନଳକୂପର ଫ୍ଲୋରାଇଡ ଯୁକ୍ତ ପାଣି ପିଇ ଲୋକେ ଏଭଳି ମାରାତ୍ମକ ରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମକରା ଗତ ୬-୭ ବର୍ଷ ହେବ ଓ ଅର୍ଜ୍ଜୁନ ଗତ ଦୁଇବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । କିଡ୍‌ନୀ ରେଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସମାନ କାମକୁ ସମାନ ଦରମା ଦିଅ

**ବଲାଙ୍ଗୀର, ୧୨।୭ (ବୀରେନ୍ଦ୍ର କୁମାର ଝାଙ୍କର)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଲେଜ ଅଧ୍ୟାପକ ଓ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଜିଲାପାଳ ଅଫିସ ସମ୍ମୁଖରେ ୬୬୨ ବର୍ଗ କଲେଜ କର୍ମଚାରୀଙ୍କ ବିକ୍ଷୋଭ**

୬୬୨ ବର୍ଗ କଲେଜ ଓ ୪୮୮ ବର୍ଗ କଲେଜ ଅଧ୍ୟାପକ, କର୍ମଚାରୀଙ୍କୁ ସମାନ କାମକୁ ସମାନ ଦିଅ । ଏହି ଦାବି ସମେତ ୪ ଦଫା ଦାବି ନେଇ କଲେଜ ଅଧ୍ୟାପକ ଏବଂ କର୍ମଚାରୀମାନେ ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅବସର ନେଇଥିବା ଓ ଅବସର ନେବାକୁ ଥିବା ସମସ୍ତ ଶିକ୍ଷକ, କର୍ମଚାରୀଙ୍କୁ ଅବସରକାଳୀନ ରାଶି ଓ ପେନସନ ପ୍ରଦାନ ସହ ୨୦୧୮ ଜିଓରେ ଦରମାପ୍ରାପ୍ତ ସମସ୍ତଙ୍କୁ ସପ୍ତମ ବେତନ ହାରରେ ଦରମା, ବିଭିନ୍ନ ଅସଙ୍ଗତିରେ ବାଦ ପଡିଥିବା ସମସ୍ତଙ୍କୁ ଅନୁଦାନ ପରିସରଭୁକ୍ତ କରିବାକୁ ଦାବି କରାଯାଇଥିଲା। ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରେରଣ କରିଥିଲେ। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ଚେତାବନୀ ଦିଆଯାଇଥିଲା। ୬୬୨ ବର୍ଗର ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ଗତ ୧୫୦ ଦିନ ଧରି ରାଜ୍ୟସ୍ତରରେ ଆନ୍ଦୋଳନ ଚାଲୁଥିଲେ ମଧ୍ୟ ସରକାର କିଛି ଶୁଣୁ ନଥିବାରୁ ଏହାକୁ ଦୃଢ ନିନ୍ଦା କରିଥିଲେ। ସଂଘ ଜିଲା ସଭାପତି ପ୍ରଣବ କୁମାର କୁଅଁର ଓ ସମ୍ପାଦକ ଛବିଳ ବରିହାଙ୍କ ନେତୃତ୍ୱରେ ଶତାଧିକ କଲେଜ ଶିକ୍ଷକ ଓ କର୍ମଚାରୀ ଏକ ଶୋଭାଯାତ୍ରାରେ ଯାଦବ ଭବନରୁ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ ।

# ତରଳ ସାର ବ୍ୟବହାର ନେଇ ପାକ୍ସ ସମ୍ପାଦକଙ୍କୁ ତାଲିମ

**ଟିଟିଲାଗଡ଼, ୧୨।୭(ଶରତ ମିଶ୍ର)**

ବଲାଙ୍ଗୀର ଜିଲାରେ ତରଳ ସାର ବିଞ୍ଚିବାକୁ ୧୧ଟି ଡ୍ରୋନ ମଞ୍ଜୁର ହୋଇଛି। ଏନେଇ ବୁଧବାର ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଟିଟିଲାଗଡ ଶାଖା କାର୍ଯ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକର ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କୁ ତାଲିମ ପ୍ରଦାନ କରାଯାଇଛି। ବଲାଙ୍ଗୀର ଜିଲା ସମବାୟ ସମିତି ସମୂହ ନିବନ୍ଧକ ଦୟମନ୍ତି ସିଂ ଶିବିରରେ ଯୋଗଦେଇ ପୂର୍ବରୁ ସାର ଯୋଗାଣ ନେଇ ସରକାରଙ୍କ ଉପରେ ଆର୍ଥିକ ବୋଝ ସହ ମାଟି, ବାୟୁମଣ୍ଡଳ, ଭୂତଳ ଜଳ ପ୍ରଦୂଷଣ ହେଉଥିବା କହିଥିଲେ। ଶିବିରରେ ଟିଟିଲାଗଡ ଉପଖଣ୍ଡ ସମବାୟ ସମିତି ଉପନିବନ୍ଧକ କ୍ଷମା ମାଝି, ନିରୀକ୍ଷକ ସୁଶାନ୍ତ ରାଉତ, ଇଫକୋ କ୍ଷେତ୍ର ଅଧିକାରୀ ସୁଶାନ୍ତ ମହାନ୍ତି, ବ୍ୟାଙ୍କ ପରିଚାଳକ ଅନନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ପୋଖରୀ ଯୋଜନାର ଡ୍ରୋନ ସର୍ଭେ


ଗେଟସରୋବର ବନ୍ଧରେ ଡ୍ରୋନ୍ ସର୍ଭେ ବେଳେ ପୌରାଧ୍ୟକ୍ଷା ଲିକା ସାହୁ, ପୂର୍ବତନ ରାଜ୍ୟ ସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ଓ ଅନ୍ୟମାନେ।

**ବଲାଙ୍ଗୀର,୧୨।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ଗତ ୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆମ ପୋଖରୀ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମଙ୍ଗଳବାର ବଲାଙ୍ଗୀର ସହରର ବିଭିନ୍ନ ପୋଖରୀର ନବୀକରଣ ସକାଶେ ରାଜ୍ୟ ସରକାରଙ୍କ ନିୟୋଜିତ ସଂସ୍ଥା ପକ୍ଷରୁ ଡ୍ରୋନ୍ ସର୍ଭେ କାମର ଶୁଭାରମ୍ଭ ହୋଇଛି। ପୌରାଧ୍ୟକ୍ଷା ଲିକା ସାହୁ, ପୂର୍ବତନ ରାଜ୍ୟ ସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଉପସ୍ଥିତ ରହି କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଗେଟସରୋବର ବନ୍ଧରୁ ଡ୍ରୋନ୍ ସର୍ଭେ କାମ ଆରମ୍ଭ ହୋଇଥିଲା। ଏଠାରେ ସାଧାରଣ ଜନତା ତଥା ପଡାବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାଉନସିଲର ଇସ୍ମତ ଆରା ଖାନ, କିଶୋର କୁମ୍ଭାର, ପ୍ରତିମା ଛତ୍ରିଆ, ସନ୍ତୋଷିନୀ କୁଅଁର, ସରିତା ଦାସ, ଗଙ୍ଗାଧର ଚାନ୍ଦ, ନନ୍ଦିନୀ ପୋଢ, ପ୍ରେମଲତା ନାଏକ, ସସ୍ମିତା ନନ୍ଦ ଓ ପୌରସଂସ୍ଥାର ଯନ୍ତ୍ରୀ ଉପସ୍ଥିତ ଥିବା ସୂଚନା ଦିଆଯାଇଛି। ଜଳାଶୟଗୁଡିକର ସର୍ଭେ ରିପୋର୍ଟ ଯିବାପରେ ଖର୍ଚ୍ଚ ଆକଳନ କରାଯାଇ ବର୍ଷାଋତୁ ପରେ ମିଶନ ଶକ୍ତି ମହିଳା ଏସଏଚ୍‌ଜି ଜରିଆରେ ସମସ୍ତ ପୋଖରୀଗୁଡିକର ପୁନରୁଦ୍ଧାର, ନବୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ ସମୀକ୍ଷା



ସମୀକ୍ଷା ବୈଠକରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟ ଅଧିକାରୀ।

**ଟିଟିଲାଗଡ଼, ୧୨।୭(ଶରତ ମିଶ୍ର)**

ଟିଟିଲାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ ବୁଧବାର ଅଭିମନ୍ୟୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଜିଲା, ଉପଖଣ୍ଡ ତଥା ସଇଁତଳା, ଗୁଡଭେଲା, ଟିଟିଲାଗଡ ବ୍ଲକରେ ନିୟୋଜିତ ସରକାରୀ ଅଧିକାରୀ ଉପସ୍ଥିତ ରହି ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଉନ୍ନୟନ କାର୍ଯ୍ୟ ତଥା ସରକାରୀ ପାଣ୍ଠିର ବିନିଯୋଗ, ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ନେଇ ଉତ୍ତର ରଖିଥିଲେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀ, ସହରାଞ୍ଚଳ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ, ଜିଲା ଯୋଜନା ବିଭାଗ ସହକାରୀ ନିର୍ଦ୍ଦେଶକ ସଞ୍ଜୟ ଦୀପ, ଟିଟିଲାଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅଙ୍କିତା କୁମ୍ଭାର ମଞ୍ଚାସୀନ ଥିଲେ। ତେବେ ୫-ଟି ସରକାରରେ ମଧ୍ୟ ବିଭିନ୍ନ ନିର୍ମାଣ କାମରେ ବିଳମ୍ବ, ଅସ୍ୱଚ୍ଛତା, ଅନିୟମିତତା ନେଇ ପୂର୍ବରୁ ଅଭିଯୋଗ ପାଇଥିବା ମନ୍ତ୍ରୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବିଡିଓ ନବିନ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ପୌର ଉପାଧ୍ୟକ୍ଷ ପୁଷ୍ପାମଞ୍ଜରି ଜାଲ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ମୁଖ୍ୟ କିରାଣିଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

**ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ**

**ବୌଦ୍ଧ,୧୨।୭(ଅଜିତ କୁମାର ବାରିକ)**

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ବୁଧବାର ଦିନ ପାରିବାରିକ ପେନ୍‌ସନ କରାଇ ଦେବା ପାଇଁ ଏକ ଲାଞ୍ଚ ମାମଲାର ବିଚାର କରି ହରଭଙ୍ଗା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପୂର୍ବତନ ମୁଖ୍ୟ କିରାଣି ଚତୁର୍ଭୁଜ ଖମାରୀଙ୍କୁ ୩ ବର୍ଷ କାରାଦଣ୍ଡ ଦେବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ହରଭଙ୍ଗା ବ୍ଲକ ଭାବପୁର ଗ୍ରାମର ପ୍ରସନ୍ନ ଟାମିକିଆ ମହୁଲଗଡିଆ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କର ସ୍ତ୍ରୀ ନର୍ମଦାଙ୍କ ପାଇଁ ପରିବାର ପେନ୍‌ସନ କରାଇ ଦେବାକୁ ମୃତ ଶିକ୍ଷକଙ୍କ ମା’ କୌଶଲ୍ୟା ଟାମିକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ତାଙ୍କୁ ପେନ୍‌ସନ କାଗଜପତ୍ର କରାଇ ଦେବାକୁ ମୁଖ୍ୟ କିରାଣୀ (ବର୍ତ୍ତମାନ ଅବସରପ୍ରାପ୍ତ) ଖମାରୀ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ କୌଶଲ୍ୟା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ଗତ ୪।୧୨।୨୦୧୯ରେ କୌଶଲ୍ୟାଙ୍କ ଠାରୁ କିରାଣି ଖମାରୀ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗର ଅଧିକାରୀମାନଙ୍କ ହାତରେ ଧରା ପଡିଥିଲେ। ଏନେଇ ଭିଜିଲାନ୍ସ କେଶ ନମ୍ବର ୩୩/୧୯ ରେ ଏକ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ମାମଲାଟି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ମାମଲାରେ ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଅଭିଯୁକ୍ତ ଅବସରପ୍ରାପ୍ତ ମୁଖ୍ୟ କିରାଣି ଖମାରୀଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି. ଭି.ରାମଦାସ ପରିଚାଳନା କରୁଥିଲେ।

# ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ନିଖିଳ ଓଡିଶା ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ**

**ସୋନପୁର,୧୨।୭(ମୃତ୍ୟୁଞ୍ଜୟ ଶତପଥୀ)**



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବେସରକାରୀ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନିଖିଳ ଓଡିଶା ୬୬୨(ଯୁକ୍ତ ୨ ଓ ଯୁକ୍ତ ୩) ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ୪ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ପ୍ରଦାନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ଜିଲାପାଳ ବିମଳେନ୍ଦୁ ରାୟଙ୍କ ଜରିଆରେ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମାନ ଗ୍ରେଡ ପେକୁ ସମାନ ଦରମା ପ୍ରଦାନ କରିବା, ସମସ୍ତଙ୍କୁ ପେନ୍‌ସନ ଓ ଅବସରକାଳୀନ ରାଶି ପ୍ରଦାନ, ୨୦୧୮ ଜିଓର କର୍ମଚାରୀଙ୍କୁ ସପ୍ତମ ବେତନ ଦରମା ପ୍ରଦାନ କରିବା ଓ ବିଭିନ୍ନ ଅସଙ୍ଗତିରେ ବାଦ୍ ପଡିଥିବା କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ କରିବା ପାଇଁ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଥିଲା। ପୂର୍ବାହ୍ନରେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ଜିଲା ସଭାପତି କଳ୍ପନା ଦାଶ, ସୁବାଷ ପଣ୍ଡା, ଡ. ଦେବାଶିଷ ପାଣ୍ଡିଆ, ତେଜଶ୍ରୀ ମିଶ୍ର, ତେଜେଶ୍ୱର ଦାଶ, ସୁମନ୍ତ ମିଶ୍ର, ମଧୁସ୍ମିତା ମିଶ୍ର, ମଦନ ସୁନ୍ଦର କ୍ଷେତି, ନାରାୟଣ ନାୟକ ଓ ସେଫାଳି ପଣ୍ଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଖୋଲିଗାଁରେ ବନ ମହୋତ୍ସବ ପାଳିତ


ବୃକ୍ଷ ରୋପଣ କରାଯାଉଛି।

**ନୂଆପଡ଼ା,୧୨।୭(ମକାରୁ ବେମାଲ)**

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଖୋଲିଗାଁ ସେବାଶ୍ରମରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରମସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜତି କାର୍ଯ୍ୟକ୍ରମରେ ଡେପୁଟି ରେଞ୍ଜର ସଦନ କୁମାର ମାଝି, ଫରେଷ୍ଟର ଶିବ ନାରାୟଣ ମାଝି, କଲ୍ୟାଣୀ ଶବର, ପୁନିତ ମାଝି, ଶଶିଭୂଷଣ ମାଝି ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିସର ଓ ଗାଁ ଚାରି ପାଖରେ ଛାତ୍ରୀଛାତ୍ରମାନଙ୍କୁ ଚାରା ରୋପଣ କରାଯାଇଥିଲା। ଆଗାମୀ ଦିନରେ ଅଞ୍ଚଳକୁ ସବୁଜମୟ କରିବା ପାଇଁ ଉପସ୍ଥିତ ଅତିଥି, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ମାଧବ ଧରୁଆ, ଭାବିଦି ବିଶ୍ୱାଳ, ହେମଲାଲ ମାଝି, ଲକ୍ଷ୍ମଣ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ମନ୍ଦିର ସମ୍ମୁଖରେ ଅଳିଆ ଆବର୍ଜନା

**ଖଡ଼ିଆଳ,୧୨।୭(ସୁଜିତ୍ ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ଚାରି ନମ୍ବର ୱାର୍ଡରେ ସରସ୍ୱତୀ ଶିଶୁ ମନ୍ଦିର ରହିଛି। ଏହି ଶିଶୁ ମନ୍ଦିରରେ ପ୍ରାରମ୍ଭ, ବୌଧ ଓ ପ୍ରଥମ ତିନିଗୋଟି ଶ୍ରେଣୀ ରହି ଥିବା ବେଳେ ୧୨୬ଜଣ ଶିଶୁ ଅଧ୍ୟୟନ କରୁଛନ୍ତି। ହେଲେ ଶିଶୁ ମନ୍ଦିର ସାମନା ଅତ୍ୟଧିକ ପରିମାଣରେ ମଇଳା ଆବର୍ଜନା ରହିଥିବା ଯୋଗୁ ପରିବେଶ ଦୂଷିତ ହୋଇ ରହିଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ବିଭାଗ ପକ୍ଷରୁ ଏହାକୁ ସଂଜ୍ଞାନ ନେଇ ଅତିଶୀଘ୍ର ମଇଳା ଆବର୍ଜନା ସଫା କରିଦେବା ପାଇଁ ଶିଶୁମନ୍ଦିରର ଗୁରୁଜୀ, ଗୁରୁମା, ପରିଚାଳନା କମିଟି ଓ ଅଭିଭାବିକ ଅଭିଭାବିକା ଅନୁରୋଧ କରିଛନ୍ତି।


ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ଅଳିଆ ଜମା ହୋଇପଡ଼ିଛି।

# ଡ୍ରେନେଜ ସମସ୍ୟାକୁ ନେଇ ରାସ୍ତାରୋକୋ

**ବିନିକା,୧୨।୭(ରାମ ଗୋପାଳ ବାଘ)**


ଗଜପତିନଗର ପଡ଼ାବାସୀ ରାସ୍ତାରେ ବସି ରହିଛନ୍ତି।

**ବିନିକା ଗଜପତିନଗର**

ଡ୍ରେନେଜ ସମସ୍ୟାକୁ ନେଇ ସୁବର୍ଣ୍ଣପୁର ଜିଲା ବିନିକା ସହର ଗଜପତିନଗର ପଡ଼ାବାସୀଙ୍କ ପକ୍ଷରୁ ବୁଧବାର ସୋନପୁର-ବିନିକା ମୁଖ୍ୟରାସ୍ତାର ଗଜପତିନଗରଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଫଳରେ ଦୀର୍ଘ ୫ ଘଣ୍ଟା ଧରି ରାସ୍ତାରେ ଗାଡ଼ିମୋଟର ଚଳାଚଳ ଠପ୍ ହୋଇ ଯାଇଥିଲା। ପ୍ରକାଶ ଯେ, ବିନିକା ସହରରେ ଗଜପତିନଗର ୮ନଂ ୱାର୍ଡ ରହିଛି। ଏଠାରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ପଡ଼ାବାସୀଙ୍କୁ ଉକ୍ତ ରାସ୍ତାରେ ଆଣ୍ଠୁଏ ପାଣିରେ ଯିବାଆସିବା କରିବାକୁ ପଡିଥାଏ। ପ୍ରବଳ ବର୍ଷା ହେଲେ ସାରା ପଡ଼ା ଜଳମଗ୍ନ ହେବା ସହ ଲୋକଙ୍କ ଘରେ ପାଣି ପଶିଯାଏ। ଏହାଛଡା ଜମି ରହୁଥିବା ବର୍ଷା ପାଣି ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଥିଯୋଗୁ ବିଭିନ୍ନ ରୋଗ ବ୍ୟାପୁଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର ପାଇଁ ଗତ ୧୨ଦିନ ତଳେ ପଡ଼ାବାସୀଙ୍କ ତରଫରୁ ବିନିକା ଏନଏସି ଭାରପ୍ରାପ୍ତ ଅଧିକାରୀ ତଥା ତହସିଲଦାର ମୁକ୍ତେଶର ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ସମସ୍ୟା ସମାଧାନ ନ ହେବାରୁ ସକାଳେ ବାଧ୍ୟ ହୋଇ ପଡ଼ାବାସୀ ରାସ୍ତାକୁ ଓହ୍ଲାଇ ଥିଲେ। ବରିଷ୍ଠ ଭାଜପା ନେତା କୃଷ୍ଣଚନ୍ଦ୍ର କୁମ୍ଭାରଙ୍କ ନେତୃତ୍ୱରେ ପଡ଼ାର ଲୋକେ ସକାଳ ସାଢେ ୭ଟାରୁ ସୋନପୁର- ବିନିକା ସହରର ମୁଖ୍ୟରାସ୍ତାରେ ବସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭିନ୍ନ ନାରାବାଜି କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିନିକା ଥାନାଧିକାରୀ, ଏସଡିପିଓଙ୍କ ସହ ପୋଲିସବାହିନୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଏହି ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ବିଶେଷ କରି ସ୍କୁଲ ଛାତ୍ରୀ ଛାତ୍ର ନେବା ଆଣିବା କରୁଥିବା ଭ୍ୟାନଗୁଡ଼ିକ ଅନ୍ୟ ରାସ୍ତାରେ ବୁଲି ଯାଉଥିବା ଦେଖିବାକୁ ମିଳିଥିଲା। ଖବରପାଇ ବିନିକା ଏନଏସି ଅଧ୍ୟକ୍ଷ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ସମସ୍ୟା ନେଇ ଆଲୋଚନା କରିଥିଲେ। ଜମି ରହିଥିବା ବର୍ଷା ପାଣି ନିଷ୍କାସନ ପାଇଁ ଜେସିବି ସହାୟତାରେ ମୁଖ୍ୟ ରାସ୍ତା ପାର୍ଶ୍ୱର ମାଟି ଖୋଳାଯିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ, ୨ପୃଥକ ମାମଲା ରୁଜୁ

**ସୁନ୍ଦରଗଡ,୧୨।୭(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ରୂପିଡିହି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର କେତେକ ବ୍ୟକ୍ତି ଜାତିଆଣ ଆକ୍ଷେପ କରି ବସନ୍ତ ବୁଡ଼ାଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ବସନ୍ତଙ୍କ ପରିବାର ପକ୍ଷରୁ ସଦରଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅପରପକ୍ଷେ ଗୁରୁତର ବୁଡ଼ାଙ୍କ ପରିବାର ଲୋକେ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେପଟେ ଯୁବକ ଜଣକ ବିଭିନ୍ନ ସମୟରେ ଲୋକଙ୍କୁ ଗାଳିଗୁଲଜ କରି ଜାତିଆଣ ମାମଲାର ଭୟ ଦେଖାଇ ଆତଙ୍କ ସୃଷ୍ଟି କରି ଆସୁଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ମଧ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ମଧ ଅନ୍ୟ ଗୋଟିଏ ମାମଲା ରୁଜୁ କରିଛି।

### କ୍ରେଡିଟ କାର୍ଡରୁ ଠକିନେଲେ ୯୮ହଜାର ଟଙ୍କା

**ଦେବଗଡ,୧୨।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଥାନା ଖୁଣ୍ଟିଆପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ କ୍ରେଡିଟ କାର୍ଡରୁ ଚଞ୍ଚକତା ପୂର୍ବକ ୯୮ହଜାର ଟଙ୍କା ଠକେଇ ହୋଇଛି। ପୋଲିସ ସୂଚନା ଅନୁଯାୟୀ ଖୁଣ୍ଟିଆପାଲି ଗ୍ରାମର ବିଷ୍ଣୁ ପ୍ରସାଦ ସାହୁଙ୍କୁ ଜଣେ ଅଜଣା ବ୍ୟକ୍ତି ଛଳନା ପୂର୍ବକ ତାଙ୍କ ମୋବାଇଲକୁ ଆସିଥିବା ଓଟିପି ମାଗିଥିଲେ। କିଛି ନ ବୁଝି ଅଜ୍ଞତା ବଶତଃ ସାହୁ ତାଙ୍କୁ ଓଟିପି ଜଣାଇ ଦେଇଥିଲେ। ଏହାର କିଛି ସମୟ ପରେ ସାହୁଙ୍କ ଏକାଉଣ୍ଟରୁ ୯୮ ହଜାର ଟଙ୍କା ଉଠାଣ ହୋଇଥିବା ମୋବାଇଲକୁ ମ୍ୟାସେଜ ଆସିଥିଲା। ଏଥିରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏନେଇ ସେ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭଯୋଗ ଅଧାରରେ ଦଫା ୪୧୯, ୪୨୦ ଆଇପିସି ଓ ୬୬ ସି ଏବଂ ଡି ଆକ୍ଟରେ ଏକ ମାମଲା ରଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

### ଗୋରୁଙ୍କୁ ଅଜଣା ରୋଗ

**ଚିକିତ୍ସା, ନିୟନ୍ତ୍ରଣ ପାଇଁ ଦାବିପତ୍ର ପ୍ରଦାନ**

**ଦେବଗଡ଼,୧୨।୭ (ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ପୌରାଞ୍ଚଳରେ ଗତ କିଛି ଦିନ ହେବ ଗାଈଙ୍କ ଦେହରେ ଫୋଟକା ହୋଇ ଘା' ହେବା ସହ ମାଂଶ ଛିଣ୍ଡି ପଡୁଥିବା ଦେଖିବାକୁ ମିଳୁଛି। ଏଭଳି ଚର୍ମ ରୋଗ ଦିନକୁ ଦିନ ଗାଁ ଗହଳିକୁ ମଧ ବ୍ୟାପିବା ଏବଂ ଏହା ଦ୍ୱାରା ମଣିଷମାନେ ମଧ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ତୁରନ୍ତ ଆକ୍ରାନ୍ତ ଗାଈଙ୍କ ଚିକିତ୍ସା କରିବାସହ ଏହି ଅଜଣା ରୋଗକୁ ନିୟନ୍ତ୍ରଣ କରିବାକୁ ଦେବଗଡ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ ବୁଧବାର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୌର ପରିଷଦ ଉପାଧକ୍ଷ ଭୋଜ କାଉନସିଲର କାର୍ତ୍ତିକ ମହାକୁଳ, ଶତ୍ରୁଘ୍ନ ପାତ୍ର, ସୁମନ୍ତ ଭୋଜ, ବ୍ରଏଲର ପାତ୍ର, ପ୍ରହଲ୍ଲାଦ ରଣଜିତ, ରାକେଶ ଦାସ,ରାଜେନ୍ଦ୍ର ଆଚାର୍ଯ୍ୟ ଓ ମକରଧ୍ୱଜ ହସ୍ତୀଙ୍କ ସହିତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

# ତାତିଲେ ୬୬୨ କଲେଜ ଅଧ୍ୟାପକ, କର୍ମଚାରୀ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର
- ଦାବିକୁ ନ ମାନିଲେ ୨୦ରୁ କାର୍ଯ୍ୟବନ୍ଧ ଆନ୍ଦୋଳନ

**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ ୬୬୨ ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀ ସଂଘର ଦାବି ସମୂହକୁ ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ସଂଘର ଅଧ୍ୟାପକ, କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ବଦଳରେ ସରକାର ଟାଳଟୂଳ ନୀତି ଅବଲମ୍ବନ କରୁଥିବା ସଂଘ ଅଭିଯୋଗ କରିଛି। ଏଭଳି ଅଭିଯୋଗ କରି ସଂଘର ଅଧ୍ୟାପକ, କର୍ମଚାରୀମାନେ ତାତି ଉଠିଛନ୍ତି। ୪ଦଫା ଦାବି ନେଇ ନିଖିଳ ଓଡ଼ିଶା (ଯୁକ୍ତଦୁଇ, ଯୁକ୍ତତିନି) ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୧୫୦ଦିନରେ ପହଞ୍ଚି ଥିବାବେଳେ ବୁଧବାର ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୪ଦଫା ଦାବି କରାଯାଇଛି। ଦାବି ସମୂହ ମଧ୍ୟରେ ସମାନ ଗ୍ରେଡ୍ ଆଧାରରେ ସମାନ ଦରମା ପ୍ରଦାନ, ୨୦୦୮ ଜିଓ ଅନ୍ତର୍ଭୁକ୍ତ ସମସ୍ତଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ ବ୍ୟବସ୍ଥା କରିବା, ୨୦୧୮ ଜିଓକୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଏବଂ



କଲେଜ ଅଧ୍ୟାପକ, କର୍ମଚାରୀ ସଂଘର ଶୋଭାଯାତ୍ରା ।

୨୦୧୮ ଓ ୨୦୧୪ ଜିଓରେ ରହିଥିବା ଅସଙ୍ଗତି ଦୂରୀକରଣ ଦାବି ରହିଛି। ଏହି ଦାବି ପୂରଣ କରା ନ ଗଲେ ଆସନ୍ତା ୨୦ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସଂଘ ଓହ୍ଲାଇବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି।

ପ୍ରକାଶ ଯେ, ବ୍ଲକ ଗ୍ରାଣ୍ଟ ପାଉଥିବା ଶିକ୍ଷକ, କର୍ମଚାରୀମାନଙ୍କୁ ସରକାର ଜିଆଇଏ ପଲିସି-୨୦୧୭ରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ଗତ ଜାନୁଆରୀ ମାସରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜ କର୍ମଚାରୀଙ୍କ ଦରମା ବୃଦ୍ଧି କରି ସାରିଛନ୍ତି। ତେବେ ସମାନ କାମ କରୁଥିବା କେତେକ ଅଧ୍ୟାପକ, କର୍ମଚାରୀ ଏଥିରେ ଉପକୃତ ହୋଇଥିବାବେଳେ ଅନ୍ୟ କେତେକ ଅଧ୍ୟାପକ, କର୍ମଚାରୀଙ୍କୁ ସେଥିରୁ ବାଦ୍ ଦିଆଯାଇଛି। ସରକାର ଏଭଳି ୨ଭାଗ କରିଥିବା ଯୋଗୁ ତାକୁ ବିରୋଧ କରି ନିଖିଳ ଓଡ଼ିଶା ୬୬୨(ଯୁକ୍ତଦୁଇ, ଯୁକ୍ତତିନି) ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ଗତ ଫେବୃଆରୀ ମାସ ୨୦ତାରିଖରୁ ରାଜଧାନୀରେ ଆନ୍ଦୋଳନକୁ ଓହ୍ଲାଇଛି। ସେଠାରେ ଚାଲିଥିବା ଧାରଣା ୧୫୦ଦିନରେ ପହଞ୍ଚିଛି। ଏହାସତ୍ତ୍ୱେ ସରକାର ସେହି ଦାବି ସମୂହ ପ୍ରତି ନୀରବ ରହିଥିବା ସଂଘ ଅଭିଯୋଗ କରିଛି। ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ବିଶାଳ ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧିଛକରୁ ବାହାରି ଜିଲାପାଳ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ପ୍ରତିବାଦ ସଭା ପରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘର ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳ ମିଶ୍ର, ସମ୍ପାଦକ ସୁଶାନ୍ତ ମିଶ୍ର, ସହସମ୍ପାଦକ ଜଗଦିଶ ଦେବତା, କୋଷାଧ୍ୟକ୍ଷ ସୁରେଶ ପରିଡ଼ା ପ୍ରମୁଖ ପ୍ରତିବାଦ ସଭାରେ ଉଦବୋଧନ ଦେଇଥିବାବେଳେ ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ସରକାରଙ୍କ ସେଭଳି ନିଷ୍ପତ୍ତିକୁ ସଂଘ ଆରମ୍ଭରୁ ବିରୋଧ କରି ଆସୁଛି। ପ୍ରଥମେ ସଂଘର ଅଧ୍ୟାପକ, କର୍ମଚାରୀ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ସେହିପରି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଗତ ଜାନୁଆରୀ ମାସ ୨୫ତାରିଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଥାପି ସରକାର କର୍ଣ୍ଣପାତ ନ କରିବା ପ୍ରତିବାଦରେ ଗତ ଫେବୃଆରୀ ମାସ ୧୩ତାରିଖରୁ ରାଜଧାନୀରେ ଧାରଣା ଜାରି ରହିଛି। ସେହିପରି ୪ଟି ମହାସମାବେଶ ଆୟୋଜିତ ହୋଇସାରି ଥିବାବେଳେ ଗତ ମାର୍ଚ୍ଚ ମାସରେ ଯୁକ୍ତଦୁଇ, ଯୁକ୍ତତିନି ପରୀକ୍ଷାଖାତା ମୂଲ୍ୟାଙ୍କନ ବର୍ଜନ ପାଇଁ ସଂଘ ନିଷ୍ପତ୍ତି ନେଇଥିଲା। ମାତ୍ର ସରକାରଙ୍କ ଅନୁରୋଧକ୍ରମେ ତଥା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସଂଘ ପୁଣି ମୂଲ୍ୟାଙ୍କନରେ ସାମିଲ ହୋଇଥିଲା। ଅନ୍ୟପଟେ ଆସନ୍ତା ୨୦ତାରିଖରୁ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେବା ସହିତ ବିଭିନ୍ନ ପରୀକ୍ଷା ପରିଚାଳନା ମଧ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଯାଇଛି।

### ଗଞ୍ଜେଇ କାରବାର, ୨ଗିରଫ



**ବରଗଡ଼,୧୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ଥାନା ପୋଲିସ ଗଞ୍ଜେଇ କାରବାରରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବିହାର ରାଜ୍ୟ ସରନ ଜିଲା ଦୋରିଗଞ୍ଜ ଥାନା କାଜିତୋଲା ଖାଓସପୁର ନିବାସୀ ରୂପେଶ କୁମାର ଯାଦବ(୩୩) ଏବଂ ଉତ୍ତରପ୍ରଦେଶ ରାଜ୍ୟ ସୋନଭଦ୍ରା ଜିଲା କୋନ୍ ଥାନା ଅନ୍ତର୍ଗତ କୁଡ଼ୱା ଗ୍ରାମର ବିଦ୍ୟାସାଗର ଭାରତୀ(୨୮)। ସେମାନଙ୍କ ପାଖରୁ ୯କି.ଗ୍ରା ୪୩୦ଗ୍ରାମ ଗଞ୍ଜେଇ, ୨ଟି ମୋବାଇଲ, ୨ଟି ଆଧାର କାର୍ଡ଼ ଏବଂ ନଗଦ ୭୧୦୦ ଟଙ୍କା ଜବତ ହୋଇଛି। ଏୟାର ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଥିବାବେଳେ ପଥର୍ଲା ମିଲ ଛକ ନିକଟରେ ପୋଲିସ ସେମାନଙ୍କୁ ଧରିଥିଲା । ଅଭିଯୁକ୍ତଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା(ନଂ.୨୫୫/୧୨) ରୁଜୁ ହୋଇଛି ।

## ଜିଲା ସମିତିସଭ୍ୟ ସଂଘ ବୈଠକ, ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

**ଦେବଗଡ,୧୨।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ପ୍ରଧାନପାଟଠାରେ ଜିଲା ସମିତିସଭ୍ୟ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଶତପଥୀ, ସମ୍ପାଦକ ବିଶ୍ୱଜିତ ନନ୍ଦ ଓ କୋଷାଧକ୍ଷ ଦୁଃଖବନ୍ଧୁ ଭୂୟାଁଙ୍କ ନେତୃତ୍ୱରେ ସଭା ଅନଷ୍ଠିତ ହେବାସହ ଜିଲାପାଳଙ୍କୁ ଉକ୍ତ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ବିଶେଷ କରି ୧୦ ଦଫା ଦାବି ମଧରେ ସମିତି ବୈଠକରେ କେବଳ ସମିତିସଭ୍ୟ ସ୍ଥାୟୀ ସଦସ୍ୟଭାବେ ରହିବାକୁ ଦାବି କରାଯାଇଛି। ଏଥିସହ ସମିତିସଭ୍ୟଙ୍କ ପାଇଁ ସରକାରୀ ବ୍ୟବସ୍ଥା ଅନୁଯାୟୀ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିରେ କାର୍ଯ୍ୟ କରିବା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବା, ନିର୍ବାଚିତ ପ୍ରତିନିଧିଭାବେ କ୍ଷମତା ପ୍ରଦାନ ସହ ଅତିକମରେ ବାର୍ଷିକ ୨୦ ଲକ୍ଷ ପର୍ଯ୍ୟନ୍ତ ସମିତିସଭ୍ୟ ପାଣ୍ଠି ପ୍ରଦାନ, ସମିତିସଭ୍ୟଙ୍କ ମାସିକ ଭତ୍ତା ଅନ୍ୟୁନ ୧୫ ହଜାର ଟଙ୍କା ପ୍ରଦାନଭଳି ୧୦ ଦଫା ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲାର ସମସ୍ତ ବ୍ଲକ ଅଧକ୍ଷ, ଉପାଧକ୍ଷଙ୍କ ସମେତ ସମସ୍ତ ସମିତିସଭ୍ୟା ଓ ସଭ୍ୟ ଉପସ୍ଥିତ ଥିଲେ।

## ନିର୍ବାହୀ ଅଧିକାରୀ ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ

**ଦେବଗଡ଼,୧୨।୭ (ଶଶାଙ୍କ ଶେଖର ଝାଙ୍କର)**

ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ପକ୍ଷରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ନିମନ୍ତେ ଗତ ୯ରେ ଦେବଗଡ ସହରର ୯ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଚାଲିଥିବା ବେଳେ ଟାଉନ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ଯୁବତୀଙ୍କ ପରିଚୟ ମିଶି ନ ଥିବା ଜଣାପଡ଼ିଛି। ଏନେଇ ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ପଦ୍ମାଲୀ ଲାକ୍ରା ଜିଲା ସୁପରିଟେଣ୍ଡେଣ୍ଟ ତଥା ଅତିରିକ୍ତ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି। ସୂଚନା ଅନୁଯାୟୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ନିମନ୍ତେ ଗତ ୯ରେ ଦେବଗଡ କଲେଜ, ମଡେଲ ଡିଗ୍ରୀ କଲେଜ, ମହିଳା ମହାବିଦ୍ୟାଳୟ(ଯୁକ୍ତ ୨), ମହିଳା ଡିଗ୍ରୀ ମହାବିଦ୍ୟାଳୟ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚନ୍ଦ୍ରମୟ ବିଦ୍ୟାଳୟ ନୋଟରେ ଡେମ ଏକାଡେମୀ ଓ ଟାଉନ ହାଇସ୍କୁଲକୁ ପରିକ୍ଷା କେନ୍ଦ୍ରଭାବେ ଚୟନ କରାଯାଇଥିଲା। ପରୀକ୍ଷା ସମୟରେ ଟାଉନ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ଯୁବତୀଙ୍କୁ ଯାଞ୍ଚ ସମୟରେ ତାଙ୍କର ପ୍ରବେଶ ପତ୍ରରେ ଥିବା ନାମ ଏବଂ ଫଟୋ ଗ୍ରାଫ ଉପସ୍ଥାନ ରେଜିଷ୍ଟର( ଆଟେଣ୍ଡେନ୍ସ ସିଟ)ରେ ରହିଥିବା ନାମ ଏବଂ ଫଟୋ ସହିତ ମିଶିନଥିଲା। ସନ୍ଦେହ ହେବାରୁ ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତଥା ସେଣ୍ଟର ସୁପରିଟେଣ୍ଡେଣ୍ଟ ପଦ୍ମାଲୀ ଲାକ୍ରା ଏନେଇ ଜିଲା ସୁପରଟେଣ୍ଡେଣ୍ଟ ତଥା ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ସୂଚନା ଦେଇଥିଲେ। ଏନେଇ ଅତିରିକ୍ତ ଜିଲାପାଳ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ପରୀକ୍ଷାର୍ଥୀନିଙ୍କ ବିରୋଧରେ ଦଫା ୪୧୯ ଆଇପିସି ଓ ଓଡିଶା କଣ୍ଡକ୍ଟ ଅଫ ଏକ୍ଜାମିନେସନ ଆକ୍ଟର ଧାରା ୯ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## କଲେଜ ଅଧାପକ, କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ଦେବଗଡ଼ ୧୨।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ଶାଖା ପକ୍ଷରୁ ୬୬୨ ବର୍ଗ କଲେଜ ଅଧାପକ ଓ କର୍ମଚାରୀ ସଂଘ ବିଭିନ୍ନ ଦାବି ନେଇ ବୁଧବାର ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଫେବୃୟାରୀ ୧୩ରୁ ଆନ୍ଦୋଳନକୁ ଓହ୍ଲାଇଥିବା ଅଧାପକ ଓ ଅନ୍ୟ କର୍ମଚାରୀମାନେ ଲୋୟର ପିଏମ୍‌ଜିରେ ଅହୋରାତ୍ର ଧାରଣାରେ ୧୪୦ ଦିନ ହେଲା ବସି ରହିଛନ୍ତି। ଏହି ସମୟ ମଧରେ ଚାରିଥର ମହାସମାବେଶ କରି ସଂଘ ତାର ଚାରି ଦଫା ଦାବି ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେବଳ ଏକ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରି ସରକାର ନୀରବ ଦ୍ରଷ୍ଟା ଭାବେ ବସିଛନ୍ତି। ଏପରିକି ଏ ପର୍ଯ୍ୟନ୍ତ ଥରେ ମଧ ସଂଘ ସହିତ ସରକାରଙ୍କ ଆଲୋଚନା ହୋଇପାରିଲା ନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛ। ସମାନ ଗ୍ରେଡ ପେ ଆଧାରରେ ସମସ୍ତ ବର୍ଗର କର୍ମଚାରୀଙ୍କୁ ସମାନ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀ ମାନଙ୍କୁ ପେନସନ୍ ପରିସରଭୁକ୍ତ କରିବା, ୨୦୧୮ ଜିଓ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ ଓ ବାଦ ପଡିଥିବା କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ଦାବୀ ନେଇ ଏହି ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏହି ବର୍ଗର କର୍ମଚାରୀମାନେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଚାକିରୀ କରିଆସିଥିବା ବେଳେ ସମସ୍ତ ପ୍ରକାର ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏହି ଦାବି ଗୁଡିକ ପୂରଣ ପାଇଁ ବିଚାର କରି ଆଗାମୀ ୧୫ ଦିନ ମଧରେ ସମାଧାନ ନ କଲେ ସଂଘ ବାଧହୋଇ ସମସ୍ତ କଲେଜରେ ତାଲା ଦେଇ କାମ ବନ୍ଦ କରିବା ସହ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦିଆଯାଇଛି। ସଂଘ ସଭାପତି ବିଜୟ କୁମାର ଶତପଥୀ, ଉପ ସଭାପତି ବଳରାମ ପରିଡ଼ା ଓ ସମ୍ପାଦକ ଭାରତ ଭୂଷଣ ନନ୍ଦଙ୍କ ନେତୃତ୍ୱରେ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଏକ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।




## ବିପଦ ସଙ୍କୁଳ ଅବସ୍ଥାରେ କାଲୋବାହାଲ ଯାତ୍ରୀ ପ୍ରତୀକ୍ଷାଳୟ



**ସୁନ୍ଦରଗଡ଼,୧୨।୭ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଟାଙ୍ଗରପାଳି ବ୍ଲକ କାଲୋବାହାଲ ଯାତ୍ରୀ ପ୍ରତିକ୍ଷାଳୟ ଦୀର୍ଘ ବର୍ଷ ହେଲାଣି ବିପଦସଙ୍କୁଳ ଅବସ୍ଥାରେ ପଡିରହିଛି। ଏଠାରେ ଆଖପାଖ ଲୋକେ ଆସି ସବୁବେଳେ ବସ୍ ଅପେକ୍ଷାରେ ବସି ରୁହନ୍ତି। ବସଷ୍ଟାଣ୍ଡ ଘର ଛାତରୁ ସିମେଣ୍ଟ ଖଣ୍ଡ ସବୁ ଖସି ଲୁହା ରଡ୍ ଦେଖାଯାଉଛି। ଏହି ବସଷ୍ଟାଣ୍ଡଟି ଯାତ୍ରୀମାନଙ୍କ ପାଇଁ ବିପଦ ସାଜିଛି। କେତେବେଳେ ବି ଛାତ ପଡି ଯିବ କହିହେବ ନାହିଁ । ଏଣୁ ଯଥା ଶୀଘ୍ର ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସ୍ମାର୍ଟ କ୍ଲାସ୍ ରୁମ୍ ଉଦ୍‌ଘାଟିତ

**ସମ୍ବଲପୁର,୧୨।୭(ଶୁଭାଶିଷ ପାଢୀ)**

ଝାରସୁଗୁଡା ଜିଲା ବନହରପାଲି ଇବ୍ ଥର୍ମାଲ (ଆଇଟିପିଏସ୍) ଡିଏଭି ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ ଉଦ୍‌ଘାଟିତ ହୋଇଛି। ଓପିଜିସି ନିର୍ଦ୍ଦେଶକ (ଅପରେଶନ) ମାନସ ରଞ୍ଜନ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଟାଟା କ୍ଲାସ୍ ଏଜ୍ ନାମକ ଏକ ଇ-ଲର୍ନିଂ ଏବଂ ସ୍କୁଲ୍ ମ୍ୟାନେଜମେଣ୍ଟ ସଫ୍ଟୱେର୍ ସିଷ୍ଟମ୍ ରହିଛି। ଏଠାରେ ନର୍ସରୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୫ ଶ୍ରେଣୀଗୃହରେ ଏହି ଫ୍ଲାଟ ପ୍ୟାନେଲ୍ ଏଲଇଡି ଟିଭି ଆଧାରିତ ସ୍ମାର୍ଟ କ୍ଲାସ୍ ସିଷ୍ଟମ କରାଯାଇଛି। ଟେକ୍ନୋଲୋଜି ପାର୍ଟନେର ଟାଟା କ୍ଲାସ୍ ଏଜ୍‌ର ପ୍ରତିନିଧି ତଥା ତାଲିମପ୍ରାପ୍ତ ଶିକ୍ଷକଙ୍କ ପାଇଁ ଏହି ସ୍ମାର୍ଟ ଟେକ୍ନୋଲୋଜି ଲାଭଦାୟକ ହେବ।


କ୍ଲାସ ରୁମ୍ ଉଦ୍‌ଘାଟନ କରୁଛନ୍ତି ଅତିଥି।

ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଓପିଜିସିର ବରିଷ୍ଠ ଅଧିକାରୀ, ପ୍ଲାଣ୍ଟ ମ୍ୟାନେଜର ସୁଧାକର ସ୍ୱାଇଁଙ୍କ ସମେତ ମାନବ ସମ୍ବଳ ମୁଖ୍ୟ ରତିକାନ୍ତ ଦାସ, ଜିଏମ୍ ଫାଇନାନ୍ସ ସନ୍ତୋଷ ଷଡଙ୍ଗୀ, ପ୍ରିନ୍ସିପାଲ ପ୍ରଶାନ୍ତ ହୋତା ଉପସ୍ଥିତ ଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସରଣ୍ଡା,୧୨।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ଅତାବିରା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) କାର୍ତ୍ତିକ ବାଗ ମୁଖ୍ୟ ଅତିଥି, ଅତାବିରା ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ସମ୍ମାନିତ ଅତିଥି, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅତିଥିଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ତଥା ଗ୍ରାମବାସୀ କ୍ରୀଡ଼ା ଶିକ୍ଷକ ପ୍ରଧାନଙ୍କ ଦୀର୍ଘ ୩୯ବର୍ଷର ସେବା, କ୍ରୀଡ଼ାକ୍ଷେତ୍ରରେ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ସମାରୋହରେ ଲହଣ୍ଡା ସରପଞ୍ଚ ଅର୍ଚ୍ଚନା ନାଏକ, ଗୌନ୍ତିଆ ବୀରେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଉପଦେଷ୍ଟା କମିଟିର ଦୟାସାଗର ମେଣ୍ଡଲୀ, ମୂଳଜୀ ପ୍ରଧାନ, ହରିହର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଗୋପାଳ ସାହୁ, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଅନିଲ ଶତପଥୀ, ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ସମ୍ପାଦକ ସୁଶାନ୍ତ ଶତପଥୀଙ୍କ ସମେତ ଅତାବିରା ବ୍ଲକର କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାବିତ୍ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ସ୍ନିଗ୍ଧା ପଣ୍ଡା ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସହଯୋଗ କରିଥିବା ବଦାନ୍ୟ ବ୍ୟକ୍ତି ତଥା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିତେନ ଭୋଇ, ଆନନ୍ଦ କୁମାର ତ୍ରିପାଠୀ, ତୁଳସୀ ମଞ୍ଜରୀ ଭୋଇ, କୁବେର ବାରିକ ମଞ୍ଚ ପରିଚାଳନା କରିଥିଲେ। ପରେ ଗ୍ରାମ୍ୟ ପରିକ୍ରମା ସହିତ ଅବସର ଗ୍ରହଣ କରିଥିବା କ୍ରୀଡ଼ା ଶିକ୍ଷକ ପ୍ରଧାନଙ୍କୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ତାଙ୍କ ଘରକୁ ନେଇଥିଲେ।


କ୍ରୀଡ଼ା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ।

## ଓଏସ୍ ଜିନିୟସ ସିଜନ-୧୦ ପାଇଁ ପ୍ରସ୍ତୁତି

**ଦେବଗଡ଼,୧୨।୭ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକା ସଙ୍ଗମ ଏଣ୍ଡ ସଙ୍ଗମ ତରଫରୁ ବିଗତ ବର୍ଷ ପରି ଚଳିତବର୍ଷ ମଧ ଆଗାମୀ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଓଏସ ଜିନିୟସ- ସିଜିନ-୧୦ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସ୍ଥାନୀୟ ଏକ ହୋଟେଲଠାରେ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଜିଲାର ଛୋଟ ଛୋଟ କଳାକାର ପ୍ରତିଭା ବାଛିବା କ୍ଲବର ଏକ ପ୍ରୟାସ। ଦୁଇ ଦିନଧରି ଅଗଷ୍ଟ ମାସ ୧୪ ଓ୧୫ କାର୍ଯ୍ୟକ୍ରମ କରିବାକୁ କ୍ଲବର ସଦସ୍ୟଙ୍କ ସହମତି କ୍ରମେ


କର୍ମକର୍ତ୍ତାଙ୍କ ସହ ସଦସ୍ୟମାନେ।

ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅଡିସନ ଟେଷ୍ଟ ମାଧମରେ ବିଭିନ୍ନ ସ୍କୁଲରୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ପାଇଁ ଚୟନ କରାଯିବାକୁ ସ୍ଥିରିକୃତ ହୋଇଥିଲା। ସେହିପରି ଚଳିତବର୍ଷ କିଛି ନୂତନ କାର୍ଯ୍ୟକ୍ରମ ତଥା ଟ୍ରାକରେ ଗୀତ ଗାଉଥିବା କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଏକ ପ୍ରତିଯୋଗିତା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କେତେକ ନୂତନ ସଦସ୍ୟମାନଙ୍କୁ ମଧ କ୍ଲବରେ ସାମିଲ କରିବା ପାଇଁ ନିଜର ମତାମତ ଦେବା ପରେ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ଚଳିତବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ବିକାଶ କୁମାର ପ୍ରଧାନ,ଉପସଭାପତି ଅନୁଜ କୁମାର ପ୍ରଧାନ, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, ସହ ସମ୍ପାଦକ ପ୍ରୀତମ ବେହେରା, କୋଷାଧକ୍ଷ ସୁରେନ ନାୟକ, ଉପଦେଷ୍ଟା ମଣ୍ଡଳୀ ଉମାଶଙ୍କର ସାହୁ, ପ୍ରଦୀପ ଛତ୍ରିଆ, ରାଧାମାଧବ ମିଶ୍ର, ପ୍ରତାପ କିଶୋର ନାୟକଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧରେ ରିଙ୍କୁ ଖଡ଼ିରତ୍ନ,ଆଶିଷ ସାହୁ, ମନୋରଞ୍ଜନ ନାୟକ, ପମି ନାୟକଙ୍କ ସମେତ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କ୍ଲବର ସମ୍ପାଦକ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

**୧୭-୧୮ରେ ବେଙ୍ଗାଲୁରୁ ବୈଠକ**

# ଯୋଗଦେବେ ୨୪ ବିରୋଧୀ ଦଳ

ନୂଆଦିଲ୍ଲୀ, ୧୨ା୭

ପରବର୍ତ୍ତୀ ଲୋକ ସଭା ନିର୍ବାଚନ ପାଇଁ ବିରୋଧୀ ଦଳଗୁଡ଼ିକ ମେଳି ବାନ୍ଧୁଥିବାବେଳେ ଆସନ୍ତା ସପ୍ତାହରେ ବେଙ୍ଗାଲୁରୁରେ ହେବାକୁ ଥିବା ବିରୋଧୀ ବୈଠକରେ ଆଉ କେତେକ ଦଳ ଯୋଡ଼ି ହୋଇପାରନ୍ତି। ଜୁଲାଇ ୧୭ ଓ ୧୮ ତାରିଖରେ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ବୈଠକରେ ସାମିଲ ହେବା ପାଇଁ ୨୪ ଅଣଭାଜପା ଦଳକୁ ନିମନ୍ତ୍ରଣ କରାଯାଇଛି। ଜୁନ୍ ୨୩ରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ବିରୋଧୀଙ୍କ ପ୍ରଥମ ସଂସ୍କରଣ ବୈଠକରେ ୧୫ ଦଳର ନେତା ଯୋଗଦେଇଥିଲେ। ୧୭ ଦଳକୁ ନିମନ୍ତ୍ରଣ କରାଯାଇଥିବାବେଳେ ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀ ପାରିବାରିକ କାର୍ଯ୍ୟକ୍ରମ ଯୋଗୁ


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ

ଏଥିରେ ସାମିଲ ହୋଇପାରି ନ ଥିଲେ।

ଜୁଲାଇ ୧୭ରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ନୈଶଭୋଜିରେ ଆପ୍ୟାୟିତ କରିବା କାର୍ଯ୍ୟକ୍ରମ ରହିଛି। ଏହାର ପରଦିନ ଆନୁଷ୍ଠାନିକ ଭାବେ ବୈଠକ ଅନୁଷ୍ଠିତ

**ମିଶନ ୨୦୨୪**

**■ ସୋନିଆ ଦେବେ ଡିନର ପାର୍ଟି**

ହେବ, ଯେଉଁଠି ବିରୋଧୀ ସାମ୍ମୁଖ୍ୟ ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ରଣନୀତି ଆଗକୁ ବଢ଼ାଇବ ବୋଲି ସୂତ୍ରରୁ ଜଣାପଡ଼ିଛି। ଉକ୍ତ ବୈଠକରେ ଏମ୍‌ଡିଏମ୍‌କେ, କେଡିଏମ୍‌କେ, ସିଭିକେ, ଆର୍‌ଏସ୍‌ପି, ଫରୱାର୍ଡ ବ୍ଲକ୍, ଆଇୟୁଏମ୍‌ଏଲ୍, କେରଳ କଂଗ୍ରେସ (ଜୋସେଫ୍) ଏବଂ କେରଳ କଂଗ୍ରେସ (ମଣି) ନୂଆକରି ସାମିଲ ହେବେ। ଏଥିଲାଗି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ନିମନ୍ତ୍ରଣ ପଠାଇଛନ୍ତି। ବର୍ତ୍ତମାନ ଲୋକ ସଭାରେ ୨୪ ବିରୋଧୀ ଦଳର ଆସନ ସଂଖ୍ୟା ୧୫୦ ଥିବାବେଳେ ଆଗକୁ ନୂଆ ଦଳଗୁଡ଼ିକୁ ମିଶାଇ ଏହି ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ ଚାଲିଛି। ବିରୋଧୀ ଏକତାକୁ ମଜଭୁତ କରିବା ଲାଗି ଏକ ବିସ୍ତୃତ ଯୋଜନା କରାଯିବ। ଲୋକ ସଭା ନିର୍ବାଚନରେ ପ୍ରତ୍ୟେକ ଆସନରେ ଭାଜପା ପ୍ରାର୍ଥୀଙ୍କ ବିରୋଧରେ ବିରୋଧୀଙ୍କ ପକ୍ଷରୁ ଜଣେ ମିଳିତ ପ୍ରାର୍ଥୀ ଦିଆଯିବା ଯୋଜନା ଉକ୍ତ ବୈଠକରେ ଚୂଡ଼ାନ୍ତ କରାଯିବ। ବେଙ୍ଗାଲୁରୁ ବୈଠକକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ମଧ୍ୟ ଡକାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ପରବର୍ତ୍ତୀ ବୈଠକ ପୂର୍ବରୁ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ସମ୍ପର୍କିତ କେନ୍ଦ୍ରର ଅଧ୍ୟାଦେଶ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କଂଗ୍ରେସକୁ କହିଛି। କଂଗ୍ରେସ ଏହା ଉପରେ ଏଏପି ସରକାରକୁ ସମର୍ଥନ ଘୋଷଣା ନ କଲେ ଦଳ ଏହି ବୈଠକରେ ସାମିଲ ହେବ ନାହିଁ ବୋଲି ଚେତାବନୀ ଦେଇଛି।

**ସ୍କୁଲ୍ ୟୁନିଫର୍ମ ସବୁଜ ରଙ୍ଗ କରିବା ପ୍ରସଙ୍ଗ**

## ସମଗ୍ର ଶିକ୍ଷା ଯୋଜନାକୁ ହଡ଼ପ ଉଦ୍ୟମ: ଭାଜପା

ଭୁବନେଶ୍ୱର, ୧୨ା୭ (ସୁନିତ୍ ମିଶ୍ର)

ପୂର୍ବରୁ ଓଡ଼ିଶା ସରକାର ୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ସ୍କୁଲ ଓ କଲେଜ ଆଦିକୁ ସବୁଜ ରଙ୍ଗ କରିବା ପରେ ଏବେ ସ୍କୁଲ ୟୁନିଫର୍ମର ରଙ୍ଗ ସବୁଜ କରିବା ପାଇଁ ଚିନ୍ତା କରିବା ଦୁଃଖର ବିଷୟ। ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଦଳୀୟ ଭାବନାରେ ପରୋକ୍ଷ ଭାବେ ଟାଣିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଟୁଇଟ୍‌ଜରିଆରେ ଅଭିଯୋଗ କରିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାର ଗତ ୧୦ ତାରିଖରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ବଦଳାଇବା ନେଇ ଏକ ଆଡଭାଇଜରି ଜାରି କରିଛନ୍ତି। ଆଡଭାଇଜରି ଅନୁସାରେ ସରକାର ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲର ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ରଙ୍ଗ ଧଳା ଓ ଘନନୀଳ ବଦଳରେ 'ହଣ୍ଟର ଗ୍ରୀନ୍' ରଙ୍ଗର ପୋଷାକ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ 'ସମଗ୍ର ଶିକ୍ଷା' ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ସ୍କୁଲ ୟୁନିଫର୍ମ ପାଇଁ ଓଡ଼ିଶାକୁ ବାର୍ଷିକ ପ୍ରାୟ ୨୪୦ କୋଟି ଟଙ୍କା ଅନୁଦାନ ମିଳୁଛି।


ସୂରଜ ସୂର୍ଯ୍ୟବଂଶୀ

ରାଜ୍ୟ ସରକାର କେଉଁ ଆଧାରରେ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଅର୍ଥରେ ନିଜସ୍ୱ 'ମୁଖ୍ୟମନ୍ତ୍ରୀ ପରିଧାନ' ଯୋଜନା ଘୋଷଣା କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ଦେଉଥିବା ଅର୍ଥ ଉପରେ ରାଜ୍ୟ ସରକାର ନିଜର ଷ୍ଟିକର ମାରିବାର ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା ପର ଘର ଡିଅଣରେ ଅତିଥି ସତ୍କାର ସଦୃଶ। ଓଡ଼ିଶା ସରକାର ଦଳୀୟ ଭାବନାରେ ପିଲାଙ୍କ ସମ୍ପୂର୍ଣ୍ଣ ୟୁନିଫର୍ମକୁ ସବୁଜ କରିବା ପାଇଁ ଚିନ୍ତା କରିବା ଏବଂ ତା' ଉପରେ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର ମାରିବା ଦୁଃଖଦାୟକ ବୋଲି ସୂରଜ କହିଛନ୍ତି।


idco Your power to grow
ODISHA NEW OPPORTUNITIES
No.CAD-1216



RENT PER SQ. FT.: **Rs. 40/ SQ. FT./ MONTH OF SUPER BUILT UP AREA**

RENTING OF SPACE OR LONG TERM LEASE FOR **COMMERCIAL OFFICES, BANK, IT, MSME, START UP, BPO, ITES, INCUBATION ETC.**

FLOOR AREA INDEX

| | |
|---|---|
| GROUND FLOOR | 31624 SQ. FT. |
| FIRST FLOOR | 31624 SQ. FT. |
| SECOND FLOOR | 31624 SQ. FT. |
| THIRD FLOOR | 31624 SQ. FT. |
| FOURTH FLOOR | 31624 SQ. FT. |
| FIFTH FLOOR | 31624 SQ. FT. |
| SIXTH FLOOR | 31624 SQ. FT. |

SALIENT FEATURES
- FIRE NOC RECEIVED
- STP AVAILABLE
- BUILDING PLAN APPROVAL COMPLIANT
- LIFT, 6 NOS. 16 PAX
- SILENT DG SET BACK-UP SYSTEM
- PROXIMITY TO NH 55
- DEDICATED SUBSTATION
- 24X7 WATER SUPPLY

LAUNCHING IDCO TOWER JHARSUGUDA

IDCO DIVISIONAL HEAD, SAMBALPUR
ER. BIDHAN MAJHI
MOBILE: +91 72058 02452

FOR MORE DETAILS LOG ON TO WWW.IDCO.IN

OIPR-14003/11/0114/2324


# ରାହୁଲଙ୍କୁ ସମର୍ଥନକରି ମୌନ ସତ୍ୟାଗ୍ରହ ପାଳିଲା କଂଗ୍ରେସ

ଭୁବନେଶ୍ୱର, ୧୨ା୭(ସୁନିତ୍ ମିଶ୍ର)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗଣତନ୍ତ୍ର ତଥା ସମ୍ବିଧାନର ସୁରକ୍ଷା ପାଇଁ ସାଲିସ୍‌ବିହୀନ ସଂଗ୍ରାମ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାର ସମସ୍ତ କ୍ଷମତାର ଦୁରୁପଯୋଗ କରି ମଧ୍ୟ ରାହୁଲଙ୍କୁ ନୀରବ କରିବାରେ ବିଫଳ ହୋଇଛନ୍ତି। ପାର୍ଲାମେଣ୍ଟରୁ ବହିଷ୍କୃତ ହୋଇ ମଧ୍ୟ ଦେଶର ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ସେ ସାହସର ସହ ଉତ୍ଥାପନ କରିବା ସହ ମୋଦି ସରକାରର ଅପକର୍ମ ଓ ଜନବିରୋଧୀ ନିଷ୍ପତ୍ତିର ପର୍ଦ୍ଦାଫାଶ କରୁଛନ୍ତି। ଆଗକୁ ମଧ୍ୟ ସେ ଏହା ଜାରି ରଖିବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ଭୁବନେଶ୍ୱର କଂଗ୍ରେସ ଭବନ ସମ୍ମୁଖରେ ଆୟୋଜିତ ମୌନ ସତ୍ୟାଗ୍ରହ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସଫଳ ହୋଇଛି। ଉକ୍ତ ମୌନ ସତ୍ୟାଗ୍ରହ ଏହି ସନ୍ଦେଶ ଦେଉଛି ଯେ ରାଜ୍ୟର ସମସ୍ତ କଂଗ୍ରେସ ନେତା ଓ କର୍ମୀ ରାହୁଲ ଗାନ୍ଧୀଙ୍କ ସହ ଏକ ହୋଇଛନ୍ତି।

**ରାହୁଲଙ୍କୁ ନୀରବ କରିବାରେ ମୋଦି ସରକାର ବିଫଳ ହୋଇଛି: ଶରତ**

ଏହି ସତ୍ୟାଗ୍ରହର ସଫଳତା ପାଇଁ ସମସ୍ତ ସଙ୍ଗଠନର ନେତୃବର୍ଗ ତଥା ପଦାଧିକାରୀଙ୍କୁ ଶରତ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ଦିନରେ କଂଗ୍ରେସ ରାଜ୍ୟବ୍ୟାପୀ ସତ୍ୟ ଓ ଅହିଂସାକୁ ପାଥେୟ କରି ତା'ର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର କହିଛନ୍ତି, ରାହୁଲ ଗାନ୍ଧୀ ପାର୍ଲାମେଣ୍ଟରେ ନରେନ୍ଦ୍ର ମୋଦି ଏବଂ ଆଦାନୀ ଗ୍ରୁପର ସମ୍ପର୍କ, ଆଦାନୀ ଗ୍ରୁପର ପରିବାର ଦ୍ୱାରା ପରିଚାଳିତ ସେଲ୍ କମ୍ପାନୀ ମାଧ୍ୟମରେ ହଜାର ହଜାର କୋଟି ଟଙ୍କାର କାରବାର, ପ୍ରଧାନମନ୍ତ୍ରୀ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇ ଆଦାନୀକୁ ବ୍ୟବସାୟୀ ସହାୟତା ପ୍ରଦାନ କରିବା, ଏଲ୍‌ଆଇସି, ଏସ୍‌ବିଆଇର ଆଦାନୀ ଗ୍ରୁପ ଅଫ କମ୍ପାନୀରେ ପୁଞ୍ଜି ବିନିଯୋଗ ତଥା ପ୍ରସଙ୍ଗ ଉଠାଇଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ନିଜେ ବ୍ୟକ୍ତିଗତ ସ୍ତରରେ ଏବଂ ତାଙ୍କ ସରକାର ବର୍ତ୍ତମାନ ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟର ସଭ୍ୟପଦକୁ ରଦ୍ଦ କରାଇବା ସହ ତାଙ୍କୁ ସରକାରୀ ବାସଗୃହରୁ ବାହାର କରିଦେଲେ। ଏପରିକି ଯେଉଁ ମାନହାନି ମକଦ୍ଦମା କଥା କୁହାଯାଉଛି ତାହା ମଧ୍ୟ ଏକ ବଡ଼ ଷଡ଼ଯନ୍ତ୍ର। ଆଇନର ସମ୍ପୂର୍ଣ୍ଣ ତର୍ଜମା କି ଆଇନର ବାଟ ମଧ୍ୟ ସରିନାହିଁ ବୋଲି ଚେଲ୍ଲା କୁମାର କହିଛନ୍ତି।

ସୂଚନାଯୋଗ୍ୟ ଯେ, ରାହୁଲ ଗାନ୍ଧୀ ଯେଉଁଭଳି ନିର୍ଭୀକ ଭାବେ ଲଗାତର ମୋଦି-ଆଦାନୀଙ୍କ ସମ୍ପର୍କକୁ ନେଇ ବାରମ୍ବାର ପ୍ରଶ୍ନ ପଚାରି ଚାଲିଛନ୍ତି, ଏହାଦ୍ୱାରା ଉଭୟଙ୍କ ସମ୍ପର୍କର ସମସ୍ତ କଥା ଖୁଲାସା ହୋଇପାରିଛି। ତାଙ୍କର ଏହି ନିର୍ଭୀକତା ଓ ଦୁଃସାହସିକତା ପାଇଁ ପ୍ରଧାନମନ୍ତ୍ରୀ ଏବଂ ଭାଜପା ଭୟଭୀତ ହୋଇ ଷଡ଼ଯନ୍ତ୍ର ରଚନା କରିଚାଲିଛି। ତେଣୁ ଏହାକୁ ବିରୋଧ କରିବା ସହ ରାହୁଲଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ବୁଧବାର ପିସିସି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ 'ମୌନ ସତ୍ୟାଗ୍ରହ' ଅନୁଷ୍ଠିତ ହୋଇଛି। ଏଥିରେ ଦଳର ବହୁ ବିଧାୟକ, ନେତା ଅଂଶଗ୍ରହଣ କରିଛନ୍ତି। କଂଗ୍ରେସ ନେତାମାନେ ମୁହଁରେ କଳା ପଟି ପିନ୍ଧି ବସିଥିବାର ଦେଖିବାକୁ ମିଳିଥିଲା।


ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ବୁଧବାର ମୌନ ସତ୍ୟାଗ୍ରହ କରୁଥିବା କଂଗ୍ରେସ ନେତାମାନେ।


DSPL - 143

ଓଡ଼ିଶା ସରକାର

GOVERNMENT OF ODISHA

**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**

Unit - V, Power House Square, Vidyut Marg, Bhubaneswar
Tel.: 0674-2394873, Fax: 0674-2391255
Email: eic-epcei@nic.in

**ସୂଚନା**

**ବିଜ୍ଞପ୍ତି କ୍ରମାଙ୍କ: ୩୬୧୩** **ତାରିଖ: ୧୧ା୦୭ା୨୦୨୩**

ଏତଦ୍ୱାରା ସମସ୍ତ MV ଓ HT ସୁପରଭାଇଜର ପରୀକ୍ଷାର୍ଥୀଙ୍କୁ ଅବଗତ କରାଇ ଦିଆଯାଉଛି ଯେ Computer Based Test (CBT) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରୀକ୍ଷାର୍ଥୀମାନଙ୍କୁ, ମୌଖିକ ପରୀକ୍ଷାରେ ବିଷୟଗତ ସାଧାରଣ ପ୍ରଶ୍ନ ସହ ଶିକ୍ଷାଗତ ଯୋଗ୍ୟତା, ପରିଚୟ ପତ୍ର ଓ ଅନ୍ୟାନ୍ୟ ପ୍ରମାଣପତ୍ର ଯାଞ୍ଚ କରାଯାଇ ସେମାନଙ୍କୁ ସୁପରଭାଇଜର ସାର୍ଟିଫିକେଟ୍ ପ୍ରଦାନ ପାଇଁ ଯୋଗ୍ୟ ବିବେଚନା କରାଯିବ। ସୁପରଭାଇଜର ସାର୍ଟିଫିକେଟ୍ ପ୍ରଦାନ ପାଇଁ ଇଲେକ୍ଟ୍ରିକାଲ ଲାଇସେନ୍ସ ବୋର୍ଡ, ଓଡ଼ିଶା ଏକ ଅତ୍ୟନ୍ତ ନିରପେକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷା ପ୍ରକ୍ରିୟା ଅନୁସରଣ କରେ। କିଛି ମଧ୍ୟସ୍ଥ ବ୍ୟକ୍ତି ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ କରେଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପରୀକ୍ଷାର୍ଥୀମାନଙ୍କୁ ଆର୍ଥିକ ଶୋଷଣ କରିବା ପାଇଁ ପ୍ରାର୍ଥୀମାନଙ୍କ ନିକଟତର ହେଉଥିବାର ନଜରକୁ ଆସିଛି। ସୁପରଭାଇଜର ମୌଖିକ ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଥିବା ପ୍ରାର୍ଥୀଙ୍କୁ ଏଭଳି ବ୍ୟକ୍ତିଙ୍କ ଜାଲରେ ନ ପଡ଼ିବା ପାଇଁ ସତର୍କ କରାଇ ଦିଆଯାଉଛି। ଏଭଳି ଅସାଧୁ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର କୌଣସି ପ୍ରତିଶ୍ରୁତିକୁ କର୍ଣ୍ଣପାତ କରନ୍ତୁ ନାହିଁ।

ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡ଼ିଶା

OIPR-04025/13/0013/2324


## ମିଶନ ଶକ୍ତିକୁ ବିଜେଡି କାର୍ଯ୍ୟରେ ଲଗାଇବାକୁ ଉଦ୍ୟମ ଚାଲିଛି: ଭାଜପା

ଭୁବନେଶ୍ୱର, ୧୨ା୭(ସୁନିତ୍ ମିଶ୍ର)

ଯେତେବେଳେ ଗୋଟିଏ ଯୋଜନା ସରକାରୀ ଦଳର ରାଜନୈତିକ ନ୍ୟସ୍ତସ୍ୱାର୍ଥ ପାଇଁ ନିର୍ବାଚନୀ ଏଜେଣ୍ଡା ପାଲଟିଯାଏ, ସେତେବେଳେ ତା'ର ମୂଳ ଲକ୍ଷ୍ୟ ପଥଭ୍ରଷ୍ଟ ହୁଏ। ଏହା ଜନକଲ୍ୟାଣକାରୀ ହୋଇପାରେ ନାହିଁ। ମହିଳା ସଶକ୍ତୀକରଣ ଦିଗରେ ଓଡ଼ିଶାରେ ମିଶନ୍ ଶକ୍ତିର ସ୍ଥିତି ବର୍ତ୍ତମାନ ସମାନ। ଏକଥା ମୁଖ୍ୟମନ୍ତ୍ରୀ ଓ ତାଙ୍କୁ ଘେରି ରହିଥିବା ପ୍ରଶାସନିକ ଅଧିକାରୀମାନେ ଭଲଭାବେ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି ଯେ, ମିଶନ୍ ଶକ୍ତିକୁ ଶାସକ ବିଜେଡିର ଦଳୀୟ କାର୍ଯ୍ୟରେ ଲଗାଇବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। ଏହାର ନେତୃତ୍ୱ ବିଭାଗୀୟ ସଚିବ ସୁଜାତା ଆର୍ ପାଣ୍ଡିଆନ ନେଉଛନ୍ତି। ମିଶନ୍ ଶକ୍ତିର ଅଧିକାରୀମାନଙ୍କ ବୈଠକରେ ସୁଜାତା ପାଣ୍ଡିଆନ ଦେଇଥିବା ବକ୍ତବ୍ୟର ଭାଷା ସମସ୍ତଙ୍କୁ ଆଚମ୍ବିତ କରିଛି। 'ବୁଲସିଟ୍', 'ରବିସ୍' ଭଳି ଅଶ୍ଳୀଳ ଓ ଅଶାଳୀନ ଶବ୍ଦ ପ୍ରୟୋଗ କରି ବିଭାଗୀୟ ସଚିବ ପ୍ରତ୍ୟେକ ଓଡ଼ିଆଙ୍କୁ ଅପମାନିତ କରିଛନ୍ତି। ଏପରିକି ସରକାରୀ ଦଳର ଏଜେଣ୍ଡାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାରେ ବିଫଳ ହେଲେ ସ୍ଥାନୀୟ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ଧମକ ମଧ୍ୟ ଦିଆଯାଇଛି। ଲକ୍ଷ୍ମୀ ଯୋଜନା, ବିଏସ୍‌କେୱାଇ ଯୋଜନାରେ ଏସ୍‌ଏଚ୍‌ଜି ମହିଳାଙ୍କୁ ଯୋଡ଼ିବା ପାଇଁ ଚିପ୍ ବେସ୍ ସ୍ମାର୍ଟକାର୍ଡ ଦିଆଯିବ। ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଭୋଟରମାନଙ୍କୁ କଳାଟଙ୍କା ପଠାଇବାର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ଯେଉଁମାନେ ଭଲ କାମ କରିବେ, ତାଙ୍କୁ ଦୁବାଇ, ସିଙ୍ଗାପୁର ବୁଲାଇବାକୁ ନିଆଯିବ ବୋଲି ମଧ୍ୟ ବିଭାଗୀୟ ସଚିବ ଉକ୍ତ ବୈଠକରେ କହିଛନ୍ତି। ଗୋଟିଏ ପଟେ ଚାବୁକ୍ ଓ ଅନ୍ୟପଟେ ରସଗୋଲା ଧରି ମିଶନ୍ ଶକ୍ତି ଜରିଆରେ ରାଜ୍ୟ ସରକାର ନିର୍ବାଚନ ପ୍ରସ୍ତୁତି କରୁଛନ୍ତି ବୋଲି ସତ୍ୟବ୍ରତ କହିଛନ୍ତି।

# ମହିଳା ସଶକ୍ତୀକରଣ ଅଭିଯାନକୁ ସହ୍ୟ କରିପାରୁନି ଭାଜପା: ବିଜେଡି

ଭୁବନେଶ୍ୱର, ୧୨ା୭(ଅନିଲ ଦାସ)

ମିଶନ ଶକ୍ତି ଅଭିଯାନ ଯୋଗୁ ଓଡ଼ିଶାର ୭୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି । ସାମାଜିକ, ଅର୍ଥନୈତିକ ଓ ରାଜନେତିକ କ୍ଷେତ୍ରରେ ସେମାନେ ନିଜର ଯୋଗଦାନ ଦେଇପାରୁଛନ୍ତି, ତାହା ଆଜି ସାରା ବିଶ୍ୱ ଦେଖୁଛି। ଓଡ଼ିଶାରେ ମହିଳା ସଶକ୍ତୀକରଣର ଏହି ସଫଳ ଅଭିଯାନ ଆଜି ସବୁରି ମୁହଁରେ ପ୍ରଶଂସିତ ହେଉଥିବା ବେଳେ ଓଡ଼ିଶା ଭାଜପା କିନ୍ତୁ ଏହାକୁ ସହିପାରୁନି ବୋଲି ବିଜେଡି ମୁଖପାତ୍ର ତୁଳନାଥ ପଣ୍ଡା କହିଛନ୍ତି।

ବୁଧବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ରାଜ୍ୟ ଭାଜପା ନେତାମାନେ ଚାହାନ୍ତି, ଓଡ଼ିଶାର ମହିଳାମାନେ ଘର ଭିତରେ ବନ୍ଦ ହୋଇ ରହନ୍ତୁ। ଚୁଲିମୁଣ୍ଡରେ ରୋଷେଇ କରିବା ବ୍ୟତୀତ ପଦାକୁ ଗୋଡ଼ ନ କାଢନ୍ତୁ। ସେଥିପାଇଁ ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଲାଞ୍ଚ ଖାଉଛନ୍ତି ବୋଲି କହି ଅପମାନିତ କରି ଆସୁଛନ୍ତି। ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଥିବା ମହିଳାମାନଙ୍କ ବିରୋଧରେ ବାରମ୍ବାର ମିଥ୍ୟା ଆରୋପ କରାଯିବା ସହ ସେମାନଙ୍କ ପ୍ରତି କଟୁ ଶବ୍ଦ ପ୍ରୟୋଗ କରୁଛନ୍ତି। କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ମିଶନ ଶକ୍ତି ଅଭିଯାନ ଯୋଗୁ ଆଜି ଓଡ଼ିଶାର ମହିଳାମାନେ ହୋଟେଲ, ରେଷ୍ଟୁରାଣ୍ଟ ଚଳାଉଛନ୍ତି, ହସ୍ପିଟାଲ ପରିଚାଳନାଠୁ ନେଇ ଧାନ ସଂଗ୍ରହ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରୁଛନ୍ତି। ନିଜକୁ ସଫଳ ଉଦ୍ୟୋଗୀ ଭାବେ ମଧ୍ୟ ପ୍ରମାଣିତ କରୁଛନ୍ତି।

ଓଡ଼ିଶା ଭାଜପାର ଅସଲ ଉଦ୍ଦେଶ୍ୟ ଜଣା ପଡ଼ିଯାଉଛି । ମିଶନ ଶକ୍ତି ଅଭିଯାନକୁ ବନ୍ଦ କରିବା ପାଇଁ ସେମାନଙ୍କର ଏହି ଷଡ଼ଯନ୍ତ୍ର କେବେ ବି ସଫଳ ହେବ ନାହିଁ। ମିଶନ ଶକ୍ତି ସହ ସମ୍ପୃକ୍ତ ଥିବା ମହିଳାମାନେ ଏହାକୁ କେବେହେଲେ ବରଦାସ୍ତ କରିବେ ନାହିଁ। ସେମାନେ ଏହାର ଉଚିତ ଜବାବ ଦେବେ ବୋଲି ତୁଳନାଥ କହିଛନ୍ତି।

# ଗ୍ରାମୀଣ ବିକାଶରେ ନାବାର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ନାବାର୍ଡର ୪୨ତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,୧୨।୭: (ଅଭୟ ଦାଶ)

ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ନାବାର୍ଡର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ଆର. କାର୍ତ୍ତିକେୟନ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସାଦ ମହାନ୍ତି, ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଭୁବନେଶ୍ୱରର ମୁଖ୍ୟ ପରିଚାଳକ ଚନ୍ଦ୍ରଶେଖର ଶର୍ମା,ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଗୌତମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ନାବାର୍ଡର ମହାପ୍ରବନ୍ଧକ ଡା. ବି. ବି. ସାହୁ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସାମ୍ପ୍ରତିକ ବର୍ଷମାନଙ୍କରେ ନାବାର୍ଡର ପ୍ରମୁଖ ସଫଳତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।ଏପରିକି ରାଜ୍ୟରେ ନାବାର୍ଡର ଚମତ୍କାର ପ୍ରଦର୍ଶନ ପାଇଁ ଉତ୍କୃଷ୍ଟ ସହଯୋଗ ଏବଂ ସମର୍ଥନ ପାଇଁ ସେ ସମସ୍ତ ଅଂଶୀଦାରଙ୍କୁ ଧନ୍ୟବାଦ ଦେଇଥିଲେ। ଅପରପକ୍ଷରେ ପ୍ରଦୀପ କୁମାର ଜେନା ନାବାର୍ଡ ପରିବାରକୁ ଅଭିନନ୍ଦନ ଜଣାଇବା ସହିତ ନାବାର୍ଡର ନିରନ୍ତର ପ୍ରୟାସ, ପଦକ୍ଷେପ ଏବଂ ଗ୍ରାମୀଣ ବିକାଶରେ ରହିଥିବା ଅବଦାନ ଆଦି ଯୋଗୁ ଗ୍ରାମୀଣ କ୍ଷେତ୍ରରେ ବିକାଶ ହୋଇପାରିଛି। ଏପରିକି ଓଡ଼ିଶାରେ ହୋଇଥିବା ଗ୍ରାମୀଣ କ୍ଷେତ୍ରର ବିକାଶରେ ନାବାର୍ଡର ନିରନ୍ତର ସମର୍ଥନ ଏବଂ ସକ୍ରିୟ ଅଂଶଗ୍ରହଣ ପାଇଁ ସେ ଉଚ୍ଚ ପ୍ରଶଂସା କରିଥିଲେ।ବିଶେଷ କରି ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ), ଦୀର୍ଘମିଆଦୀ ଜଳସେଚନ ପାଣ୍ଠି (ଏଲଟିଆଇଏଫ୍),ସ୍ୱୟଂ ସହାୟକ ଗୋଷ୍ଠୀ-ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମ (ଏସ୍‌ଏଚଜି-ବିଏଲପି), ଜଳବାୟୁ ପରିବର୍ତ୍ତନ ପାଇଁ ଜାତୀୟ ଅନୁକୂଳନ ପାଣ୍ଠି (ଏନ୍‌ଏଏଫସିସି) ଏବଂ ଅନ୍ୟାନ୍ୟ ପଦକ୍ଷେପ ମାଧ୍ୟମରେ ନାବାର୍ଡ ରାଜ୍ୟ ସରକାରଙ୍କ ବିକାଶମୂଳକ ପଦକ୍ଷେପକୁ ଜେନା ପ୍ରଶଂସା କରିଥିଲେ। ସେହିଭଳି ଅନୁ ଗର୍ଗ ନାବାର୍ଡ ସହାୟତାରେ ସହାୟତା ପାଇବା ସଂଗେ ସଂଗେ ଉପକୃତ ହେବେ ସେ ସଂପର୍କରେ ଗର୍ଗ ଆବଶ୍ୟକ ପରାମର୍ଶ ଦେଇଥିଲେ। ସେହିପରି ସୁଜାତା କାର୍ତ୍ତିକେୟନ୍ ନାବାର୍ଡ ଦ୍ୱାରା କିପରି ମିଶନ ଶକ୍ତିର ମହିଳାମାନେ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡା. ଏସ ପି ମହାନ୍ତି, ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଗୁରୁତ୍ୱ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ । ପରିଶେଷରେ ନାବାର୍ଡର ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପର ଶ୍ରେଷ୍ଠ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୨୦୨୨-୨୩ ରେ ଓଡ଼ିଶାରେ ନାବାର୍ଡର ପ୍ରମୁଖ ସଫଳତା ଉପରେ ଆଲୋକପାତ କରି ଏକ କଫି ଟେବୁଲ ପୁସ୍ତକ ରିଫ୍ଲେକ୍ସନ ୨୦୨୨-୨୩ ଏବଂ ଓଡ଼ିଶାରେ ନାବାର୍ଡ ଆରଆଇଡିଏଫ ପ୍ରକଳ୍ପର ପ୍ରଭାବୀ ମୂଲ୍ୟାୟନ ଉନ୍ମୋଚନ କରାଯାଇଥିଲା।

# ଡିଟିଆଇ ସହ ବିଓବିର ସହଭାଗିତା



ଭୁବନେଶ୍ୱର,୧୨।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଏବଂ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନରେ ଥିବା ଡାଇରେକ୍ଟୋରେଟ ଅଫ ଟ୍ରେଜେରିଜ୍ ଆଣ୍ଡ ଇନ୍‌ସ୍ପେକ୍ସନ (ଡିଟିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ହୋଇଥିବା ଘୋଷଣା କରାଯାଇଛି। ବିଶେଷକରି ସରକାରୀ ଚାଲାଣ ପୈଠ ନିମନ୍ତେ ପେମେଣ୍ଟ ଗେଟ୍ ୱେ ସେବା ଯୋଗାଇବା ପାଇଁ ଉଭୟ ସଂସ୍ଥାଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏପରିକି ଡିଟିଆଇର ନିର୍ଦ୍ଦେଶକ ରୂପ ନାରାୟଣ ଦାସ ଏବଂ ବିଓବି ପାଟନା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସୋନମ ଟି. ଭୂଟିଆଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଡିଟିଆଇର ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧାରାଣୀ ସ୍ୱାଇଁ, ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଅତିରିକ୍ତ ନିର୍ଦ୍ଦେଶକ ଦେବୀଦତ୍ତ ତ୍ରିପାଠୀ, ଯୁଗ୍ମ ନିର୍ଦ୍ଦେଶକ ଦୀପକ ରଞ୍ଜନ ଚୌଧୁରୀ, ଉପ-ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର, ବିଓବି ପାଟନା ଅଞ୍ଚଳର ନେଟ୍‌ୱର୍କ ଡିଜିଏମ୍-୧ ଡ.ରମେଶ କୁମାର ମହାନ୍ତି ଏବଂ ବିଓବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାଜୀବ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଡ୍‌ଆଇଟି ଅଭିଯାନରେ ଟାଟା ଷ୍ଟିଲ୍ ସାମିଲ

ଭୁବନେଶ୍ୱର,୧୨।୭

ଅନ୍ତଃରାଷ୍ଟ୍ରୀୟ ପ୍ରତିଷ୍ଠାନ ତଥା ଜାତିସଂଘର ସ୍ୱତନ୍ତ୍ର 'ଲିଡରଶିପ୍ ଗ୍ରୁପ୍ ଫର ଇଣ୍ଡଷ୍ଟ୍ରି ଟ୍ରାଞ୍ଜିସନ'(ଲିଡ୍‌ଆଇଟି) ଅଭିଯାନରେ ଟାଟା ଷ୍ଟିଲ ସାମିଲ୍ ହୋଇଛି। ବିଶେଷ କରି ଭାରି ଶିଳ୍ପରେ ନେଟ୍ ଜିରୋ ନିର୍ଗମନ ପାଇଁ ଉଦ୍ୟମ କରୁଥିବା ରାଷ୍ଟ୍ର ଓ କମ୍ପାନୀଗୁଡ଼ିକ ସହ ଟାଟା ଷ୍ଟିଲ୍ ଉକ୍ତ ଅଭିଯାନ ଜରିଆରେ ସହଭାଗିତା ସ୍ଥାପନ କରିବ। ଉଲ୍ଲେଖଯୋଗ୍ୟ, ୨୦୧୯ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ଜାତିସଂଘର ଜଳବାୟୁ ପଦକ୍ଷେପ ସମ୍ମେଳନ ଅବସରରେ ସଇଡେନ୍ ଓ ଭାରତର ମିଳିତ ସହଯୋଗରେ ଲିଡ୍‌ଆଇଟି ସୃଷ୍ଟି ହୋଇଥିଲା ଏବଂ ବିଶ୍ୱ ଅର୍ଥନୈତିକ ଫୋରମ୍‌ର ସମର୍ଥନ ମଧ୍ୟ ଏହାକୁ ରହିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (ପ୍ରଯୁକ୍ତି,ଗବେଷଣା ଓ ବିକାଶ)ଡ. ଦେବାଶିଷ ଭଟ୍ଟାଚାର୍ଯ୍ୟ କହିଛନ୍ତି, ଲିଡ୍‌ଆଇଟିରେ ସଦସ୍ୟତା ଆମକୁ କାର୍ବନ ନିଉଟ୍ରାଲିଟି କ୍ଷେତ୍ରରେ ବେଶ ସାହାଯ୍ୟ ଓ ଆମ ଉଦ୍ୟମକୁ ତ୍ୱରାନ୍ୱିତ କରିବା ଲାଗି ଉଲ୍ଲେଖନୀୟ ସୁଯୋଗ ପ୍ରଦାନ କରିବ। ଏହି ଯାତ୍ରାରେ ନିଷ୍ପତ୍ତି ଗ୍ରହଣ କରିବାକୁ ଆମେ ସହୃଦୟତାର ସହିତ ପ୍ରତିବଦ୍ଧ ରହିଛୁ, ଯାହା ଆମେ ଗ୍ରହଣ ଓ କାର୍ଯ୍ୟକାରୀ କରିଥିବା କାର୍ବନ ନେଗେଟିଭ୍ ପ୍ରଯୁକ୍ତି ଯଥା କୋଲ୍ ବେଡ୍ ମିଥେନ୍ (ସିବିଏମ୍) ଇଞ୍ଜେକ୍ସନ, ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ ହାଇଡ୍ରୋଜେନ୍‌ର ବ୍ୟବହାର ଏବଂ କାର୍ବନ କ୍ୟାପ୍‌ଚର୍ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ଆଦିରେ ପ୍ରତିଫଳିତ ହୋଇଛି। ଲିଡ୍‌ଆଇଟି ସହ ଯୋଡ଼ି ହେବା ଦ୍ୱାରା ଶ୍ରେଷ୍ଠ ପ୍ରଥା,ପ୍ରଭାବଶାଳୀ ନୀତିର ପ୍ରଚାରପ୍ରସାର କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଆମକୁ ମିଳିଥିବା ବେଳେ ଆମେ ନିଜ ଜଳବାୟୁ ପଦକ୍ଷେପରେ ଉନ୍ନତି ଆଣିପାରିବୁ।




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏସ୍‌ୟୁଭି ମଡେଲ 'ହ୍ୟୁଣ୍ଡାଇ ଏକ୍ସଟର'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଏଚ୍‌ଏମ୍‌ଆଇଏଲର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ହ୍ୟୁଣ୍ଡାଇ (ଉତ୍କଳ ଅଟୋମୋବାଇଲ୍ସ ପ୍ରା.ଲିଃ) ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଅଟୋମୋବାଇଲ୍ସ ପ୍ରା.ଲିଃର ନିର୍ଦ୍ଦେଶକ ସୌନକ ପାରିଖ୍, ଜିଏମ. ଭୂଷଣ ଗିରିଙ୍କ ସମେତ ଶୋ'ରୁମ୍‌ର ସମସ୍ତ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଓଡ଼ିଶା ଷ୍ଟିଭେଡର୍ସଙ୍କୁ 'ଗ୍ରେଟ୍ ବ୍ରାଣ୍ଡ୍' ଆୱାର୍ଡ

ଭୁବନେଶ୍ୱର,୧୨।୭

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ (ଓଏସ୍‌ଏଲ୍)କୁ ନିକଟରେ ଆଉ ଏକ ଆନ୍ତର୍ଜାତିକ ପୁରସ୍କାର ଏବଂ ମାନ୍ୟତା ପ୍ରଦାନ କରାଯାଇଛି। ସେହିଭଳି ଏହାର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମହିମାନନ୍ଦ ମିଶ୍ର (ମହିମା ମିଶ୍ର)ଙ୍କୁ ମଧ୍ୟ 'ଶ୍ରେଷ୍ଠ ନେତୃତ୍ୱ' ସମ୍ମାନରେ ସମ୍ମାନିତ କରାଯାଇଛି। ବିଶେଷକରି ସାମୁଦ୍ରିକ ବ୍ୟବସାୟ କ୍ଷେତ୍ରରେ ମହିମା ମିଶ୍ରଙ୍କୁ ୨ଟି ଆନ୍ତର୍ଜାତିକ ପୁରସ୍କାର ଦିଆଯାଇଛି। ବିଶେଷ କରି ଦୁବାଇ ସ୍ଥିତ ଜେଡବ୍ଲ୍ୟୁ ମାରିଅଟ ମାର୍କ୍ୱିସ ହୋଟେଲର ବିଜ୍‌ନେସ ବେ'ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଂଯୁକ୍ତ ଆରବ ଏମିରେଟସ ଆନ୍ତର୍ଜାତିକ ନିବେଶକ ପରିଷଦର ସେକ୍ରେଟାରି ଜେନେରାଲ ଜମାଲ ବିନ୍ ସୈଫ୍ ଅଲ୍ ଜାରୱାନଙ୍କ ଦ୍ୱାରା ଉକ୍ତ ପୁରସ୍କାର ଦ୍ୱୟ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ମହିମା ମିଶ୍ର 'ଶ୍ରେଷ୍ଠ ନେତୃତ୍ୱ' ସମ୍ମାନରେ ସମ୍ମାନିତ ହୋଇଥିବାବେଳେ ସାମୁଦ୍ରିକ ବ୍ୟବସାୟ କ୍ଷେତ୍ରରେ ଓଏସ୍‌ଏଲ୍ 'ଶ୍ରେଷ୍ଠ ବ୍ରାଣ୍ଡ୍' ଭାବେ ବିବେଚିତ ହୋଇଛି। ଅପରପକ୍ଷରେ ଏସିଆ-ଆଫ୍ରିକା ବିଜ୍‌ନେସ ଆଣ୍ଡ ସୋସିଆଲ ଫୋରମ (ଏଏବିଏସ୍‌ଏଫ୍) ର ୨୦ ତମ ସଂସ୍କରଣ ଏବଂ ୱାର୍ଲଡସ ଗ୍ରେଟେଷ୍ଟ ବ୍ରାଣ୍ଡ୍‌ସ ଆଣ୍ଡ ଲିଡର୍ସ-୨୦୨୩ର ଏସିଆ ଆଣ୍ଡ ଜିସିସି ଆୱାର୍ଡସ ସମ୍ମିଟର ୧୧ତମ ସଂସ୍କରଣର ଯୁଗ୍ମ କାର୍ଯ୍ୟକ୍ରମ ରହିଥିଲା। ସୂଚନାଯୋଗ୍ୟ, ଏସିଆୱାନ ମାଗାଜିନ ଏବଂ ୟୁଡବ୍ଲ୍ୟୁଜି ମିଡିଆ କନସଲଟିଂ ପି.ଏଲ. ଦ୍ୱାରା ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଫୁରସତ୍

# ଷ୍ଟ୍ରବେରି ଉତ୍ପାଦନରୁ ପ୍ଲାଷ୍ଟିକ ପ୍ରଦୂଷଣ ବଢ଼ୁଛି



ସାକ୍ରାମେଣ୍ଟୋ

ଷ୍ଟ୍ରବେରି ଉତ୍ପାଦନ ଫଳରେ ଦୀର୍ଘକାଳୀନ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ପାଉଥିବା କାଲିଫର୍ନିଆ ପଲିଟେକ୍ନିକ୍ ଷ୍ଟେଟ୍ ୟୁନିଭର୍ସିଟିର ଅନୁସନ୍ଧାନକାରୀଙ୍କ ଏକ ଅଧ୍ୟୟନରୁ ଜଣାପଡ଼ିଛି। ଲିୟନର ଗୋଲ୍ଡସ୍ମିଡ୍ ଜିଓକେମେଷ୍ଟ୍ରି ସମ୍ମିଳନୀରେ ଅନୁସନ୍ଧାନକାରୀ ଡ. ଏକ୍‌ତା ତିୱାରି ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଷ୍ଟ୍ରବେରି ଉତ୍ପାଦନ ପାଇଁ କାଲିଫର୍ନିଆରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ ମଲ୍‌ଚ ବହୁ ସଂଖ୍ୟକ ପ୍ଲାଷ୍ଟିକ୍‌କୁ ଖଣ୍ଡ ଖଣ୍ଡ କରିଥାଏ। ଏହି ଅନୁସନ୍ଧାନ କୃଷି ପ୍ରଣାଳୀ ଅଭ୍ୟାସର ଦୀର୍ଘମିଆଦୀ କାର୍ଯ୍ୟକ୍ଷମତା ଏବଂ ବିଶ୍ୱସ୍ତରୀୟ ଚାଷରେ ପ୍ଲାଷ୍ଟିକ୍‌ର ବ୍ୟବହାର ବୃଦ୍ଧିକୁ ନେଇ ଚିନ୍ତା ବଢାଇଛି। ବହୁ ପରିମାଣର ମାଇକ୍ରୋପ୍ଲାଷ୍ଟିକ୍ କଣିକା, ୫ମିମିରୁ ଅଧିକ ପ୍ଲାଷ୍ଟିକ୍ ମଲ୍‌ଚ ଷ୍ଟ୍ରବେରି ଉତ୍ପାଦନ ପାଇଁ ବ୍ୟବହୃତ କରାଯାଏ। ଏହି ପ୍ଲାଷ୍ଟିକ ଖଣ୍ଡଗୁଡ଼ିକର ଦଶନ୍ଧି କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ମାଟିରେ ରହିବାର କ୍ଷମତା ରହିଛି। ଡ. ତିୱାରି ସ୍ପଷ୍ଟ କରିଛନ୍ତି କି, ସେମାନେ ମାଟିରେ ବହୁ ପରିମାଣର ମାଇକ୍ରୋପ୍ଲାଷ୍ଟିକ ପଦାର୍ଥ ନିର୍ଗତ ହେଉଥିବା ଉପରେ ନଜର ରଖିଛନ୍ତି, ଯେଉଁଠାରେ ଷ୍ଟ୍ରବେରି ଉତ୍ପାଦନ ବଢାଇବା ପାଇଁ ପ୍ଲାଷ୍ଟିକ ମଲ୍‌ଚ ବ୍ୟବହାର କରାଯାଉଛି। ଏହି କଣିକାଗୁଡ଼ିକ ମାଟିରେ ଅଧିକ ସମୟ ପର୍ଯ୍ୟନ୍ତ ରହିପାରୁଥିବାରୁ ମାଟିର ଗୁଣ ଉପରେ ପ୍ରଭାବ ପକାଉଥିବା ସେ କହିଛନ୍ତି। କୃଷି ଉତ୍ପାଦନରେ ପ୍ଲାଷ୍ଟିକର ବ୍ୟବହାର ସମଗ୍ର ବିଶ୍ୱରେ ସମାନ ଚିନ୍ତା ସୃଷ୍ଟି କରିପାରେ। ପ୍ଲାଷ୍ଟିକ୍ କଣିକାଗୁଡ଼ିକ ମାଟିର ଆର୍ଦ୍ରତା ସଂରକ୍ଷଣ, ତାପମାତ୍ରା ନିୟନ୍ତ୍ରଣ, ତୃଣକ ବୃଦ୍ଧିକୁ ଦମନ ଆଦି କ୍ଷମତା ରଖିଥାଏ। ଏପରି କ୍ଷମତା ହେତୁ କୃଷିରେ ପ୍ଲାଷ୍ଟିକ ମଲ୍‌ଚର ବ୍ୟବହାର ଲୋକପ୍ରିୟ ହୋଇପାରିଛି। କୃଷିକ୍ଷେତ୍ରରେ ପ୍ଲାଷ୍ଟିକର ଏପରି ବ୍ୟବହାର ମାନବ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନିକଟ ଅତୀତରେ ପ୍ଲାଷ୍ଟିକ୍ ପ୍ରଦୂଷଣର ବିଶେଷ ଧ୍ୟାନ ଆକର୍ଷଣ କରିଛି। ପ୍ଲାଷ୍ଟିକର ଏହି ଛୋଟ କଣିକା ମାଟିରେ ପ୍ରବେଶ କରି ଭୂତଳ ଜଳକୁ ପ୍ରଦୂଷିତ କରିପାରେ।

# ଓସ୍କାର ଲାଇବ୍ରେରିରେ କପିଲଙ୍କ 'ଜ୍ୱିଗାଟୋ'



**ମୁମ୍ବାଇ:** କମେଡି କିଙ୍ଗ୍ କପିଲ ଶର୍ମା ବର୍ତ୍ତମାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ତାଙ୍କ ଫିଲ୍ମ 'ଜ୍ୱିଗାଟୋ' ନିକଟରେ ଏକାଡେମୀ ଅଫ୍ ମୋଶନ ପିକ୍ଚର୍ ଆର୍ଟ ଆଣ୍ଡ ସାଇନ୍ସ ସ୍ପେଶାଲ କଲେକ୍ସନ ଲାଇବ୍ରେରିରେ ସ୍ଥାନ ପାଇଛି। ଏନେଇ ନିର୍ଦ୍ଦେଶକ ତଥା ସହ-ଲେଖିକା ନନ୍ଦିତା ଦାସ ଏନେଇ ସୂଚନା ଦେଇଛନ୍ତି। ଫିଲ୍ମଟି ଚଳିତବର୍ଷ ମାର୍ଚ୍ଚ ୧୭ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବାବେଳେ ଏ ପର୍ଯ୍ୟନ୍ତ ଏହା ଓଟିଟିକୁ ମଧ୍ୟ ଆସିନାହିଁ। ଏହା ବକ୍ସ ଅଫିସରେ ଧମାଲ କରିପାରି ନଥିଲା। 'ଜ୍ୱିଗାଟୋ' ଓସ୍କାର ଲାଇବ୍ରେରିରେ ସ୍ଥାନ ପାଇବା ପରେ ନନ୍ଦିତା ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଲେଖିଛନ୍ତି, ସେ ଲାଇବ୍ରେରି ଅଫ୍ ଦି ଏକାଡେମି ଅଫ୍ ମୋଶନ ପିକ୍ଚର୍ ଆର୍ଟ ଆଣ୍ଡ ସାଇନ୍ସ (ଦି ଓସ୍କାର) ଏକାଡେମିରୁ ଇ-ମେଲ ପାଇଥିଲେ। ସେମାନେ 'ଜ୍ୱିଗାଟୋ'ର ସ୍କ୍ରିପ୍ଟକୁ ସ୍ଥାୟୀ ମୂଳ ସଂଗ୍ରହରେ ସ୍ଥାନ ଦେଇଛନ୍ତି। ଏହା ଦେଖି ସେ ଅତ୍ୟନ୍ତ ଖୁସି ସହ ଆଶ୍ଚର୍ଯ୍ୟ ହୋଇଥିଲେ। ସେ ଆଶା କରୁଛନ୍ତି କି ଓଟିଟି ଏହାକୁ ପଢିବ। ଲାଇବ୍ରେରିରେ 'ଜ୍ୱିଗାଟୋ'କୁ ଦେଖିବାକୁ ଦର୍ଶକଙ୍କୁ ସୁଯୋଗ ମିଳିବା ନେଇ ସେ ଖୁସିବ୍ୟକ୍ତ କରିଛନ୍ତି। 'ଜ୍ୱିଗାଟୋ' ଲାଇବ୍ରେରିରେ ଉପଲବ୍ଧ ହେବ ବୋଲି ଜାଣି ସେ ଲାଇବ୍ରେରିକୁ ଧନ୍ୟବାଦ ଦେଇଥିଲେ।

# ଅଗଷ୍ଟ ୧ରେ ପରିବାରର ୯ ଜଣଙ୍କ ଜନ୍ମ



ଇସଲାମାବାଦ

ପାକିସ୍ତାନର ଲର୍କାନାରେ ରହୁଥିବା ଗୋଟିଏ ପରିବାର ନାମ ନିକଟରେ ଏକ ରେକର୍ଡରେ ଯୋଡ଼ି ହୋଇଛି। ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଗୋଟିଏ ଜିନିଷ ସମାନ। ସେମାନଙ୍କ ଜନ୍ମ ଗୋଟିଏ ଦିନରେ ହୋଇଛି। ଯେଉଁଥିପାଇଁ ପରିବାରର ସମସ୍ତଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ରେକର୍ଡ ଅନୁଯାୟୀ, ପରିବାରରେ ଅମିର ଅଲ୍ଲୀ, ସ୍ତ୍ରୀ ଖୁଦେଜା ଏବଂ ତାଙ୍କ ୭ ପିଲା ସସୁଇ-ସପ୍ନା ଯାଆଁଳା ଝିଅ, ଅମିର -ଅମ୍ବର, ଅମର -ଅହରମ ଯାଆଁଳା ପୁଅ ଏବଂ ସିନ୍ଧୋ ନାମକ ଏକ ଝିଅ ରହିଛି। ସମସ୍ତ ପିଲାଙ୍କ ବୟସ ୧୯-୩୦ ଭିତରେ ହେବ। ଆଶ୍ଚର୍ଯ୍ୟର କଥା ହେଉଛି ୭ ପିଲାଙ୍କ ସହିତ ମା'-ବାପାଙ୍କ ଜନ୍ମ ମଧ୍ୟ ଅଗଷ୍ଟ ୧ରେ ହୋଇଛି। ସମସ୍ତେ ଅଲଗା ଅଲଗା ବର୍ଷରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତଙ୍କ ମାସ ଏବଂ ତାରିଖ ଗୋଟିଏ ଦିନରେ ପଡୁଛି। ଯାହା ହେଉଛି ଏକ ରେକର୍ଡ। ଏହି ଦିନ ଅମିର ଏବଂ ସ୍ତ୍ରୀ ଖୁଦେଜାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଦୁହିଁଙ୍କ ବିବାହ ମଧ୍ୟ ୧୯୯୧ ଅଗଷ୍ଟ ୧ରେ ହୋଇଥିଲା। ଗୋଟିଏ ବର୍ଷ ପୂର୍ବରୁ ଏହି ଦିନ ତାଙ୍କର ସବୁଠୁ ସାନ ଝିଅର ଜନ୍ମ ହୋଇଛି। ପୂର୍ବରୁ ଏହି ରେକର୍ଡ ୟୁଏସ୍‌ଏର ଏକ କୁମିନ୍ସ ପରିବାର ନାମରେ ଥିଲା। ପରିବାରର ୫ ପିଲାଙ୍କ ଜନ୍ମ ଗୋଟିଏ ଦିନ (ଫେବୃୟାରୀ ୨୦)ରେ ହୋଇଥିଲା। ସମସ୍ତେ ୧୯୫୨ରୁ ୧୯୬୬ ମସିହା ମଧ୍ୟରେ ଜନ୍ମ ହୋଇଥିଲେ। ଅମିର ଏବଂ ସ୍ତ୍ରୀ ଖୁଦେଜାଙ୍କ ଯେତେବେଳେ ପ୍ରଥମ ଝିଅ ଜନ୍ମ ହୋଇଥିଲା, ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ସେମାନଙ୍କ ଜନ୍ମ ତାରିଖ, ବିବାହ ଏବଂ ଝିଅର ଜନ୍ମ ଗୋଟିଏ ଦିନରେ ହୋଇଥିଲା।

# କ୍ଷେତରେ ୭୦୦ ପ୍ରାଚୀନ ମୁଦ୍ରା



ନ୍ୟୁୟର୍କ

ନିକଟରେ ଗାତ ଖୋଳିବା ସମୟରେ କ୍ଷେତରୁ ୭୦୦ଟି ପ୍ରାଚୀନ ମୁଦ୍ରା ମିଳିଛି। ସେଥିମଧ୍ୟରୁ ଅଧିକାଂଶ ମୁଦ୍ରା ସୁନାର ହୋଇଥିବାବେଳେ ଆଉ କିଛି ମୁଦ୍ରା ଚାନ୍ଦିର। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ବୋଲି ଜଣାପଡ଼ିଛି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ବ୍ୟକ୍ତି ଜଣଙ୍କ କ୍ଷେତରୁ ମୁଦ୍ରା ବାହାର କରୁଥିବାର ଦେଖିବାକୁ ମିଳିଛି। ଏପରି ଘଟଣା ଆମେରିକାର କେଣ୍ଟୁକି ରାଜ୍ୟରେ ଦେଖିବାକୁ ମିଳିଛି। ଏହାର ନାମ 'ଗ୍ରେଟ୍ କେଣ୍ଟୁକି ହୋର୍ଡ' ରଖାଯାଇଛି। ରିପୋର୍ଟ ମୁତାବକ, ଜଣେ ବ୍ୟକ୍ତି କ୍ଷେତରେ କାମ କରୁଥିଲେ। ସେହି ସମୟରେ କ୍ଷେତରେ ଗାତ ଖୋଳିବାରୁ ତାଙ୍କୁ ଗୃହଯୁଦ୍ଧ ସମୟର ୭୦୦ ମୁଦ୍ରା ମିଳିଛି। ମାଟି ତଳେ ଥିବା ଏହି ମୁଦ୍ରା ସବୁ ୧୮୫୦-୧୮୬୩ ସମୟର ବୋଲି ପର୍ ନୁମିଜମାଟିକ୍ ଗ୍ୟାରେଣ୍ଟି କମ୍ପାନୀ ପ୍ରମାଣିତ କରିଛି। କିଛି ସ୍ୱର୍ଣ୍ଣ ମୁଦ୍ରା ୧, ୧୦ ଏବଂ ୨୦ ଡଲାରର ରହିଛି। ଏଥିସହ କିଛି ମୁଦ୍ରାରେ ଅତ୍ୟନ୍ତ ଦୁର୍ଲଭ ଚିତ୍ର ସବୁ ଅଙ୍କାଯାଇଛି। ୯୫ ପ୍ରତିଶତ ମୁଦ୍ରା ସୁନା ଥିବା ଜଣାପଡ଼ିଛି। ଏହା ଏକ ବଡ଼ ଧରଣର ଅନୁସନ୍ଧାନ ବୋଲି ଜଣାପଡ଼ିଛି।



# କାର୍ତ୍ତିକଙ୍କ ଖୁସି

ମେଗା ଧାରାବାହିକ 'ପବିତ୍ର ରିସ୍ତା' ସୁଶାନ୍ତ ସିଂ ରାଜପୁତ୍‌ଙ୍କୁ ବେଶ୍ ଲୋକପ୍ରିୟ କରାଇ ପାରିଥିଲା । କିନ୍ତୁ କିଛି ବର୍ଷ ପୂର୍ବେ ତାଙ୍କର ଆକସ୍ମିକ ମୃତ୍ୟୁର କାରଣ ଏବେ ବି ରହସ୍ୟାବୃତ ହୋଇ ରହିଛି । ସୁଶାନ୍ତଙ୍କୁ ନେଇ ଖୁସ୍ ଅଛନ୍ତି କାର୍ତ୍ତିକ ଆରିୟନ୍ । କାରଣ ସୁଶାନ୍ତଙ୍କ ଅସମ୍ପୂର୍ଣ୍ଣ ସିନେମାଗୁଡ଼ିକରେ ସେ ଅଭିନୟ କରିବେ ବୋଲି ଶୁଣାଯାଉଛି । ଏ ନେଇ କାର୍ତ୍ତିକ୍ କୁହନ୍ତି, ଅବଶ୍ୟ ଏକଥା ମୁଁ ବି ଶୁଣୁଛି । ଯଦି ଏହା ସତ ହୁଏ ତେବେ ମୁଁ ବହୁତ ଖୁସି ହେବି । ପୂର୍ବରୁ ସୁଶାନ୍ତଙ୍କ ଅଭିନୀତ ସବୁ ଫିଲ୍ମ ଦେଖିଛି । ତା' ସହ ତାଙ୍କର ଆକ୍ଟିଂ ମୋତେ ବେଶ୍ ଇମ୍ପ୍ରେସ୍ କରିଛି । ଯଦି ସୁଶାନ୍ତଙ୍କ ଅସମ୍ପୂର୍ଣ୍ଣ ରହିଥିବା ସିନେମାରେ ମୋତେ ଅଭିନୟ କରିବାର ସୁଯୋଗ ମିଳେ ତାହା ମୋ ପାଇଁ ଖୁସିର କଥା ହେବ । ପାରାଲିମ୍ପିକ୍ ଚାମ୍ପିୟନ୍ ମୁରଲୀକାନ୍ତ ପେଟ୍‌କର୍‌ଙ୍କ ବାୟୋପିକ୍‌ରେ ସୁଶାନ୍ତ ଅଭିନୟ କରିଥାନ୍ତେ । କିନ୍ତୁ ଏବେ ମୁରଲୀକାନ୍ତଙ୍କ ଅଭିନୟ କରିବେ କାର୍ତ୍ତିକ୍ । ଏହାର ନିର୍ଦ୍ଦେଶନା ଦେଉଛନ୍ତି କବୀର ଖାଁ । ଚଳଚ୍ଚିତ୍ରଟିର ନାମ ରହିଛି 'ଚନ୍ଦୁ ଚାମ୍ପିୟନ୍' ।

# ଶୁଟିଂ ସେଟ୍‌ରେ କାନ୍ଦିଥିଲେ ସ୍ମିତା



ସ୍ମିତା ପାଟିଲ

ଫିଲ୍ମରେ ବର୍ଷାଦିନରେ ବର୍ଷାକୁ ନେଇ ଗୀତଟିଏ ନ ରହିଲେ ତାହା ଦର୍ଶକଙ୍କୁ ଭଲ ଲାଗୁ ନ ଥିଲା । ଅଶୀ ଦଶକରେ ସିନେମା ଆସିଥିଲା 'ନମକ ହଲାଲ୍'; ଯେଉଁଥିରେ ଅଭିନୟ କରିଥିଲେ ଅମିତାଭ ବଚ୍ଚନ ଓ ସ୍ମିତା ପାଟିଲ । ହିନ୍ଦୀ ସିନେମାରେ ବର୍ଷା ଆଉ ସେଥିରେ ପୁଣି ରୋମାନ୍ସ ନ ଥିବ ଏହା କିପରି ସମ୍ଭବ! ୧୯୮୨ରେ ଆସିଥିବା ଚଳଚ୍ଚିତ୍ରଟି 'ନମକ ହଲାଲ୍'ର ଗୋଟିଏ ଗୀତ ରହିଥିଲା– 'ଆଜ୍ ରପଟ୍ ଜାଏଁ' । ଏଥିରେ ଅମିତାଭ ଏବଂ ସ୍ମିତାଙ୍କ ରୋମାନ୍ସ କିଛି କମ୍ ନ ଥିଲା । ଏହି ଗୀତଟିକୁ ନେଇ ସ୍ମିତା ବହୁତ କାନ୍ଦିଥିଲେ । କାରଣ ଗୀତଟିରେ କେତୋଟି ଇଣ୍ଟିମେଣ୍ଟ ସିନ୍ ରହିଥିଲା – ଯାହାକୁ ଜାଣିଲା ପରେ ସ୍ମିତା ଅଭିନୟ କରିବେନି ବୋଲି ମନା କରିଦେଇଥିଲେ । ହେଲେ ତାଙ୍କୁ ଅମିତାଭ ବଚ୍ଚନ ରାଜି କରାଇ ଶୁଟିଂ ସେଟ୍‌କୁ ଆଣିଥିଲେ । ପରବର୍ତ୍ତୀ ସମୟରେ ଏହି ଗୀତଟି ସମ୍ପୂର୍ଣ୍ଣରୂପେ ଶୁଟ୍ ହୋଇଥିଲା । ଏହି ଗୀତଟି ଏ ପର୍ଯ୍ୟନ୍ତ ବି ଲୋକପ୍ରିୟ ହୋଇ ରହିଛି । ଏହାପରେ ସ୍ମିତାଙ୍କ ଭାଗ୍ୟ ବଦଳିଯାଇଥିଲା । ସେ ଅର୍ଥ, ଭୂମିକା ମିର୍ଚ୍ଚ ମସାଲା, ନିଶାନ୍ତ ଏବଂ ବାଜାର ପରି କେତୋଟି ସିନେମାରେ ଅଭିନୟ କରିଛନ୍ତି ।

# ମାଇଣ୍ଡଫ୍ରେଶ୍ କରୁଛନ୍ତି ଅନୁଷ୍କା

ବଲିଉଡ୍‌ରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିବା ପରେ ଅନୁଷ୍କା ଶର୍ମା ଅନ୍ୟତମ ଲୋକପ୍ରିୟ କ୍ରିକେଟ ଖେଳାଳି ବିରାଟ କୋହଲିଙ୍କୁ ବିବାହ କରିଥିଲେ । ଇତି ମଧ୍ୟରେ ସେ କନ୍ୟା ସନ୍ତାନର ଜନନୀ ମଧ୍ୟ ହୋଇସାରିଛନ୍ତି । ତା'ସହ ଅଭିନୟ ମଧ୍ୟ ଜାରି ରଖିଛନ୍ତି । ବର୍ତ୍ତମାନ ଅନୁଷ୍କା ଲଣ୍ଡନରେ ଡେରା ପକାଇଛନ୍ତି । କେହି କେହି ଭାବୁଥିବେ ଯେ ଶୁଟିଂ ପାଇଁ ସେଠାରେ ଅଛନ୍ତି । କିନ୍ତୁ ଅସଲକଥା ସେଇଆ ନୁହେଁ । କିଛିଦିନ ଛୁଟି କଟାଇବାକୁ ସେ ଲଣ୍ଡନ ଯାଇଛନ୍ତି । ଏନେଇ ଅନୁଷ୍କା କୁହନ୍ତି, ''ଲଣ୍ଡନରେ ଅନେକ ଦର୍ଶନୀୟ ସ୍ଥାନ ରହିଛି, ଝିଅ ସହ ସେଗୁଡ଼ିକ ବୁଲିବେ ।'' କେବଳ ସେତିକି ନୁହେଁ, ସେହିସବୁ ମନଲୋଭା ସ୍ଥାନର ଫଟୋ ଉଠାଇ ତାଙ୍କ ସୋସିଆଲ ମିଡିଆରେ ସେଗୁଡିକୁ ଅପ୍‌ଲୋଡ୍ କରିଛନ୍ତି । ସେହି ଫଟୋଗୁଡିକ ମଧ୍ୟ ବେଶ୍ ଭାଇରାଲ ହେଉଛି । ବର୍ତ୍ତମାନ ଅନୁଷ୍କା ମହିଳା କ୍ରିକେଟିୟର ଝୁଲଣ ଗୋସ୍ୱାମୀଙ୍କ ଉପରେ ନିର୍ମାଣ ହେଉଥିବା ହିନ୍ଦୀ ସିନେମା 'ଚକଡ଼ା ଏକ୍ସପ୍ରେସ୍‌ରେ' ଅଭିନୟ କରୁଛନ୍ତି ।





# ବିପାଶାଙ୍କ ପର୍ସରେ ହାତୁଡ଼ି

ବିପାଶା ବସୁଙ୍କୁ ବଲିଉଡ୍ ଇଣ୍ଡଷ୍ଟ୍ରିରେ କିଏ ବା ନ ଜାଣେ । ସେ ହଟ୍ ଆକ୍ଟ୍ରେସ୍ ଭାବରେ ବେଶ୍ ଜଣାଶୁଣା, ଯିଏକି ନିଜ କ୍ୟାରିୟର ଆରମ୍ଭ କରିଥିଲେ ରାଜ୍, ଜିସ୍ମ, 'ନୋ ଏଣ୍ଟ୍ରି, ଧୁମ୍–୨, ଭଳି କେତୋଟି ଫିଲ୍ମରୁ । ଦିନକର ଘଟଣା ବିପାଶା ତାଙ୍କ କ୍ୟାରିୟର ଆରମ୍ଭ ପୂର୍ବରୁ ମଡେଲିଂ କରୁଥିଲେ ସେ ସମୟରେ ରାତିରେ ଫେରୁଥିବା ବେଳେ କେତେଜଣ ପିଲା ତାଙ୍କୁ ଫଲୋ କରୁଥିଲେ । ଏହାକୁ ଜାଣି ନେଇଥିଲେ ବିପାଶାଙ୍କ ଡ୍ରାଇଭର, ଆଉ ତା'ପରେ ସେ ଏହି ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇଲେ । ସଙ୍ଗେ ସଙ୍ଗେ ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକ ଆସି ବିପାଶାଙ୍କୁ ସେଠାରୁ ଗୁଣ୍ଡାଙ୍କ କବଳରୁ ରକ୍ଷା କରିଥିଲେ । ଏ ସମ୍ପର୍କରେ ବିପାଶା କୁହନ୍ତି, ''ସେହି ଘଟଣାଟି ଏବେ ବି ମନେପଡ଼ିଲେ ମୋର ଲୋମମୂଳ ଟାଙ୍କୁରିଉଠେ ।'' ଏହି ଘଟଣା ସମ୍ପର୍କରେ ଏକ ୱେବ୍ ପୋର୍ଟାଲ ଇଣ୍ଟରଭ୍ୟୁରେ ସେ କହିଛନ୍ତି । ଏହି ଘଟଣା ପରେ ତାଙ୍କ ଭ୍ୟାନିଟିରେ ସବୁବେଳେ ଗୋଟିଏ ହାତୁଡ଼ି ରଖିବା ଆରମ୍ଭ କରିଛନ୍ତି ବିପାଶା । ବିପାଶା ଟିଭି, ବଲିଉଡ୍ ଆକ୍ଟର କରଣ ସିଂ ଗ୍ରୋଭରଙ୍କୁ ୨୦୧୬ରେ ବିବାହ କରିଥିଲେ । ବିବାହର ୬ ବର୍ଷ ପରେ ସେ କନ୍ୟା ସନ୍ତାନର ମା' ହୋଇଛନ୍ତି, ଯାହାର ନାମ ଦେବୀ ରଖାଯାଇଛି ।

# ଲଭ୍ ଇମ୍ପସିବଲ୍



ରୋହନ୍ –ପୁନମ୍

ଚଳିତ ମାସ ଶେଷ ସପ୍ତାହରେ ରିଲିଜ୍ ହେବାକୁ ଯାଉଛି ମୁନ୍ ଟିଭି ମୁଭିଜ୍ ନିବେଦିତ ଓଡ଼ିଆ ଫିଲ୍ମ 'ଲଭ୍ ଇମ୍ପସିବଲ୍' । ସଚ୍ଚିକାନ୍ତ ଜେନା ପ୍ରଯୋଜିତ ଏହି ଫିଲ୍ମର ଅଡିଓ ରିଲିଜ୍ ନିକଟରେ ହୋଇଯାଇଛି । ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଏହାର ସ୍ୱର ସଂଯୋଜନା କରିଛନ୍ତି । ଏହି ଚିତ୍ରର କାହାଣୀ ତ୍ରିକୋଣୀୟ ପ୍ରେମକୁ ନେଇ ଆଧାରିତ । ଦର୍ଶକ ଏଥିରୁ ଶତପ୍ରତିଶତ ମନୋରଞ୍ଜନ ପାଇବେ ବୋଲି କହନ୍ତି ଏହାର ପ୍ରଯୋଜକ । ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ । ଫିଲ୍ମର କାହାଣୀ ଓ ସଂଳାପ ଲେଖିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ । ଏହି ଫିଲ୍ମରେ ସ୍ୱର୍ଗତ ପିଣ୍ଟୁ ନନ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ମୁଖ୍ୟ ଭୂମିକାରେ ରୋହନ୍ ଏବଂ ପୁନମ୍ ମିଶ୍ର ଅଭିନୟ କରିଥିବା ବେଳେ ଏଥିରେ ଅନ୍ୟାନ୍ୟ ଭୂମିକାରେ ଅଛନ୍ତି ପ୍ରତିଭା ପଣ୍ଡା, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ରୋଶନ ଭରଦ୍ୱାଜ, ବିଶ୍ୱଜିତ୍ ଓ ନନ୍ଦିନୀ । ଶିଶୁ କଳାକାର ଭାବରେ ଆୟେଶା ଓ ତାପସଙ୍କୁ ଦେଖିବାକୁ ମିଳିବ । ଫିଲ୍ମର ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ ଓ ଡ. ସୁର ଦାଶ । କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର, ଅସୀମା ପଣ୍ଡା, ସତ୍ୟଜିତ୍, ଅର୍ପିତା ଚୌଧୁରୀ, ତାରିକ୍ ଅଜିଜ୍ ଓ ଉମା (ସମ୍ବଲପୁର) । ଫିଲ୍ମର ନୃତ୍ୟ ନିର୍ଦ୍ଦେଶକ ଭାବରେ ସୁଧାକର ବସନ୍ତ ଓ ତ୍ରିପତି ଦାୟିତ୍ୱ ନେଇଥିବା ବେଳେ ଫିଲ୍ମର ସହକାରୀ ନିର୍ଦ୍ଦେଶକ ଅଛନ୍ତି ସୁଧାଂଶୁ । ଏହି ଚିତ୍ରର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି । ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ।



ଯଶ୍

# ବଡ଼ ପ୍ରୋଜେକ୍ଟକୁ ଅପେକ୍ଷା

ସାଉଥ୍ ସୁପରଷ୍ଟାର ଯଶ୍ ନିଜର ବ୍ଲକ୍‌ବଷ୍ଟର ଫିଲ୍ମ 'କେଜିଏଫ୍' ଓ 'କେଜିଏଫ୍–୨'ର ସଫଳତା ପରେ ସେ 'ରକି ଭାଇ' ନାମରେ ବେଶ୍ ଜଣାଶୁଣା । ଏବେ ସମସ୍ତେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି, ଯାହାର ଘୋଷଣା ହେବାକୁ ଆଉ ମାସେ ଲାଗିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି । ଏ ସମ୍ପର୍କରେ ଯଶ୍ କୁହନ୍ତି– ମୁଁ ଏଥିଲାଗି ବହୁ ପରିଶ୍ରମ କରୁଛି । କେବେ ବି କହିବିନି ଯେ ଏହି ଫିଲ୍ମଟି ହିଟ୍ ହେବ ବୋଲି । ନିଶ୍ଚିତ ରୂପେ ଏହା ଭଲ ଫିଲ୍ମଟିଏ ହେବ ବୋଲି ଆଶା ରଖିଛି । ଏହି ଚଳଚ୍ଚିତ୍ରଟିକୁ ଗୀତୁ ମୋହନଦାସ ନିର୍ଦ୍ଦେଶନା ଦେବେ ।

# ରକି ଔର ରାନୀ କି ପ୍ରେମ୍ କାହାନୀ

ଆଲିଆ ଭଟ୍ଟଙ୍କ ଅଭିନୀତ 'ରକି ଔର ରାନୀ କି ପ୍ରେମ୍ କାହାନୀ' ଚଳିତ ମାସ ୨୮ତାରିଖରେ ପରଦା ଉପରକୁ ଆସୁଛି । ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ । ଏହାର ଏକ ଗୀତର ଶୁଟିଂ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଆଲିଆ । ବରଫ ଉପରେ ଏହାର ଶୁଟିଂ ଚାଲିଥିବା ସମୟରେ ଅସାବଧାନତା କାରଣରୁ ତାଙ୍କର ଗୋଡ଼ ଖସିଯାଇଥିଲା । ଏଥିରେ ସେ ସାମାନ୍ୟ ଆହତ ହୋଇଥିଲେ । ପ୍ରାଥମିକ ଉପଚାର ପରେ ସେ ପୁଣି ଶଟ୍ ଦେଇଥିଲେ । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣବୀର ସିଂ । ଏଥିରେ ଅନ୍ୟାନ୍ୟ ଭୂମିକାରେ ଧର୍ମେନ୍ଦ୍ର, ଜୟା ବଚ୍ଚନ, ସବ୍‌ନା ଆଜ୍‌ମୀ, ପ୍ରୀତି ଜିଣ୍ଟା ପ୍ରମୁଖ ଅଭିନୟ କରୁଥିବାର ଦେଖିବାକୁ ମିଳିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି କରନ୍ ଜୋହର । ତେବେ ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ କି କମାଲ୍ କରୁଛି ତାହା ଦେଖିବାକୁ ବାକି ରହିଲା ।




ଆଲିଆ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୩/୨୦୨୩ Bhubaneswar, Thursday, July 13/ 2023

# ଭାରତୀୟ ଦଳରେ ଓଡ଼ିଶାର ରାକେଶ, ତପନ

**ଭୁବନେଶ୍ୱର, ୧୨।୭**
**(ତପନ ସ୍ୱାଇଁ)**




ରାକେଶ ପାତ୍ର ଓ ତପନ ମହାନ୍ତି।

ଏସିଆନ ଗେମ୍ସ ୨୦୨୩ ପାଇଁ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଚୟନ ଟ୍ରାଏଲ ବୁଧବାର କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଶେଷ ହୋଇଛି। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଟ୍ରାଏଲ୍ସରେ ଭାରତର ବିଭିନ୍ନ ସ୍ଥାନରୁ ଜିମ୍ନାଷ୍ଟମାନେ ଅଂଶଗ୍ରହଣ କରିଥିଲେ। ଏସିଆନ ଗେମ୍ସପାଇଁ ପ୍ରସ୍ତୁତ ହେବାକୁଥିବା ଭାରତୀୟ କୋର୍ ଗ୍ରୁପ୍‌ରେ ସ୍ଥାନ ପାଇବାଥିଲା ଜିମ୍ନାଷ୍ଟଙ୍କର ମୁଖ୍ୟ ଲକ୍ଷ୍ୟ। ଟ୍ରାଏଲ୍ ଶେଷରେ ସିନିୟର ପୁରୁଷ ବ୍ୟକ୍ତିଗତ ବର୍ଗରେ ହରିୟାଣାର ଯୋଗେଶ୍ୱର ସିଂ, ଓଡ଼ିଶାର ରାକେଶ ପାତ୍ର ଓ ତପନ ମହାନ୍ତି ଶୀର୍ଷ-୩ ସ୍ଥାନରେ ରହିଥିଲେ। ସେହିପରି ସିନିୟର ମହିଳା ବ୍ୟକ୍ତିଗତ ବର୍ଗରେ ତ୍ରିପୁରାର ଦୀପା କର୍ମକାର ଏବଂ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରଣତି ଦାସ ଓ ପ୍ରଣତି ନାୟକ ପ୍ରଥମ ୩ ସ୍ଥାନ ଅଧିକାର କରିଥିଲେ। ଏହି ଜିମ୍ନାଷ୍ଟଙ୍କ ବ୍ୟତୀତ ପୁରୁଷ ବର୍ଗରେ ଗୌରବ କୁମାର ଓ ସତ୍ୟଜିତ ମଣ୍ଡଳ ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଆନାସ ଅଲୀ ଶେଖ୍ ଓ ସୈଫ୍ ତାମ୍ବୋଲି ରିଜର୍ଭ ତାଲିକାରେ ରହିଛନ୍ତି। ସେହିପରି ମହିଳା ବର୍ଗରେ ଦୀପା, ପ୍ରଣତି ଦାସ ଓ ନାୟକଙ୍କ ବ୍ୟତୀତ ପ୍ରତିଷ୍ଠା ସାମନ୍ତଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି। ବିଦିଶା ଗାୟେନ ରିଜର୍ଭ-୧ଭାବେ ସ୍ଥାନ ପାଇଛନ୍ତି।

ଏସିଆନ ଗେମ୍ସ ସମେତ ଆଗାମୀ ଦିନରେ ହେବାକୁଥିବା ଅନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟ ଗୁଡ଼ିକ ପାଇଁ ହେବାକୁଥିବା ଟ୍ରେନିଂ କ୍ୟାମ୍ପଲାଗି ମଧ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏଥିରେ ପୁରୁଷ ବିଭାଗରେ ଯୋଗେଶ୍ୱର, ରାକେଶ, ତପନ, ସତ୍ୟଜିତ, ଅନାସ, ସୈଫ୍‌ଙ୍କ ସମେତ ଶାୟନ ଶର୍ମା ସ୍ଥାନ ପାଇଛନ୍ତି। ସେହିପରି ମହିଳା ବିଭାଗରେ ଦୀପା, ପ୍ରଣତି ଦାସ ଓ ନାୟକଙ୍କ ସମେତ ପ୍ରତିଷ୍ଠା, ବିଦିଶା ଏବଂ ରିତୁ ଦାସ ଓ ଶ୍ରୀବର୍ଷିନୀ ପି.ଏସ.ଙ୍କୁ ସାମିଲ କରାଯାଇଛି।

## କଳିଙ୍ଗରେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚୟନ ଟ୍ରାଏଲ୍ ଶେଷ

## ଦୀପା, ଯୋଗେଶ୍ୱର ଶୀର୍ଷରେ

### ମନୋନୀତ ଖେଳାଳି

**ମହିଳା**
୧ ଦୀପା କର୍ମକାର (ତ୍ରିପୁରା)
୨ ପ୍ରଣତି ଦାସ (ରେଲୱେ)
୩ ପ୍ରଣତି ନାୟକ (ରେଲୱେ)
୪ ପ୍ରତିଷ୍ଠା ସାମନ୍ତ (ତ୍ରିପୁରା)

**ରିଜର୍ଭ**
୧ ବିଦିଶା ଗାୟେନ (ପଶ୍ଚିମବଙ୍ଗ)

**ପୁରୁଷ**
୧ ଯୋଗେଶ୍ୱର ସିଂ (ହରିୟାଣା)
୨ ରାକେଶ ପାତ୍ର (ଏସଏସସିବି)
୩ ତପନ ମହାନ୍ତି (ଓଡ଼ିଶା)
୪ ଗୌରବ କୁମାର (ଏସଏସସିବି)
୫ ସତ୍ୟଜିତ ମଣ୍ଡଳ (ରେଲୱେ)

**ରିଜର୍ଭ**
୧ ଆନାସ ଅଲୀ ଶେଖ୍ (ଏସଏସସିବି)
୨ ସୈଫ ତାମ୍ବୋଲି (ଏସଏସସିବି)

ଡୋପିଂ ବାସନ୍ଦ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଦୀପା କର୍ମକାର ଟ୍ରାଏଲ ପୂର୍ବରୁ ଫେଭରାଇଟ ଥିଲେ। ସେ ନିଜ ପ୍ରତିଷ୍ଠା ଅନୁସାରେ ପ୍ରଦର୍ଶନ ମଧ୍ୟ କରିଥିଲେ। ଦୀପାଙ୍କ ପ୍ରଦର୍ଶନ ସମ୍ପର୍କରେ ଭାରତୀୟ କୋଚ୍ ବିଶ୍ୱେଶ୍ୱର ନନ୍ଦି କହିଛନ୍ତି ଯେ, ଦୀପା ଗତ ଦେଢ଼ମାସଧରି ଅଗରତାଲାରେ ଟ୍ରେନିଂ ନେଇ ଆସୁଛନ୍ତି। ଆହତ ସମସ୍ୟାରୁ ମୁକୁଳିବାପରେ ଫର୍ମକୁ ଫେରିବା ସହଜ କଥା ନୁହେଁ। ଏହାକୁ ଦୃଷ୍ଟିରେ ରଖି ଆମେ ତାଙ୍କପାଇଁ ଜଣେ ବ୍ୟକ୍ତିଗତ ଫିଜିଓଙ୍କୁ ନିଯୁକ୍ତ କରିଛୁ। ମୁଁ କେବଳ ତାଙ୍କର କୋଚ୍ ନୁହେଁ ଜଣେ ବାପା, ଅଭିଭାବକ, ମେଣ୍ଟର, ଫିଜିଓ ରୂପରେ ତାଙ୍କପ୍ରତି ଯତ୍ନବାନ ଅଛି। ସେ ମାନସିକଭାବେ ଖୁବ୍ ଦୃଢ଼। କୌଣସି ପରିସ୍ଥିତିରେ ଭାଙ୍ଗିଯିବାପରି ପିଲା ନୁହେଁ। ଏଠାରେ ତାଙ୍କ ପ୍ରଦର୍ଶନରେ ଆମେ ସନ୍ତୁଷ୍ଟ''। କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଉପଲବ୍ଧ ସୁବିଧା ସୁଯୋଗକୁ ପ୍ରଶଂସା କରିଥିଲେ ବିଶ୍ୱେଶ୍ୱର।

ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ କୋର୍ ଦଳରେ ସ୍ଥାନ ସୁରକ୍ଷିତ କରିଥିବାରୁ ଓଡ଼ିଶାର ତପନ ମହାନ୍ତି ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି। '' ମୁଁ ପ୍ରଥମଥରପାଇଁ ଏସିଆନ ଗେମ୍ସ ପାଇଁ ଟ୍ରାଏଲ୍ ଦେଇଥିଲି। ଏହି ପ୍ରତିଯୋଗିତାରେ ଟପ୍ କ୍ୱାଲିଟି ଆଥଲେଟ୍‌ମାନେ ଅଂଶଗ୍ରହଣ କରିଥାନ୍ତି। ଭାରତୀୟ ଦଳପାଇଁ ଚୟନ ହେବା ମୋ ପାଇଁ ସ୍ୱତନ୍ତ୍ର ଅନୁଭବ। ଭାରତ ଏବଂ ଓଡ଼ିଶାକୁ ଗର୍ବିତ କରିବାକୁ ମୁଁ ଆଶା ରଖିଛି'' ବୋଲି ତପନ ପ୍ରକାଶ କରିଛନ୍ତି। ତପନ ସମ୍ପ୍ରତି ଓଡ଼ିଶା ଏମ୍/ଏନ୍ଏସ୍ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର କ୍ୟାଡେଟ୍। ସେଠାରେ ତାଙ୍କର ଅନୁଭୂତି ସମ୍ପର୍କରେ କହିଛନ୍ତି ଯେ, ''ସମସ୍ତଙ୍କ ସମର୍ଥନ ବିନା ମୁଁ ଆଜି ଏଠାରେ ପହଞ୍ଚି ପାରି ନ ଥାନ୍ତି। ମୁଁ ଯେତିକି ପରିଶ୍ରମ କରିଛି ମୋ କୋଚ୍‌ମାନେ ମଧ୍ୟ ମୋତେ ପ୍ରସ୍ତୁତ କରିବାପାଇଁ ସେତିକି ପରିଶ୍ରମ କରିଛନ୍ତି। ଏଠାକାର ସୁବିଧା ସୁଯୋଗ ଅନେକ ଅନ୍ତର୍ଜାତୀୟ ସେଣ୍ଟରର ସୁବିଧା ସୁଯୋଗଠାରୁ ଉନ୍ନତ ବୋଲି ମୋର ଅନୁଭବ ହେଉଛି। ଏଠାରେ ଟ୍ରେନିଂ ନେଉଥିବା ଅନ୍ୟ ଆଥଲେଟ୍‌ଙ୍କ ସହ ମିଶି ମୁଁ ମୋ ଦକ୍ଷତାରେ ଉନ୍ନତି ଆଣିବାପାଇଁ ପ୍ରୟାସ କରୁଛି''।

ଓଡ଼ିଶା ସରକାର ଆଗାମୀ ଦିନରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ରଖିଛନ୍ତି। ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚୟନ ଟ୍ରାଏଲ୍‌କୁ ସଫଳତାର ସହ ଆୟୋଜନ କରି ସରକାର ଲକ୍ଷ୍ୟ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ରାଜ୍ୟ ସରକାର ଏବଂ ଏମ୍/ଏନଏସ୍‌ର ମିଳିତ ସହଯୋଗରେ ଭୁବନେଶ୍ୱରରେ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି। ଏହା ବ୍ୟତୀତ ପୁରୀ, ଜୟପୁର ଓ ରାଉରକେଲାରେ ତୃଣମୂଳ ସ୍ତରରୁ ଜିମ୍ନାଷ୍ଟିକ୍‌ର ଉନ୍ନତି ପାଇଁ ଏକାଡେମୀ ପ୍ରତିଷ୍ଠା ହୋଇଛି। ''ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ଜିମ୍ନାଷ୍ଟଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଚୟନ ଟ୍ରାଏଲ୍ ଇଭେଣ୍ଟ ଉପଯୁକ୍ତ ପ୍ଲାଟ୍‌ଫର୍ମ ଥିଲା। ଏପରି ଏକ ଇଭେଣ୍ଟ ଆୟୋଜନ କରିଥିବାରୁ ମୁଁ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ନ ଦେଇ ରହି ପାରୁନାହିଁ। ଏଠାରେ ବହୁ ଜିମ୍ନାଷ୍ଟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ବୋଲି ଓଡ଼ିଶା ଏମ୍/ଏନ୍ଏସ୍ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର କୋଚ୍ ଅଶୋକ କୁମାର ମିଶ୍ର ପ୍ରକାଶ କରିଛନ୍ତି।

## ଦେଶରେ ଜିମ୍ନାଷ୍ଟିକ୍ସର ଆଦର ବଢୁଛି: ଦୀପା



''ମୁଁ ମୋ ଜୀବନର କଷ୍ଟ ପରିସ୍ଥିତିଦେଇ ଗତି କରିଛି। ଏଠାରେ ଯଦିଓ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରିନାହିଁ ତେବେ ଶୀର୍ଷରେ ରହିଥିବାରୁ ଖୁସି ଅଛି। ଏସିଆନ ଗେମ୍ସପାଇଁ ମୁଁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଆଶାବାଦୀ ଥିଲି ଏବଂ ଏହାଠାରୁ ଆଗକୁ ଆହୁରି ଭଲ ପ୍ରଦର୍ଶନର ଆଶା ରଖିଛି। ମୁଁ ସବୁବେଳେ ଶତପ୍ରତିଶତ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ଥାଏ। ଆଗକୁ ଦୁଇମାସ ଟ୍ରେନିଂ କରିବି। ଏହି ଅବସରରେ ପ୍ରଦର୍ଶନରେ ଉନ୍ନତି ପାଇଁ ନିଶ୍ଚିତ ପ୍ରୟାସ କରିବି। ଦେଶରେ ଜିମ୍ନାଷ୍ଟିକ୍ସର ଆଦର ବଢୁଛି। ଫଳରେ ଅନେକ ଜିମ୍ନାଷ୍ଟିକ୍ ପ୍ରତିଭା ସାମ୍ନାକୁ ଆସୁଛନ୍ତି। ଯୁବ ପ୍ରତିଭାମାନେ ସିନିୟର ଖେଳାଳିଙ୍କୁ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। ମୁଁ ମଧ୍ୟ ସେମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପସନ୍ଦ କରିବି। ଓଡ଼ିଶାରେ ହାଇ ପରଫର୍ମାନ୍ସ ସେଣ୍ଟରର ମାନ ବହୁତ ଭଲ। ରାଜ୍ୟ ସରକାର କ୍ରୀଡ଼ାର ଉନ୍ନତି ଚାହୁଁଥିବାରୁ ଆଗକୁ ଏଠାରୁ ଆହୁରି ଅଧିକ ଖେଳାଳି ବାହାରିବା ସମ୍ଭାବନା ରହିଛି'' ବୋଲି ଦୀପା କର୍ମକାର ପ୍ରକାଶ କରିଛନ୍ତି।

# ଭାରତର ଭଲ ଆରମ୍ଭ

**ଡୋମିନିକା, ୧୨।୭**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଡୋମିନିକାରେ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ପ୍ରଥମ ସେସନ୍‌ର ଖେଳ ଶେଷ ହେବା ସୁଦ୍ଧା ଘରୋଇ ଦଳ ୪ ଉଇକେଟ ହରାଇ ୬୮ ରନ୍ ସଂଗ୍ରହ କରିଛି। ଭାରତ ପକ୍ଷରୁ ସଫଳ ବୋଲର ଭାବରେ ରବିଚନ୍ଦ୍ରନ ଅଶ୍ୱିନ ଦୁଇ ଉଇକେଟ ଅକ୍ତିଆର କରିଛନ୍ତି। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ ଇଶାନ୍ କିଶନ୍ ଏହି ମ୍ୟାଚ୍‌ରେ ଟେଷ୍ଟ ପଦାର୍ପଣ କରିଥିଲେ।

ୱେଷ୍ଟଇଣ୍ଡିଜ୍ ଅଧିନାୟକ କ୍ରେଗ୍ ବ୍ରାଥୱେଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜ ଓ ଜୟଦେବ ଉନାଡକଟ ପ୍ରଭାବହୀନ ଦେଇଥିଲେ। ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ରେମନ୍ ରେଫର(୨ ରନ୍) ଙ୍କୁ ଆଉଟ କରିଥିଲେ ଶାର୍ଦ୍ଦୂଳ ଠାକୁର। ପ୍ରଥମ ଓଭର ବୋଲିଂ କରୁଥିବା ବେଳେ ଆଉଟ୍ ସାଇଡ୍ ଏଜ୍‌ରେ ଇଶାନ କିଶନ୍ ଟେଷ୍ଟ କ୍ୟାରିୟରର ପ୍ରଥମ କ୍ୟାଚ୍ ଧରିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଜର୍ମେନ୍ ବ୍ଲାକ୍‌ଉଡ୍ (୧୪) ଓ ପଦାର୍ପଣକାରୀ ଆଲିକ୍ ଆଠନାଜେ(୧୩*) ଚତୁର୍ଥ ଉଇକେଟରେ ୨୧ ରନ୍ ଯୋଡିଥିଲେ। ଉଭୟ ଖେଳାଳି ଧୈର୍ଯ୍ୟର ସହିତ ଖେଳୁଥିବା ବେଳେ ପ୍ରଥମ ସେସନରେ ଜାଡେଜାଙ୍କ ଶେଷ ବଲରେ ଉଇକେଟ ହରାଇଥିଲେ ବ୍ଲାକ୍‌ଉଡ୍।

**ପ୍ରଥମ ଟେଷ୍ଟ**



ଟେଷ୍ଟ ପଦାର୍ପଣକାରୀ ଯଶସ୍ୱୀ ଜୟସ୍ୱାଲ ଓ ଇଶାନ କିଶନ।

ରହିଥିବା ବେଳେ ୧୩ ତମ ଓଭରରେ ପ୍ରଥମ ସଫଳତା ପ୍ରଦାନ କରିଥିଲେ ଆର. ଅଶ୍ୱିନ୍। ଟାଗେନାରିନ୍ ଚନ୍ଦ୍ରପାଲ୍ (୧୨) ଓ କ୍ରେଗ୍ ବ୍ରାଥ୍‌ୱେଟ୍(୨୦) ଓପନିଙ୍ଗ ଯୋଡିରେ ୩୧ ରନ୍ ଯୋଡିଥିଲେ। ଚନ୍ଦ୍ରପାଲଙ୍କୁ ଆଉଟ କରି ଅଶ୍ୱିନ ଏହି ଯୋଡି ଭାଙ୍ଗିଥିଲେ। ଏହା ସହିତ ଟେଷ୍ଟ କ୍ରିକେଟରେ ଉଭୟ ପିତା ଓ ପୁତ୍ରଙ୍କୁ ଆଉଟ କରିବାରେ ଅଶ୍ୱିନ ବିଶ୍ୱର ପଞ୍ଚମ ବୋଲର ପାଲଟି ଯାଇଥିଲେ। ଏହାର ୪ ଓଭର ପରେ ଅନ୍ୟତମ ଓପନର ବ୍ରାଥୱେଟ ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୪୬ ବଲ୍ ଖେଳି ୩ ଚୌକା ସହିତ ୨୦ ରନ୍ କରିଥିବା ବେଳେ ରୋହିତ ଶର୍ମାଙ୍କୁ କ୍ୟାଚ୍ ବଡ ଶଟ୍ ଖେଳିବାକୁ ପ୍ରୟାସ କରିଥିବା ବେଳେ ମହମ୍ମଦ ସିରାଜ ଏକ ଚମତ୍କାର ଏକ ହାତିଆ କ୍ୟାଚ୍ ଧରିଥିଲେ। ଭାରତ ପକ୍ଷରୁ ଅଶ୍ୱିନ୍ ସର୍ବାଧିକ ଦୁଇଟି ଉଇକେଟ ନେଇଥିବା ବେଳେ ଶାର୍ଦ୍ଦୂଳ ଠାକୁର ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ ୨୮ ଓଭରରେ ୬୮/୪(କ୍ରେଗ୍ ବ୍ରାଥୱେଟ-୨୦, ଜର୍ମେନ୍ ବ୍ଲାକଉଡ-୧୪, ଆଲିକ୍ ଆଠନାଜେ-୧୩*, ଆର. ଅଶ୍ୱିନ-୨/୨୫, ରବୀନ୍ଦ୍ର ଜାଡେଜା-୧/୬, ଶାର୍ଦ୍ଦୂଳ ଠାକୁର-୧/୭)।




ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପଦକ ବିଜୟୀ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ଓ ଝିଲି ଦଳବେହେରା।

# ମୀନା, ଜ୍ୟୋତ୍ସ୍ନାଙ୍କୁ ସ୍ୱର୍ଣ୍ଣ, ଝିଲି ରୌପ୍ୟ

**ଭୁବନେଶ୍ୱର, ୧୨।୭**
**(ତପନ ସ୍ୱାଇଁ)**

ଗ୍ରେଟର ନଏଡ଼ାଠାରେ ବୁଧବାର ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଓଡ଼ିଶା ଭାରୋତ୍ତୋଳନ ଏଟ୍‌ପିସି ଆଥଲେଟ୍ ଜ୍ୟୋତ୍ସ୍ନା ଶବର ଓ ମୀନା ଶାନ୍ତା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪୦ କେଜି ୟୁଥ୍ ବର୍ଗରେ ଜ୍ୟୋତ୍ସ୍ନା ସ୍ନାଚ୍‌ରେ ୫୨ , କ୍ଲିନ୍ ଆଣ୍ଡ ଜର୍କରେ ୬୪ ଏହିପରି ମୋଟ ୧୧୬ କେଜି ଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମୀନା ୫୫ କେଜି ବର୍ଗରେ ୧୬୦ (୭୩+୮୭) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଛତିଶଗଡ଼ର ୨୦ ବର୍ଷୀୟ ଜ୍ଞାନେଶ୍ୱରୀ ଯାଦବ ୪୯ କେଜି ବର୍ଗରେ ୧୭୮ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପାଇଛନ୍ତି। ଓଡ଼ିଶାର ଝିଲି ଦଳବେହେରା ପ୍ରଥମ ଦିବସରେ ଅନୁଷ୍ଠିତ ୪୯ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ରୌପ୍ୟ ପଦକ ପାଇଛନ୍ତି। ୨୦୧୯ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ନ ଥିବା ବର୍ଷ ହିଁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥାଏ। ଏହାକୁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଫେଡେରେଶନ ଆୟୋଜନ କରିଥାଏ। ୨୦୨୩ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ୨୦ଟି ଦେଶର ୨୫୦ ଭାରୋତ୍ତୋଳକ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ୧୬ ତାରିଖରେ ଉଦ୍‌ଯାପିତ ହେବ।




# ଏସିଆ କପ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ: ପାକିସ୍ତାନ ଯିବ ନାହିଁ ଭାରତ

**ନୂଆଦିଲ୍ଲୀ, ୧୨।୭(ପି.ଟି.)**




ଏସିଆ କପ୍ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ଭାରତୀୟ କ୍ରିକେଟ ଦଳ ପାକିସ୍ତାନରେ ଏହାର ମ୍ୟାଚ ଖେଳିବ ନାହିଁ ବୋଲି ବୁଧବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଓ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପରିଚାଳନା କମିଟି ଚେୟାରମ୍ୟାନ ଜାକା ଅଶ୍ରଫଙ୍କ ମଧ୍ୟରେ ଆଲୋଚନା ହେବା ପରେ ଏହା ସ୍ପଷ୍ଟ ହୋଇଛି। ପୂର୍ବ ନିର୍ଦ୍ଧାରିତ ହାଇବ୍ରିଡ୍ ମଡେଲରେ ହିଁ ଏସିଆ କପ୍ ଅନୁଷ୍ଠିତ ହେବ ବୋଲି ଆଇପିଏଲ୍ କମିଟି ଚେୟାରମ୍ୟାନ୍ ଅରୁଣ ଧୂମାଲ ପ୍ରକାଶ କରିଛନ୍ତି। ଗୁରୁବାର ଦକ୍ଷିଣ ଆଫ୍ରିକାର ଡର୍ବାନରେ ହେବାକୁ ଥିବା ଆଇସିସିର ବୋର୍ଡ ମିଟିଂ ପାଇଁ ବୁଧବାର ଏକତ୍ରିତ ହେବା ଅବସରରେ ଜୟ ଶାହା ଓ ଜାକା ଅଶ୍ରଫ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଗତ ମାସରେ ଅଶ୍ରଫ ପିସିବି ଦାୟିତ୍ୱ ଗ୍ରହଣ କରିବା ପରେ ହାଇବ୍ରିଡ୍ ମଡେଲକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ପିସିବି ମୁଖ୍ୟ ନଜମ ସେଠୀ ହାଇବ୍ରିଡ୍ ମଡେଲ୍‌ର ପ୍ରସ୍ତାବ ଦେଇଥିଲେ। ଏହି ମଡେଲ ଅନୁସାରେ ଭାରତ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଜୟ ଶାହାଙ୍କ ସହିତ ଆଲୋଚନା ପରେ ହାଇବ୍ରିଡ୍ ମଡେଲରେ ଖେଳିବା ପାଇଁ ସହମତି ପ୍ରକାଶ କରିଛି ପିସିବି।

ଆସନ୍ତା ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୭ ତାରିଖ ମଧ୍ୟରେ ଏସିଆ କପ୍ ପାକିସ୍ତାନ ଓ ବାଂଲାଦେଶରେ ଅନୁଷ୍ଠିତ ହେବ। ଲିଗ୍ ମ୍ୟାଚ୍ ମଧ୍ୟରୁ ୪ଟି ପାକିସ୍ତାନରେ ଓ ୯ଟି ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବ। ଯଦି ଉଭୟ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରବେଶ କରନ୍ତି ତେବେ ଫାଇନାଲ ମ୍ୟାଚ୍ ମଧ୍ୟ ଶ୍ରୀଲଙ୍କାରେ ଖେଳାଯିବ ବୋଲି ଧୂମାଲ କହିଛନ୍ତି। ଏହା ସହିତ ବିଭିନ୍ନ ପାକିସ୍ତାନୀ ମିଡିଆରେ ଏସିଆ କପ୍‌କୁ ନେଇ ପ୍ରକାଶିତ ଖବରକୁ ମଧ୍ୟ ଧୂମାଲ ଖାରଜ କରିଛନ୍ତି। ପାକିସ୍ତାନ କ୍ରୀଡାମନ୍ତ୍ରୀଙ୍କ ବୟାନ ଅନୁସାରେ ଭାରତ ପାକିସ୍ତାନ ଗସ୍ତ କରିବ ବୋଲି କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏହାକୁ ଗୁଜବ ବୋଲି କହିଛନ୍ତି ଧୂମାଲ। ଏଭଳି କୌଣସି ଆଲୋଚନା ହୋଇନାହିଁ। ଭାରତ ପାକିସ୍ତାନ ଗସ୍ତ କରିବାର କୌଣସି ସମ୍ଭାବନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୧୦ ଏସିଆ କପ୍ ସଂସ୍କରଣ ଭଳି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଶ୍ରୀଲଙ୍କାର ଡାମ୍ବୁଲାରେ ଖେଳାଯିବ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ